

ଫଲୋଅନ୍ ଏଡ଼ାଇଲା ଭାରତ

▶କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-172 ◆BHUBANESWAR ◆WEDNESDAY ◆18 DECEMBER 2024 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୧୭୨ ◆ଭୁବନେଶ୍ୱର ◆ବୁଧବାର ◆୧୮ ଡିସେମ୍ବର ୨୦୨୪ ◆ପୃଷ୍ଠା-୧୪ ◆ଟ.୬.୦୦


### ଲୋକସଭାରେ 'ଏକ ଦେଶ, ଏକ ନିର୍ବାଚନ' ବିଲ୍ ଆଗତ

# ସଂଖ୍ୟା ସଙ୍କଟରେ ଏନ୍‌ଡିଏ ସରକାର




ଲୋକସଭାରେ ମତଦାନ ଦୃଶ୍ୟ

- ବିଲ୍ ଅନୁମୋଦନ ପାଇଁ ଦରକାର ୩୬୨
- ଏନ୍‌ଡିଏ ସଂଖ୍ୟା ୨୯୩
- ଆହୁରି ୬୯ ସଭ୍ୟଙ୍କ ସମର୍ଥନ ହାସଲ ଉଦ୍ୟମ
- ଜେପିସିକୁ ଗଲା ବିଲ୍

■ **ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି):** ଲୋକସଭାରେ ଆଜି ବହୁପ୍ରତୀକ୍ଷିତ 'ଏକ ଦେଶ, ଏକ ନିର୍ବାଚନ' ବିଲ୍ ଆଗତ କରିଛନ୍ତି ସରକାର। ସାରା ଦେଶରେ ଏକ ସମୟରେ ଲୋକସଭା ଏବଂ ସମସ୍ତ ରାଜ୍ୟ ବିଧାନସଭା ନିର୍ବାଚନ କରାଇବା ଲାଗି ଉଦ୍ଦିଷ୍ଟ ଏହି ବିଲକୁ ଅନୁମୋଦନ କରିବାକୁ ହେଲେ ସମ୍ବିଧାନରେ ସଂଶୋଧନ ଆବଶ୍ୟକ। କିନ୍ତୁ ସମ୍ବିଧାନ ସଂଶୋଧନ ପାଇଁ ସରକାରଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନଥିବା ଆଜି ବିଲ୍ ଆଗତ ବେଳେ ସ୍ପଷ୍ଟ ହୋଇଯାଇଛି। ଯାହାକୁ ନେଇ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି ଏନ୍‌ଡିଏ ସରକାର। ବିଲକୁ ବିରୋଧୀ ଦଳ ପ୍ରବଳ ବିରୋଧ କରିବାରୁ ଅଧିକ ତର୍ଜମା ପାଇଁ ଏହାକୁ ଯୁଗ୍ମ ସଂସଦୀୟ କମିଟି ବା ଜେପିସିକୁ ପଠାଇବା ଲାଗି ସରକାର ସ୍ଥିର କରିଛନ୍ତି।

କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ମେଘୱାଲ ଆଜି ଲୋକସଭାରେ ଏହି ବିଲ୍ ଆଗତ କରିବା ବେଳେ କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ମେଣ୍ଟର ସମସ୍ତ ଅଂଶୀଦାର ଏହାର ତୀବ୍ର ବିରୋଧ କରିଥିଲେ। ସମ୍ବିଧାନର ମୌଳିକ ଢାଞ୍ଚା ଉପରେ ଏହା ଆକ୍ରମଣ ବୋଲି ସେମାନେ ଅଭିଯୋଗ କରିଥିବା ବେଳେ ସରକାରୀ ଦଳ ଏହା ସପକ୍ଷରେ ଦୃଢ଼ ଯୁକ୍ତି ବାଢ଼ିଥିଲେ। ବିଲ୍ ଆଗତ ବେଳେ ବିରୋଧୀ ଦଳମାନେ ମତ ବିଭାଜନ ପାଇଁ ଦାବି କରିଥିଲେ। ତେବେ ମତଦାନ ବେଳେ ଯେଉଁ ସଂଖ୍ୟା ଦେଖିବାକୁ ମିଳିଲା, ତାହା ଶାସକ ବିଜେପିକୁ ଅଡୁଆରେ ପକାଇଦେଇଥିଲା। ବିଲ୍ ଆଗତ ଲାଗି ଏହା ସପକ୍ଷରେ ୨୬୯ ଭୋଟ୍ ପଡ଼ିଥିବା ବେଳେ ୧୯୮ ଏହାର ବିରୋଧ କରିଥିଲେ। ବିଲ୍ ଆଗତ ଲାଗି ଗୃହରେ ଉପସ୍ଥିତ ଅର୍ଦ୍ଧାଧିକ ସଂଖ୍ୟକ ସଭ୍ୟଙ୍କ ସମର୍ଥନ ଦରକାର ଏବଂ ଏହା ହାସଲ ମଧ୍ୟ ହୋଇଥିଲା।

ଅନ୍ୟପକ୍ଷରେ ବିରୋଧୀଙ୍କ ଯୁକ୍ତି ହେଉଛି ଯେ ସମ୍ବିଧାନରେ ସଂଶୋଧନ ପାଇଁ ଯେତେ ସମର୍ଥନ ଦରକାର ତାହା ସରକାରଙ୍କ ପାଖରେ ନାହିଁ ବୋଲି ଆଜିର ସଂଖ୍ୟାରୁ ସ୍ପଷ୍ଟ ଜଣାପଡୁଛି। ଆଜି ଗୃହରେ ୪୬୧ ଜଣ ସଭ୍ୟ ଉପସ୍ଥିତ ଥିବା ବେଳେ ମାତ୍ର ୨୬୯ ବିଲ୍ ସପକ୍ଷରେ ଭୋଟ୍ ଦେଇଥିଲେ। ବିଲ୍ ଆଗତ ତ ହେଲା, କିନ୍ତୁ ଅନୁମୋଦନ ଲାଗି ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର, ଯାହାକି ସରକାରଙ୍କ ପାଖରେ ନାହିଁ। ସେମାନେ କହୁଛନ୍ତି ଯେ ଆଜି ବିଲ୍ ଅନୁମୋଦନ ପାଇଁ ଭୋଟ୍ ହୋଇଥିଲେ, ଏହା ଖାରଜ ହୋଇଯାଇଥାଆନ୍ତା।

ଲୋକସଭାର ମୋଟ୍ ସଭ୍ୟ ସଂଖ୍ୟା ହେଉଛି ୫୪୩। ବିଜେପି ନେତୃତ୍ୱାଧୀନ ଏନଡିଏର ସଭ୍ୟ ସଂଖ୍ୟା ୨୯୩ ଥିବାବେଳେ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ମେଣ୍ଟରେ ୨୩୪ ସଭ୍ୟ ଅଛନ୍ତି। ବିଲ୍ ଅନୁମୋଦନ ଲାଗି ଗୃହରେ ଦୁଇ ତୃତୀୟାଂଶ ସଂଖ୍ୟକ ସଭ୍ୟଙ୍କ ସମର୍ଥନ ଦରକାର। ଗୃହରେ ସମସ୍ତ ସଭ୍ୟ (୫୪୩) ଉପସ୍ଥିତ ରହିଲେ ବିଲ୍ ସପକ୍ଷରେ ୩୬୨ ସଭ୍ୟଙ୍କ ସମର୍ଥନ ଦରକାର। ଏହି ସଂଖ୍ୟା ସରକାରଙ୍କ ପାଖରେ ନାହିଁ। ବିଲ୍ ଅନୁମୋଦନ ପାଇଁ ଆହୁରି ୬୯ ସଭ୍ୟଙ୍କ ସମର୍ଥନ ଦରକାର। ୱାଇଏସଆର କଂଗ୍ରେସର ୪ ଏବଂ ଅକାଳୀ ଦଳର ଜଣେ ସଭ୍ୟ ବିଲ୍ ସପକ୍ଷରେ ମତଦାନ କରିବାକୁ ଘୋଷଣା କରିଥିଲେ ▶ପୃଷ୍ଠା-୭

**ସରକାର ଅସହାୟ**

### ମହାନଦୀ, ପୋଲାଭରମ୍, କୋଟିଆ ବିବାଦ

# ବାଜିରେ ଲାଗିଛି ଓଡ଼ିଆ ଅସ୍ମିତା

■ **ଭୁବନେଶ୍ୱର, ୧୭।୧୨ (ସମିସ):** ରାଜ୍ୟ ବିଜେପି ସରକାର ପାଇଁ ଏବେ ଅଡୁଆରେ ପଡ଼ିଛି ଓଡ଼ିଶା। ଓଡ଼ିଶାର ସ୍ୱାର୍ଥ ସହ ଜଡ଼ିତ ପୋଲାଭରମ୍, କୋଟିଆ ଏବଂ ମହାନଦୀ ଜଳବିବାଦ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ରହସ୍ୟମୟ ନିରବତା ରାଜ୍ୟପାଇଁ ଘାତକ ହେବା ଆଶଙ୍କା ସୃଷ୍ଟି କରିଛି। କ୍ଷମତାକୁ ଆସିଲେ ଉପରୋକ୍ତ ୩ ସମସ୍ୟାର ତ୍ୱରିତ୍ ସମାଧାନ କରାଯିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଥିଲେ ହେଁ, ଦିନକୁ ଦିନ କିନ୍ତୁ ପରିସ୍ଥିତି ଜଟିଳ ରୂପ ଧାରଣ କରୁଛି। ବିଡ଼ମ୍ବନା ହେଉଛି ଯେ ଏହି ୩ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିଲେ ହେଁ ଡବଲ ଇଞ୍ଜିନ୍ ଚାପରେ ଓଡ଼ିଆ ଅସ୍ମିତା ଭୂତଳଶାୟୀ ହୋଇଛି। କେନ୍ଦ୍ର ଆଗରେ ରାଜ୍ୟ ସରକାର ପାଟି ଫିଟାଉ ନାହାନ୍ତି, ଜାତୀୟସ୍ତରରେ ରାଜ୍ୟ ବିଜେପି ସାଂସଦମାନେ ନିରବତା ଅବଲମ୍ବନ କରୁଛନ୍ତି। କିଛିଦିନ ତଳେ ଓଡ଼ିଶାର ସ୍ୱାର୍ଥ ସହ କଦାପି ସାଲିସ କରାଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ଆଶ୍ୱାସନାର କୌଣସି ମୂଲ୍ୟ ନ ଥିବା ରାଜ୍ୟବାସୀ ଅନୁଭବ କରୁଛନ୍ତି। ପଡ଼ୋଶୀଙ୍କ ଆଚରଣ ଓ ଓଡ଼ିଶାର ସ୍ୱାର୍ଥହାନୀ ପ୍ରସଙ୍ଗକୁ କେନ୍ଦ୍ର ସରକାରଙ୍କ ନିରବ ସମର୍ଥନ, ସାଧାରଣରେ ଏକ ଅବିଶ୍ୱାସର ମାହୋଲ ସୃଷ୍ଟି କରିଛି। ଫଳସ୍ୱରୂପ ଉପରୋକ୍ତ ୩ ପ୍ରସଙ୍ଗରେ ଆଜି ଆଇନମନ୍ତ୍ରୀ ଦେଇଥିବା ଟିପ୍ପଣୀ ସାଧାରଣରେ ଗ୍ରହଣୀୟ ହୋଇପାରୁ ନାହିଁ।

ପୋଲାଭରମ୍ ପ୍ରକଳ୍ପକୁ ୨୦୨୬ ଅକ୍ଟୋବର ସୁଦ୍ଧା ଶେଷ କରିବା ପାଇଁ ଗତକାଲି (ସୋମବାର) ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଦମ୍ଭୋକ୍ତି ପ୍ରକାଶ କରିବା ପରେ ଓଡ଼ିଶା ସରକାର ଅକସ୍ମାତ ନିଦରୁ ଉଠିବା ପରି ମନ୍ତବ୍ୟ ଦେଇଛନ୍ତି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଓଡ଼ିଶାର ସ୍ୱାର୍ଥ ସୁରକ୍ଷା ପାଇଁ

**ଆଇନ ମନ୍ତ୍ରୀଙ୍କ ଆଶ୍ୱାସନା ଲୋକଙ୍କ ମନକୁ ପାଉନି**

ଆଇନଗତ ଦୃଷ୍ଟିକୋଣରୁ ଯେପରି କୌଣସି ଅସୁବିଧା ନ ହେବ, ଆମେ ଯେପରି ନ୍ୟାୟିକ ଲଢ଼େଇ ଜିତିବୁ ସେଥିପାଇଁ ସରକାର ସମ୍ପୂର୍ଣ୍ଣ ଜାଗତିଆର ଅଛନ୍ତି। ଆମର ଲିଗାଲ ଟିମ୍ ପ୍ରସ୍ତୁତ ଅଛନ୍ତି। ଓଡ଼ିଶାର ସ୍ୱାର୍ଥକୁ କଦାପି ଅଣଦେଖା କରାଯିବ ନାହିଁ ବୋଲି ଆଇନମନ୍ତ୍ରୀ କହିଛନ୍ତି। ମାତ୍ର ଆଇନମନ୍ତ୍ରୀଙ୍କ ଏପରି କଥାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। କୋଟିଆ ମାମଲାରେ ଆନ୍ଧ୍ର ସହ ୧୯୬୮ ମସିହାରୁ ବିବାଦ ଲାଗି ରହିଛି। ଏହାପରଠାରୁ ଆନ୍ଧ୍ର ସରକାର ଓଡ଼ିଶାରେ ନିୟମିତ ଭାବେ ବିବାଦୀୟ ପରିସ୍ଥିତି ସୃଷ୍ଟି କରିବା ସହ ସ୍ଥାନୀୟ ଲୋକଙ୍କୁ ନିଜ ପକ୍ଷକୁ ନେବାକୁ ଅବିରତ ଚେଷ୍ଟା କରି ଆସୁଛି। ତେବେ ରାଜ୍ୟରେ ନୂଆ ସରକାର ଆସିବା ପରେ କୋଟିଆ ସମସ୍ୟାକୁ ଯେତିକି ଗୁରୁତ୍ୱ ଦେବା କଥା ତାହା ଦେଉନାହାନ୍ତି। ଏପରିକି ଓଡ଼ିଶା ପକ୍ଷରୁ କୋଟିଆ ମାମଲାରେ ସୁପ୍ରିମକୋର୍ଟରେ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଶିବଶଙ୍କର ଦାସ ହାଇକୋର୍ଟ ଜଜ୍ ଭାବେ ନିଯୁକ୍ତି ପାଇବା ପରେ ରାଜ୍ୟ ସରକାର ନୂଆ ଆଇନଜୀବୀ ନିଯୁକ୍ତି ପ୍ରଦାନ କରିନାହାନ୍ତି। ▶ପୃଷ୍ଠା-୭

### ଦିଲ୍ଲୀରେ ବିଜେଡିର ୭ ରାଜ୍ୟସଭା ସାଂସଦଙ୍କ ମିଳିତ ସାମ୍ବାଦିକ ସମ୍ମିଳନୀ

# ନବୀନଙ୍କ ସହ ଅଛୁ, ରହିବୁ



- ଟିଆରପି ପାଇଁ ଗଣମାଧ୍ୟମ ଆମ ଚରିତ୍ର ସଂହାର କରୁଛନ୍ତି
- ସତ୍‌ସାହସ ଥିଲେ, ତଥ୍ୟ ପ୍ରମାଣ ସାମ୍ନାକୁ ଆଣନ୍ତୁ
- ବ୍ୟକ୍ତିଗତସ୍ତରରେ ବଦନାମ କରିବା ସାମ୍ବାଦିକତା ନୁହେଁ
- ହଜାରେ କୋଟିର ମାନହାନି ମକଦ୍ଦମା କରିବାକୁ ନିରଞ୍ଜନଙ୍କ ଧମକ

■ **ଭୁବନେଶ୍ୱର, ୧୭।୧୨ (ସମିସ):** ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କୁ ଦିଲ୍ଲୀରେ ସାକ୍ଷାତକୁ ନେଇ ଓଡ଼ିଶାରେ ନିର୍ଦ୍ଦିଷ୍ଟ କିଛି ଗଣମାଧ୍ୟମରେ ପ୍ରକାଶିତ ଖବରକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ସମସ୍ତ ୭ଜଣ ବିଜେଡି ସାଂସଦ। ଏହାକୁ ମସଲା ଦେଇ ପରଷିବାସହ ବିଜେଡିରେ ବିଭାଜନ ସଂକ୍ରାନ୍ତ କଳ୍ପନାଜଳ୍ପନାକୁ ସାଂସଦମାନେ ନିନ୍ଦା କରିବା ସହ ଟିଆର୍‌ପି ପାଇଁ କିଛି ଗଣମାଧ୍ୟମ ଆମ ଚରିତ୍ର ସଂହାର କରୁଥିବା ଅଭିଯୋଗ କରିଛନ୍ତି। ଏହା ସହ ସାହସ ଥିଲେ ତଥ୍ୟ ପ୍ରମାଣ ସାମ୍ନାକୁ ଆଣିବାକୁ ମଧ୍ୟ ସମ୍ପୃକ୍ତ ଗଣମାଧ୍ୟମଗୁଡ଼ିକୁ ସାଂସଦମାନେ ଆହ୍ୱାନ ଦେଇଛନ୍ତି। ବ୍ୟକ୍ତିଗତସ୍ତରରେ କାହାକୁ ନିନ୍ଦିତ ଓ ବଦନାମ କରିବା ସାମ୍ବାଦିକତା ନୁହେଁ ବୋଲି ଉଲ୍ଲେଖ କରି ଗଣମାଧ୍ୟମଗୁଡ଼ିକ ମିଛ ଓ କପୋଳକଳ୍ପିତ ଖବର ପରିବେଷଣରୁ ଦୂରରେ ରୁହନ୍ତୁ ବୋଲି ସାଂସଦମାନେ ଅନୁରୋଧ କରିଛନ୍ତି।

ଦିଲ୍ଲୀର କନ୍‌ଷ୍ଟିଚ୍ୟୁସନ କ୍ଲବ୍‌ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ୭ ଜଣ ସାଂସଦ କହିଛନ୍ତି, ନବୀନ ପଟ୍ଟନାୟକ ଆମର ନେତା ଓ ବିଜେଡି ଆମର ଦଳ। ଏହି ଦଳ ପ୍ରତି ଆମେ ସର୍ବଦା ଉତ୍ସର୍ଗୀକୃତ ଥିଲୁ ଆଉ ରହିବୁ। ନବୀନ ପଟ୍ଟନାୟକ ଆମ କେନ୍ଦ୍ରବିନ୍ଦୁ ଆଉ ଆମେ ତାଙ୍କର ଜଣେ ଜଣେ ସଚ୍ଚୋଟ କର୍ମୀ। ନବୀନ ହେଉଛନ୍ତି ଧ୍ରୁବ ତାରା, ଆମେ ସପ୍ତର୍ଷିମଣ୍ଡଳ। ଆମେ ବିଜେଡି ଛାଡ଼ିବା ନେଇ ଯେଉଁ ଖବର ପ୍ରସାରଣ କରାଯାଇଛି ତାହା କୁତ୍ସିତ ମାନସିକତାର ପରିଚୟ ଛଡ଼ା ଆଉ କିଛି ନୁହେଁ।

ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେ ଏପରି ମିଛ ପ୍ରଚାର ଆମମାନଙ୍କୁ ମର୍ମାହତ କରିଛି। ଆମର ଦଳୀୟ କର୍ମୀ, ଶୁଭେଚ୍ଛୁ, ପରିବାରବର୍ଗ ସମସ୍ତେ ମାନସିକସ୍ତରରେ ଆଘାତ ପାଇଛନ୍ତି। ଗତ ସପ୍ତାହରେ ରାଜ୍ୟସଂକ୍ରାନ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ଆମେ ୫ ଜଣ ସାଂସଦ ଉପ ରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ▶ପୃଷ୍ଠା-୭

# ଭଣ୍ଡେଇଦେଲେ ସରକାର

- ରାଜଧାନୀରେ ସାମାଜିକ ସୁରକ୍ଷା ହିତାଧିକାରୀଙ୍କ ଧାରଣା
- ବୟସ୍କ, ବିଧବା, କଳାକାର ଦିବ୍ୟାଙ୍ଗଙ୍କ ପ୍ରତି ଉପହାସ
- ତୁରନ୍ତ ୩୦୦୦ ଟଙ୍କା ଭତ୍ତା ପ୍ରଦାନ ନିମନ୍ତେ ଦାବି
- ଗାଁ ଗାଁରେ ବିଜେପି ବିଧାୟକ ଓ ମନ୍ତ୍ରୀଙ୍କୁ କରାଯିବ ବାସନ୍ଦ



■ **ଭୁବନେଶ୍ୱର, ୧୭।୧୨ (ସମିସ):** ସରକାରଙ୍କ ପ୍ରତିଶ୍ରୁତି ଓ ପ୍ରତାରଣାକୁ ନେଇ ଆଜି ରାଜଧାନୀରେ ଗର୍ଜିଛନ୍ତି ସାମାଜିକ ସୁରକ୍ଷା ହିତାଧିକାରୀ। ନିର୍ବାଚନ ପ୍ରତିଶ୍ରୁତି ମୁତାବକ ୩୦୦୦ ଟଙ୍କା ଭତ୍ତା ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଓଡିଶା ଭତ୍ତା ପ୍ରଦାନ ସଂଘର୍ଷ ସମିତି ପକ୍ଷରୁ ଭତ୍ତା ବୃଦ୍ଧି ଦାବିରେ ଭୁବନେଶ୍ୱରରେ ବିଭିନ୍ନ ଜିଲ୍ଲାର ହଜାର ହଜାର ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମମାନେ ଏକାଠି ହୋଇ ସରକାରଙ୍କ ପ୍ରତାରଣାକୁ କଡ଼ା ସମାଲୋଚନା କରିଛନ୍ତି। ବୟସ୍କ ନାଗରିକ, ଦିବ୍ୟାଙ୍ଗ, ବିଧବା, କଳାକାର ଓ ଅସହାୟମାନଙ୍କ ଦୁଃଖକୁ ସରକାର ବୁଝନ୍ତୁ, ତୁରନ୍ତ ବର୍ଦ୍ଧିତ ଭତ୍ତା ଦିଅନ୍ତୁ ବୋଲି ମଧ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। କେରଳ, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ, ଦିଲ୍ଲୀ, ତେଲେଙ୍ଗାନା, ହରିୟାନା ଓ ତାମିଲନାଡୁ ସରକାର ସାମାଜିକ ସୁରକ୍ଷା ହିତାଧିକାରୀଙ୍କୁ ୩ ହଜାର ଟଙ୍କାରୁ ୬ ହଜାର ଟଙ୍କା ▶ପୃଷ୍ଠା-୭

**ଟେଣ୍ଡର୍ ଫିକ୍ସିଂ ମାମଲା**

# ଆଜି ହାଜର ହେବାକୁ ବିଷ୍ଣୁପଦଙ୍କୁ ନୋଟିସ୍

■ **ଭୁବନେଶ୍ୱର, ୧୭।୧୨ (ସମିସ):** ରାଜଧାନୀର ଏକ ତାରକା ହୋଟେଲ ସମ୍ମୁଖରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରିଛି ସିବିଆଇ। ଆଜି ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଜେଜିଏମ୍ ଭୂପେନ୍ଦ୍ର ସିଂଙ୍କୁ ସିବିଆଇ ଅଧିକାରୀମାନେ ପ୍ରାୟ ୩ ଘଣ୍ଟା ଜେରା କରିଛନ୍ତି। ଓଡ଼ିଶା ସରକାରଙ୍କ ତତ୍‌କାଳୀନ ଅନୁସୂଚୀତ ଜନଜାତି ଓ ଜାତି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ତଥା ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ଲେଖିଥିବା ଚିଠି ତାଙ୍କ ପାଇଁ ଅଡୁଆ ହୋଇଛି। ଏହି ଚିଠି ପଛର କାରଣ ଓ ରହସ୍ୟ ଖୋଜୁଛି ସିବିଆଇ। କେବଳ ବିଷ୍ଣୁପଦ ସେଠୀଙ୍କୁ ନୁହେଁ, ଭୂପେନ୍ଦ୍ର ଆଉ ୩ ଜଣ ବାବୁଙ୍କୁ ମଧ୍ୟ ଭେଟିଥିଲେ ବୋଲି ତଦନ୍ତ ବେଳେ ସିବିଆଇ ଜାଣିବାକୁ ପାଇଛି। ସେହି ୩ ଆଇଏଏସ୍ କିଏ ତାକୁ ନେଇ ଖୋଳତାଡ଼ ଆରମ୍ଭ ▶ପୃଷ୍ଠା-୭

**ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ ଜିଏମ୍‌ଙ୍କୁ ମାରାଥନ ଜେରା**



**ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ନିଯୁକ୍ତ**

## କାଢ଼ିନେଲେ ବିଭାଗ

■ **ଭୁବନେଶ୍ୱର, ୧୭।୧୨ (ସମିସ):** ଟେଣ୍ଡର ଫିକ୍ସିଂ ମାମଲାରେ ଛନ୍ଦି ହୋଇଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ବିରୋଧରେ ସରକାର ନେଇଛନ୍ତି କାର୍ଯ୍ୟାନୁଷ୍ଠାନ। ତାଙ୍କୁ ତିନିଟି ଯାକ ବିଭାଗର ପ୍ରମୁଖ ସଚିବ ପଦରୁ ହଟାଇ ଦେଇ ସାଧାରଣ ପ୍ରଶାସନ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ମଙ୍ଗଳବାର ଏ ନେଇ ▶ପୃଷ୍ଠା-୭

**ପଶ୍ଚିମ ଓଡ଼ିଶାରେ ଚାଷୀଙ୍କୁ ସରକାରୀ ନିର୍ଯାତନା**

# ଦଲାଲଙ୍କୁ ଧାନ ବିକୁଛନ୍ତି ଚାଷୀ



- ଅନେକ ମଣ୍ଡିରେ ପହଞ୍ଚିନି ଧାନ, କେତେକ ମଣ୍ଡିରୁ ଉଠୁନି ଧାନ
- ବଲାଙ୍ଗିରରେ ଚାଷୀ ମୁଣ୍ଡରେ ବସ୍ତା ଚିନ୍ତା
- ବସ୍ତା ଦ୍ୱନ୍ଦ୍ୱରେ ଖର୍ଚ୍ଚାନ୍ତ ହେଉଛି ଚାଷୀ

■ **ବରଗଡ଼/ ବଲାଙ୍ଗିର,୧୭ । ୧୨(ସମିସ):** ଧାନକିଣାକୁ ନେଇ ପଶ୍ଚିମ ଓଡ଼ିଶାରେ ବିଚିତ୍ର ପରିସ୍ଥିତି ଦେଖିବାକୁ ମିଳିଛି। ବିଶେଷ କରି ବରଗଡ଼ ଏବଂ ବଲାଙ୍ଗିର ଜିଲ୍ଲାରେ। ବରଗଡ଼ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଅଜବ ଅବସ୍ଥା ଦେଖିବାକୁ ମିଳୁଛି। କେଉଁଠି ମୋଟେ ଧାନ ନ ଥିବା ବେଳେ କେଉଁଠି ଗଦା ହୋଇଥିବା ଧାନ ଏଯାବତ୍ ଉଠିନାହିଁ। ଏଫଏକ୍ୟୁ ନାଁରେ ଗ୍ରେନ୍ ଆନାଲାଇଜର ମେସିନ ଲଗାଇ ଧାନ ପରୀକ୍ଷା ବାହାନାରେ ଚାଷୀଙ୍କୁ ଅଯୋଗ୍ୟ ଧାନ କହି ଡରାଉଛନ୍ତି। ଫଳରେ ଚାଷୀ ଆଉ ମଣ୍ଡିକୁ ଧାନ ନ ଆଣି ସିଧାସଳଖ ମଧ୍ୟସ୍ଥି ସାହାଯ୍ୟରେ କୁଇଣ୍ଟାଲ କୁଇଣ୍ଟାଲ ଧାନ ଦଲାଲଙ୍କୁ ବିକ୍ରି କରୁଛନ୍ତି। ବଲାଙ୍ଗିର ଜିଲ୍ଲାରେ ଧାନ ବିକ୍ରି ସହିତ ଚାଷୀଙ୍କୁ ବସ୍ତା ଚିନ୍ତା ଘାରିଛି। କେବଳ ଅଖା ବସ୍ତାରେ ହିଁ ଧାନ ନିଆଯିବ ବୋଲି ନିୟମ କରାଯାଇଥିବାରୁ ଚାଷୀମାନେ ଅଡୁଆରେ ପଡ଼ିଯାଇଛନ୍ତି। ଅସହାୟ ଅବସ୍ଥାରେ ପଡ଼ିଥିବା ଚାଷୀଙ୍କୁ ସହାୟତା କରିବା ଲାଗି କେହି ପ୍ରଶାସନିକ ଅଧିକାରୀ ଆଗକୁ ଆସୁନଥିବାରୁ ସେମାନେ ଉଦବେଗ ପ୍ରକାଶ କରିଛନ୍ତି।

ବରଗଡ଼ରୁ ମିଳିଥିବା ରିପୋର୍ଟ ଅନୁଯାୟୀ କଟନିଛଟନୀ ନାଁରେ ମିଲରମାନେ ଶୋଷଣ କରୁଥିବାରୁ ଚାଷୀମାନେ ଦଲାଲଙ୍କ ହାବୁଡ଼ରେ ପଡ଼ିଯାଇଛନ୍ତି। ମଧ୍ୟସ୍ଥିଙ୍କ ଜରିଆରେ ସେମାନେ ଧାନ କିଣୁଛନ୍ତି। କିଛି ମଣ୍ଡିରେ ମଧ୍ୟସ୍ଥିମାନେ କୁଇଣ୍ଟାଲ ପ୍ରତି ୧୫୦/୨୦୦ ଟଙ୍କା ନେଉଥିବା ▶ପୃଷ୍ଠା-୭




## ଆଇଏଏସ୍ ସଞ୍ଜୀବ ହଂସଙ୍କ ୨୩ କୋଟିର ସମ୍ପତ୍ତି ଜବତ



ପାଟନା,୧୭।୧୨(ଏଜେନ୍ସି): ବିହାରର ଦୁର୍ନୀତିଗ୍ରସ୍ତ ଆଇଏଏସ୍ ଅଧିକାରୀ ସଞ୍ଜୀବ ହଂସ ଏବେ ଜେଲରେ ଦିନ କାଟୁଥିଲା ବେଳେ ତାଙ୍କର ଗୋଟିଏ ପରେ ଗୋଟିଏ ସମ୍ପତ୍ତି ଜବତ ହେବାରେ ଲାଗିଛି। ଇତିମଧ୍ୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ତାଙ୍କର ୩ଟି ଜମି ଓ କୋଠା ଜବତ କରାଯାଇଛି। ଯାହାର ମୂଲ୍ୟ ୨୩ କୋଟି ୭୨ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ସଞ୍ଜୀବଙ୍କ ଉତ୍ତରପ୍ରଦେଶର ନାଗପୁରରେ ୩ଟି ପ୍ଲଟ, ଦିଲ୍ଲୀରେ ଏକ ଫ୍ଲାଟ, ଜୟପୁରରେ ତିନିଟି ଫ୍ଲାଟକୁ ଇଡି ଜବତ କରିଛି। ସଞ୍ଜୀବ ହଂସ ନିଜେ ଏହି ସବୁ ସମ୍ପତ୍ତି ମାଲିକ ହୋଇ ନ ଥିବା ବେଳେ ନିଜ ସମ୍ପର୍କୀୟ ତଥା ଷ୍ଟାଫଙ୍କ ନାମରେ ଏହି ସବୁ ସମ୍ପତ୍ତିକୁ ସେ ପଞ୍ଜିକୃତ କରାଯାଇଥିଲେ। ସଞ୍ଜୀବଙ୍କ ବିରୋଧରେ ତଦନ୍ତ ଆରମ୍ଭ ହେବା ପରେ ଇଡି ପକ୍ଷରୁ ଦିଲ୍ଲୀ, ଗୁରୁଗ୍ରାମ, କୋଲକାତା, ଜୟପୁର, ନାଗପୁରରେ ଚଢ଼ଉ କରାଯାଇଥିଲା। ଗତ ୬ ତାରିଖରେ ଇଡି ପକ୍ଷରୁ ସଞ୍ଜୀବଙ୍କ ପତ୍ନୀ ମୋନା ହଂସ ଓ ତାଙ୍କ ଶଳାଙ୍କୁ ବି ଜେରା କରାଯାଇଥିଲା। ଏହାପରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ସମ୍ପତ୍ତି ଜବତ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ସଞ୍ଜୀବ ହଂସ ଏବଂ ତାଙ୍କ ବ୍ୟାବସାୟିକ ସହଯୋଗୀ ଗୁଲାବ ଯାଦବଙ୍କୁ ଇଡି ଗିରଫ କରିଛି। ଏହି ଦୁଇ ଜଣଙ୍କ ବ୍ୟତୀତ ଠିକାଦାର ପ୍ରବୀଣ ଚୌଧୁରୀ ଓ ପୁଷ୍ପରାଜ ବଜାଜ ବି ଏହି ମାମଲାରେ ଗିରଫ ହୋଇଛନ୍ତି। ସମସ୍ତେ ଏବେ ପାଟନାର ବେଉର ଜେଲ୍‌ରେ ରହିଛନ୍ତି।

## ରୁଷିଆ ଯିବାକୁ ମିଳିପାରେ ଭିସାମୁକ୍ତ ଯାତ୍ରା ସୁବିଧା



ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି): ଏଣିକି ରୁଷ ଯିବାକୁ ଭାରତୀୟମାନଙ୍କୁ ଭିସା ଆବଶ୍ୟକ ନ ପଡ଼ିପାରେ। ବିନା ଭିସାରେ ଯାଇ ହେବ ରୁଷିଆ ବୁଲିହେବ। କାରଣ ଆସନ୍ତାବର୍ଷ ଠାରୁ ଭାରତୀୟ ନାଗରିକଙ୍କ ପାଇଁ ରୁଷକୁ ଭିସା-ଫ୍ରି ଟ୍ରାଭେଲ୍ ବା ବିନା ଭିସାରେ ଯାତ୍ରା ସୁବିଧା ଉପଲବ୍ଧ ହେବ ବୋଲି ସୂଚନା ମିଳିଛି। ଏନେଇ ଭାରତ ଓ ରୁଷ ମଧ୍ୟରେ ଚାଲିଥିବା ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା କୁହାଯାଇଛି। ୨୦୨୫ ମାର୍ଚ୍ଚ ସୁଦ୍ଧା ଏହି ସୁବିଧା ମିଳିପାରେ ବୋଲି ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ୨୦୨୩ ଅଗଷ୍ଟ ଠାରୁ ଭାରତୀୟମାନେ ଇ-ଭିସା ଜରିଆରେ ରୁଷିଆ ଗସ୍ତ କରିପାରୁଛନ୍ତି। ଇ-ଭିସା ଆବେଦନର ମାତ୍ର ୪ ଦିନ ମଧ୍ୟରେ ମିଳିପାରୁଛି। ତେବେ ଆଗକୁ ଯାତ୍ରା ଭିସାମୁକ୍ତ ହେଲେ ରୁଷକୁ ଯିବା ଲାଗି ଭାରତୀୟମାନଙ୍କ ପାଇଁ ଅନ୍ୟ କୌଣସି ସମସ୍ୟା ରହିବ ନାହିଁ। ଏହାଦ୍ୱାରା ଦୁଇ ଦେଶ ମଧ୍ୟରେ ପର୍ଯ୍ୟଟନ ଶିଳ୍ପକୁ ନେଇ ସଂପର୍କ ସୁଦୃଢ଼ ହେବ ବୋଲି ଆଶା ରଖାଯାଉଛି। ଏବେ ଭାରତୀୟ ପାସପୋର୍ଟରେ ବିଶ୍ୱର ୬୨ଟି ଦେଶକୁ ବିନା ଭିସାରେ ଯାତ୍ରା କରିହେଉଛି।

## ୫ ବର୍ଷ ପରେ ଡୋଭାଲ- ୱାଙ୍ଗ ୟି ଆଲୋଚନା



ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି) : ଭାରତ ଏବଂ ଚୀନ୍ ମଧ୍ୟରେ ସୀମାକୁ ନେଇ ରହିଥିବା ବିବାଦ ସହିତ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଚୀନ୍ ସହ ଆଲୋଚନା କରିବାକୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲ ବେଜିଂରେ ପହଞ୍ଚିଛନ୍ତି। ଆସନ୍ତାକାଲି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଡୋଭାଲ ତାଙ୍କର ଚାଇନା ପ୍ରତିପକ୍ଷ ୱାଙ୍ଗ ୟିଙ୍କ ସହ ଆଲୋଚନା କରିବେ। ୨୦୧୯ ପରେ ପ୍ରଥମଥର ପାଇଁ ଏହି ଦୁଇ ପ୍ରତିନିଧି ସୀମାକୁ ନେଇ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଭାରତ ଏବଂ ଚୀନ୍ ମଧ୍ୟରେ ରହିଥିବା ୩୪୮୮ କିମି ପରିବ୍ୟାପ୍ତ ସୀମାରେ ଯେଉଁଭଳି ଶାନ୍ତି ଫେରି ଆସିବ ଏବଂ ସ୍ଥିତି ସ୍ୱାଭାବିକ ରହିବ ତାହାକୁ ନେଇ ବୈଠକରେ ଆଲୋଚନା ହେବ। ଗତ ଅକ୍ଟୋବର ୨୪ ତାରିଖରେ ରୁଷିଆର କାଜାନ୍ ଠାରେ ବ୍ରିକ୍ସ ଶିଖର ସମ୍ମିଳନୀ ଆୟୋଜନ ପୂର୍ବରୁ ଭାରତ ଏବଂ ଚୀନ ମଧ୍ୟରେ ସୀମାକୁ ନେଇ ଏକ ବଡ଼ ବୁଝାମଣା ହୋଇଥିଲା। ପୂର୍ବ ଲାଦାଖର ଡେମଚୋକ୍ ଏବଂ ଦେସପାଙ୍ଗ ପଏଣ୍ଟରୁ ଉଭୟ ପକ୍ଷ ସେନା ପ୍ରତ୍ୟାହାର କରିବା ସହିତ ୨୦୨୦ ସ୍ଥିତି ଅନୁସାରେ ପାଟ୍ରୋଲିଂ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୁଝାମଣା ପାଇଁ ଡୋଭାଲ ଏବଂ ୱାଙ୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲା ବେଳେ ଆଗକୁ ସୀମାରେ ଶାନ୍ତି ପ୍ରତିଷ୍ଠା କରିବା ସହିତ ସ୍ଥିତି ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ଏବେ ଆଲୋଚନା ହେବ ବୋଲି କୁହାଯାଇଛି। ଅନ୍ୟ ପକ୍ଷରେ ଭାରତ ସହ ସମ୍ପର୍କ ବୃଦ୍ଧି କରିବାକୁ ଚୀନ ଆଗ୍ରହୀ ରହିଛି ବୋଲି କହିଛି।

# ମନ୍ତ୍ରିମଣ୍ଡଳ ସଂପ୍ରସାରଣ ପରେ ମହାଯୁତିରେ ସଙ୍କଟ

ମୁମ୍ବଇ,୧୭।୧୨(ଏଜେନ୍ସି): ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡ଼ନବୀସ୍‌ଙ୍କ ନେତୃତ୍ୱରେ ମହାଯୁତି ମେଣ୍ଟ ସରକାର ଗଠନ ହୋଇସାରିଛି। କିନ୍ତୁ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରଠାରୁ ମନ୍ତ୍ରୀ ପଦକୁ ନେଇ ଲାଗି ରହିଥିବା ବିବାଦ ଏଯାବତ୍ ଶେଷ ହୋଇ ନଥିବା ସ୍ପଷ୍ଟ ହୋଇଛି। ଗୋଟିଏ ପଟେ ଗୃହ ବିଭାଗ ପାଇଁ ଦାବି କରିଆସିଥିବା ଶିବସେନା ମୁଖ୍ୟ ତଥା ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବେ ମଧ୍ୟ ଅସନ୍ତୁଷ୍ଟ ରହିଥିବା ତାଙ୍କ ଆଲୋଚନା ଓ ଆଚରଣରୁ ସଙ୍କେତ ମିଳୁଥିଲା ବେଳେ ଏବେ ମନ୍ତ୍ରୀ ପଦକୁ ନେଇ ଅଜିତ ପାୱାର ନେତୃତ୍ୱାଧୀନ ଏନସିପି ଗୋଷ୍ଠୀରେ ବିସ୍ଫୋରଣ ହୋଇଛି। ନୂଆ ମନ୍ତ୍ରିମଣ୍ଡଳରେ ଏନସିପିର ବରିଷ୍ଠ ନେତା ଛଗନ ଭୁଜବଳଙ୍କୁ ସାମିଲ କରାଯାଇ ନଥିବାରୁ ସେ ମଙ୍ଗଳବାର ଖୋଲାଖୋଲି ଭାବେ ବିଦ୍ରୋହ ଆରମ୍ଭ କରିଦେଇଛନ୍ତି। ଏପରିକି ଦଳୀୟ ମୁଖ୍ୟ ଅଜିତଙ୍କ ପ୍ରତି ପ୍ରଶ୍ନ ଉତଥାପନ କରି ସେ କ'ଣ ଖେଳନା କି ବୋଲି ପ୍ରଶ୍ନ କରିଛନ୍ତି। କେବଳ ସେତିକି ନୁହେଁ, ସେ ଦଳ ଛାଡିବାକୁ ମଧ୍ୟ ପରୋକ୍ଷରେ ଇଙ୍ଗିତ କରିଛନ୍ତି। ଯେଉଁଠି ଦଳ ତାଙ୍କୁ ଚାହୁଁ ନାହିଁ ସେଠି ରହିବା ଉଚିତ ନୁହେଁ ବୋଲି ଭୁଜବଳ କହିଛନ୍ତି। ନାସିକ ଠାରେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ପ୍ରଥମେ ସେ ଲୋକସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଥିଲେ। ହେଲେ ତାଙ୍କ ଦାବି ଦଳ ଗ୍ରହଣ କଲା ନାହିଁ। ପରେ ପରେ ତାଙ୍କୁ ରାଜ୍ୟସଭାକୁ ପଠାଇବାକୁ ଦଳ ଅଫର ଦେଇଥିଲା। ଏଥିପାଇଁ ସେ ଆଗ୍ରହ ପ୍ରକାଶ କରିଥିଲେ ହେଁ ପୁଣି ତାଙ୍କୁ ବିଧାନସଭା ପାଇଁ ଲଢିବାକୁ କୁହାଯାଇଥିଲା। ଆଉ ବର୍ତ୍ତମାନ ନୂଆ ମନ୍ତ୍ରିମଣ୍ଡଳରେ ମଧ୍ୟ ସାମିଲ କରାଯାଇ ନାହିଁ। ଏହାଦ୍ୱାରା ଅଜିତ ତାଙ୍କୁ ଖେଳନା ଭାବେ ବିବେଚନା କରୁଛନ୍ତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀସ୍ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାକୁ ଚାହୁଁଥିଲେ। କିନ୍ତୁ ଅଜିତ ଏହାକୁ କରିବାକୁ ଦେଇନାହାନ୍ତି। ମନ୍ତ୍ରିମଣ୍ଡଳରେ ସାମିଲ କରାଯାଉ ବା ନ କରାଯାଉ ତାହା ଭିନ୍ନ କଥା ,ତାଙ୍କ ପ୍ରତି ଏନସିପି ମୁଖିଆ ଯେଉଁଭଳି ଆଚରଣ ଦେଖାଇଛନ୍ତି ତାହା ଆଦୌ ଗ୍ରହଣୀୟ ବୋଲି ଭୁଜବଳ କହିଛନ୍ତି। ଅଜିତ ତାଙ୍କୁ କଣ୍ଢେଇ ଭଳି ନଚାଇବାକୁ ଚାହିଁଛନ୍ତି। କିନ୍ତୁ ତାହା ସମ୍ଭବ ନୁହେଁ। ତାଙ୍କ କଥାରେ ସେ ଉଠବସ୍ ହୋଇପାରିବେ ନାହିଁ ବୋଲି ଅତ୍ୟନ୍ତ କ୍ଷୁବ୍ଧ ହୋଇପଡ଼ିଥିବା ଛଗନ୍ କହିଛନ୍ତି। ସେ ଦଳ ଛାଡିବା ନେଇ ଇଙ୍ଗିତ କରିଥିଲା ବେଳେ ଆଗକୁ ମହାଯୁତି ମେଣ୍ଟରେ ଅଂଶୀଦାର ରହିଥିବା ଅଜିତ ଗୋଷ୍ଠୀ ଏନସିପି ପାଇଁ ପୁଣି ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ସେପଟେ ଏକନାଥ ସିନ୍ଦେ ଚୁପ୍ ରହିଥିଲେ ମଧ୍ୟ କୌଣସି ସମୟରେ ନିଜର ଅସନ୍ତୋଷ ଓଗାଳିପାରନ୍ତି ବୋଲି କୁହାଯାଉଛି। ତେଣୁ ଏଭଳି ସ୍ଥିତି ମହାଯୁତି ମେଣ୍ଟ ପାଇଁ କିଭଳି ପରିସ୍ଥିତି ସୃଷ୍ଟି କରିବ ତାହାକୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

**ଏନ୍‌ସିପିରୁ ଓହରିବାକୁ ସଙ୍କେତ ଦେଲେ ଛଗନ ଭୁଜବଳ**

**ମୁଁ କ'ଣ ଖେଳନା କି ବୋଲି ଅଜିତଙ୍କୁ ପ୍ରଶ୍ନ କଲେ**

**ସେନା ନେତା ବି କ୍ଷୁବ୍ଧ**



## ଉଦ୍ଧବ-ଫଡ଼ନାଭିସ୍ ଭେଟଘାଟକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର୍



ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ଏବଂ ମହାଯୁତି ସରକାର ଗଠନ ହେବା ପରେ ପ୍ରଥମଥର ପାଇଁ ଶିବସେନା(ୟୁବିଟି) ନେତା ଉଦ୍ଧବ ଠାକରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାଭିସ୍‌ଙ୍କୁ ମଙ୍ଗଳବାର ଭେଟିବା ରାଜନୈତିକ ମହଲରେ ଗୁଞ୍ଜରଣ ସୃଷ୍ଟି କରିଛି। ବର୍ତ୍ତମାନ ବିଧାନସଭାର ଶୀତକାଳୀନ ଅଧିବେଶନ ଚାଲିଥିଲା ବେଳେ ଉଦ୍ଧବ ଫଡ଼ନାଭିସ୍ ଏବଂ ବାଚସ୍ପତି ରାହୁଲ ନର୍ଭେକରଙ୍କୁ ଭେଟି ଆଲୋଚନା କରିଥିଲେ। ତାଙ୍କର ଏହି ସାକ୍ଷାତକାର ଅତ୍ୟନ୍ତ ସୌଜନ୍ୟମୂଳକ ରହିଥିଲା ବୋଲି ସାମ୍ବାଦିକମାନଙ୍କ ଉତ୍ତରରେ ଉଦ୍ଧବ କହିଥିଲେ ହେଁ ରାଜନୀତିକ ବିଶାରଦମାନେ ଏହାକୁ ଭିନ୍ନ ଦୃଷ୍ଟିରେ ବିବେଚନା କରୁଥିବା ଚର୍ଚ୍ଚା ହେଉଛି। ବିଶେଷକରି ଉଦ୍ଧବ ଏବେ କଂଗ୍ରେସ ବିରୋଧରେ ମୁହଁ ଖୋଲିଥିବା ବେଳେ ମହାଯୁତି ମେଣ୍ଟର ଅଂଶୀଦାରମାନଙ୍କ ମଧ୍ୟରେ ମତଭେଦକୁ ନେଇ ଏହି ଭେଟଘାଟ ଅନ୍ୟ କିଛି ଉଦ୍ଦେଶ୍ୟ ବହନ କରୁଛି ବୋଲି କୁହାଯାଉଛି। ଏପରିକି ବୀର ସବରକରଙ୍କୁ ନେଇ ବିଗତ ଦିନରେ ଚୁପ୍ ରହିଥିବା ଉଦ୍ଧବ ଏବେ ତାଙ୍କୁ ଭାରତ ରତ୍ନରେ ସମ୍ମାନିତ କରିବାକୁ ଦାବି କରିବା ଘଟଣା ମଧ୍ୟ ମହାରାଷ୍ଟ୍ର ରାଜନୀତିକୁ ଭିନ୍ନ ମୋଡ ଦେଇପାରେ ବୋଲି କୁହାଯାଉଛି।

## ବିସ୍ଫୋରଣରେ ରୁଷ ସେନାର ଆଣବିକ ଅସ୍ତ୍ର ବିଭାଗ ମୁଖ୍ୟ ମୃତ

### ବିସ୍ଫୋରଣ ପଛରେ ୟୁକ୍ରେନର ହାତ



ମସ୍କୋ,୧୭।୧୨(ଏଜେନ୍ସି): ବୋମା ବିସ୍ଫୋରଣରେ ରୁଷିଆ ସେନାର ଆଣବିକ ଏବଂ ରାସାୟନିକ ଅସ୍ତ୍ର ବିଭାଗୀୟ ମୁଖ୍ୟ ଇଗୋର କିରିଲୋଭଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ଇଗୋର ମଙ୍ଗଳବାର ସକାଳେ ତାଙ୍କ ଘରୁ ବାହାରି ଅଫିସ୍ ଯାଉଥିଲା ବେଳେ ଘର ନିକଟରେ ରହିଥିବା ଏକ ସ୍କୁଟରରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଏହି ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ସ୍କୁଟରରେ ବୋମା ରଖାଯିବା ପଛରେ ୟୁକ୍ରେନର ହାତ ରହିଥିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଇଛି। ୟୁକ୍ରେନର ସିକ୍ୟୁରିଟି ସର୍ଭିସ ଏଜେନ୍ସି ଏସବିୟୁ ଇଗୋରଙ୍କ ବିରୋଧରେ ଅପରାଧିକ କାର୍ଯ୍ୟକଳାପକୁ ନେଇ ଯାଞ୍ଚ ଆରମ୍ଭ କରିବାର କିଛି ଘଟଣା ପରେ ଏଭଳି ଘଟଣା ଘଟିଥିବାରୁ ୟୁକ୍ରେନ ହିଁ ଷଡ଼ଯନ୍ତ୍ର କରି ତାଙ୍କୁ ହତ୍ୟା କରିଥିବା କୁହାଯାଇଛି। ଇଗୋରଙ୍କ ସହିତ ତାଙ୍କର ଜଣେ ସହାୟକ ମଧ୍ୟ ଏହି ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୫୪ ବର୍ଷୀୟ ଇଗୋର ରୁଷ ସେନାର ଆଣବିକ, ରାସାୟନିକ ଏବଂ ଜୈବିକ ଅସ୍ତ୍ର ଓ ଏହାକୁ ପରିଚାଳନା କରୁଥିବା ସେନା ୟୁନିଟ୍‌ର ମୁଖ୍ୟ ଥିଲେ। କିନ୍ତୁ ରୁଷ-ୟୁକ୍ରେନ ଯୁଦ୍ଧରେ ତାଙ୍କର ଭୂମିକାକୁ ନେଇ ଆମେରିକା ସମେତ ବ୍ରିଟେନ ଓ କାନାଡା ଆଦି ରାଷ୍ଟ୍ର ତାଙ୍କ ବିରୋଧରେ କଟକଣା ଜାରି କରିଥିଲେ। ଇଗୋର ୟୁକ୍ରେନ ବିରୋଧରେ ନିଷିଦ୍ଧ ହୋଇଥିବା ରାସାୟନିକ ଅସ୍ତ୍ର ପ୍ରୟୋଗ କରିଥିବାରୁ ତାଙ୍କ ବିରୋଧରେ ଏସବିୟୁ ଦ୍ୱାରା ଅପରାଧିକ ଯାଞ୍ଚ ଆରମ୍ଭ କରାଯାଇଥିଲା। ୨୦୨୨ ଫେବୃଆରୀରେ ୟୁକ୍ରେନ ବିରୋଧରେ ରୁଷିଆ ଯୁଦ୍ଧ ଆରମ୍ଭ କରିଥିଲା ବେଳେ ବର୍ତ୍ତମାନ ସୁଦ୍ଧା ଇଗୋରଙ୍କ ନେତୃତ୍ୱରେ ୟୁକ୍ରେନ ଉପରେ ୪୮୦୦ ଥର ରାସାୟନିକ ଅସ୍ତ୍ର ପ୍ରୟୋଗ କରାଯାଇଥିଲା। ଯାହାକୁ ନେଇ ୟୁକ୍ରେନ ନିଶାଣରେ ଇଗୋର ରହିଥିଲେ। ତେବେ ଇଗୋରଙ୍କ ମୃତ୍ୟୁକୁ ନେଇ ରୁଷ କ୍ଷୁବ୍ଧ ହୋଇଛି। ଖୁବଶୀଘ୍ର ଏହାର ପ୍ରତିଶୋଧ ନିଆଯିବ ବୋଲି ରୁଷ ସେନା ପକ୍ଷରୁ କୁହାଯାଇଛି।

### ରାଜ୍ୟସଭାରେ ଦ୍ୱିତୀୟ ଦିନରେ ସମ୍ବିଧାନ ଆଲୋଚନା

## ସେଙ୍ଗୋଲ୍ ବିଶେଷତ୍ୱକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ



ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି): ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟସଭାରେ ଦୁଇ ଦିନ ଧରି ସମ୍ବିଧାନକୁ ନେଇ ଚାଲିଥିବା ବିତର୍କ ମଙ୍ଗଳବାର ଶେଷ ହୋଇଛି। ତେବେ ବିତର୍କ ବେଳେ ସମ୍ବିଧାନକୁ ନେଇ ପୁଣି ଶାସକ ଏବଂ ବିରୋଧୀ ମୁହାଁମୁହିଁ ହୋଇଛନ୍ତି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସମ୍ବିଧାନ ଉପରେ ଆଲୋଚନା କରି ଭାରତୀୟ ସମ୍ବିଧାନ ଦେଶବାସୀଙ୍କୁ ସୁରକ୍ଷା ଦେବା ଠାରୁ ଆରମ୍ଭ କରି ସମ୍ମାନ ଏବଂ ଅଧିକାର ଦେଇ ଦେଶର ପ୍ରଗତି ପଥରେ ସହାୟକ ହୋଇଛି ବୋଲି କହିଥିଲେ। ସାମ୍ବିଧାନିକ ବ୍ୟବସ୍ଥାରେ ପରିଚାଳିତ ଭାରତରେ ଆଜି ଅର୍ଥନୀତି ଠାରୁ ଆରମ୍ଭ କରି ରାଜନୀତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସ୍ଥିରତା ଆସିବା ସହିତ ଦେଶ ଅନେକ ଦିଗରେ ଅଗ୍ରଗତି କରିଛି। କିନ୍ତୁ ଯେଉଁଠି ଜାତୀୟ ସ୍ୱାର୍ଥକୁ ବାଦ୍ ଦେଇ ବ୍ୟକ୍ତି ସ୍ୱାର୍ଥ ସାଧନ ଲାଗି ସମ୍ବିଧାନକୁ ଉପଯୋଗ କରାଯାଇଛି ସେଠାରେ ବିଭ୍ରାଟ ସୃଷ୍ଟି ହୋଇଛି ବୋଲି ପରୋକ୍ଷରେ କଂଗ୍ରେସକୁ ନିଶାଣ କରି ଶାହ କହିବା ପରେ ବିରୋଧୀ ସଦସ୍ୟମାନେ ହୋହଲ୍ଲା ଆରମ୍ଭ କରିଦେଇଥିଲେ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ କହିଥିଲେ ଯେ, ସମ୍ବିଧାନ ବ୍ୟକ୍ତିଗତ ସ୍ୱାଧୀନତା ଠାରୁ ଆରମ୍ଭ କରି ବାକ୍ ସ୍ୱାଧୀନତା ପର୍ଯ୍ୟନ୍ତ ସମସ୍ତଙ୍କୁ ଅଧିକାର ପ୍ରଦାନ କରୁଛି। କିନ୍ତୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଏବଂ ଇନ୍ଦିରା ଗାନ୍ଧୀ ସେମାନଙ୍କ ଶାସନକାଳରେ ଏସବୁକୁ ହନନ କରିଥିଲେ। କେବଳ ନିଜର ସ୍ୱାର୍ଥରକ୍ଷା ଏବଂ କ୍ଷମତା ବଜାୟ ରଖିବାକୁ ସେମାନେ ସମ୍ବିଧାନ ସହ ଖେଳ ଖେଳିଥିଲେ। ଆଜି ମଧ୍ୟ କଂଗ୍ରେସ ଦଳର ଜଣେ ନେତା ସମ୍ବିଧାନକୁ ନେଇ ବିକୃତ କଥା କହିବୁଲୁଛନ୍ତି ବୋଲି ଶ୍ରୀ ଶାହ ରାହୁଲ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ପରୋକ୍ଷରେ ଇଙ୍ଗିତ କରି କହିଥିଲେ। ସେ କହିଥିଲେ ଯେ, ନିଜକୁ ଯୁବକ କହୁଥିବା ଏହି ଦଳର ଜଣେ ୫୪ ବର୍ଷୀୟ ନେତା ହାତରେ ସମ୍ବିଧାନ ଧରି ବିଜେପି ସମ୍ବିଧାନ ପରିବର୍ତ୍ତନ କରି ଦେଶରେ ଅଶାନ୍ତି ଆଣିବ ବୋଲି କହି ବୁଲୁଛନ୍ତି। କିନ୍ତୁ ବିଜେପି କ'ଣ କରିଛି ଏବଂ କଂଗ୍ରେସ କ'ଣ କରିଛି ତାହା ଦେଶବାସୀ ଜାଣିଛନ୍ତି ଏବଂ ସେହି ଅନୁସାରେ ଠିକଣା ଜବାବ ଦେଇଛନ୍ତି।

ବିଜେପି ତାହାର ୧୬ ବର୍ଷ ଶାସନକାଳରେ ସମ୍ବିଧାନରେ ୨୨ ଥର ସଂଶୋଧନ ଆଣିଥିଲା ବେଳେ କଂଗ୍ରେସ ୫୫ ବର୍ଷର ଶାସନ କାଳନରେ ସମ୍ବିଧାନରେ ୭୭ଥର ପରିବର୍ତ୍ତନ ଆଣିଛି ବୋଲି ଶ୍ରୀ ଶାହ କହିବା ପରେ ବିରୋଧୀ ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ଅବସରରେ ସେ।।ଙ୍ଗୋଲର ମହତ୍ତ୍ୱ ଏବଂ ବିଶେଷତ୍ୱକୁ ନେଇ ଚର୍ଚ୍ଚା କରିଥିଲା ବେଳେ ବିରୋଧୀ ସଦସ୍ୟମାନେ ସରକାରଙ୍କୁ ଘେରିଥିଲେ। ସ୍ୱାଧୀନତା ପରେ ଦେଶ ହାତକୁ ଶାସନ କ୍ଷମତା ହସ୍ତାନ୍ତର ନିଦର୍ଶନ ସ୍ୱରୂପ ଏହି ସେଙ୍ଗୋଲ ଦିଆଯାଇଥିଲା ବେଳେ ଏହାକୁ ନେହରୁ ଏକ 'ୱାକିଂ ଷ୍ଟିକ୍' ଭାବେ ବ୍ୟବହାର କରିଥିଲେ ବୋଲି ଶ୍ରୀ ଯାଦବ କହିଥିଲେ। କିନ୍ତୁ ଏହାକୁ କଂଗ୍ରେସ ସାଂସଦ ଜୟରାମ ରମେଶ ତୀବ୍ର ବିରୋଧ କରିବା ସହିତ ଏହି ଦଣ୍ଡ କାହାରିକୁ ଦିଆଯାଇ ନଥିଲା ଏବଂ ସରକାର କେବଳ ନିଜ ମନଗଢା କଥା କହୁଛନ୍ତି ବୋଲି ସେ କହିଥିଲେ।

## ବିଜୟ ଦିବସରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଫେସବୁକ୍ ପୋଷ୍ଟ; ବାଂଲାଦେଶରେ ବିରୋଧ



ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି): ୧୯୭୧ ଡିସେମ୍ବର ୧୬ରେ ପାକିସ୍ତାନୀ ସେନା ହାତରୁ ପୂର୍ବ ପାକିସ୍ତାନକୁ ମୁକ୍ତ କରି ବାଂଲାଦେଶ ଗଠନ ଲାଗି ଭାରତୀୟ ସେନା ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଭାରତୀୟ ସେନା ଆଗରେ ପାକିସ୍ତାନ ସେନା ସମର୍ପଣ କରିବା ସହିତ ଭାରତ ପ୍ରାୟ ୯୦ ହଜାର ପାକିସ୍ତାନୀଙ୍କୁ ବନ୍ଦୀ କରିଥିଲା। ଭାରତୀୟ ସେନାର ଏହି ଅଦ୍ୟମ ସଫଳତା ପାଇଁ ପ୍ରତିବର୍ଷ ଡିସେମ୍ବର ୧୬ରେ ବିଜୟ ଦିବସ ପାଳିତ ହୋଇଆସୁଛି। ଏହି ଅବସରରେ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ସେନାକୁ ଫେସବୁକ୍‌ରେ ବଧାଇ ଜଣାଇଥିଲା ବେଳେ ବିଏସଏଫ ଏବଂ ବାଂଲାଦେଶ ସୀମା ପୁଲିସ ପରସ୍ପରକୁ ମିଷ୍ଟାନ୍ନ ବଣ୍ଟନ କରିଛନ୍ତି। କିନ୍ତୁ ବାଂଲାଦେଶର କିଛି କଠୋରପନ୍ଥୀ ନେତା ମୋଦୀଙ୍କ ପୋଷ୍ଟକୁ ବିରୋଧ କରିଛନ୍ତି। ୧୯୭୧ ଯୁଦ୍ଧରେ ଭାରତୀୟ ସେନା ସେଭଳି କିଛି କରି ନାହିଁ। ଭାରତ କେବଳ ଏକ ସହଯୋଗୀ ଭାବେ କାର୍ଯ୍ୟ କରିଛି ବୋଲି କହି ବହୁ ସଂଗଠନର ନେତା ଓ କର୍ମୀ ଢାକାରେ ବିକ୍ଷୋଭ କରିଥିବା ଦେଖିବାକୁ ମିଳିଛି।

## ଆପ୍ ସାଂସଦଙ୍କ ବିରୋଧରେ ୧୦୦ କୋଟିର ମାନହାନୀ ମକଦ୍ଦମା



ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ରାଜ୍ୟସଭା ସାଂସଦ ସଞ୍ଜୟ ସିଂହଙ୍କ ବିରୋଧରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ପତ୍ନୀ ସୁଲକ୍ଷଣା ସାମନ୍ତ ୧୦୦ କୋଟିର ମାନହାନୀ ମକଦ୍ଦମା ରୁଜୁ କରିଛନ୍ତି। ଏହି ମକଦ୍ଦମା ରୁଜୁହେବା ପରେ ସ୍ଥାନୀୟ କୋର୍ଟ ସଞ୍ଜୟଙ୍କ ବିରୋଧରେ ନୋଟିସ ଜାରି କରିଛନ୍ତି। ସାଂସଦ ସଞ୍ଜୟ 'କ୍ୟାଶ ଫର ଜବ' ଘୋଟାଲାରେ ସୁଲକ୍ଷଣାଙ୍କ ନାମ ସାମିଲ କରିଥିବାରୁ ସେ ଏହି ମାନହାନୀ ମକଦ୍ଦମା କରିଥିବା ଜଣାପଡ଼ିଛି। ସଞ୍ଜୟଙ୍କୁ ୨୦୨୫ ଜାନୁଆରୀ ୧୦ ତାରିଖ ସୁଦ୍ଧା ଜବାବ ରଖିବାକୁ କୋର୍ଟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନିକଟରେ ସଞ୍ଜୟ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀରେ ଟଙ୍କା ବଦଳରେ ଚାକିରି ଦୁର୍ନୀତି କଥା ଉଠାଇଥିଲେ। ଏହି ମାମଲାରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତଙ୍କ ପତ୍ନୀ ସୁଲକ୍ଷଣା ସାମିଲ ଥିବା ସେ ଅଭିଯୋଗ କରିଥିଲେ।ସଞ୍ଜୟଙ୍କ ଅଭିଯୋଗ ପରେ ସୁଲକ୍ଷଣା ସାୱନ୍ତ ଉତ୍ତର ଗୋଆର ବିଚୋଲିମସ୍ଥିତ ସିଭିଲ କୋର୍ଟରେ ମାମଲା ଦାଖଲ କରିଥିଲେ।

## ଅନ୍ତଃବସ୍ତ୍ର ଭିତରେ ୧.୭ କିଲୋ ସୁନା; ଧରାପଡ଼ିଲେ ଏୟାର ଇଣ୍ଡିଆ କ୍ରୁ

ଚେନ୍ନଇ,୧୭।୧୨(ଏଜେନ୍ସି): ଏୟାର ଇଣ୍ଡିଆର ଜଣେ କ୍ୟାବିନ କ୍ରୁ ସୁନା ଚୋରା ଚାଲାଣ କରୁଥିବା ବେଳେ ଚେନ୍ନଇ ବିମାନ ବନ୍ଦରରେ ଧରାପଡ଼ିଛନ୍ତି। ବହିଃଶୁଳ୍କ ଅଧିକାରୀମାନଙ୍କ ଦ୍ୱାରା ଯାଞ୍ଚ ବେଳେ ତାଙ୍କ ଅନ୍ତଃବସ୍ତ୍ର ମଧ୍ୟରୁ ୧.୭ କିଲୋ ସୁନା ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ଏୟାର ଇଣ୍ଡିଆର ଏକ ବିମାନ ଦୁବାଇରୁ ଚେନ୍ନଇ ଆସୁଥିଲା ବେଳେ ଜଣେ ଯାତ୍ରୀ ଏହି ପରିମାଣର ସୁନାକୁ ତରଳ ଅବସ୍ଥାରେ ଆଣି ସଂପୃକ୍ତ ବିମାନର ଜଣେ କ୍ରୁ ସଦସ୍ୟଙ୍କୁ ଦେଇଥିଲେ। ବିମାନଟି ଚେନ୍ନଇ ବିମାନ ବନ୍ଦରରେ ପହଞ୍ଚିବା ପରେ କ୍ୟାବିନ କ୍ରୁ ଏବଂ ଯାତ୍ରୀ ଜଣଙ୍କ ବାହାରକୁ ଯିବା ଯାଞ୍ଚ ଅଧିକାରୀମାନେ ଉଭୟଙ୍କୁ ଧରିଥିଲେ। ଅଧିକାରୀମାନେ ଯାଞ୍ଚ କରିବା ବେଳେ ସଂପୃକ୍ତ କ୍ୟାବିନ କ୍ରୁଙ୍କ ଅନ୍ତଃବସ୍ତ୍ରରୁ ଏତେ ପରିମାଣ ସୁନା ତରଳ ଅବସ୍ଥାରେ ରହିଥିବା ଜଣାପଡ଼ିଥିଲା। ସୁନା ଚୋରା ଚାଲାଣ କରିବା ଅଭିଯୋଗରେ ଉଭୟଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏନେଇ ଏୟାର ଇଣ୍ଡିଆ ପକ୍ଷରୁ କୌଣସି ପ୍ରକାରର ପ୍ରତିକ୍ରିୟା ଆସିନାହିଁ।

## ସୁପ୍ରିମକୋର୍ଟ କଲେଜିୟମ୍‌ରେ ହାଜର ହେଲେ ଜଷ୍ଟିସ୍ ଯାଦବ

ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି): ନିକଟରେ ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଶେଖର ଯାଦବ ୟୁସିସିକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇ ବିଭିନ୍ନ ମହଲରେ ଚର୍ଚ୍ଚିତ ହୋଇପଡ଼ିଥିଲେ। ତାଙ୍କର ବୟାନକୁ ନେଇ କିଛି ମହଲରେ ପ୍ରଶ୍ନ ଉଠିବା ପରେ ସୁପ୍ରିମକୋର୍ଟ ଏହି ବିଷୟକୁ ନିଜ ସଂଜ୍ଞାନକୁ ନେଇ ହାଇକୋର୍ଟଙ୍କ ଠାରୁ ରିପୋର୍ଟ ତଲବ କରିଥିଲେ। ପରେ ପରେ ଜଷ୍ଟିସ୍ ଯାଦବଙ୍କୁ ସୁପ୍ରିମକୋର୍ଟ କଲେଜିୟମରେ ହାଜର ହେବାକୁ କୁହାଯାଇଥିଲା ବେଳେ ସେ ମଙ୍ଗଳବାର କଲେଜିୟମରେ ହାଜର ହୋଇଛନ୍ତି। ପ୍ରଧାନବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ନେତୃତ୍ୱାଧୀନ କଲେଜିୟମରେ ଜଷ୍ଟିସ୍ ଯାଦବ ହାଜର ହେବା ପରେ ତାଙ୍କର ବୟାନକୁ ନେଇ କଲେଜିୟମ କିଛି ପ୍ରଶ୍ନ କରିଥିବା ଜଣାପଡ଼ିଛି।

**ଚର୍ଚ୍ଚାରେ ପ୍ରିୟଙ୍କାଙ୍କ ବ୍ୟାଗ ରାଜନୀତି**

# ପାଲେଷ୍ଟାଇନ ପରେ ବାଂଲାଦେଶ ଲେଖାଥିବା ବ୍ୟାଗ୍ ଧରି ସଂସଦରେ ପହଞ୍ଚିଲେ ପ୍ରିୟଙ୍କା



ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି): କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀଙ୍କ ବ୍ୟାଗ ରାଜନୀତିକୁ ନେଇ ଏବେ ରାଜନୈତିକ ମହଲରେ ଚର୍ଚ୍ଚା ଜୋରଦାର ହୋଇଛି। ଗତକାଲି ସେ ପାଲେଷ୍ଟାଇନ ଲେଖାଥିବା ଏକ ହ୍ୟାଣ୍ଡବ୍ୟାଗ ଧରି ସଂସଦକୁ ଆସିବା ପରେ ଏହାକୁ ନେଇ ଚର୍ଚ୍ଚା ବଢିଥିଲା। ବିଶେଷକରି ବିଜେପି ଏହି ଘଟଣାକୁ ନେଇ କଂଗ୍ରେସକୁ ନିଶାଣ କରି ବର୍ଷିଥିଲା। ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କ ସମେତ ଅନ୍ୟ କିଛି ନେତା ପ୍ରିୟଙ୍କାଙ୍କୁ ନିଶାଣ କରି ସୋସିଆଲ ମିଡିଆରେ ଟିପ୍ପଣୀ କରିଥିଲେ। ପ୍ରିୟଙ୍କା ଏଭଳି ଲେଖାଥିବା ବ୍ୟାଗ ପକାଇ ସଂସଦକୁ ଆସିବା କଂଗ୍ରେସର ସାଂପ୍ରଦାୟିକ ଭେଦଭାବର ସୂଚକ ବୋଲି ସେମାନେ କହିବା ସହିତ ଏହା ଦଳର ତୁଷ୍ଟୀକରଣ ନୀତିର ଅନ୍ୟତମ ଉଦାହରଣ ବୋଲି ସମ୍ବିତ କହିଥିଲେ। କଂଗ୍ରେସ ସବୁବେଳେ ତୁଷ୍ଟୀକରଣ ବ୍ୟାଗକୁ ବୋହି ଆସିଥିଲା ବେଳେ ଏବେ ପ୍ରିୟଙ୍କା ଏହାକୁ କିଭଳି ବାଦ୍ ଦେଇପାରିବେ ବୋଲି ସମ୍ବିତ ପ୍ରଶ୍ନ କରିଥିଲେ। ତେବେ ବିଜେପିର ଏଭଳି ମାନସିକତାକୁ ପ୍ରିୟଙ୍କା ସମାଲୋଚନା କରିଥିଲେ। ଇସ୍ରାଏଲ ବର୍ଷ ବର୍ଷ ଧରି ଗାଜା ଉପରେ ଯେଉଁଭଳି ଅମାନବୀୟ ଦମନଲୀଳା ଚଳାଇଛି ତାହାକୁ ବିଶ୍ୱସ୍ତରରେ ନିନ୍ଦା ଜଣାଇବାର ଉଦ୍ଦେଶ୍ୟ ରହିଥିଲା ବୋଲି ପ୍ରିୟଙ୍କା କହିଥିଲେ। କିନ୍ତୁ ପ୍ରିୟଙ୍କାଙ୍କ ଏଭଳି ଉତ୍ତର ପରେ ବିଜେପି ପୁଣି ପ୍ରଶ୍ନ କରିବା ସହିତ ବାଂଲାଦେଶରେ ହିନ୍ଦୁଙ୍କ ଉପରେ ଚାଲିଥିବା ଅତ୍ୟାଚାରକୁ ନେଇ ପ୍ରିୟଙ୍କା କାହିଁକି ମୁହଁ ଖୋଲିନାହାନ୍ତି ବୋଲି କହିଥିଲା।

ଏହି ବିବାଦ ଶେଷ ହୋଇ ନଥିଲା ବେଳେ ମଙ୍ଗଳବାର ବାଂଲାଦେଶ ଲେଖାଥିବା ବ୍ୟାଗ ପକାଇ ପ୍ରିୟଙ୍କା ସଂସଦକୁ ଆସିଛନ୍ତି। ଏହାକୁ ନେଇ ପୁଣି ରାଜନୀତି ତେଜିଛି। କିନ୍ତୁ ବାଂଲାଦେଶରେ ଅଳ୍ପସଂଖ୍ୟକଙ୍କ ଉପରେ ହେଉଥିବା ନିର୍ଯାତନାକୁ ବିରୋଧ କରି ଅନ୍ୟାୟ ବିରୋଧରେ ନିଜ ସ୍ପଷ୍ଟ ଆଭିମୁଖ୍ୟ କରିବା ଲକ୍ଷ୍ୟରେ ପ୍ରିୟଙ୍କା ଏହି ବ୍ୟାଗ ମାଧ୍ୟମରେ ସନ୍ଦେଶ ଦେବାକୁ ଚାହିଁଥିବା କହିଛନ୍ତି। ପାଲେଷ୍ଟାଇନ ହେଉ କି ବାଂଲାଦେଶ, ଅଳ୍ପସଂଖ୍ୟକଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ସେ ଏଭଳି ବ୍ୟାଗ ପକାଇ ସ୍ୱର ଉଠାଇଥିବା ପ୍ରିୟଙ୍କା କହିଛନ୍ତି। ତେବେ ଏହି ବ୍ୟାଗ ରାଜନୀତିକୁ ନେଇ ପ୍ରିୟଙ୍କା ଏବେ ଚର୍ଚ୍ଚାର କେନ୍ଦ୍ର ପାଲଟିଛନ୍ତି।

# ରତ୍ନଭଣ୍ଡାର ମରାମତି ଆରମ୍ଭ

**ପୁରୀ, ୧୭।୧୨ (ସମିସ):** ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ଭିତର ରତ୍ନଭଣ୍ଡାର ଚାବି ନେଇ ଯିବା ପରେ ଏଏସ୍ଆଇ ଶ୍ରମିକଙ୍କ ଦ୍ୱାରା ଭାରା ବନ୍ଧାଯାଉଛି । ପ୍ରଥମେ ଭିତର ରତ୍ନଭଣ୍ଡାର ମରାମତି ହେବ । ଏହା ସମ୍ପୂର୍ଣ୍ଣ ହେବା ପରେ ବାହାର ଭଣ୍ଡାର ମରାମତି କରାଯିବ । ତେବେ



ବୁଧବାର ଦିବା ପହୁଡ଼ ନୀତି ଥିବାରୁ ମରାମତି କାମ ବନ୍ଦ ରହିବ ବୋଲି ଏଏସ୍ଆଇ ପକ୍ଷରୁ ସୂଚନା ଦିଆଯାଇଛି ।

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ପୂର୍ବ-ନିର୍ଦ୍ଧାରିତ ବ୍ୟବସ୍ଥା ଏବଂ ଅନୁମୋଦିତ ମାର୍ଗଦର୍ଶିକା ଅନୁସାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ମଙ୍ଗଳବାର ଅପରାହ୍ଣ ୧ଟା ୫୫ରେ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ପ୍ରସ୍ତୁତି ସହ ଏଏସ୍ଆଇ ବୈଷୟିକ ଦଳ ରତ୍ନଭଣ୍ଡାର କାର୍ଯ୍ୟ ପାଇଁ ପ୍ରବେଶ କରି କାମ ଆରମ୍ଭ କରିଥିଲେ । ପ୍ରାୟ ୧୫ରୁ ୨୦ ଜଣ କୁଶଳୀ ଶ୍ରମିକ ନିୟୋଜିତ ହୋଇଥିବା ବେଳେ ଏକ୍ସପର୍ଟ ଟିମ୍ ସହ ଶ୍ରୀମନ୍ଦିର ବୈଷୟିକ ଟିମ୍, ଏଏସ୍ଆଇ ପୁରୀ ସର୍କଲ ଅଧିକାରୀମାନେ ମଧ୍ୟ ସାମିଲ ଥିଲେ । ତେବେ ମରାମତି କାର୍ଯ୍ୟରେ ଯେଉଁମାନେ ସମ୍ପୃକ୍ତ ରହିଛନ୍ତି, ସେମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପରିଚୟପତ୍ର ପ୍ରଦାନ କରାଯାଇଛି । ମରାମତି ପାଇଁ ପ୍ରଥମେ ଭିତର ରତ୍ନଭଣ୍ଡାରରେ

- ଭିତରଭଣ୍ଡାର ଘରେ ବନ୍ଧାଗଲା ଲୁହା ଭାରା
- ଆଜି ବନ୍ଦ ରହିବ ମରାମତି କାମ

ପ୍ରାୟ ୨୦ ଫୁଟ୍ ଉଚ୍ଚର ଲୁହାଭାରା ବନ୍ଧା ଯାଇଛି । ଏହି ଭାରାରେ ଚଢ଼ି କାନ୍ଥ, ଛାତ ଓ ବିଭିନ୍ନ ସ୍ଥାନରେ ଥିବା ଫାଟ ମରାମତି କରାଯିବ । ସେହିପରି ଆଗକୁ ଡିପ୍ଲାଷ୍ଟରିଂ ଅର୍ଥାତ୍ ଚୂନ ଛଡ଼ାଯାଇ ପରିଷ୍କାର କରାଯିବା ପରେ ଫାଟ ସୃଷ୍ଟି ହୋଇଥିବା ପଥର ଓ ବିମ୍‌କୁ ଅପସାରଣ କରାଯିବ । ରତ୍ନଭଣ୍ଡାର ଚଟାଣରେ ଉନ୍ନତମାନର ଗ୍ରାନାଇଟ୍ ପଥର ମଧ୍ୟ ବିଛାଯିବ ବୋଲି ଏଏସ୍ଆଇ ଓଡ଼ିଶା ମୁଖ୍ୟ ଡି.ବି. ଗଡ଼ନାୟକ କହିଛନ୍ତି । ଅନ୍ୟପଟେ ମରାମତି ସମୟରେ ଭକ୍ତମାନେ ବାହାର କାଠରୁ ମହାପ୍ରଭୁଙ୍କ ଦର୍ଶନ କରିଥିବା ବେଳେ ଶୃଙ୍ଖଳିତ ନୀତିକାନ୍ତି ଉପରେ ମଧ୍ୟ ଗୁରୁତ୍ୱ ଦେଇଛି ମନ୍ଦିର ପ୍ରଶାସନ ।

ରତ୍ନଭଣ୍ଡାର ତଦାରଖ କମିଟି ସଦସ୍ୟ, ଏଏସ୍ଆଇ ଅଧିକାରୀ, ଦେଉଳକରଣ, ତଢ଼ାଉକରଣଙ୍କ ଉପସ୍ଥିତିରେ ଭାରାବନ୍ଧା କାର୍ଯ୍ୟ କରାଯାଇଥିଲା । ବୁଧବାର ମହାପ୍ରଭୁଙ୍କର ଦିବା ପହୁଡ଼ ନୀତି ଥିବାରୁ ମରାମତି କାମ ବନ୍ଦ ରହିବ । ଭିଡ଼ ହେବାକୁ ଥିବା ଦିନ ଓ ମହାପ୍ରଭୁଙ୍କର ବିଶେଷ ନୀତିକାନ୍ତି ଥିବା ଦିନମାନଙ୍କରେ ମଧ୍ୟ କାମ ବନ୍ଦ ରହିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି । ସେହିପରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଦିଆଯାଇଛି ଗୁରୁତ୍ୱ । ଅଧିକୃତ ବ୍ୟକ୍ତିଙ୍କ ଛଡ଼ା ଅନ୍ୟ କାହାକୁ ମରାମତି ସ୍ଥାନକୁ ଛଡ଼ାଯିବ ନାହିଁ ବୋଲି ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି ।

ଅନ୍ୟପକ୍ଷରେ ମରାମତି କାର୍ଯ୍ୟ ସୁଚାରୁରୂପେ ଆରମ୍ଭ ହୋଇଥିବା ବେଳେ ଏ ସମ୍ପର୍କିତ ନୀତିଶୃଙ୍ଖଳା ତଥା ସହଯୋଗ ନେଇ ସମସ୍ତ ସେବାୟତ ନିଯୋଗ, ପାଳିଆ ସେବକ, ଏଏସ୍ଆଇ ଟିମ୍, ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ଓ ପୋଲିସର ସମ୍ପୃକ୍ତ କର୍ମଚାରୀଙ୍କ ସମେତ ଭକ୍ତଗଣ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କୃତଜ୍ଞତା ଜଣାଇଛନ୍ତି ।

# ୱାଲଟିୟର ଡିଭିଜନ ପୃଥକକୁ ବିଜେଡିର ବିରୋଧ

## ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଲେ ୭ ବିଜେଡି ସାଂସଦ



**ଭୁବନେଶ୍ୱର,୧୭।୧୨(ସମିସ):** ପୂର୍ବତଟ ରେଳବାଇରୁ ୱାଲଟିୟରକୁ କାଢ଼ି ନେବା ନିଷ୍ପତ୍ତି ବିରୋଧରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ଦୃଢ଼ ପ୍ରତିବାଦ କରିଛି ବିଜେଡି । ଏହି ପ୍ରସଙ୍ଗରେ ବିଜେଡିର ସମସ୍ତ ରାଜ୍ୟସଭା ସାଂସଦ ରେଳମନ୍ତ୍ରୀଙ୍କୁ ଭେଟି ନିଷ୍ପତ୍ତିର ପୁନର୍ବିଚାର କରିବା ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି । ୱାଲଟିୟର ଡିଭିଜନରୁ ପୂର୍ବତଟ ରେଳପଥ ବାର୍ଷିକ ୧୦ ହଜାର କୋଟିରୁ ଅଧିକ ରାଜସ୍ୱ ପାଉଛି । କେନ୍ଦ୍ର ସରକାର ଯଦି ୱାଲଟିୟର ଡିଭିଜନକୁ ଅଲଗା କରନ୍ତି, ତାହେଲେ କ୍ରମାଗତ ଭାବେ ଭାରତୀୟ ରେଳବାଇକୁ ସର୍ବାଧିକ ରାଜସ୍ୱ ଦେଉଥିବା ପୂର୍ବତଟ ରେଳପଥ ବିପୁଳ ଆର୍ଥିକ କ୍ଷତିର ସମ୍ମୁଖୀନ ହେବ ଓ ପରିଣତି ସ୍ୱରୂପ ଓଡ଼ିଶା କ୍ଷତିଗ୍ରସ୍ତ ହେବ । ପୂର୍ବତଟ ରେଳପଥର ପରିସୀମା ହ୍ରାସ ପାଇବା ସହିତ ରାଜସ୍ୱ ବି କମିଯିବ । ଓଡିଶାର ବିକାଶରେ ବଡ଼ ଅଂଶଦାନ ଥିବା ୱାଲଟିୟର୍ ଡିଭିଜନ୍‌କୁ ଭାଗ କରିବା ପୂର୍ବତଟ ରେଳପଥ ପାଇଁ ମହଙ୍ଗା ପଡ଼ିବ । ତେଣୁ ପୂର୍ବତଟ ରେଳପଥକୁ ଭାଗଭାଗ କରିବା ପରିବର୍ତ୍ତେ ତାକୁ ଅଧିକ ସୁଦୃଢ଼ କରିବା ପାଇଁ ପଦକ୍ଷେପ ନେବାକୁ ବିଜେଡି ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ସୁଲତା ଦେଓ, ମୁଜିବୁଲ୍ଲା ଖାନ୍, ଦେବାଶିଷ ସାମନ୍ତରାୟ, ଶୁଭାଶିଷ ଖୁଣ୍ଟିଆ ଓ ନିରଞ୍ଜନ ବିଶି ପ୍ରମୁଖ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

■ ପୁଲିସ୍ ଡ୍ରାଇଭର ନିଯୁକ୍ତି ମାମଲା

# ସର୍ବୋଚ୍ଚ ବୟସସୀମା କୋହଳ କର: ହାଇକୋର୍ଟ

**କଟକ,୧୭ ।୧୨(ସମିସ):** ରାଜ୍ୟ ପୁଲିସ୍ ମୋଟର ଟ୍ରାନ୍ସପୋର୍ଟ ଅଧୀନରେ ଡ୍ରାଇଭର ପଦରେ ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସର୍ବୋଚ୍ଚ ବୟସ ସୀମା କୋହଳ କରାନଯିବା ପ୍ରସଙ୍ଗରେ ଦାୟର ମାମଲାରେ ଆଜି ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ । କୋଭିଡ୍ ମହାମାରୀ ଓ ଦୀର୍ଘ ୪ବର୍ଷ ଧରି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନଥିବା କାରଣରୁ ଉପରୋକ୍ତ ପଦ ପାଇଁ ସମସ୍ତ ବର୍ଗ ପାଇଁ ସର୍ବୋଚ୍ଚ ବୟସସୀମାକୁ ୪ବର୍ଷ କୋହଳ କରିବା ପାଇଁ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ପୁଲିସ୍ ଚୟନ ବୋର୍ଡ ପକ୍ଷରୁ ଏହି ମର୍ମରେ ପୂର୍ବରୁ ୨୦୨୪ ଅକ୍ଟୋବରଠାରେ ନିଯୁକ୍ତି ବିଜ୍ଞପ୍ତିକୁ ଉପରୋକ୍ତ ନିର୍ଦ୍ଦେଶ ଅନୁସାରେ ସଂଶୋଧିତ କରାଯାଇ ବିଜ୍ଞପ୍ତି ଜାରି ହେବ । ଏଥିସହ ନିର୍ଦ୍ଧାରିତ ପୋର୍ଟାଲରେ ଏହି ବୟସସୀମା ଭିତରେ ରହିଥିବା ସମସ୍ତ ଆବେଦନକାରୀଙ୍କ ଆବେଦନକୁ ଗ୍ରହଣ କରିବାକୁ କହିଛନ୍ତି ହାଇକୋର୍ଟ । ଆଦିତ୍ୟ ମିର୍ଦ୍ଧା ଓ ଅନ୍ୟମାନଙ୍କ ତରଫରୁ ଦାୟର ୧୭ଟି ମାମଲାର ଏକତ୍ର ଶୁଣାଣି କରି ଉକ୍ତର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରକାଶ କରିଛନ୍ତି । ଅନ୍ୟପଟରେ ସର୍ବୋଚ୍ଚ ବୟସସୀମା କୋହଳ ଆଦେଶ ଉପରୋକ୍ତ ନିଯୁକ୍ତି ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ଭବିଷ୍ୟତ ନିଯୁକ୍ତି ପ୍ରକ୍ରିୟା ପାଇଁ ଲାଗୁ କରାଯିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି ।

ମାମଲାରୁ ପ୍ରକାଶ ଯେ, ୨୦୨୪, ଅକ୍ଟୋବରଠାରେ ଓଡ଼ିଶା ପୁଲିସ ମୋଟର ଟ୍ରାନ୍ସପୋର୍ଟ ରାଜ୍ୟ ଚୟନ ବୋର୍ଡ ପକ୍ଷରୁ ୪୦୫ଟି ଡ୍ରାଇଭର ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ପଦବି ପାଇଁ ପ୍ରାର୍ଥୀଙ୍କ ସର୍ବୋଚ୍ଚ ବୟସ ସୀମା ୨୩ ବର୍ଷ ଧାର୍ଯ୍ୟ କରାଯାଇଥିଲା । ତେବେ ଶେଷଥର ୨୦୨୦ରେ ଡ୍ରାଇଭର ପଦ ପାଇଁ ନିଯୁକ୍ତି ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା ବେଳେ ଦୀର୍ଘ ୪ବର୍ଷ ପରେ ପୁଣି ଏହି ପଦବି ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଯେହେତୁ ପୁଲିସ୍ ଡ୍ରାଇଭର ପଦ ପାଇଁ ୨୦୨୧, ୨୦୨୨ ଓ ୨୦୨୩ରେ କୌଣସି ନିଯୁକ୍ତି ପ୍ରକାଶ ପାଇନଥିଲା ବୟସସୀମା କୋହଳ କରା ନଯିବା ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ବିଭିନ୍ନ ସରକାରୀ ପଦ ପାଇଁ ସର୍ବାଧିକ ବୟସସୀମା କୋହଳ ପାଇଁ ଓଡ଼ିଶା ସିଭିଲ ସର୍ଭିସ (ଫିକ୍ସେସନ ଅଫ ଅପର ଏଜ୍ ଲିମିଟ) ନିୟମାବଳୀ ୧୯୮୯ ଅନୁସାରେ ୩୮ ଥିଲା । ତେବେ ୨୦୨୨ରେ ସଂଶୋଧନ କରାଯାଇ ଏହାକୁ ୨୦୨୧, ୨୦୨୨ ଓ ୨୦୨୩ର ପ୍ରକାଶିତ ସମସ୍ତ ସରକାରୀ ନିଯୁକ୍ତି ପାଇଁ ୩୮ ବର୍ଷ କରାଯାଇଥିଲା ।ସର୍ବୋଚ୍ଚ ବୟସ ସୀମା ୨୩ ବର୍ଷ ଧାର୍ଯ୍ୟ କରାଯିବା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ ।

## ଧାନ ସଂଗ୍ରହ ପୂର୍ବରୁ...

# ସାଟେଲାଇଟ୍ ସର୍ଭେରେ ୬୬ ହଜାର ଜାଲ୍ ପ୍ଲଟ

**କଟକ,୧୭ ।୧୨(ସମିସ):** ଧାନ ସଂଗ୍ରହ କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ପାଇଁ ସାଟେଲାଇଟ୍ ଛବି ଜରିଆରେ ସନ୍ଦିଗ୍ଧ ଚାଷ ଜମିକୁ ଯାଞ୍ଚ କରିବା ପାଇଁ ବିଗତ କିଛି ବର୍ଷ ଧରି ବିଭାଗ ପକ୍ଷରୁ ପ୍ରୟାସ କରାଯାଉଛି । ତଥାପି ଧାନ ବିକ୍ରି କରିବାକୁ ସମବାୟ ସମିତିଗୁଡ଼ିକରେ ପଞ୍ଜୀକରଣ କରିଥିବା ଅନେକ ଚାଷୀ ସେମାନଙ୍କ ଜମିରେ ଧାନ ଫସଲ ନକରି ସେହି ପ୍ଲଟ୍ ବାବଦରେ ଧାନବିକ୍ରି କରିବା ପାଇଁ ଆବେଦନ କରୁଛନ୍ତି । ଏହାଦ୍ୱାରା ପ୍ରକୃତ ଚାଷୀ ବଞ୍ଚିତ ହୋଇ ଆସୁଛନ୍ତି । କୃଷି ପ୍ରଧାନ କଟକ ଜିଲ୍ଲାର ୧୪ଗୋଟି ବ୍ଲକ୍‌ରେ ସାଟେଲାଇଟ୍ ଛବି ଜରିଆରେ ଆଜି ସୁଦ୍ଧା ପ୍ରାୟ ୬୬ ହଜାରୁ ଅଧିକ ଜାଲ ପ୍ଲଟ୍ ଚିହ୍ନଟ କରାଯାଇଥିବା ଜଣାପଡ଼ିଛି ।

କଟକ ଜିଲ୍ଲାର ୧୫ ଗୋଟି ତହସିଲ ଅଧୀନ ମୋଟ ୧୮୫୦ଟି ରାଜସ୍ୱ ଗ୍ରାମରେ ସାଟେଲାଇଟ୍ ଛବି ଦ୍ୱାରା ଚିହ୍ନଟ ସନ୍ଦିଗ୍ଧ ଚାଷ ଜମିଗୁଡ଼ିକ ଯାଞ୍ଚ କରିବା ପାଇଁ ୩୯୩ ଜଣଙ୍କୁ ନିଯୁକ୍ତ କରାଯାଇଥିବା ଜଣାପଡ଼ିଛି । ଜିଲ୍ଲାରେ ମୋଟ ୧ଲକ୍ଷ ୪୪ ହଜାର ୭୩୪ଟି ସନ୍ଦିଗ୍ଧ ପ୍ଲଟ୍ ଯାଞ୍ଚ ପାଇଁ ଗ୍ରହଣ କରାଯାଇଥିଲା । ଇତିମଧ୍ୟରେ ମୋଟ ୮୨ ହଜାର ୨୨୮ଟି ପ୍ଲଟର ଯାଞ୍ଚ ପ୍ରକ୍ରିୟା ଶେଷ କରାଯାଇଥିବା ବେଳେ ଆହୁରି ୬୨ ହଜାର ୫୦୬ଟି ଚାଷ ଜମି ପ୍ଲଟ୍ ଯାଞ୍ଚ କାର୍ଯ୍ୟ ସରିପାରିନାହିଁ । ବର୍ତ୍ତମାନ ସୁଦ୍ଧା ପ୍ରାୟ ୫୭% କ୍ଷେତ୍ର ଯାଞ୍ଚ(ଫିଲ୍ଡ ସର୍ଭେ) କାର୍ଯ୍ୟ ଶେଷ ହୋଇଛି । ତେବେ ଯାଞ୍ଚ ହୋଇଥିବା ଚାଷ ଜମି ମଧ୍ୟରୁ ୩୧ହଜାର ୮୫୮ଟି ପ୍ଲଟ୍ ଡିଆରସିଏସ(ସମବାୟ ଉପନିବନ୍ଧକ)ଙ୍କ ନିକଟରେ ବିଚାରାଧୀନ ରହିଛି । ସନ୍ଦିଗ୍ଧ ପ୍ଲଟ୍ ମଧ୍ୟରେ ଅଦ୍ୟାବଧି ହୋଇଥିବା ଯାଞ୍ଚରୁ ୧୫ହଜାର ୪୩୧ଟି ପ୍ଲଟରେ ଧାନ ଫସଲ ଚଳିତ ଖରିଫରେ କରାଯାଇଥିବା ଜଣାପଡ଼ିଛି ।

ମିଳିଥିବା ତଥ୍ୟ ଅନୁସାରେ, ରାଜ୍ୟର ୩୦ଗୋଟି ଜିଲ୍ଲାର ୩୧୪ ତହସିଲ ଅନ୍ତର୍ଗତ ୩୯ହଜାର ଗ୍ରାମରେ ୧୯ଲକ୍ଷ ସନ୍ଦିଗ୍ଧ ଚାଷ ଜମି ପ୍ଲଟ ସାଟେଲାଇଟ ଛବି ଦ୍ୱାରା ଚିହ୍ନଟ ହୋଇଥିବା ବେଳେ ଏଥିମଧ୍ୟରୁ ଅଦ୍ୟାବଧି ଯାଞ୍ଚ ପ୍ରକ୍ରିୟାରେ ୧୩ଲକ୍ଷ ଜାଲ ପ୍ଲଟ୍ ଚିହ୍ନଟ ହୋଇଥିବା ଜଣାପଡ଼ିଛି । କେତେକ ଚାଷ ଜମି ପଡ଼ିଆ ପଡ଼ିଛି, ପୁଣି କେତେକ ଚାଷ ଜମି ଘରବାରି କିସମକୁ ପରିବର୍ତ୍ତନ ନହୋଇ ମଧ୍ୟ ସେଠାରେ ଘର ନିର୍ମାଣ କରାଯାଇଛି । କେଉଁଠି ଜଳାଶୟ ଖନନ ହୋଇଥିଲେ ବି ଚାଷ ଜମି କିସମ ବଦଳି ପାରିନାହିଁ । ଏଗୁଡ଼ିକର ଚାଷ ଜମି ରେକର୍ଡ ରହିଥିବାରୁ ପାକ୍ସ(ପ୍ରାଥମିକ ସେବା ସମବାୟ ସମିତି)ରେ ଚାଷୀମାନେ ବେଆଇନ ଭାବରେ ଏହି ସବୁ ଜମି ପ୍ଲଟ ରେକର୍ଡ ଦେଖାଇ ଧାନ ବିକ୍ରି କରିଆସୁଛନ୍ତି । ଅଧିକ ଚାଷ ଜମି ପ୍ଲଟ ଦର୍ଶାଯାଉଥିବାରୁ ଚାଷୀଙ୍କୁ ଅଧିକ ଧାନ ବିକ୍ରି ପାଇଁ ଟାର୍ଗେଟ ମିଳୁଛି ଓ ଏହି କାରଣରୁ କେତେକ ଚାଷୀ ଧାନ ଠିକ ସମୟରେ ବିକ୍ରି କରିପାରୁନାହାନ୍ତି । ତେବେ ବିଗତ କିଛି ବର୍ଷ ହେଲାଣି ସାଟେଲାଇଟ ଛବି ଦ୍ୱାରା ସହଜରେ ଜାଲ ଚାଷୀ ପଞ୍ଜୀକରଣକୁ ଚିହ୍ନଟ କରାଯାଇପାରୁଥିବା ଜଣାପଡ଼ିଛି । ଅନ୍ୟପଟରେ ଏହା ଚୂଡ଼ାନ୍ତ ହେବା ପରେ ଚାଷୀଙ୍କ ଠାରୁ କେତେକ ଧାନ କିଣାଯିବ ତାହାର ଟାର୍ଗେଟ ଦିଆଯାଉଛି ବୋଲି କହିଛନ୍ତି ଯୋଗାଣ ବିଭାଗର ଅଧିକାରୀ ।

# ଆଜିଠୁ କମିବ ଶୀତ

**ଭୁବନେଶ୍ୱର, ୧୭।୧୨(ସମିସ):** ଆସନ୍ତାକାଲିଠାରୁ ୩ଦିନ ପର୍ଯ୍ୟନ୍ତ ରାଜ୍ୟରେ ରାତି ତାପମାତ୍ରା ୩ରୁ ୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହ୍ରାସ ପାଇବ । ଫଳରେ ଶୀତର ପ୍ରକୋପ ଅପେକ୍ଷାକୃତ କମ୍ ରହିବ । ସେହିପରି ଆସନ୍ତାକାଲିଠାରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ହାଲୁକାରୁ ସ୍ୱଳ୍ପ ବର୍ଷା ହେବାକୁ ଥିବା ବେଳେ ଏହା ପ୍ରଭାବରେ ଆକାଶ ମେଘାଚ୍ଛନ୍ନ ଏବଂ ପାଗ କୋହଲା ରହିବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ, ୧୮ ତାରିଖରେ ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ ଜିଲ୍ଲାର କେତେକ ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ରହିଛି । ୧୯ ତାରିଖ ବେଳକୁ ବର୍ଷାର ପରିଧି ବୃଦ୍ଧି ପାଇବା ସହ ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି,

## ୨୧ ପର୍ଯ୍ୟନ୍ତ ହାଲୁକା ବର୍ଷା, କୋହଲା ପାଗ

ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ ଜିଲ୍ଲାରେ ହାଲୁକାରୁ ସ୍ୱଳ୍ପ ବର୍ଷା ସମ୍ଭାବନା ରହିଛି । ସେହିପରି ପୁରୀ, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲାକାନଗିରି, ନବରଙ୍ଗପୁର, କନ୍ଧମାଳ ଓ କଳାହାଣ୍ଡି ଜିଲ୍ଲାର କେତେକ ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଥିବାରୁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ-ୱାର୍ଣ୍ଣିଂ ଜାରି କରାଯାଇଛି । ୨୨ ତାରିଖରୁ ପାଗ ପରିବର୍ତ୍ତନ ହେବା ସହ ତାପମାତ୍ରାରେ ପୁଣି ହ୍ରାସ ଦେଖାଦେବ । ଫଳରେ ଶୀତର ପରିମାଣ ରାଜ୍ୟବ୍ୟାପୀ ବୃଦ୍ଧି ପାଇବ । ଅପରପକ୍ଷେ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ଟି ସ୍ଥାନରେ ପାରଦ ୧୦ ଡିଗ୍ରି ତଳକୁ ରହିଥିବା ବେଳେ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୪.୭ ମିମି ବର୍ଷା ରେକର୍ଡ ହୋଇଛି । ସେମିଲିଗୁଡାରେ ୬.୫, ଝାରସୁଗୁଡ଼ାରେ ୭.୨, ଫୁଲବାଣୀରେ ୭.୫, ସୁନ୍ଦରଗଡ଼ରେ ୮.୬, କେନ୍ଦୁଝରରେ ୮.୯, ଅନୁଗୁଳ, ଭବାନୀପାଟଣା, ନବରଙ୍ଗପୁର, କିରେଇ ଓ ଚିପିଲିମାରେ ୯.୦ ଓ ଭଦ୍ରକରେ ୯.୫ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

## ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

| ସ୍ଥାନ | ସର୍ବୋଚ୍ଚ | ସର୍ବନିମ୍ନ |
|---|---|---|
| ବାଲେଶ୍ୱର | ୨୭.୬ | ୧୧.୩ |
| ଚାନ୍ଦବାଲି | ୨୬.୧ | ୧୪.୪ |
| କଟକ | ୨୫.୫ | ୧୨.୫ |
| ପାରାଦୀପ | ୨୮.୪ | ୧୬.୧ |
| ଭୁବନେଶ୍ୱର | ୨୭.୮ | ୧୩.୬ |
| ଗୋପାଳପୁର | ୨୬.୯ | ୧୫.୫ |
| ପୁରୀ | ୨୭.୬ | ୧୬.୬ |
| ଅନୁଗୋଳ | ୨୫.୭ | ୯.୦ |
| ବାରିପଦା | ୨୪.୬ | ୧୧.୫ |
| ଝାରସୁଗୁଡ଼ା | ୨୬.୯ | ୭.୨ |
| କେନ୍ଦୁଝର | ୨୪.୯ | ୮.୯ |
| ସମ୍ବଲପୁର | ୨୮.୨ | ୧୧.୬ |
| ସୁନ୍ଦରଗଡ଼ | ୨୭.୮ | ୮.୬ |
| ହୀରାକୁଦ | ୨୭.୩ | ୧୨.୧ |
| ତାଳଚେର | ୨୭.୨ | ୧୦.୮ |
| ଭବାନୀପାଟଣା | ୨୭.୦ | ୯.୦ |
| ବଲାଙ୍ଗିର | ୨୮.୧ | ୧୦.୦ |
| କୋରାପୁଟ | ୨୫.୬ | ୧୦.୮ |
| ଫୁଲବାଣୀ | ୨୫.୮ | ୭.୫ |
| ଟିଟିଲାଗଡ଼ | ୨୮.୦ | ୧୧.୭ |
| ମାଲକାନଗିରି | ୨୮.୨ | ୧୪.୯ |
| ସୋନପୁର | ୨୫.୯ | ୧୧.୦ |
| ଦାରିଙ୍ଗବାଡ଼ି | ୨୫.୫ | ୧୦.୦ |
| ନୟାଗଡ଼ | ୨୪.୦ | ୧୩.୭ |
| ବୌଦ୍ଧ | ୨୫.୦ | ୧୦.୨ |
| ଛତ୍ରପୁର | ୨୭.୫ | ୧୫.୦ |
| ପାରଳାଖେମୁଣ୍ଡି | ୩୧.୪ | ୧୪.୦ |
| ରାୟଗଡ଼ା | ୨୬.୬ | ୧୧.୬ |
| ଭଦ୍ରକ | ୨୮.୨ | ୯.୫ |
| ଯାଜପୁର | ୨୭.୫ | ୧୨.୫ |
| ଢେଙ୍କାନାଳ | ୨୮.୨ | ୧୦.୫ |
| ବରଗଡ଼ | ୨୮.୫ | ୧୪.୮ |
| ଦେଓଗଡ଼ | ୨୮.୨ | ୧୩.୫ |
| ନୂଆପଡ଼ା | ୨୮.୦ | ୧୩.୦ |
| ନବରଙ୍ଗପୁର | ୨୮.୨ | ୯.୦ |
| ଖୋର୍ଦ୍ଧା | ୨୭.୫ | ୧୪.୫ |
| ଜଗତସିଂହପୁର | ୨୭.୮ | ୧୩.୦ |
| କେନ୍ଦ୍ରାପଡ଼ା | ୨୮.୨ | ୧୨.୪ |
| ରାଉରକେଲା | ୨୫.୨ | ୫.୭ |

## ମୁଖ୍ୟମନ୍ତ୍ରୀଙ୍କ ତିନିଦିନିଆ କେନ୍ଦୁଝର ଗସ୍ତ

# 'ଅଲଚିକି ଭାଷାର ବହୁଳ ବ୍ୟବହାର କର'

**କେନ୍ଦୁଝର,୧୭।୧୨(ସମିସ):** ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ କେନ୍ଦୁଝର ଗସ୍ତରେ ଆସିଛନ୍ତି । ମଧ୍ୟାହ୍ନରେ ରାଇସୁଆଁ ଏୟାରଷ୍ଟ୍ରିପରେ ଅବତରଣ କରିବା ପରେ କେନ୍ଦୁଝର ସହର ନିକଟସ୍ଥ ଅଶୋକ ବାଟିକାରେ ଆୟୋଜିତ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘ ଓଡ଼ିଶା ଶାଖାର ସପ୍ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ



### ପ୍ରଥମ ଦିନରେ ୪ଟି କାର୍ଯ୍ୟକ୍ରମରେ ଯୋଗଦାନ

ସାନ୍ତାଳୀ ଭାଷା ଓ ଅଲ୍‌ଚିକି ଲିପିକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଥିଲେ । ଅଲ୍‌ଚିକି ଲିପିର ସ୍ରଷ୍ଟା ଗୁରୁ ଗମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ସ୍ମରଣ କରିବା ସହ ଅଲ୍‌ଚିକି ଭାଷା ସୃଷ୍ଟିର ଶତବାର୍ଷିକ ପାଳନ ଅବସରରେ 'ମିଶନ ଅଲ୍‌ଚିକି ୨୦୨୫'କୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ୨୦୨୫ ସୁଦ୍ଧା ସମସ୍ତେ ଅଲ୍‌ଚିକି ଲିପି ତଥା ସାନ୍ତାଳୀ ଭାଷାରେ ଶିକ୍ଷା ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଏହା ସହିତ ଓଡ଼ିଶାରେ ସାନ୍ତାଳୀ ଭାଷାରେ ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଶିକ୍ଷାର ପ୍ରଚଳନ ପାଇଁ ସରକାର ଚିନ୍ତା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପରେ କେନ୍ଦୁଝର ସଦର ବ୍ଲକ ମୁକୁନାସ୍ଥିତ ସତ୍ୟନାରାୟଣ ସରକାରୀ ହାଇସ୍କୁଲର ସ୍ୱବର୍ଣ୍ଣ ଜୟନ୍ତୀ ଉତ୍ସବ ଏବଂ ତାଳପଦା ଖେଳପଡ଼ିଆରେ ଅନୁଷ୍ଠିତ ଫାଇନାଲ ଫୁଟବଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପରେ କେନ୍ଦୁଝର ଅଡିଟୋରିୟମରେ ପହଞ୍ଚି 'କେନ୍ଦୁଝର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୮ତମ ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଶିଶୁ ବିଦ୍ୟାନ୍ଦିରର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଉପସଭାପତି ପ୍ରିୟବ୍ରତ ସାମଲ, ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, କେନ୍ଦୁଝର ପୌରାଧକ୍ଷା ନିକୁ ସାହୁ, ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକ ଅଲେଖ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ କେନ୍ଦୁଝରରେ ଇସ୍ପାତ କାରଖାନା ପ୍ରତିଷ୍ଠା ସମ୍ପର୍କରେ ଦୋହରାଇଥିଲେ । ପାଟଣା କିମ୍ବା ବାଂଶପାଳ ବ୍ଲକରେ ଏହି କାରଖାନା ପ୍ରତିଷ୍ଠା ହୋଇପାରେ ବୋଲି ସେ କହିଥିଲେ । ଆସନ୍ତାକାଲି ଗୋ-ନାସିକା ମହୋତ୍ସବ ଉଦ୍‌ଘାଟନ ସହ ଅନ୍ୟ ବହୁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ କରିବେ ।

# ଆଜିଠୁ ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ

**ଭୁବନେଶ୍ୱର, ୧୭ ।୧୨(ସମିସ):** ରାଜ୍ୟସ୍ତରୀୟ ସର୍ଗିଫୁଲ ଉତ୍ସବ ବୁଧବାରଠାରୁ ଭୁବନେଶ୍ୱର ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆରେ ଅନୁଷ୍ଠିତ ହେବ । ତିନିଦିନ ପର୍ଯ୍ୟନ୍ତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ହଜାରେରୁ ଅଧିକ ଛାତ୍ରଛାତ୍ରୀ ଓ ଶିକ୍ଷକ ଯୋଗଦେବେ । ଦଶମ ବୋର୍ଡ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପରିଚାଳିତ ୫୦ଟି ବିଦ୍ୟାଳୟ ସମେତ ୧୦୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ । ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ପତ୍ରିକା 'ସର୍ଗିଫୁଲ- ୨୦୨୪'କୁ ମଧ୍ୟ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ଉଦ୍‌ଘାଟନୀ ସମାରୋହରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେବାକୁ ଥିବା ବେଳେ ଉଦ୍‌ଯାପନୀ ଉତ୍ସବରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗଦେବେ । ଚଳିତ ବର୍ଷ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ୨୪ ପ୍ରକାର ପ୍ରତିଯୋଗିତା ସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ଭୋଗରାଇ ତହସିଲଦାର ନିଲମ୍ବିତ

**ଭୁବନେଶ୍ୱର,୧୭।୧୨(ସମିସ):** ଭୋଗରାଇ ତହସିଲଦାର ତଥା ଜଗତସିଂହପୁର ଜିଲ୍ଲା କୁଜଙ୍ଗ ତହସିଲର ପୂର୍ବତନ ତହସିଲଦାର ପୁଷ୍ପଶ୍ରୀ ସାଣ୍ଡିଲଙ୍କୁ ସରକାର ଆଜି କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି । ପରବର୍ତ୍ତୀ ନିର୍ଦ୍ଦେଶନାମା ଯାଏଁ ସେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାମ କରିବେ । ଜିଲ୍ଲାପାଳଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେନି ବୋଲି କୁହାଯାଇଛି । ସୂଚନାଯୋଗ୍ୟ, ପୁଷ୍ପଶ୍ରୀଙ୍କର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଭୋଗରାଇ ତହସିଲକୁ ବଦଳି ନିର୍ଦ୍ଦେଶନାମା ବିଭାଗ ପକ୍ଷରୁ ପ୍ରକାଶ ପାଇଥିଲେ ହେଁ ସେ କାର୍ଯ୍ୟରେ ଯୋଗ ଦେଇନଥିଲେ ।

■ ସଞ୍ଜୀବ ମିଶ୍ର ଏସ୍‌ଟି ଓ ଏସ୍‌ସି ବିଭାଗ ପ୍ରମୁଖ ସଚିବ

# ମନୋଜ ସାହୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ନିଯୁକ୍ତ

**ଭୁବନେଶ୍ୱର,୧୭ ।୧୨(ସମିସ):** ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱରୁ ବିଷ୍ଣୁପଦ ସେଠୀଙ୍କୁ ଅପସାରଣ କରିଛନ୍ତି । ତାଙ୍କ ସ୍ଥାନରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ସଞ୍ଜିବ କୁମାର ମିଶ୍ରଙ୍କୁ ଏସ୍‌ଟି ଓ ଏସ୍‌ସି ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ଏଥିସହ ବିଷ୍ଣୁପଦ ସେଠୀ ନିର୍ବାହ କରୁଥିବା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଏସ୍‌ଏସ୍‌ଇପିଡି ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ସଞ୍ଜିବଙ୍କ ଉପରେ ନ୍ୟସ୍ତ କରାଯାଇଛି । ଅନୁରୂପ ଭାବରେ ଆନ୍ତଃକ୍ୟାଡର୍ ଡେପୁଟେସନ୍‌ରେ ଆସିଥିବା ୨୦୦୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ମନୋଜ କୁମାର ସାହୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ନିଯୁକ୍ତି ଦିଆଯାଇଛି ।

# ଅଭୟାରଣ୍ୟ ବାହାରେ ବି ବନ୍ଧୁକ ଧରିବେ ବନ କର୍ମଚାରୀ

**ଭୁବନେଶ୍ୱର,୧୭ ।୧୨(ସମିସ):** ବନ୍ଧୁକ ଧରିବା ପାଇଁ କ୍ଷମତା ଦେଲେ । ବନ୍ଧୁକ ଚାଳନା ପାଇଁ ପ୍ରଶିକ୍ଷଣ ବି ଦିଆଗଲା । କିନ୍ତୁ ବନ୍ଧୁକ ମିଳି ନଥିଲା । ଏଣିକି, ଅଭୟାରଣ୍ୟ ବାହାରେ କାର୍ଯ୍ୟରତ ବନ ବିଭାଗ କର୍ମଚାରୀ ବନ୍ଧୁକ ଧରିବେ । ଏ ଦିଗରେ ସରକାର ବିଚାର କରୁଛନ୍ତି ବୋଲି କହିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ । ଶିକାରୀଙ୍କୁ ସାବାଡ଼ କରିବା ପାଇଁ ବନ କର୍ମଚାରୀମାନଙ୍କୁ ବନ୍ଧୁକ ଚଳାଇବାର କ୍ଷମତା ମିଳିଛି, ପ୍ରଶିକ୍ଷଣ ମଧ୍ୟ ଦିଆଯାଇଛି । କିନ୍ତୁ ବନ୍ଧୁକ ମିଳିନାହିଁ । ଯେଉଁଥିପାଇଁ ଶିକାରୀମାନେ ବନ ବିଭାଗ କର୍ମଚାରୀଙ୍କଠାରୁ ଦୁଇ ପାଦ ଆଗୁଆ ରହୁଛନ୍ତି । ଅନେକ ସମୟରେ ବନ କର୍ମଚାରୀଙ୍କ ଉପରକୁ ଗୁଳି ଚଳାଉଛନ୍ତି ଅପରାଧୀ । ତେବେ ସେମାନଙ୍କୁ ବନ୍ଧୁକ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି ।

ରାଜ୍ୟର ପ୍ରାୟ ୪୨ଟି ବନଖଣ୍ଡ ଅଭୟାରଣ୍ୟରେ ବନ କର୍ମଚାରୀମାନଙ୍କୁ ଗତବର୍ଷରୁ ବନ୍ଧୁକ ଯୋଗାଇ ଦିଆଯାଇଛି । କାଠ ତସ୍କର, ଶିକାରୀମାନଙ୍କ ମୁକାବିଲା ପାଇଁ ସେମାନଙ୍କୁ ପିସ୍ତଲ, ଇନସାସ୍ ରାଇଫଲ ଏବଂ ଅନ୍ୟାନ୍ୟ ଅସ୍ତ୍ର ଯୋଗାଇ ଦିଆଯାଇଛି । କିନ୍ତୁ ଅଭୟାରଣ୍ୟ ବାହାରେ ବନ କର୍ମଚାରୀଙ୍କ ହାତ ଖାଲି । ଶିକାରୀଙ୍କ ହାତରେ ସ୍ୱୟଂଚାଳିତ ଅସ୍ତ୍ର ଥିବା ବେଳେ ବନ କର୍ମଚାରୀ

## ସବୁ ଜଙ୍ଗଲରେ ଲାଗିବ ଏଆଇ କ୍ୟାମେରା

ଲାଠିରେ କାମ ଚଳାଉଛନ୍ତି । ସେଥିପାଇଁ ଅନେକ ସ୍ଥାନରେ ବନ ବିଭାଗ କର୍ମଚାରୀ ପୁଲିସ ସହାୟତା ନେଉଛି । କିନ୍ତୁ ତାହା ପର୍ଯ୍ୟାପ୍ତ ହେଉ ନାହିଁ । ସବୁ ବନ କର୍ମଚାରୀଙ୍କୁ ବନ୍ଧୁକ ମିଳିବାର ଯଥେଷ୍ଟ ଆବଶ୍ୟକତା ରହିଛି । ମନ୍ତ୍ରୀ କହିଛନ୍ତି ଯେ ଶିକାରୀଙ୍କୁ ଧରିବା ଏବଂ ବନ୍ୟଜନ୍ତୁଙ୍କ ଗତିବିଧି ଜାଣିବା ପାଇଁ ପରୀକ୍ଷାମୂଳକ ଭାବେ ଶିମିଳିପାଳ ଓ ରାଉରକେଲାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ୟାମେରା ଲଗାଯାଇଛି । ସେହିପରି ଜଙ୍ଗଲ ଅଞ୍ଚଳ ଦେଇ ଯାଇଥିବା ରେଳ ଲାଇନ୍‌ରେ ଅସାମାଜିକ ବ୍ୟକ୍ତିଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ମଧ୍ୟ ଏ.ଆଇ କ୍ୟାମେରା ବ୍ୟବହାର ହେଉଛି । ଅନ୍ୟ ଜାଗାରେ ବି କ୍ୟାମେରା ଲଗାଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ।

ସୂଚନାଯୋଗ୍ୟ ଯେ ବିଭିନ୍ନ ଅଭୟାରଣ୍ୟରେ ଅପରାଧୀଙ୍କ ଗତିବିଧି ବଢ଼ିବା ଦୃଷ୍ଟିରୁ ବିଜେଡି ସରକାର ଅମଳରେ ଶିମିଳିପାଳ ଅଭୟାରଣ୍ୟ କର୍ମଚାରୀଙ୍କୁ ଅତ୍ୟାଧୁନିକ ବନ୍ଧୁକ ଯୋଗାଇ ଦିଆଯାଇଥିଲା । ସେମାନଙ୍କୁ ବିଜୁ ପଟ୍ଟନାୟକ ପୁଲିସ୍ ଏକାଡେମୀ ଏବଂ ଜିଲ୍ଲାସ୍ତରରେ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଦିଆଯାଇଛି । ଅଭୟାରଣ୍ୟ ବାହାରେ ବନ କର୍ମଚାରୀଙ୍କ ପାଇଁ ବନ୍ଧୁକ କିଣିବା ପାଇଁ ଟେଣ୍ଡର୍ ମଧ୍ୟ ହୋଇଥିଲା । ତେବେ ସରକାର ପରିବର୍ତ୍ତନ ହେବା ପରେ ସେହି ପ୍ରକ୍ରିୟା ଅଟକି ଯାଇଛି ।

# ୬ ଦିନ ପରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଖୋଲିଲା ତାଲା

କଣାସ,୧୭।୧୨(ସମିସ):

ସ୍ୱାସ୍ଥ୍ୟସେବା ବ୍ୟାହତ ନେଇ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇବାର ୬ ଦିନ ପରେ ଉଚ୍ଚସ୍ତରୀୟ ବୈଠକରେ ସମାଧାନ ପରେ ମଙ୍ଗଳବାର ତାଲା ଖୋଲାଯାଇ ସ୍ୱାସ୍ଥ୍ୟସେବା ଆରମ୍ଭ ହୋଇନି। କଣାସ ବ୍ଲକ ଦିବ୍ୟସିଂହପୁର ପଞ୍ଚାୟତର ବୀରକେଶରପୁର ଗ୍ରାମରେ ପ୍ରତିଷ୍ଠିତ ହରଚଣ୍ଡୀ ପ୍ରସାଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ନିୟମିତ ଆସୁ ନ ଥିବା, ମାଗଣାରେ ବିତରଣ ପାଇଁ ଆସୁଥିବା ଔଷଧ ଦିଆଯାଉ ନ ଥିବା ପ୍ରତିବାଦରେ ଗ୍ରାମବାସୀ ୧୨ ତାରିଖରେ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଫାଟକରେ ତାଲା ପକାଇଥିଲେ। ଏପରିକି ଡାକ୍ତରଖାନାରେ ମଦ୍ୟପାନ କରୁଥିବା ଏକ ଫଟୋ ଖବରକାଗଜରେ ଭାଇରାଲ ହେବାରୁ ଗ୍ରାମବାସୀମାନେ ଉତକ୍ଷିପ୍ତ ହୋଇଥିଲେ। ଦୀର୍ଘ ୬ଦିନ ଧରି ସେହି ଅଞ୍ଚଳର ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମଙ୍ଗଳବାର ପୁରୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିରଜାଶଙ୍କର ରଥ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ବେହେରା, ବିଡିଓ ନାରାୟଣ ସାହୁ, ତହସିଲଦାର ହିମାଂଶୁଶେଖର ଗିରି, କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ, ଗଡିଶାଗୋଦା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର, ଦିବ୍ୟସିଂହପୁର ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ଏବଂ କେତେକ ଗ୍ରାମବାସୀ ଉପସ୍ଥିତ ରହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ତାଲା ପଡିବା ସମ୍ପର୍କରେ ଆଲୋଚନା କରିଥିଲେ। ବାରମ୍ବାର ଅଭିଯୋଗ କରୁଥିବା ସତ୍ତ୍ୱେ ସ୍ୱାସ୍ଥ୍ୟ ବିଭାଗର ଉପରିସ୍ଥ ଅଧିକାରୀମାନେ ଶୁଣୁ ନ ଥିବାରୁ ଆଜି ଏପରି ପରିସ୍ଥିତି ସୃଷ୍ଟି ହୋଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ଆଲୋଚନା ମାଧ୍ୟମରେ ସମାଧାନ ହେବାପରେ ଡାକ୍ତରଖାନାର ଗେଟ୍ .ବି ଖୋଲାଯାଇ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ଆରମ୍ଭ ହୋଇଥିଲା।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ଗେଟ୍‌ରେ ତାଳା




କଣାସ,୧୭।୧୨(ସମିସ): କଣାସ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ସ୍ଥାପିତ ବହୁପୁରାତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ଗ୍ରାମବାସୀମାନେ ବାରମ୍ବାର ନୂତନ ଶିକ୍ଷକ ନିଯୁକ୍ତି କରିବା ପାଇଁ ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବି କରି ନିରାଶ ହେବାପରେ ମଙ୍ଗଳବାର ଛାତ୍ର ଅଭିଭାବକମାନେ ତ୍ରିଲୋଚନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗେଟ୍‌ରେ ତାଲା ପକାଇ ବସି ରହିଥିଲେ। ଖବର ପାଇ କଣାସ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ନାରାୟଣ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଧାରଣାରେ ବସିଥିବା ଅଭିଭାବକମାନଙ୍କ ସହିତ ଆଲୋଚନା କରି ଶୀଘ୍ର ନୂତନ ଶିକ୍ଷକ ନିଯୁକ୍ତି କରିବାପାଇଁ ପ୍ରତିଶ୍ରୁତି ଦେବାରୁ ଛାତ୍ର ଅଭିଭାବକମାନେ ଧାରଣାରୁ ଉଠିଥିଲେ। ପ୍ରକାଶଥାଉକି ପ୍ରଥମରୁ ଅଷ୍ଟମ ଶ୍ରେଣୀ ୮ଟି ଶ୍ରେଣୀ ପାଇଁ ୪ଜଣ ଶିକ୍ଷକ କାର୍ଯ୍ୟ କରୁଥିବା ବେଳେ ପ୍ରଧାନଶିକ୍ଷକ ପଦବୀ ଦୀର୍ଘ ଦିନ ହେଲା ଖାଲିପଡିଛି।

# ୨୪ରେ ରାଜ୍ୟସ୍ତରୀୟ ମା’ ଲଙ୍କେଶ୍ୱରୀ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ବଲଙ୍ଗା,୧୭।୧୨(ସମିସ):

ଲଙ୍କେଶ୍ୱରୀ ଫୁଟବଲ କ୍ଲବ ବଲଙ୍ଗା ପକ୍ଷରୁ ରାଜ୍ୟସ୍ତରୀୟ ମା’ ଲଙ୍କେଶ୍ୱରୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ବଲଙ୍ଗା ମିନି ଷ୍ଟାଡିୟମରେ ଆସନ୍ତା ୨୪ତାରିଖରେ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୮ଟି ଦଳ ଅଂଶଗ୍ରହଣ କରିବେ। ଫାଇନାଲ ମ୍ୟାଚ୍ ୩୦ତାରିଖରେ ହେବ। ଉଦଘାଟନୀ ମ୍ୟାଚ୍‌ରେ ଫ୍ରେଣ୍ଡସ ପାରାଡାଇଜ୍ ଜଟଣୀ ଓ ବଜରଙ୍ଗୀ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ। ୨୫ରେ ଆୟୋଜକ ଲଙ୍କେଶ୍ୱରୀ ସ୍ପୋର୍ଟ କ୍ଲବ ବଲଙ୍ଗା ସହିତ ଭଦ୍ରକ ୟୁନାଇଟେଡ଼ ଭଦ୍ରକ,୨୬ରେ ଜଗା ୟୁନାଇଟେଡ ଭୁବନେଶ୍ୱର ଓ ନାଇଜର ୧୧, ୨୭ରେ ୟୁନାଇଟେଡ଼ କ୍ଲବ ଗଣ୍ଡରପୁର ଓ ଭଞ୍ଜନଗର ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ। ୨୮ ଓ ୨୯ ତାରିଖରେ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିଲା ବେଳେ ମଙ୍ଗଳବାର ସନ୍ଧ୍ୟାରେ କ୍ଲବ୍ ପକ୍ଷରୁ ସ୍ପୋର୍ଟ କ୍ଲବ୍ ଗୃହରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କ୍ଲବର ସମ୍ପାଦକ ଶରତ ଚନ୍ଦ୍ର ବିଶ୍ୱାଳ ସମସ୍ତ ସୂଚନା ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି କୃପାସିନ୍ଧୁ ଦତ୍ତ, ତୋଫାନ ପ୍ରଧାନ, ରଜନୀକାନ୍ତ ଶତପଥି, ପ୍ରଦୀପ୍ତ ଘଡ଼େଇ ଓ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅନ୍ତର୍ନିହିତ ପ୍ରତିଭା ବିକାଶ କରେ ପ୍ରତିଯୋଗିତା




କୃଷ୍ଣପ୍ରସାଦ,୧୭।୧୨(ସମିସ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋପୀନାଥ ଦେବ ବିଦ୍ୟାପୀଠ ପରିସରରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ କୃଷ୍ଣପ୍ରସାଦ ଜୋନ ପକ୍ଷରୁ ୪୧ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଅବସର ସମାରିକ ସେନା ଦୀପକ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ବ୍ଲକ ଓଷ୍ଟା ଜୋନ ସଭାପତି କାଶୀନାଥ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ସର୍ବଭାରତୀୟ ଶିକ୍ଷକ ସଙ୍ଘ କୋଷାଧ୍ୟକ୍ଷ ପ୍ରକାଶ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ରାଜ୍ୟ ଓଷ୍ଟା ଉପସଭାପତି ପବିତ୍ର କୁମାର ଦାସ, ପୂର୍ବତନ ସରପଞ୍ଚ ନବୀନ କୁମାର ଜେନା, ଦାମୋଦର ଜେନା, ପ୍ରଧାନଶିକ୍ଷକ ସୀମାଞ୍ଚଳ ସାହୁ, ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ବିଭୂ ନାରାୟଣ ଜେନା, କ୍ରୀଡା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ପ୍ରମୋଦ କୁମାର ସାହୁ, ବ୍ଲକ ଓଷ୍ଟା ଜୋନ ସମ୍ପାଦକ ତଥା ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପ୍ରଧାନଶିକ୍ଷକ ସନାତନ ତରେଇ, କୋଷାଧ୍ୟକ୍ଷ ଶଙ୍କର୍ଷଣ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସାଧୁ ଚରଣ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜିତ ଉତ୍ସବରେ ୪୦୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ଅକ୍ଷୟ କୁମାର ସାମନ୍ତସିଂହାର ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନେ ଟିଆରଡବ୍ଲ୍ୟୁ ବିଦ୍ୟାଳୟ କୋଣାର୍କ ଠାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବରେ ଭାଗ ନେବେ ବୋଲି କୃଷ୍ଣପ୍ରସାଦ ଓଷ୍ଟା ଜୋନ ସଭାପତି କାଶୀନାଥ ଜେନା କହିଛନ୍ତି। ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବ ଶତ୍ରୁତାକୁ ନେଇ ବୋମାମାଡ଼, ଜଣେ ଅଭିଯୁକ୍ତ ଅଟକ

ଗମ୍ଭାରୀପଦା,୧୭।୧୨(ସମିସ): ସୋମବାର ବିଳମ୍ବିତ ରାତ୍ରିରେ ପୁରୀ ଜିଲ୍ଲା କାକଟପୁର ଥାନା ଅନ୍ତର୍ଗତ କଟକଣା ଛକର ଏକ ଚିକେନ କାଉଣ୍ଟର ବ୍ୟବସାୟୀ ଏସ.କେ ସଦ୍ଦାମଙ୍କ ଉପରକୁ ବୋମା ମାଡ ହୋଇଛି। ବୋମା ମାଡରେ ତାଙ୍କ ବାଇକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଗୋଡ଼ରେ ଆଘାତ ଲାଗିଛି। ସେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୂର୍ବ ଶତ୍ରୁତା କାରଣରୁ ସେକ୍ ଜୁନେଦ୍ ଓରଫ ଗୋରା ଦୁଇଟି ବୋମା ତାଙ୍କ ଉପରକୁ ଫିଙ୍ଗିଥିଲା।



ଗୋଟିଏ ବୋମା କାନ୍ଥରେ ବାଜିଥିବା ବେଳେ ଦ୍ୱିତୀୟଟି ସଦାମ୍ ବସିଥିବା ବାଇକ୍ ଉପରେ ପଡିଥିଲା। ଫଳରେ ତାଙ୍କ ଗୋଡ଼ରେ ଗଭୀର କ୍ଷତ ହେବା ସହିତ ବାଇକଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବୋମା ଫିଙ୍ଗିଥିବା ଯୁବକ ସେକ ଜୁନେଦକୁ ପୁଲିସ୍ ଗିରଫ କରିଛି। କଟକଣା ପଞ୍ଚାୟତ ଏକ ଭାଇଚାରାର ଅଞ୍ଚଳ। ଏଠି ଲୋକମାନଙ୍କ ଭିତରେ ଗୋଟେ ନିଆରା ସମ୍ପର୍କ ଆଉ ଶାନ୍ତି ପରିବେଶ ସଦାସର୍ବଦା ବଜାୟ ରହୁଥିବା ବେଳେ ଗତକାଲି ରାତିରେ ଏଭଳି ବୋମାମାଡ଼ ସମ୍ପୂର୍ଣ୍ଣ ଅଞ୍ଚଳକୁ ସ୍ତବ୍ଧ କରିବା ସହ ଗୋଟେ ଭୟର ବାତାବରଣ ସୃଷ୍ଟି କରିଛି। କାକଟପୁର ପୁଲିସ ଜୁନେଦକୁ କାବୁ କରିବାରେ ସଫଳ ହୋଇଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି। ଅପରପକ୍ଷରେ ଜିଲ୍ଲା ଫୋରେନସିକ ସାଇନ୍ସ ଲାବ୍ରୋଟେରୀର ଅଧିକାରୀ ଆଦିତ୍ୟ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ ଆସି ଘଟଣାସ୍ଥଳରେ ଛାନଭିନ କରିଛି।

# ଖାଉଟି ଅଣନିଶ୍ୱାସୀ; ମହଙ୍ଗା ମାଡ଼ ସହ ଓଜନରେ ଠକେଇ

ନୟାହାଟ,୧୭।୧୨ (ସମିସ): ଖାଉଟି ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ଘଟିଥିବା ବେଳେ ଓଜନରେ ଠକେଇ ନେଇ ଖାଉଟି ହନ୍ତସନ୍ତ ହେଉଛନ୍ତି। ଅନ୍ୟ ପକ୍ଷରେ କେତେକ ନାମୀ କମ୍ପାନୀର ଖାଦ୍ୟ ସାମଗ୍ରୀ ପ୍ୟାକେଟରେ ସାମଗ୍ରୀ ପରିମାଣରେ ତାରତମ୍ୟ ପରିଲକ୍ଷିତ ହେଉଛି। ନୟାହାଟ ଅଞ୍ଚଳରେ ଏସବୁ ଯୋଗୁ ଖାଉଟି ଠକାମୀର ଶିକାର ହେଉଛନ୍ତି। କେତକ ଅସାଧୁ ବ୍ୟବସାୟୀ ଗ୍ରାହକଙ୍କୁ ଲୁଟୁଥିବା ଅଭିଯୋଗ ହେଉଛି। ଦୋକାନୀଙ୍କଠାରୁ ଆରମ୍ଭ କରି ଆମିଷ ଦ୍ରବ୍ୟ ଏବଂ ପରିବା ଦୋକାନରେ ଓଜନରେ ଠକେଇ ହେଉଛି। କେତେକ ନିକିତିରେ ଓଜନ କରୁଥିବା ବେଳେ ଆଉ କେତେକ ଡିଜିଟାଲ ମେସିନରେ ଓଜନ କରୁଥିଲେ ହେଁ ଗ୍ରାହକ ଠକେଇର ଶିକାର ହେଉଛନ୍ତି। ନିକିତି ତଳେ ଚୁମ୍ବକ ଲଗାଇ ଓଜନରେ ଠକେଇ କରୁଥିବା ବେଳେ ଆଉ କେତେକ ବ୍ୟବହାର କରୁଥିବା ବଟକରାରେ ମଧ୍ୟ ଆବଶ୍ୟକ ଓଜନଠାରୁ କମ ପାଉଛନ୍ତି। ଏ ଦିଗରେ ମାପ ଓ ଓଜନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ହୃଦ୍‌ଘାତରେ ପୂର୍ବତନ ସରପଞ୍ଚଙ୍କ ପରଲୋକ



ପିପିଲି,୧୭।୧୨(ସମିସ): ପିପିଲି ବ୍ଲକ ସହଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡ଼ି ନେତା କୃଷ୍ଣଚନ୍ଦ୍ର ବସ୍ତିଆ (୬୧) ଙ୍କର ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ସ୍ୱର୍ଗତଃ ବସ୍ତିଆ ୧୯୯୭ ମସିହାରେ ସହଜପୁର ପଞ୍ଚାୟତରେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରେ ସେ ସମିତି ସଭ୍ୟ ହୋଇ ପଞ୍ଚାୟତର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ କରିଥିଲେ। ପିପିଲିର ଦିବଂଗତ ବିଧାୟକ ସ୍ୱର୍ଗତଃ ପ୍ରଦୀପ ମହାରଥୀଙ୍କ ଜଣେ ଘନିଷ୍ଠ ସହଯୋଗୀ ଭାବରେ ସେ ବେଶ ଜଣାଶୁଣା। ନୂତନ ଭାବରେ ସହଜପୁର ପଞ୍ଚାୟତ ଗଠନରେ ଶ୍ରୀ ବସ୍ତିଆଙ୍କର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ତାଙ୍କର ଏହି ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କର ମୃତ୍ୟୁ ଖବର ପାଇ ପିପିଲିର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ବିଜେଡ଼ି ବ୍ଲକ ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ପୁରୀ ଜିଲ୍ଲା ଯୁବ ବିଜେଡ଼ି ସଭାପତି ନାରାୟଣ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଧରଣୀଧର ସାହୁ, କିଶୋର ଛୋଟରାୟ, ଆର୍ତ୍ତବନ୍ଧୁ ସାମନ୍ତରାୟ, ବିଶ୍ୱଜିତ ଦାଶ, ପ୍ରଦୀପ୍ତ ମିଶ୍ର, ଦେବାଶିଷ ନନ୍ଦ, ରଶ୍ମି ରଞ୍ଜନ ଭଞ୍ଜ, କଂଗ୍ରେସ ନେତା ଟୁଟୁ ପରିଡ଼ା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ତାଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏକମାତ୍ର ପୁତ୍ର ସତ୍ୟନାରାୟଣ ବସ୍ତିଆ ମୁଖାଗ୍ନି ଦେଇଥିଲେ।

## ବିଜୁ ଜନତା ଦଳର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂତନ ପରିଚାଳନା କମିଟି ଗଠିତ

କଣାସ,୧୭।୧୨(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ ଅର୍ନ୍ତଗତ ତ୍ରିଲୋଚନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂତନ ପରି.ଳନା କମିଟି ମଙ୍ଗଳବାରଗଠିତହୋଇଛି।ପୂର୍ବତନସମ୍ପାଦିକା ସୌଦାମିନୀ ତ୍ରିପାଠୀଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଆୟୋଜିତ ବୈଠକରେ ଶିକ୍ଷା ବିକାଶ ସମିତି ଓଡିଶା ସଂଭାଗର ସମ୍ପାଦକ ଗିରୀଶ କୁମାର ହାତୀ ଯୋଗଦେଇ ସର୍ବସମ୍ମତି କ୍ରମେ ମନୋନୀତ ପରି.ଳନା କମିଟିର ୯ ଜଣିଆ ସଭ୍ୟସଭ୍ୟା ମାନଙ୍କ ମଧ୍ୟରୁ ମାଧବାନନ୍ଦ ରଣସିଂହ ସଭାପତି, ମୃତ୍ୟୁଞ୍ଜୟ ଦାଶ ଉପସଭାପତି, ପ୍ରଦୀପ କୁମାର ଦାସ ସମ୍ପାଦକ, ବିଚ୍ଛନ୍ଦ ଆ.ର୍ଯ୍ୟ ସହ ସମ୍ପାଦକ, ରମେଶ କୁମାର ରଥ କୋଷାଧ୍ୟକ୍ଷ ରୂପେ ମନୋନୀତ ହୋଇଛନ୍ତି। ରାଧାରାଣୀ ମଙ୍ଗରାଜ ଏବଂ ସୁଜାତା ସେଠୀ ସଭ୍ୟ ରୂପେ ମନୋନୀତ ହୋଇଥିଲେ। ଅନ୍ୟ ଦୁଇ ସଭ୍ୟ ହେଲେ ପ୍ରଧାନଆ.ର୍ଯ୍ୟ ମଧୁସୂଦନ ପାଣି ଓ ଆ.ର୍ଯ୍ୟ ହରିହର ଜେନା ନବ ମନୋନିତ ପରି.ଳନା କମିଟିକୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ସଂସ୍କୃତି ସମ୍ପନ୍ନ ଭଲ ମଣିଷ ଗଢିବାପାଇଁ ବିଦ୍ୟାଳୟ ରୂପକ ଏହି ମନ୍ଦିରରେ ସମସ୍ତେ ସମ୍ମିଳିତ ପ୍ରଚେଷ୍ଟା କରିବାର ଶପଥ ନେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକର୍ମ ଅନୁଷ୍ଠିତ ହୋଇଥିଲା।

# ନିମାପଡା କଲେଜରେ ସୋସିଆଲ ଡିବେଟ୍ କ୍ଲବ ତରଫରୁ ଆଲୋଚନାଚକ୍ର



ନିମାପଡା,୧୭।୧୨(ସମିସ): ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ସୋସିଆଲ ଡିବେଟ କ୍ଲବ ତରଫରୁ ଏକ ସାପ୍ତାହିକ ଆଲୋଚନାଚକ୍ର ଅଧ୍ୟକ୍ଷା ପୁଷ୍ପିତା ରାଜଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବହୁ ଚର୍ଚ୍ଚିତ ଯୁବ ଇଞ୍ଜିନିୟର ଅତୁଲ ସୁବାଷଙ୍କ ଆତ୍ମହତ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ଆଲୋଚନାରେ ଅଧ୍ୟକ୍ଷା ପିଲାମାନଙ୍କୁ ମାନସିକତା ପରିବର୍ତ୍ତନ ଏବଂ ଲିଙ୍ଗଗତ ନିର୍ବିଶେଷରେ ମଣିଷ ମଣିଷ ମଧ୍ୟରେ ଭଲପାଇବା ଦ୍ୱାରା ଏଭଳି ପୀଡ଼ାରୁ ସମାଜ ମୁକ୍ତି ପାଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଛାତ୍ର ଛାତ୍ରୀ ମଧ୍ୟ ଏଭଳି ଘଟଣାର ନିରାକରଣ ସମ୍ପର୍କରେ ମତ ଦେଇ ପୁରୁଷ କମିଶନ ଗଠନ, ଲିଙ୍ଗଗତ ସମାନତା ଆଇନ, ବିବାହ ପୂର୍ବରୁ ଅଧିକାର ଓ କର୍ତ୍ତବ୍ୟକୁ ନେଇ ଆଇନଗତ ଚୁକ୍ତି ଇତ୍ୟାଦି ଉପରେ ମତ ପ୍ରକାଶ କରିଥିଲେ। ଏଥିରେ ପପୁ ରାଉତ, ସାଗର ପ୍ରଧାନ, ସୋନାଲି ପ୍ରଧାନ, ଶର୍ମିଷ୍ଠା ପ୍ରିୟଦର୍ଶିନୀ, ମିତେଶ ପ୍ରଧାନ, ଦେବାଶିଷ ବେହେରା, ରୁଚିସ୍ମିତା ସ୍ୱାଇଁ, ସତ୍ୟଜିତ ମାହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଦିବଙ୍ଗତ ପାଲା କଳାକାରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଡେଲାଙ୍ଗ,୧୭।୧୨(ସମିସ): ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଖେଲାଉର ଗ୍ରାମର ଦିବଙ୍ଗତ ପାଲା ଗାୟକ ପ୍ରଫୁଲ୍ଲ ଚନ୍ଦ୍ର ମହାରଣାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପାଲା ଗାୟକ କାଶୀନାଥ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ବସନ୍ତ କୁମାର ପ୍ରଧାନ, ନାରାୟଣ ମହାରଣା, ହରିହର ସାମନ୍ତରାୟ, ଶରତ ଚନ୍ଦ୍ର ଦାଶ, ସଂକୀର୍ତ୍ତନ ଗାୟକ ନରେନ୍ଦ୍ର ପାଟଶାଣୀ, ଶିକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରବଚକ ଶରତ ଚନ୍ଦ୍ର ରାଉତ, ଅଖଣ୍ଡ ଜିଲ୍ଲା ପାଲା ଗାୟକ ସଭାପତି ଲକ୍ଷ୍ମୀଧର ଦାଶ, ଶ୍ରୀ ଅନନ୍ତ ଗୋପାଳ ଗୁରୁଦାଶ ପାଲା ସମିତି ପକ୍ଷରୁ ପ୍ରମୋଦ କୁମାର ଜେନା ପ୍ରମୁଖ ଯୋଗଦେଇ ଦିବଙ୍ଗତ ପାଲା ଗାୟକ ପ୍ରଫୁଲ୍ଲ ମହାରଣାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସଂକୀର୍ତ୍ତନ, ପାଲା, ଶ୍ରୀମଦ ଭାଗବତ ଗୀତା ପାଠ, ଭାଗବତ ମହାପୁରାଣ ପାଠ କରାଯାଇଥିଲା। ଏହି ଅବସରରେ ଅନନ୍ତ ଗୋପାଳ ଗୁରୁଦାଶ ପାଲା ସମିତିର ଶ୍ରୀ ଜେନାଙ୍କ ପୌରହିତ୍ୟରେ ଚାରା ରୋପଣ କରାଯାଇଥିଲା। ଏହି ସମାବେଶରେ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ପାଲା କଳାକାରମାନେ ଯୋଗ ଦେଇଥିଲେ।

# ତ୍ରିଦିବସୀୟ ବର୍ଣ୍ଣାଳି ଶିବିର ଉଦ୍‌ଯାପିତ

କାକଟପୁର,୧୭।୧୨(ସମିସ): କାକଟପୁର ବ୍ଲକ ଶିକ୍ଷା ବିଭାଗ ଦ୍ୱାରା ଓସେପା ଓ ସମଗ୍ର ଶିକ୍ଷା ଯୋଜନା ପ୍ରଯୋଜିତ ତ୍ରିଦିବସୀୟ ବର୍ଣ୍ଣାଳୀ ଶିବିର ଗତ ୧୪ ତାରିଖରୁ ଆରମ୍ଭ ହୋଇ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ବାଙ୍ଗୁରିଗାଁ ବୀରଭଦ୍ର ବିଦ୍ୟାପୀଠରେ କାକଟପୁର ବ୍ଲକର ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୪୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରି ଲିଙ୍ଗଗତ ସମ୍ବେଦନଶୀଳତାର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ନେଇଥିଲେ। ଉକ୍ତ ଶିବିରରେ ବ୍ରେକ ଥ୍ରୁ ଟ୍ରଷ୍ଟର କର୍ମଚାରୀ ଶୁଭେନ୍ଦୁ ପାତ୍ର ଓ ଅବସରପ୍ରାପ୍ତ ସହଶିକ୍ଷା ଅଧିକାରିଣୀ ସୁଶ୍ରୀ ପଙ୍କଜୀନୀ ଦେଈ ନିରୀକ୍ଷକ ଭାବେ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ସାଧନକର୍ମୀ ଭାବେ ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ଜେନା, ବସନ୍ତ କୁମାର ବେହେରା, ଯୁବ ଶିକ୍ଷକ ଯଜ୍ଞଦତ୍ତ ଦଳାଇ ଓ ରାଜେଶ କୁମାର ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।




# ଚନ୍ଦ୍ରଭାଗା ବେଳାଭୂମି ବିକାଶ ପ୍ରକଳ୍ପରେ ଗଛକଟାକୁ ବିରୋଧ

## ଗଛ ନ କାଟି ଫେରିଗଲେ ୨୦ଶ୍ରମିକ

କୋଣାର୍କ,୧୭ ।୧୨(ସମିସ)

ଚନ୍ଦ୍ରଭାଗା ବେଳାଭୂମି ବିକାଶ ପ୍ରକଳ୍ପ କାର୍ଯ୍ୟ ପାଇଁ ବାଲୁଖଣ୍ଡ-କୋଣାର୍କ ଅଭୟାରଣ୍ୟ ସଂଲଗ୍ନ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ନିର୍ମାଣକାରୀ ସଂସ୍ଥା ମଙ୍ଗଳବାର ଗଛ କାଟୁଥିବା ସମୟରେ ଏହାକୁ କରମଙ୍ଗା-ଶ୍ରୀକଣ୍ଠପୁର ଇକୋ ଡେଭଲପମେଣ୍ଟ କମିଟି (ଇଡିସି) ବିରୋଧ କରିଛି। ନିର୍ମାଣକାରୀ ସଂସ୍ଥା ଓଏଫଡିସି ପକ୍ଷରୁ ୨୦ଜଣ ଶ୍ରମିକଙ୍କୁ ନେଇ ବେଳାଭୂମି ଅଞ୍ଚଳରୁ ଗଛ କାଟିବା ଆରମ୍ଭ ହେବାମାତ୍ରେ କରମଙ୍ଗା-ଶ୍ରୀକଣ୍ଠପୁର ଇଡିସି ସଭାପତି ଭାଗିରଥି ସ୍ୱାଇଁଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ସେଠାରେ ପହଞ୍ଚି ଗଛକଟାକୁ ବିରୋଧ କରିଥିଲେ। ଫଳରେ ଗଛକଟା ବନ୍ଦକରି ୨୦ଜଣ ଶ୍ରମିକ ଫେରି ଯାଇଥିଲେ। ଘଟଣାସ୍ଥଳରେ ମେରାଇନ ଥାନା ଆଇଆଇସି ପ୍ରତିମା ସାହୁ, କୋଣାର୍କ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, ପୂର୍ତ୍ତ ବିଭାଗ ସହକାରୀ



ଯନ୍ତ୍ରୀ ଦିଲ୍ଲୀପ ବିଶ୍ୱାଳ ଓ ଓଏଫଡିସିର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚନ୍ଦ୍ରଭାଗା ବେଳାଭୂମି ଉନ୍ନୟନ ପାଇଁ ୪୬ କୋଟି ବ୍ୟୟ ଅଟକଳ ରହିଛି। ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ପାଦଚଲା ରାସ୍ତା, ସିଟିଂ ବେଞ୍ଚ, ଲନ୍, ଆଲୋକ ବ୍ୟବସ୍ଥା ଆଦି ସୁବିଧା ଉପଲବ୍ଧ ହେବ। ସମୁଦ୍ରକୂଳରେ ଦୁଇରୁ ଅଧିକ ଜେଟି ନିର୍ମାଣ ହେବ। ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଯାନବାହାନ ପାର୍କିଙ୍ଗ ଓ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ। ସନ୍ଧ୍ୟା ସମୟରେ ବେଳାଭୂମିରେ ପର୍ଯ୍ୟଟକମାନେ ଯେପରି ଅଧିକ ସମୟ ବିତାଇବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ଚନ୍ଦ୍ରଭାଗା ସମୁଦ୍ର କୂଳରେ ଥିବା ୭୦ ଗୋଟି ଅସ୍ଥାୟୀ ହସ୍ତଶିଳ୍ପ ବ୍ୟବସାୟ ଦୋକାନ ଓ ୨୪ଟି ସ୍ଥାୟୀ ଦୋକାନ ଗୁଡିକୁ ଉଚ୍ଛେଦ କରାଯିବ। ଉଚ୍ଛେଦ ବ୍ୟବସାୟୀଙ୍କୁ ଜୟଦେବ ବଟିକା ନିକଟରେ ଥଇଥାନ କରାଯିବ। ଚନ୍ଦ୍ରଭାଗା ସୌନ୍ଦର୍ଯ୍ୟକରଣ ପାଇଁ ତୀର୍ଥ ପୁଷ୍କରିଣୀ ନିକଟରୁ ମେରାଇନ ଥାନା ସମ୍ମୁଖ ପର୍ଯ୍ୟନ୍ତ ଏକ କିମି ବେଳାଭୂମିରେ ପ୍ରାୟ ୮୭୫ ଗଛ କଟାଯାଇ ସଂପୃକ୍ତ ଅଞ୍ଚଳରେ ୧୭୦୦ ସଂଖ୍ୟକ ତାଳ, ନଡ଼ିଆ ଓ ଝାଉଁ ଗଛ ଲଗାଯିବ ବୋଲି କହିଛନ୍ତି ପୂର୍ତ୍ତ ଯନ୍ତ୍ରୀ ଦିଲ୍ଲୀପ ବିଶ୍ୱାଳ। ବିକାଶ ପ୍ରକଳ୍ପ କାର୍ଯ୍ୟ ହେଉ, କିନ୍ତୁ ଆଗ ଗଛ ଲଗାଇ ପରେ ଗଛ କଟାଯାଉ ବୋଲି ଇଡିସି ସଭାପତି ଶ୍ରୀ ସ୍ୱାଇଁ କହିଛନ୍ତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ରେବତୀ ବେହେରା
ରେଖା ନିବାସ, ବମିଖାଲ
ତିରୋଧାନ: ୯/୧୨/୨୦୨୪

ଏଇମିତି ଏକ ଡିସେମ୍ବରରେ ଏ ଘରକୁ ଆସିଥିଲ, ପୁଣି ଡିସେମ୍ବର ମାସରେ ଘର ଛାଡ଼ି ଚାଲିଗଲ। ତୁମେ ସମସ୍ତଙ୍କ ମା’ ଲକ୍ଷ୍ମୀ ହୋଇ ରହିଥିଲ, ରହିଥିବ। ତୁମର ସ୍ନେହ, ମମତା ଅପୂରଣୀୟ। ତୁମେ ସବୁବେଳେ ଆମ ହୃଦୟରେ ଥିଲ ଆଉ ରହିଥିବ। ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ପାଦତଳେ ଅଶ୍ରୁଳ ପ୍ରାର୍ଥନା।

ତୁମର ହତଭାଗ୍ୟ ସ୍ୱାମୀ: ଗୌରାଙ୍ଗ
ପୁତ୍ର: ବାବୁନି, ବୁଲୁ, କୁଲୁ, ପୁତ୍ରବଧୂ: ରଶ୍ମି, ଏଲି, ଚୁନି, ଝିଅ: ରୀନା, ଲୀଟା, ଲୀନା
ଜ୍ୱାଇଁ: ତମନ୍ନୁ, ଗଗନ, ସନ୍ତୋଷ, ନାତିନାତୁଣୀ ଓ ଅନ୍ୟମାନେ

୧୭/୧୨/୨୦୨୪ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୦୭,୮୫୬/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୮୮.୧୦୦ ଗ୍ରାମ୍





# ଆଜି ହେବ ଦିବା ପହୁଡ଼



ପୁରୀ,୧୭।୧୨(ସମିସ): ବୁଧବାର ଶ୍ରୀମନ୍ଦିରରେ ଦିବା ପହୁଡ଼ ନୀତି ଅନୁଷ୍ଠିତ ହେବ। ପହିଲି ଭୋଗ ମାସରେ ଦୈନିକ ଦିବା ପହୁଡ଼ ହେବା କଥା। କିନ୍ତୁ ଏହି ମାସରେ ଦର୍ଶନାର୍ଥୀଙ୍କ ଅତ୍ୟଧିକ ଭିଡ଼ ରହିବା ସହିତ ରତ୍ନଭଣ୍ଡାର ଗୃହ ମରାମତି କାର୍ଯ୍ୟ ପାଇଁ ସମୟ ଆବଶ୍ୟକ ହେଉଥିବାରୁ ଦୈନିକ ଦିବା ପହୁଡ଼ କରା ନ ଯାଇ କେବଳ ପରମ୍ପରାର ପ୍ରତୀକ ସ୍ୱରୂପ ଗୋଟିଏ ଦିନ ଦିବାପହୁଡ଼ କରାଯିବାକୁ ଗତ ୧୦ ତାରିଖରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ବୁଧବାର ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ଅପରାହ୍ନ ସାଢେ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦିବା ପହୁଡ଼ ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ପୁରୀ ଆସିବେ ପ୍ରବାସୀ ଭାରତୀୟ

ପୁରୀ,୧୭।୧୨(ସମିସ)



ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଓଡିଶା ଆୟୋଜନ କରୁଛି ୧୮ତମ ପ୍ରବାସୀ ଭାରତୀୟ ଦିବସ। ପ୍ରବାସୀ ଭାରତୀୟମାନେ ଯେପରି ଏକ ସୁଖଦ ଅନୁଭୂତି ନେଇ ଫେରିବେ ଓ ଶୃଙ୍ଖଳିତ ଭାବେ ସେମାନଙ୍କ ତମାମ ଗସ୍ତ ସଫଳ ହେବ ସେଥିପାଇଁ ଆମେ ସମସ୍ତେ ଯତ୍ନବାନ ହେବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପରାମର୍ଶ ଦେଇଛନ୍ତି। ମଙ୍ଗଳବାର ସର୍କିଟ ହାଉସ୍‌ରେ ପ୍ରବାସୀ ଭାରତୀୟମାନଙ୍କୁ ସ୍ୱାଗତ ସହ ସେମାନଙ୍କ ସୁରକ୍ଷିତ ଗସ୍ତ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ପ୍ରବାସୀ ଭାରତୀୟଙ୍କ ସମ୍ମିଳନୀ ଯଦିଓ ଭୁବନେଶ୍ୱରରେ ଆୟୋଜିତ ହେଉଛି କିନ୍ତୁ ସଂଖ୍ୟାଧିକ ପ୍ରବାସୀ ଭାରତୀୟଙ୍କ ପାଇଁ ପୁରୀ ଆକର୍ଷଣର କେନ୍ଦ୍ର ହେବାକୁ ଯାଉଛି। ଅତିଥି ଦେବୋଭବ ର ପରମ୍ପରାକୁ ବଜାୟ ରଖି ଆମେ ସେମାନଙ୍କୁ ସ୍ୱାଗତ ସହ ଏକ ସୁଖଦ ଅନୁଭୂତି ପ୍ରଦାନ ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ରାସ୍ତା ମରାମତି, ସହର ଓ ପର୍ଯ୍ୟଟନସ୍ଥଳ ପରିଷ୍କାର ପରିଚ୍ଛନ୍ନ, ଶୌଚାଳୟ, ଗମନାଗମନ ଓ ପାର୍କିଂ ବ୍ୟବସ୍ଥା, ରାସ୍ତା ଅବରୋଧ କରୁଥିବା ଗାଈଗୋରୁଙ୍କୁ ହଟାଇବା, ଶୃଙ୍ଖଳା ରକ୍ଷା, ଆଲୋକୀକରଣ ଇତ୍ୟାଦି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଥିଲେ।

ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ପାଇଁ ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଥିଲେ। ପ୍ରବାସୀ ଭାରତୀୟ ଅତିଥିମାନଙ୍କୁ ଓଡ଼ିଆ ପରମ୍ପରା ଅନୁସାରେ ସ୍ୱାଗତ କରାଯିବ। ସେମାନଙ୍କ ଭ୍ରମଣ ସମୟରେ ଶୃଙ୍ଖଳା ରକ୍ଷା, ଟ୍ରାଫିକ, ପାର୍କିଂ, ଶୌଚାଳୟ, ସ୍ୱଚ୍ଛତା ଇତ୍ୟାଦି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଓ ଏସ୍‌ପି ବିନୀତ ଅଗ୍ରୱାଲ ସୂଚନା ଦେଇଥିଲେ। ପ୍ରବାସୀ ଭାରତୀୟଙ୍କ ସହଯୋଗ ପାଇଁ ଓଟିଡିସି ପକ୍ଷରୁ ସହାୟତା କେନ୍ଦ୍ର ସହ ନିୟନ୍ତ୍ରଣ କକ୍ଷ, ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଉଛି। ସେହି ସମୟରେ ମଧ୍ୟ ବିଚ୍ ଫେଷ୍ଟିଭାଲ ଆୟୋଜନ କରାଯାଉଛି। ଏଥିସହ ପଲ୍ଲିଶ୍ରୀ ମେଳା, ଫୁଡ୍ ଫେଷ୍ଟିଭାଲ, ବିଚ ସ୍ପୋର୍ଟ୍ସ, ମ୍ୟାଜିକ ଶୋ, ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନକୁ ସାମିଲ କରାଯାଉଛି ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ୫୧ଟି ହୋଟେଲରେ ସୁଟ ପ୍ରବାସୀ ଭାରତୀୟଙ୍କ ପାଇଁ ରଖାଯାଇଛି ବୋଲି ସୂଚନା ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ସାଂସଦଙ୍କ ପ୍ରତିନିଧି ପ୍ରମୁଖ ଯୋଗଦେଇ ବିବିଧ ପରାମର୍ଶ ଓ ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

- ସ୍ୱାଗତର ସମୀକ୍ଷା କଲେ ଉପ ମୁଖ୍ୟମନ୍ତ୍ରୀ
- ସବୁ ବିଭାଗ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ

# ପଲିଟେକ୍‌ନିକ୍‌ର ପଲିଫେଷ୍ଟ ଉଦ୍‌ଘାଟିତ



ପୁରୀ,୧୭।୧୨(ସମିସ): ବ୍ରହ୍ମଗିରି ବ୍ଲକ ପଲଙ୍କ ହାଇସ୍କୁଲ ଖେଳ ପଡିଆରେ ମଙ୍ଗଳବାର ପଲିଫେଷ୍ଟ-୨୦୨୪ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପୁରୀ ଏବଂ ନୟାଗଡ଼ ଜିଲ୍ଲାର ପଲିଟେକ୍ନିକ କଲେଜ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗୀମାନେ ୧୦୦, ୨୦୦, ୪୦୦ ମିଟର ଦୌଡ, ଲଙ୍ଗଜମ୍ପ, ହାଇ ଜମ୍ପ, ସଟ୍‌ପୁଟ, ଡିସ୍‌କସ ଓ ଜାଭେଲିନ୍ ଥ୍ରୋ, ଭଲି ବଲ, ସାଂସ୍କୃତିକ କାର୍ଯ୍ୟକ୍ରମ ବକ୍ତୃତା, ନୃତ୍ୟ, କୁଇଜ୍, ଚିତ୍ରକଳା ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ଶରତ ଚନ୍ଦ୍ର ଦଳାଇ, ମୋଟ ପଲିଟେକ୍‌ନିକ କଲେଜ ଅଧ୍ୟକ୍ଷ ବିଭୁତି ଭୂଷଣ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାକୁ ରାମଚନ୍ଦ୍ର ସାହୁ ଏବଂ ତାଙ୍କ ସହଯୋଗୀମାନେ ପରିଚାଳନା କରୁଛନ୍ତି। ସରକାରୀ ପଲିଟେକ୍ନିକ ପୁରୀର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ସହକର୍ମୀମାନେ ଅଂଶଗ୍ରହଣ କରିଥିଲେ। ପଲଙ୍କ ହାଇସ୍କୁଲର ପ୍ରଧାନଶିକ୍ଷକ ଏବଂ ଅନ୍ୟ ଶିକ୍ଷକମାନେ ଏଥିରେ ସାମିଲ ହୋଇଥିଲେ। ଏହି ପଲିଫେଷ୍ଟ ତିନିଦିନ ଧରି ଅନୁଷ୍ଠିତ ହେବ ବୋଲି କଲେଜ ଅଧ୍ୟକ୍ଷ କହିଛନ୍ତି। ପ୍ରତ୍ୟେକ ବିଭାଗରେ ଉପକୃତ ହେଉଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ମାନପତ୍ର ଦେଇ ଉତ୍ସାହିତ କରୁଛନ୍ତି।

# ବିଶ୍ୱମ୍ଭର ବିଦ୍ୟାପୀଠରେ ପ୍ରତିଭା ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ

ପୁରୀ,୧୭।୧୨(ସମିସ)



ବିଶ୍ୱମ୍ବର ବିଦ୍ୟାପୀଠ ପରିସରରେ ଇଣ୍ଟିଗ୍ରିଟ କ୍ଲବ ପକ୍ଷରୁ ବିଦ୍ୟାଳୟର ପ୍ରତିଭା ସମ୍ମାନ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଘୁନାଥ ମହାପାତ୍ର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କ୍ଲବର ଉପଦେଷ୍ଟା ଧ୍ରୁବ ଚରଣ କର ଅତିଥି ପରିଚୟ ପ୍ରଦାନ ସହ କ୍ଲବ ଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କ୍ଲବର ସମ୍ପାଦକ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭଶ୍ରୀ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରଘୁନାଥ ଦାସ, ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ଦାସ, ଚନ୍ଦ୍ରଶେଖର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ବାବାଜୀ ଚରଣ ମହାନ୍ତି, ପ୍ରାକ୍ତନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସ, ପ୍ରାକ୍ତନ ଶିକ୍ଷୟିତ୍ରୀ ପଦ୍ମିନୀ ଦାଶ, ବିଜ୍ଞାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାୟଗୁରୁ, ସ୍ମିତା ବାନାର୍ଜୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କ୍ଲବ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ର ଅଭିଜ୍ଞାନ ଦଳେଇ ଓ ଛାତ୍ରୀ ତାନୀୟା ପ୍ରିୟଦର୍ଶିନୀଙ୍କୁ ୧ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପରିଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସୁରେଶ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବାନାମ୍ବର ପାଠାଗାରର ପ୍ରତିଷ୍ଠା ଦିବସ

ପୁରୀ,୧୭।୧୨(ସମିସ): ପୁରୀ ସହରର ଉପର ମାଳିସାହି ଠାରେ ବାନାମ୍ବର ପାଠାଗାର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପ୍ରଫେସର ପ୍ରମୋଦ କୁମାର ପଣ୍ଡା, ଅନ୍ୟତମ ଅତିଥି ଭାବେ ବିଶିଷ୍ଟ କବି ବିପିନ ଦଳାଇ ଯୋଗ ଦେଇଥିଲେ। ପାଠାଗାରର ପୃଷ୍ଠପୋଷକ ଜ୍ୟୋତିଷ ସମ୍ରାଟ ଡ. ମିନକେତନ ପଟ୍ଟଯୋଶୀ ପାଠାଗାର ପ୍ରତିଷ୍ଠାର ଉଦ୍ଦେଶ୍ୟ ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରିଥିବା ବେଳେ ମୁଖ୍ୟଅତିଥି ପ୍ରଫେସର ପଣ୍ଡା ପାଠାଗାରଟି ନୂତନ ପାଠକ ତିଆରି କରିବାରେ ସହାୟକ ହେବା ସହ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଶ୍ରୀ ଦଳାଇ ଆଜିର ଯୁଗରେ ମଣିଷ ବହିଠାରୁ ଦୂରେଇ ଯାଉଥିବା ବେଳେ ଶ୍ରୀ ପଟ୍ଟଯୋଶୀଙ୍କର ଏଭଳି ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ପ୍ରତିଷ୍ଠା ଉତ୍ସବରେ ଅଧ୍ୟାପିକା ସୁଚିସ୍ମିତା ମହାନ୍ତି, ରଜନୀକାନ୍ତ ପରିଡା ସହ ସାହିର ଶତାଧିକ ଲୋକ ଯୋଗଦେଇଥିଲେ।

# ସାଇ ସ୍ମାର୍ଟ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ପୁରୀ,୧୭।୧୨(ସମିସ): ପୁରୀ କୋଣାର୍କ ବେଳାଭୂମି ମାର୍ଗସ୍ଥିତ ସାଇ ସ୍ମାର୍ଟ ସ୍କୁଲର ଦୁଇଦିନିଆ ତୃତୀୟ ବାର୍ଷିକ କ୍ରୀଡା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ସରିତା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୁରୀ ସଦର ମଣ୍ଡଳ ଶିକ୍ଷାଧିକାରୀ ପ୍ରମୋଦ କର ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ସହିତ ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠିତ କ୍ରୀଡା ମାଧ୍ୟମରେ ସହଜ ହୋଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ସତ୍ୟବାଦୀ ପଞ୍ଚାୟତ ସମିତିର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସଲିଲ କୁମାର ଦାଶ, ଫାର୍ମାସୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନିମା ଦାଶ, ସମ୍ପାଦିକା ସୁଶ୍ରୀ ପ୍ରିୟଦର୍ଶିନୀ ପାଣି, ପେଣ୍ଟକଟା ସାମୁଦ୍ରିକ ଥାନାଧିକାରୀ ବବିତା ଦଳେଇ ପ୍ରମୁଖ ଯୋଗଦେଇ ଶୃଙ୍ଖଳା ଓ ସହନଶୀଳତା ହେଉଛି ଆଦର୍ଶ କ୍ରୀଡାବିତର ଲକ୍ଷଣ ବୋଲି କହିଥିଲେ। ଉତ୍ସବକୁ ଶିକ୍ଷୟିତ୍ରୀ ସିପ୍ରା ଚାଟାର୍ଜୀ ସଞ୍ଚାଳନ କରିଥିବା ବେଳେ ଶିକ୍ଷୟିତ୍ରୀ ନମ୍ରତା ରଥ, ସ୍ୱପ୍ନା ଦାଶ, ମଧୁସ୍ମିତା ଓଝା, ଲୋପାମୁଦ୍ରା ମହାପାତ୍ର, ଶୁଲେଖା ତ୍ରିପାଠୀ, ଶୁଲିପ୍ତା ମହାପାତ୍ର, ଇଂ. ଆଶିଷ କୁମାର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରୁ ସଫଳ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଲୋପାମୁଦ୍ରା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



ପୁରୀ,୧୭।୧୨(ସମିସ)

କୃଷି ଆମ ଦେଶର ଆତ୍ମା ସଦୃଶ୍ୟ। କୃଷକର ଉନ୍ନତି ହିଁ କୃଷିର ଉନ୍ନତି। କୃଷି ଓ କୃଷକର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ। ମଙ୍ଗଳବାର ଶରଧାବାଲିଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ପାଞ୍ଚଦିନିଆ ପୁରୀ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଶ୍ରୀ ପଟ୍ଟନାୟକ କୃଷକମାନେ ଆଧୁନିକ କୃଷି ପ୍ରଣାଳୀ ସହ କୃଷି ଯନ୍ତ୍ରପାତିର ଉପଯୋଗ ତଥା ସମନ୍ୱିତ ପ୍ରକ୍ରିୟାରେ ଚାଷ କରି ଅଧିକ ଲାଭବାନ ହେବାକୁ ଆହ୍ୱାନ ଦେଇଥିଲେ।

ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପୁରୀ ଜିଲ୍ଲାରେ କୃଷିକୁ ଆଧାର କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ଅଧିକ। କିନ୍ତୁ ପ୍ରାକୃତିକ ବିପର୍ଯ୍ୟୟ ଆମକୁ କଷ୍ଟ ଦିଏ। ଆଧୁନିକ ଯନ୍ତ୍ରପାତିର ବ୍ୟବହାର ଆମ କୃଷିକୁ ଅଧିକ ଋଦ୍ଧିମନ୍ତ କରିବ ବୋଲି କହିଥିଲେ। ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି କୃଷି ଯନ୍ତ୍ରପାତିର ଭରପୁର ସୁବିଧା କୃଷକ ବନ୍ଧୁମାନଙ୍କ ନିକଟରେ ପହଞ୍ଚାଇବାକୁ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। କୃଷି ଯନ୍ତ୍ରପାତି ଉପଯୋଗର ଭିଡିଓ କୃଷକଙ୍କ ନିକଟରେ ଉପଲବ୍ଧ କରାଇବା ସହ ପଞ୍ଚାୟତ ସ୍ତରରେ କୃଷି ଯନ୍ତ୍ରପାତି ମେଳା ଆୟୋଜନ ପାଇଁ ଅନୁରୋଧ କରିଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଜନା ଓ ସହଯୋଗ ଚାଷୀମାନଙ୍କ ନିକଟରେ ପହଞ୍ଚାଇବାକୁ ବିଭାଗର ପ୍ରତ୍ୟେକ ଅଧିକାରୀ କର୍ମଚାରୀ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟର ମୁଖ୍ୟଯନ୍ତ୍ରୀ ମୁକ୍ତିକାନ୍ତ ମହାପାତ୍ର କୃଷି ଯନ୍ତ୍ରପାତି ପାଇଁ ରିହାତି ଦିଆଯାଉଛି। ଚଳିତ ବର୍ଷ କୃଷି ଯନ୍ତ୍ରପାତି ବିକ୍ରୟର ଧାର୍ଯ୍ୟ ଲକ୍ଷ୍ୟ ୨୫୫ ପ୍ରକଳ୍ପ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୧୦ଟି ପ୍ରକଳ୍ପ ପୂରଣ ହୋଇ ୮ କୋଟି ୪୦ ଲକ୍ଷ ଟଙ୍କା ସବ୍‌ସିଡ ଦିଆଯାଇଛି। ୯୬୦ ଜଣ ଚାଷୀ ୪ କୋଟି ୫୫ ଲକ୍ଷ ଟଙ୍କାର ସବ୍‌ସିଡ ପାଇଛନ୍ତି। ସେହିପରି ୨୬୦ ସ୍ୱୟଂ ସହାୟକ ଗୋଷ୍ଠୀ ୧ କୋଟି ୬୬ ଲକ୍ଷ ଟଙ୍କାର ସବ୍‌ସିଡ ପାଇଛନ୍ତି ବୋଲି ସେ କହିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ନିର୍ବାହୀ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ପରିଡା ଧନ୍ୟବାଦ ଦେଇଥିଲେ।

ଏହି ମେଳାରେ ବିଭିନ୍ନ ଆଧୁନିକ ଯନ୍ତ୍ରପାତିର ପ୍ରଦର୍ଶନ, ତାହାର ଉପଯୋଗ ଓ ଆଗ୍ରହୀ କୃଷକମାନଙ୍କୁ ବିକ୍ରୟର ବ୍ୟବସ୍ଥା କରାଯାଇଛି। ମେଳାରେ ପ୍ରାୟ ୪୫ଟି ଷ୍ଟଲ ହେବା ସହ କୃଷକଙ୍କ ସହ ଆଲୋଚନାଚକ୍ର, ସେମାନଙ୍କ ସମସ୍ୟା, ଆବଶ୍ୟକତା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯିବା ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ କୃଷି କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦେଇଥିଲେ।







## ବନ କର୍ମଚାରୀଙ୍କୁ ମାଫିଆଙ୍କ ଆକ୍ରମଣ ଘଟଣା

# ମରଣମୁହଁରୁ ୨୧ ଜୀବନ ଛଡ଼ାଇ ଆଣିଲେ ବୁଲୁ



**ମୁନିଗୁଡ଼ା,୧୭ ।୧୨(ସମିସ):** ଖସିବାର ବାଟ ନଥିଲା । ଟାଙ୍ଗିଆ, କଟୁରି, ବନ୍ଧୁକ ଭଳି ମାରଣାସ୍ତ୍ର ଧରି ଚାରିଆଡ଼ୁ ଘେରିଯାଇଥିଲେ ମାଫିଆ । ସେମାନଙ୍କୁ ମୁକାବିଲା କରିବା ପାଇଁ ବନ୍ଧୁକ ତ ଦୂରର କଥା, ପାଖରେ ବାଡ଼ିଟିଏ ବି ନଥିଲା । ଏଭଳି ସ୍ଥିତିରେ ଜଣେ ବନ କର୍ମଚାରୀଙ୍କ ସାହସିକତା ଓ ଉପସ୍ଥିତ ବୁଦ୍ଧି ଯୋଗୁଁ ୨୧ଟି ଜୀବନ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତିଯାଇଛି । ଗତ ଶନିବାର ରାତିରେ ରାୟଗଡ଼ା ବନଖଣ୍ଡ ମୁନିଗୁଡ଼ା ରେଞ୍ଜ ଅଧୀନ ଜାରପା ଗାଁରେ ବନ ଅଧିକାରୀଙ୍କୁ ରକ୍ତମୁଖା ହାତୀଦାନ୍ତ ମାଫିଆମାନେ ଆକ୍ରମଣ କରିବା ଘଟଣାରେ ଏପରି ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ହାତୀ ସ୍କ୍ୱାଡ୍‌ର କର୍ମଚାରୀ ପୀତାମ୍ବର ଗୌଡ଼ (ବୁଲୁ) ନିଜ ଜୀବନକୁ ବାଜି ଲଗାଇ ମରଣମୁହଁରୁ ୨୧ଟି ଜୀବନ ଟାଣି ଆଣିଛନ୍ତି । ବୁଲୁଙ୍କ ଏପରି ସାହାସିକତାକୁ ଉପରିସ୍ଥ ଅଧିକାରୀ ଓ ଅଞ୍ଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି ।

ମିଳିଥିବା ସୂଚନାନୁଯାୟୀ, ଗତ ଶନିବାର ରାୟଗଡ଼ା ବନଖଣ୍ଡ ମୁନିଗୁଡ଼ା ରେଞ୍ଜ ଅଧୀନ ଭୂରୁସିଖମାର ଛକ ନିକଟରେ ମାଫିଆ ଓ ବେପାରୀଙ୍କ ମଧ୍ୟରେ ଡିଲ୍ ଚାଲିଥିବା ବେଳେ ମୁନିଗୁଡ଼ା ବନ ବିଭାଗ ୫ଜଣ ମାଫିଆଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ୨ଟି ହାତୀଦାନ୍ତ ଜବତ କରିଥିଲା । ତେବେ ଏହି ଘଟଣାର ଅଧିକ ତଦନ୍ତ କରି ବନ ବିଭାଗ ଶିବପଦର ପଞ୍ଚାୟତ ଜାରପା ଗ୍ରାମରେ ପହଞ୍ଚି ଯାଇଥିଲା । ସେତେବେଳକୁ ରାତିପ୍ରାୟ ହୋଇଆସିଥିଲା । ଛତିଶଗଡ଼, କଳାହାଣ୍ଡି ସାଉଥ୍ ଓ ରାୟଗଡ଼ା ବନ ବିଭାଗ ଟିମ୍‌ର ତିନୋଟି ଗାଡ଼ିରେ ୨୧ଜଣ ବନ କର୍ମଚାରୀ ଓ ଅଧିକାରୀ ଜାରପା ଗାଁରେ ପହଞ୍ଚିଥିଲେ । କିନ୍ତୁ ସେମାନଙ୍କୁ ଦେଖି ମାଫିଆମାନେ ବନବିଭାଗ ଗାଡ଼ିଗୁଡ଼ିକୁ ଚାରିଆଡ଼ୁ ଘେରି ଯାଇଥିଲେ । ଜଣେ ଦୁର୍ବୃତ୍ତ ସବା ଆଗରେ ଥିବା ଗାଡ଼ି ଆଗରେ ଠିଆ ହୋଇ ଏକ ଅଟୋମେଟିକ୍ ବନ୍ଧୁକରୁ ଗୁଳି ଚଳାଇଥିଲା । ପ୍ରଥମ ଗୁଳିରେ ଗାଡ଼ିର କାଚ ଭାଙ୍ଗିଯାଇଥିଲା । କିନ୍ତୁ ଏପରି ସଂକଟାପନ୍ନ ସ୍ଥିତିରେ ସେହି ଗାଡ଼ିଚାଳକ ବୁଲୁ ସାହସିକତାର ପରିଚୟ ଦେଇ ମୁଣ୍ଡକୁ ତଳକୁ ପୋତି ଷ୍ଟିୟରିଂ ମୋଡ଼ି ଗାଡ଼ି ଆଗକୁ ନେଇଯାଇଥିଲେ । ଫଳରେ ଗୁଳି ଚଳାଉଥିବା ମାଫିଆର ଲକ୍ଷ୍ୟଭ୍ରଷ୍ଟ ହୋଇଯାଇଥିଲା ଏବଂ ବାକି ୩ ରାଉଣ୍ଡ ଗୁଳି ଗାଡ଼ିକୁ ଛୁଇଁ ଚାଲିଯାଇଥିଲା । ଗାଡ଼ି ମାଡ଼ିଯିବା ଭୟରେ ବି ମାଫିଆଜଣଙ୍କ ଇତସ୍ତତଃ ହୋଇ ରାସ୍ତାକଡ଼କୁ ପଳାଇଥିଲା । ଏହି ସୁଯୋଗରେ ବାକି ଦୁଇ ଗାଡ଼ି ଚାଳକ ମଧ୍ୟ ଦ୍ରୁତ ଗତିରେ ଗାଡ଼ି ଚଳାଇ ସେଠାରୁ ଫେରାର୍ ହେବାରେ ସକ୍ଷମ ହୋଇଥିଲେ । ପଛପଟୁ ମାଫିଆମାନେ ଟାଙ୍ଗିଆରେ ଆକ୍ରମଣ କରିଥିଲେ ହେଁ ଚୋଟଗୁଡ଼ିକ ଗାଡ଼ିରେ ବାଜିଥିଲା ।

ଏନେଇ ବନବିଭାଗର କିଛି କର୍ମଚାରୀ କହିଛନ୍ତି ଯେ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଯୋଗାଉଥିବା ବନ କର୍ମଚାରୀ ଏବେ ଅସୁରକ୍ଷିତ । ରାଜ୍ୟ ସରକାରଙ୍କ ପକ୍ଷରୁ ବନ କର୍ମଚାରୀଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା କରାଯାଇନାହିଁ । ଜଙ୍ଗଲ ମାଫିଆ ଓ ଅପରାଧୀମାନେ ବନ୍ଧୁକ ଧରିଥିବା ବେଳେ ବନ କର୍ମଚାରୀମାନେ ଖାଲି ହାତରେ ଯାଉଛନ୍ତି । ତେବେ ଜାରପା ଗାଁରେ ଯାହା ଘଟିଲା, ତାହା ଆଗରୁ କେବେ ଏମିତି ଘଟି ନଥିଲା । ଏହି ଘଟଣା ମନରେ ଭୟ ଓ ସଂଶୟ ସୃଷ୍ଟି କରିଛି । ମାଫିଆ, ଶିକାରୀଙ୍କୁ ସାବାଡ୍ କରିବା ପାଇଁ ସରକାର ବନ ବିଭାଗକୁ ଆହୁରି ସଶକ୍ତ କରନ୍ତୁ ବୋଲି ସେମାନେ କହିଛନ୍ତି ।

## ସେକ୍ସନ୍ ଅଫିସରଙ୍କୁ ମାଡ଼ି ବସିଲା ଭିଜିଲାନ୍ସ



**ନବରଙ୍ଗପୁର/ପାପଡ଼ାହାଣ୍ଡି, ୧୭।୧୨(ସମିସ):** ଭିଜିଲାନ୍ସ ଜାଲରେ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ୍ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ସେକ୍ସନ୍ ଅଫିସର୍ ରଞ୍ଜିତ କୁମାର ଷଡ଼ଙ୍ଗୀ । ପେନସନ୍ କରାଇଦେବା ପାଇଁ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ଆଜି ସେ ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ନବରଙ୍ଗପୁର ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଛି । ସୂଚନାନୁଯାୟୀ, ରାମଚନ୍ଦ୍ର ସାହୁ ନାମକ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ଫାଇନଲ ପେନସନ୍ କରାଇଦେବା ପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ ରଞ୍ଜିତ । ରାମଚନ୍ଦ୍ର ଏ ସଂପର୍କରେ ଭିଜିଲାନ୍ସର ଦ୍ୱାରସ୍ଥ ହେବାରୁ ତାଙ୍କୁ ଧରିବା ପାଇଁ ଜାଲ ବିଛାଯାଇଥିଲା । ଆଜି ରାମଚନ୍ଦ୍ର ଅଫିସ୍ ଭିତରେ ରଞ୍ଜିତଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ । ପରେ ରଞ୍ଜିତଙ୍କର ନବରଙ୍ଗପୁର ସହର ରାଜୁ ସାହିସ୍ଥିତ ଘରେ ଭିଜିଲାନ୍ସ ଚଢ଼ଉ କରିଥିଲା । ଆଜିର ଏହି ଚଢ଼ଉରେ ଭିଜିଲାନ୍ସ ଡିଏସ୍‌ପି ଜୟଶ୍ରୀ ପ୍ରଧାନ, ଅତିରିକ୍ତ ଏସ୍‌ପି ଅରୁଣ କୁମାର ନାୟକଙ୍କ ସମେତ ଇନ୍ସପେକ୍ଟର ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

**ପେନସନ୍ କରେଇବାକୁ ନେଉଥିଲେ ୧୦ ହଜାର ଲାଞ୍ଚ**

## ଚିନ୍ତା ବଢ଼ାଇଲେଣି ଜିନତ୍, ଯମୁନା

**ବାରିପଦା, ୧୭।୧୨(ସମିସ):** ଶିମିଳିପାଳରୁ ଫେରାର୍ ଦୁଇ ବାଘୁଣୀ ଜିନତ୍ ଓ ଯମୁନା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସ୍‌ଟିଆର୍) ଟିମ୍‌ର ଚିନ୍ତା ବଢ଼ାଇବାରେ ଲାଗିଛନ୍ତି । ୧୦ ଦିନ ହେଲା ଜିନତ୍ ଝାଡ଼ଖଣ୍ଡ ରାଜାବସା ଓ ଚିଆବାନ୍ଧି ଜଙ୍ଗଲରେ ଡେରା ପକାଇଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି । ତାକୁ ଟ୍ରାଙ୍କୁଲାଇଜ୍ କରିବା ପାଇଁ ଉଦ୍ୟମ କରି ବନ ବିଭାଗ ବାରମ୍ବାର ବିଫଳ ହେଉଛି । ଅପରପକ୍ଷେ, ୧୦ ଦିନ ହେଲା ସେ ଭୋକିଲା ଥିବାରୁ ଖାଦ୍ୟ ଅନ୍ୱେଷଣରେ ଏବେ ଜନବସତିମୁହାଁ ହେବାକୁ ଚେଷ୍ଟା କଲାଣି । ଆଜି ଜିନତ ଏକ ଗୋଠରୁ ଗୋଟିଏ ବଳଦକୁ ଶିକାର କରିଥିଲା । ଖବର ପାଇ ବନ ବିଭାଗ କର୍ମଚାରୀ ସେଠାରେ ପହଞ୍ଚିଥିଲେ । କିନ୍ତୁ ଟ୍ରାଙ୍କୁଲାଇଜ୍ ଭୟରେ ଜିନତ ବଳଦକୁ ନ ଖାଇ ପୁଣି ରଜାବସା ଜଙ୍ଗଲରୁ ଚିଆବାନ୍ଧି ଜଙ୍ଗଲକୁ ପଳାଇଛି । ଏହାକୁ ନେଇ ଜଙ୍ଗଲ ସନ୍ନିକଟ ଗ୍ରାମଗୁଡ଼ିକରେ ବାଘ ଆତଙ୍କ ନେଇ ଜନ ଅସନ୍ତୋଷ ତେଜିବା ଆରମ୍ଭ ହୋଇଛି । ଏପରିକି, ଗାଁଗୁଡିକରେ ଥିବା ଅଙ୍ଗନବାଡି କେନ୍ଦ୍ରଗୁଡ଼ିକ ବନ୍ଦ ରହିଛି । ବାଘ ଭୟରେ ଲୋକେ ଘରୁ ବାହାରିପାରୁନାହାନ୍ତି । ସେହିପରି ଝାଡ଼ଖଣ୍ଡର ଦୁଇ ଜଙ୍ଗଲରେ ଜିନତ୍ ଚଳପ୍ରଚଳ କରୁଥିବାରୁ ବେଳେ ତାକୁ ଟ୍ରାକିଂ କରିବା ସବୁବେଳେ ସମ୍ଭବ ହୋଇପାରୁନାହିଁ । ଫଳରେ ବାଘର ଗତିବିଧି ନୀରିକ୍ଷଣରେ ଏସ୍‌ଟିଆର କର୍ମଚାରୀ ନୟାନ୍ତ ହୋଇପଡ଼ିଲେଣି ।

ଅପରପକ୍ଷେ, ଜଙ୍ଗଲରେ ହାତୀଦଳ ଚଳପ୍ରଚଳ କରୁଥିବାରୁ ସେଠାକାର ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି । ଶିମିଳିପାଳ ଓ ଝାଡ଼ଖଣ୍ଡ ଜଙ୍ଗଲରେ ହାତୀକୁ ଦେଖି ସମ୍ଭବତଃ ଉଭୟ ବାଘୁଣୀ ଭୟାତୁର ହୋଇ ଜଙ୍ଗଲ ଛାଡିଥିବା ନେଇ ପରିବେଶବିତ୍ ସଂଯୁକ୍ତ ବସା ପ୍ରକାଶ କରିଛନ୍ତି । ଶିମିଳିପାଳ ସହ ଖାପ ଖୁଆଇବାକୁ ଦୁଇ ବାଘୁଣୀ ସକ୍ଷମ ହୋଇପାରି ନ ଥିବାରୁ ଅଭୟାରଣ୍ୟ ଛାଡ଼ି ଅନ୍ୟ ଜଙ୍ଗଲରେ ନିଜର ବାସ ଅଞ୍ଚଳ ପ୍ରସ୍ତୁତ କରିବାରେ ଲାଗିଛନ୍ତି ବୋଲି ସେ କହିଛନ୍ତି ।



- ଗୋଠରୁ ବଳଦ ଶିକାର କଲା ଜିନତ
- ଟ୍ରାଙ୍କୁଲାଇଜ୍ ଭୟରେ ନ ଖାଇ ଦୌଡ଼ି ପଳାଇଲା
- ଖୁବଶୀଘ୍ର ଶିମିଳିପାଳ ଫେରିବ ଯମୁନା: ପିସିସିଏଫ୍

ଅପରପକ୍ଷରେ ଯମୁନା କୁଲଡିହା ଅଭୟାରଣ୍ୟରେ ସୁରକ୍ଷିତ ଅଛି । ଖୁବ୍‌ଶୀଘ୍ର ସେ ଶିମିଳିପାଳ ଫେରିବ ବୋଲି ପିସିସିଏଫ୍ ପ୍ରେମ କୁମାର ଝା କହିଛନ୍ତି । ଶିମିଳିପାଳ ଓ କୁଲଡିହା ଅଭୟାରଣ୍ୟ ସୀମା ଲାଗି ଥିବାରୁ ବିଚରଣ ସମୟରେ ଯମୁନା ସେଠାରେ ପହଞ୍ଚିଛି । ପୁଣି ସେ ଯାଇଥିବା ରାସ୍ତାରେ ଫେରି ଆସିବ ଏବଂ ଏସଟିଆର୍ ଟିମ୍ ତା' ସହ ରହିଛନ୍ତି ବୋଲି ଶ୍ରୀ ଝା କହିଛନ୍ତି ।

■ ଅଡିଟ ପାଇଁ ନଥିପତ୍ର ଦାଖଲ କଲେନି

## ଦୁଇ ପିଇଓଙ୍କ ଦରମା ବନ୍ଦ ସୁପାରିସ୍

**କଲମପୁର, ୧୭ ।୧୨(ସମିସ):** ଅଡିଟ୍ ସମୟରେ ନଥିପତ୍ର ଦାଖଲ ନ କରିବା ଦୁଇଜଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ମହଙ୍ଗା ପଡ଼ିଛି । ସେମାନଙ୍କ ଦରମା ବନ୍ଦ କରିବାକୁ ସୁପାରିସ୍ କରାଯାଇଛି । ସୂଚନାନୁସାରେ, କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ୍ ଅନ୍ତର୍ଗତ ୧୧ଟି ପଞ୍ଚାୟତ ମଧ୍ୟରୁ ଦେପୁର ଓ ପଣ୍ଡିଗାଁ ପଞ୍ଚାୟତ ନିମନ୍ତେ ଜଣେ ଏବଂ କୋଟା ଗାଁ ନିମନ୍ତେ ଅନ୍ୟ ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ନିୟୋଜିତ ହୋଇଛନ୍ତି । କିନ୍ତୁ ଅଡିଟ୍ ସମୟରେ ଏ ଦୁଇ ଅଧିକାରୀ ନଥିପତ୍ର ଦାଖଲ କରିନପାରିବାରୁ ୩ଟି ପଞ୍ଚାୟତର ଅଡିଟ୍ ହୋଇ ପାରିନଥିଲା । ବାରମ୍ବାର ଡାକରା ସତ୍ତ୍ୱେ ଦୁଇ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ହୋଇନଥିଲେ । ତେଣୁ, ଅଡିଟର୍ ସେମାନଙ୍କ ଦରମା ବନ୍ଦ ପାଇଁ ସୁପାରିସ୍ କରିଛନ୍ତି । ଏହି ଦୁଇ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟରେ ଚରମ ଅବହେଳା ନେଇ ଅଭିଯୋଗ ଦୀର୍ଘ ଦିନରୁ ହୋଇଆସୁଛି ।

## ମୁମ୍ବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



**କେସିଙ୍ଗା,୧୭ ।୧୨(ସମିସ):** ଦାଦନ ଖଟିବାକୁ ମୁମ୍ବାଇ ଯାଇଥିବା କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ପଥର୍ଲା ପଞ୍ଚାୟତ ଅଧୀନ ବାହାଦୁର ପଦର ଗ୍ରାମର ଭୂପିନ୍ଦର ପୋଡ଼ (୪୧)ଙ୍କ ମୃତ୍ୟୁ ହୋଇଛି । ପରିବାରଲୋକଙ୍କ ସୂଚନା ଅନୁସାରେ, ଗତ ନଭେମ୍ବରରେ ଭୂପିନ୍ଦର୍ କିଛି ଲୋକଙ୍କ ସହ ମୁମ୍ବାଇ ଯାଇ ସେଠାରେ ଶ୍ରମିକ ଭାବେ କାମ କରୁଥିଲେ । ସୋମବାର କାମରୁ ଫେରି ଖାଇ ସାରିବା ପରେ ଶୋଇଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ଭୂପିନ୍ଦର୍‌ଙ୍କ ଅଚାନକ ମୃତ୍ୟୁକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି । ସେମାନଙ୍କ କହିବା କଥା, ସୋମବାର ରାତିରେ ସେ ଘରଲୋକଙ୍କ ସହ ଫୋନ୍‌ରେ କଥା ହୋଇଥିଲେ । ମଙ୍ଗଳବାର ଘରକୁ ଆସିବେ ବୋଲି କହିଥିଲେ । ତେଣୁ ତାଙ୍କ ମୃତ୍ୟୁ ସ୍ୱାଭାବିକ ନୁହେଁ, ଏହା ପଛରେ ଅନ୍ୟ କିଛି କାରଣ ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ତାଙ୍କ ମୃତ୍ୟୁରେ ପରିବାରଲୋକ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ବ୍ୟବଚ୍ଛେଦ ପରେ ତାଙ୍କ ଶବ ଆମ୍ବୁଲାନ୍ସରେ ଗାଁକୁ ଫେରିବ ବୋଲି ପରିବାରଲୋକ କହିଛନ୍ତି । ଅପରପକ୍ଷେ, ଭୂପିନ୍ଦର୍‌ଙ୍କ ପରିବାରଲୋକଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଜଙ୍ଗଲରେ ଜୁଆ ଆଡ଼ା; ୧୦ ଗିରଫ

**ନୂଆପଡ଼ା, ୧୭।୧୨(ସମିସ):** ନୂଆପଡ଼ା ଜିଲ୍ଲାରେ ଥିବା ଲୋଡ୍ରା ଜଙ୍ଗଲରେ ଚାଲିଥିବା ଅନ୍ତଃରାଜ୍ୟ ଜୁଆ ଆଡ୍ଡା ଉପରେ ଧରମବନ୍ଧା ପୁଲିସ୍ ଚଢ଼ଉ କରି ଛତିଶଗଡ଼ର ୨ ଯୁବକଙ୍କ ସମେତ ମୋଟ ୧୦ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ, ଛତିଶଗଡ଼ ରାଜ୍ୟ ମହାସମୁନ୍ଦ ଜିଲ୍ଲା କୋମାଖାନା ଥାନାର ନରରା ଗ୍ରାମର



ସଫର ବାଗ, ବାଗବାହାରା ଥାନା ମୋନବାଇ ଗ୍ରାମର ମୋହନ ଜୋଲହେ, ଧରମବନ୍ଧା ଥାନା ଭରୁଆମୁଣ୍ଡା ଗ୍ରାମର ବିରବଲ ଯାଦବ, ଲୋକେଶ୍ୱର ଧରୁଆ, ପିଣ୍ଟୁ କେଉଟ, ଲୋଡ୍ରା ଗ୍ରାମର କୋଶରାମ ମାଝୀ, କୋଦୋପାଲିର ଗୋରା ସାହୁ, ଖରିଆରରୋଡ ଜୋଙ୍କ ଥାନା ଡୁମେରଡିହି ଗ୍ରାମର ଜୋହର ସିଂ, କୋମନା ଥାନା କୋଡ୍ରାବେଡ଼ା ଗ୍ରାମର ଉମର ସିଂ ମାଝୀ ଓ ଅମୃତ ଭୁଞ୍ଜିଆ । ତେବେ ଆଉ କିଛି ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ । ପୁଲିସ୍ ଘଟଣାସ୍ଥଳରୁ ଗୋଟିଏ କାର୍, ୬ଟି ମୋବାଇଲ, ୨୧୭୦ ଟଙ୍କା ସହ ତାସ୍ ଜବତ କରିଛି । ଅଭିଯୁକ୍ତମାନଙ୍କୁ ପି.ଆର୍ ବଣ୍ଡରେ ଛାଡ଼ି ଦିଆଯାଇଥିବା ଏସ୍‌ଆଇ ବିନୋଦ ବିହାରୀ ସେଠୀ ସୂଚନା ଦେଇଛନ୍ତି ।

## ପ୍ରତି ମଣ୍ଡିରେ ଧାନକିଣା ପ୍ରକ୍ରିୟା ଉପରେ ସରକାରଙ୍କ କଡ଼ା ନଜର

**ଭୁବନେଶ୍ୱର,୧୭।୧୨(ସମିସ):** ଖରିଫ୍ ଋତୁରେ ଧାନ କିଣା ପ୍ରକ୍ରିୟା ଜାରି ରହିଛି । ଯୋଗ୍ୟ ଚାଷୀମାନେ ଯେପରି ଧାନ କିଣା ବେଳେ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି, ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ମଣ୍ଡିରେ ଚାଷୀମାନଙ୍କ ନିମନ୍ତେ ସୁବିଧା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ କରାଯାଇଛି । ବର୍ତ୍ତମାନ ୧୧ଟି ଜିଲ୍ଲା ତଥା ବରଗଡ଼, ସମ୍ବଲପୁର, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, କୋରାପୁଟ, ଝାରସୁଗୁଡ଼ା, ମାଲକାନଗିରି, ନବରଙ୍ଗପୁର ଓ କେନ୍ଦୁଝର ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି । ଚାଷୀମାନଙ୍କ ସହାୟତା ପାଇଁ ପ୍ରତ୍ୟେକ ମଣ୍ଡିରେ ନୋଡାଲ ଅଧିକାରୀମାନେ ନିଯୁକ୍ତ ହେବା ସହ ଦୁଇରୁ ତିନୋଟି ମଣ୍ଡି ଦାୟିତ୍ୱରେ ଜଣେ ସୁପରଭାଇଜରଙ୍କୁ ନିଯୁକ୍ତ ହୋଇଛନ୍ତି । ଆବଶ୍ୟକତା ଅନୁଯାୟୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଧିକ ଅଧିକାରୀମାନଙ୍କୁ ମଧ୍ୟ ନିଯୁକ୍ତ କରାଯାଉଛି । ଏହି ୧୧ଟି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୩୨୩ ଜଣ ସୁପରଭାଇଜର ଓ ୧୨୮୨ଜଣ ନୋଡାଲ ଅଫିସର ନିଯୁକ୍ତ ଅଛନ୍ତି । ଏହି ଅଧିକାରୀମାନେ ମଣ୍ଡିକୁ ଆସୁଥିବା ପ୍ରତ୍ୟେକ ଚାଷୀଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି । ଏପରିକି ଚାଷୀମାନେ ସେମାନଙ୍କ ଅଭିଯୋଗ ପ୍ରତ୍ୟକ୍ଷ ଭାବେ ଜଣାଇବାର ମଧ୍ୟ ବ୍ୟବସ୍ଥା କରାଯାଇଛି । ରାଜ୍ୟର ପଞ୍ଜିକୃତ ଚାଷୀମାନଙ୍କଠାରୁ ଧାନ କିଣାଯିବା ସହ କ୍ୱିଣ୍ଟାଲ ପିଛା ଧାନର ସର୍ବନିମ୍ନ ମୂଲ୍ୟ ବାବଦକୁ ୨୩ଶହ ଟଙ୍କା ଓ ଇନପୁଟ ସହାୟତା ରାଶି ଭାବେ ୮ଶହ ଟଙ୍କା ପ୍ରଦାନ କରାଯାଉଛି ।

**ତଦାରଖ କରୁଛନ୍ତି ୧୧ ଜିଲ୍ଲାରେ ୧୨୮୨ ନୋଡାଲ ଅଫିସର୍**

■ ମଦ୍ୟପ ଯୁବକଙ୍କ ଉନ୍ମତ୍ତକାଣ୍ଡ

## ଟାୱାର୍‌ରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ

**ତାଳଚେର ସହର, ୧୭ ।୧୨(ସମିସ):** ତାଳଚେର ସହର ନିକଟ ରଙ୍ଗବେଡ଼ା ଗ୍ରାମରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ଜଣେ ମଦ୍ୟପ ଯୁବକ ଗାଁରେ ଥିବା ଏକ ଟେଲିଫୋନ୍ ଟାୱାର୍‌ରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ତେବେ ୪ ଘଣ୍ଟାର ହାଇଡ୍ରାମା ପରେ ଏନ୍‌ଟିପିସି ପୁଲିସ୍ ଏବଂ କଣିହାଁ ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଥିଲେ । ବୁଝାସୁଝା କରିବା ସହ ତାଙ୍କୁ ଟାୱାର୍‌ରୁ ଓହ୍ଲାଇ ଆଣିଥିଲେ । ଯୁବକଜଣଙ୍କ ହେଲେ, ରଙ୍ଗବେଡ଼ା ଗ୍ରାମର ଶ୍ରୀକାନ୍ତ ଦେହୁରୀ ବୋଲି ଜଣାପଡ଼ିଛି ।




ମାଓ ସଙ୍ଗଠନର ମୁଖା ଖୋଲିଲେ ପୂର୍ବତନ ମାଓବାଦୀ

## ଶିବିରରେ ଜୋରଜବରଦସ୍ତ ହେଉଛି ପରିବାର ନିୟୋଜନ ଅସ୍ତ୍ରୋପଚାର

**ମାଲକାନଗିରି, ୧୭।୧୨ (ସମିସ):** ମାଓଗଡ଼ରେ ମାଓବାଦୀଙ୍କ ଉପରେ ହେଉଛି ଅକଥନୀୟ ଅତ୍ୟାଚାର । ଥରେ ମାଓ ଶିବିରରେ ଯୋଗଦେଲେ, କରି ଦିଆଯାଉଛି ପରିବାର ନିୟୋଜନ ଅସ୍ତ୍ରୋପଚାର । ଏହାସହ ବଡ଼ ବଡ଼ କ୍ୟାଡର୍ ମାଓବାଦୀମାନେ ମଧ୍ୟ ସାଧାରଣ ମାଓ ସଦସ୍ୟଙ୍କ ଉପରେ ଅକଥନୀୟ ଅତ୍ୟାଚାର କରୁଛନ୍ତି । ଏପରି କିଛି ଅଭିଯୋଗ ଆଣିଛନ୍ତି ଜଣେ ପୂର୍ବତନ ମାଓବାଦୀ । ନିଜ ଉପରେ ହୋଇଥିବା ଅନ୍ୟାୟ ଓ ଅତ୍ୟାଚାରକୁ ନେଇ ସେ ଗଣମାଧ୍ୟମରେ ମୁହଁ ଖୋଲିଛନ୍ତି । ସେ ହେଲେ ପୂର୍ବତନ ମାଓବାଦୀ ଦୀପକ ।

ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ମାଓ ଦଳରେ ଦୀର୍ଘ ବର୍ଷ ଧରି ମାଓବାଦୀ ଭାବେ କାର୍ଯ୍ୟ କରିଥିଲେ ଦୀପକ । ଅନ୍ୟାୟ ଅତ୍ୟାଚାର ବିରୋଧରେ ଲଢ଼େଇ କରି ଗରିବ ଓ ନିଷ୍ପେସିତଙ୍କୁ ନ୍ୟାୟ ଦେବା ପାଇଁ ମାଓ ସଙ୍ଗଠନରେ ସାମିଲ ହୋଇଥିବା ବେଳେ ଧୀରେଧୀରେ ମାଓ ସଙ୍ଗଠନର ଅସଲ ରହସ୍ୟ ଓ ଚରିତ୍ରର ସାମ୍ନା କରିଥିଲେ ଦୀପକ । ମାଓ ସଙ୍ଗଠନ ନିଜର ପୂର୍ବ ନୀତି ଆଦର୍ଶ ହରାଇ ନିରୀହ ଲୋକଙ୍କୁ ହତ୍ୟା କରୁଥିବା ସହ ଲୁଟତରାଜ କରୁଥିବା ଦେଖି ସେ ଭାଙ୍ଗି ପଡ଼ିଥିବା ବେଳେ ସଙ୍ଗଠନର ବଡ଼ ନେତାଙ୍କ ଅତ୍ୟାଚାର ମଧ୍ୟ ତାଙ୍କ ପାଇଁ ଅସହ୍ୟ ହୋଇଥିଲା । ଏହାସହ ସେ ମାଓବାଦୀ ସଦସ୍ୟ ହେବା ପରେ ତାଙ୍କ ସହ ଅନ୍ୟ ସଦସ୍ୟଙ୍କୁ ମଧ୍ୟ ମାଓ ସଙ୍ଗଠନ ପକ୍ଷରୁ ଜୋରଜବରଦସ୍ତ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିଲା । ଫଳରେ ସେ ମାଓ ସଙ୍ଗଠନରୁ ମୁହଁ ଫେରାଇ ଆତ୍ମସମର୍ପଣ କରିଥିଲେ । ତେବେ ମାଓ ସଙ୍ଗଠନରେ ତାଙ୍କର ଦୁଇ ଦୁଇଥର ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିବା ବେଳେ ସେ ଆତ୍ମସମର୍ପଣ ପରେ ପୁଲିସ ସହାୟତାରେ ପୁନଃ ନିଜର ଅସ୍ତ୍ରୋପଚାର କରାଇ ବର୍ତ୍ତମାନ ବାପା ହୋଇଛନ୍ତି । ଏଥିପାଇଁ ସେ ପୁଲିସକୁ ଧନ୍ୟବାଦ ଦେଇଛନ୍ତି । ଏନେଇ ସେ ଆଜି ଛତିଶଗଡ଼ର ଅନ୍ତଗଡ଼ରେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖିଛନ୍ତି । ଏହାସହ ସେ ଆହୁରି ମଧ୍ୟ କହିଛନ୍ତି ଯେ ଅନେକ ସାଥୀ ମାଓବାଦୀ ମାଓ ସଙ୍ଗଠନରେ ଥିବା ବେଳେ ଅସ୍ତ୍ରୋପଚାର ଯୋଗୁଁ ବର୍ତ୍ତମାନ ନିଜର ବଂଶକୁ ଆଗକୁ ନେବାରେ ସକ୍ଷମ ହୋଇପାରୁନାହାନ୍ତି ।

## ଗାଁରେ ପଶି ବୃଦ୍ଧଙ୍କୁ ମାରିଲା ହାତୀ

**ହିନ୍ଦୋଳ,୧୭ ।୧୨(ସମିସ):** ସୋଲାର ବାଡ଼ ଭାଙ୍ଗି ମଙ୍ଗଳବାର ରାତି ୯ଟାରେ ଏକ ହାତୀ ହିନ୍ଦୋଳ ଉପଖଣ୍ଡ ବଙ୍ଗୁ ଗ୍ରାମରେ ପଶି ଘର ସମ୍ମୁଖରେ ଜଣେ ବୃଦ୍ଧଙ୍କୁ କଚାଡ଼ି ମାରିଦେଇଛି । ଏ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି । ହାତୀ ଉପଦ୍ରବରୁ ସୁରକ୍ଷା ପାଇଁ ବଙ୍ଗୁ ଗ୍ରାମରେ ଗ୍ରାମବାସୀଙ୍କ ଉଦ୍ୟମରେ ସୋଲାର ବାଡ଼ ଦିଆଯାଇଥିଲା । ହେଲେ ମଙ୍ଗଳବାର ରାତି ୯ଟାରେ ଏକ ହାତୀ ଆସି ସୋଲାର ବାଡ଼ ଭାଙ୍ଗି ନିଜ ଘର ସମ୍ମୁଖରେ ଠିଆ ହୋଇଥିବା ଶିଖର ସାହୁଙ୍କୁ କାଚାଡ଼ି ଦେଇଥିଲା । ଘଟଣାସ୍ଥଳରେ ଶିଖରଙ୍କ ମୃତ୍ୟୁ ହୋଇଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ ବନବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନ ଥିବା ସୂଚନା ମିଳିଛି ।

**ବଙ୍ଗୁରେ ଉତ୍ତେଜନା**












# ସମ୍ପାଦକୀୟ

ଉତ୍ତମ ପୋଷଣ ହିଁ ଶିଶୁର ଜୀବନଧାରଣ ଓ ବିକାଶର ମୂଳଦୁଆ। -ୟୁନିସେଫ୍

## ଗୋଲ୍ଡବଣ୍ଡ ଅଡୁଆ

ସୁନାପ୍ରିୟ ଭାରତୀୟଙ୍କ ସମ୍ବଳକୁ ଅର୍ଥନୀତିର ମୁଖ୍ୟସ୍ରୋତକୁ ଆଣି ଅଭିବୃଦ୍ଧିର ଚକକୁ ଆହୁରି ଗତିଶୀଳ କରିବା ପାଇଁ କେନ୍ଦ୍ର ସରକାର୨୦୧୬ ମସିହାରେ ଯେଉଁ ସୋଭେରେନ୍ ଗୋଲ୍ଡ ବଣ୍ଡ ସ୍କିମ୍(ଏସ୍‌ଜିବି) ଆରମ୍ଭ କରିଥିଲେ ତାହା ଏବେ ଖୋଦ୍ ସରକାରଙ୍କ ପାଇଁ ଅଡୁଆ ସୃଷ୍ଟି କରିଛି। ତେଣୁ ଏହି ଯୋଜନାକୁ ପ୍ରତ୍ୟାହାର କରିବା ପାଇଁ ସରକାର ଚିନ୍ତା କରୁଥିବା ସୂଚନା ମିଳିଛି। ବସ୍ତୁତଃ ସରକାର ନିଜ ଯୋଜନାରେ ନିଜେ ଛନ୍ଦି ହୋଇଯାଇଥିବା ଅର୍ଥନୀତିଜ୍ଞମାନେ ମତ ଦେଇଛନ୍ତି।

ଭାରତୀୟମାନେ ନିଜ ସଞ୍ଚୟର ସିଂହଭାଗ ସୁନାଗହଣା କିଣାରେ ଖର୍ଚ୍ଚ କରୁଥିବା ବିଶ୍ୱବିଦିତ। ପ୍ରାଚୀନ କାଳରୁ ଭାରତୀୟଙ୍କ ସମ୍ପତ୍ତିର ପରିମାପକ ଏହି ହଳଦିଆ ଧାତୁ ଦ୍ୱାରା ହିଁ ନିର୍ଣ୍ଣୟ ହୋଇଆସୁଛି। ଏପରିକି ସରକାରଙ୍କ ଆର୍ଥିକ ମାନଦଣ୍ଡର ଆଧାର ମଧ୍ୟ ଏହି ଧାତୁ। ସହଜରେ ଟଙ୍କାରେ ପରିବର୍ତ୍ତନ ହୋଇପାରୁଥିବାରୁ ସୁନାରେ ନିବେଶ ଚାହିଦା ସର୍ବାଗ୍ରେ ରହିଛି। ବିଶେଷକରି କୋଭିଡ୍ ମହାମାରୀ ସମୟରେ ଚୀନ୍ ଅଧିକରୁ ଅଧିକ ପରିମାଣରେ ସୁନା କିଣିନେବା ଫଳରେ ବିଶ୍ୱ ବଜାରରେ ସୁନା ମୂଲ୍ୟ ଆକାଶଛୁଆଁ ହେବାର ଧାରା ଆରମ୍ଭ ହୋଇଛି। ସାମ୍ପ୍ରତିକ ଦୋଳାୟମାନ ଅର୍ଥନୀତି ଓ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥାରେ ସରକାରୀ ବଣ୍ଡ ତୁଳନାରେ ସୁନାରେ ନିବେଶ ହିଁ ସବଠାରୁ ସୁରକ୍ଷିତ ଓ ଅଧିକ ଲାଭପ୍ରଦ ପୁଞ୍ଜି ଭାବରେ ଆଦୃତ ହେବାରେ ଲାଗିଛି। ଚକ୍ରବତ୍ ପ୍ରଭାବରେ ସୁନାର ମୂଲ୍ୟ ମଧ୍ୟ ବଢ଼ିଚାଲିଛି। ଭାରତୀୟ ବଜାରରେ ସୁନାର ମୂଲ୍ୟ ଯଥାସମ୍ଭବ ହ୍ରାସ କରିବା ପାଇଁ ୨୦୨୪-୨୫ ଆର୍ଥିକ ବଜେଟ୍‌ରେ କେନ୍ଦ୍ର ସରକାର ସୁନା ଆମଦାନୀ ଶୁଳ୍କକୁ ୧୫ ପ୍ରତିଶତରୁ ୬ ପ୍ରତିଶତକୁ ହ୍ରାସ କରିଛନ୍ତି। ତା'ସତ୍ତ୍ୱେ ସୁନାର ମୂଲ୍ୟ କମିବା ବଦଳରେ ବଢ଼ି ଚାଲିଛି। କାରଣ ସୁନା ମୂଲ୍ୟ କମିବା ସହିତ ଘରୋଇ ଚାହିଦା ବଢ଼ିଛି। ସୁନା ପ୍ରତି ଭାରତୀୟଙ୍କ ଏହି ମୋହ ଓ ଆକର୍ଷଣ ହିଁ ଭାରତ ସରକାରଙ୍କୁ ଏସ୍‌ଜିବି ପ୍ରସଙ୍ଗରେ ପୁନଃଚିନ୍ତନ ପାଇଁ ବାଧ୍ୟ କରିଛି।

ଭାରତ ସରକାର ବିତ୍ତୀୟ ନିଅଣ୍ଟକୁ ଧାର୍ଯ୍ୟ ସୀମା ମଧ୍ୟରେ ସୀମିତ ରଖିବା ପାଇଁ ଜାତୀୟ ସ୍ୱଳ୍ପ ସଞ୍ଚୟ ପାଣ୍ଠି(ଏନ୍‌ଏସ୍‌ଏସ୍‌ଏଫ୍), ପ୍ରୋଭିଡେଣ୍ଟ ଫଣ୍ଡ, ଏସ୍‌ଜିବି ଆଦିର ଉପଯୋଗ କରିଥା'ନ୍ତି। ଏଥିପାଇଁ ସେହିସବୁ ଯୋଜନାରେ ତୁଳନାତ୍ମକ ଭାବେ ଅଧିକ ସୁଧ ମଧ୍ୟ ଦିଆଯାଏ। ସେଥିମଧ୍ୟରୁ ଭାରତ ସରକାରଙ୍କ ତରଫରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଜାରି କରାଯାଉଥିବା ଏସଜିବିରେ ନିବେଶକାରୀଙ୍କୁ ପ୍ରତି ଏକ ଗ୍ରାମ୍ ସୁନା ବଦଳରେ ଗୋଟିଏ ୟୁନିଟ୍ ବଣ୍ଡ ପ୍ରଦାନ କରାଯାଉଛି। ଏହି ବଣ୍ଡକୁ ମଧ୍ୟ ପ୍ରତିଭୂତି ବଜାରରେ କିଣାବିକା କରାଯାଇପାରିବାର ବ୍ୟବସ୍ଥା ରହିଛି। ଆଜିର ଦିନରେ ଏକ ଗ୍ରାମର ସୁନାର ମୂଲ୍ୟ ଯାହା ଥିବ ସେହି ମୂଲ୍ୟରେ ନିବେଶକ ଯେତେ ଗ୍ରାମ୍‌ର ସୁନା ବଦଳରେ ଏସ୍‌ଜିବି କିଣିଥିବେ ତା' ଉପରେ ବାର୍ଷିକ ୨.୫ପ୍ରତିଶତ ସୁଧ ପ୍ରତି ଛଅ ମାସରେ ମିଳିବ। ଏହି ବଣ୍ଡର ମାଚ୍ୟୁରିଟି ପିରିଅଡ୍ ବା ଅବଧି ୮ ବର୍ଷ ଥିବା ବେଳେ ପାଞ୍ଚ ବର୍ଷ ପରେ ଏହାକୁ ଭଙ୍ଗାଯାଇ ପାରିବ। ଯଦି ନିବେଶକ ତାହାକୁ ପାଞ୍ଚବର୍ଷ ପରେ ଭଙ୍ଗାଇବାକୁ ବା ସେହି ବଣ୍ଡ ସରକାରଙ୍କୁ ଫେରାଇବାକୁ ଚାହାନ୍ତି ତେବେ ସେହି ସମୟରେ ସୁନାର ମୂଲ୍ୟ ଯାହା ଥିବ ସେହି ମୂଲ୍ୟରେ ନିବେଶକଙ୍କୁ ଟଙ୍କା ଫେରସ୍ତ କରାଯିବ। ସୁନା କିଣି ଘରେ ସାଇତି ରଖିବା ଅସୁରକ୍ଷିତ ଏବଂ ଲାଭ ଆଦୌ ନାହିଁ। ତେଣୁ ଯଦି ସେହି ଅର୍ଥକୁ ସୁନା କିଣିବା ବଦଳରେ ଏସ୍‌ଜିବିରେ ନିବେଶ କରାଯାଏ ତେବେ ସମ୍ବଳ ଅଧିକ ସୁରକ୍ଷିତ ରହିବା ସହିତ ଲାଭପ୍ରଦ ମଧ୍ୟ ହୋଇପାରିବ। ଏହି ଲୋଭ ଦେଖାଇ ସରକାର ଏସ୍‌ଜିବି ଯୋଜନା ଆରମ୍ଭ କରିଥିଲେ। କିନ୍ତୁ ଆଠ ବର୍ଷ ପୂର୍ବେ ଭାରତୀୟ ବଜାରରେ ସୁନା ମୂଲ୍ୟ ଆଧାରରେ ଏସ୍‌ଜିବିରେ ନିବେଶକଙ୍କୁ ଯେତିକି ଟଙ୍କାର ବଣ୍ଡ ବିକ୍ରି କରାଯାଇଥିଲା, ଆଜିର ଦିନରେ ତାହା ଭଙ୍ଗାଇବା ବେଳକୁ ସୁନାର ବର୍ଦ୍ଧିତ ବଜାର ମୂଲ୍ୟ ଯୋଗୁଁ ସରକାରଙ୍କୁ ବହୁଗୁଣା ଅଧିକ ଅର୍ଥରାଶି ଫେରାଇବାକୁ ପଡୁଛି। ୨୦୧୬-୧୭ରେ ଏସଜିବିର ପ୍ରଥମ ପର୍ଯ୍ୟାୟ ଜାରି ହେବା ବେଳେ ୟୁନିଟ୍ ପିଛା ମୂଲ୍ୟ ଥିଲା ୩, ୧୧୯ ଟଙ୍କା। ବର୍ତ୍ତମାନ ୟୁନିଟ୍ ପିଛା ସରକାର ୬, ୯୩୮ ଟଙ୍କା ନିବେଶକଙ୍କୁ ଫେରାଇବାକୁ ଯାଉଛନ୍ତି। ଏହା ସରକାରଙ୍କ ବିତ୍ତୀୟ ନିଅଣ୍ଟକୁ ଆହୁରି ବୃଦ୍ଧି କରୁଛି। ତେଣୁ ଏହି ଯୋଜନାକୁ ଆଉ ଆଗକୁ ଚାଲୁ ନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

କେନ୍ଦ୍ର ସରକାରଙ୍କ ଅର୍ଥ ବିଭାଗ ପକ୍ଷରୁ କିନ୍ତୁ ଏ ସମ୍ପର୍କରେ କୌଣସି ସ୍ପଷ୍ଟୀକରଣ ଦିଆଯାଇନାହିଁ। ଏସ୍‌ଜିବିରେ ନିବେଶକମାନେ ୧୨% ପର୍ଯ୍ୟନ୍ତ ସୁଧ ପାଇପାରିବେ ବୋଲି ଗତ ସେପ୍ଟେମ୍ବର ମାସରେ ଅର୍ଥ ସଚିବଙ୍କ ଘୋଷଣା ମଧ୍ୟ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି। ଅର୍ଥନୀତିଜ୍ଞଙ୍କ ମତରେ ଏସଜିବିର ଏ ପର୍ଯ୍ୟନ୍ତ ବିକଳ୍ପ ଚିନ୍ତା କରାଯାଇ ନ ଥିବାରୁ ତତ୍କାଳ ଏହି ଯୋଜନା ବନ୍ଦ ହେବାର ସମ୍ଭାବନା ନାହିଁ। କିନ୍ତୁ କେନ୍ଦ୍ର ସରକାର ଏସଜିବି ବାବଦରେ ଗତବର୍ଷ ୨୯, ୬୩୮ କୋଟି ଟଙ୍କାର ବ୍ୟୟବରାଦ କରିଥିବା ବେଳେ ଚଳିତ ବର୍ଷ ତାହା ୧୮, ୫୦୦ କୋଟି ଟଙ୍କାକୁ ହ୍ରାସ ପାଇଛି। ସେହିପରି ଏସଜିବିରୁ ସରକାର ଗତବର୍ଷ ୨୬, ୧୩୮ କୋଟି ଟଙ୍କା ଋଣ ଆକାରରେ ଗ୍ରହଣ କରିଥିବା ବେଳେ ଚଳିତ ବର୍ଷ ତାହା ୧୫, ୦୦୦ କୋଟି ଟଙ୍କାକୁ ହ୍ରାସ ପାଇଛି। ଗତ ଫେବୃଆରୀ ମାସରୁ ଏ ପର୍ଯ୍ୟନ୍ତ ଆଉ ଏସ୍‌ଜିବି ଜାରି ହୋଇନାହିଁ। ତେଣୁ ଏସ୍‌ଜିବିର ଭବିଷ୍ୟତକୁ ନେଇ ଆଉ କେତେକ ବଜାର-ଅର୍ଥ ବିଶେଷଜ୍ଞ ସନ୍ଦୀହାନ ଅଛନ୍ତି।

ସୁନାର ମୂଲ୍ୟ ଯେଉଁଭଳି ଭାବେ ବଢ଼ି ଚାଲିଛି ସେଥିରେ ଭାରତୀୟମାନଙ୍କର ସମ୍ବଳ ପୂର୍ବାପେକ୍ଷା ଅଧିକ ପରିମାଣରେ ବୁଡ଼ି ରହିବ, ଯାହା ଅର୍ଥନୀତିରେ ଉପଯୋଗ ହୋଇ ନ ପାରି ଅଭିବୃଦ୍ଧି ହାରକୁ ପ୍ରଭାବିତ କରିବ। ଅପରପକ୍ଷରେ ଯଦି ଭାରତୀୟଙ୍କ ସେହି ଅର୍ଥରାଶି ବା ସମ୍ବଳକୁ ଅର୍ଥନୀତିରେ ବିନିଯୋଗ କରିବା ପାଇଁ ଏସ୍‌ଜିବିକୁ ଅଧିକ ଆକର୍ଷଣୀୟ କରିବାକୁ ସରକାର ଚାହିଁବେ ତେବେ ବିତ୍ତୀୟ ନିଅଣ୍ଟ କମିବା ବଦଳରେ ବଢ଼ିବ। ଚୀନ୍ ଯେଉଁଭଳି ଭାବେ ବିଶ୍ୱ ବଜାରରୁ ବିପୁଳ ପରିମାଣର ସୁନା କିଣି ଚାଲିଛି ସେହିଦୃଷ୍ଟିରୁ ଭାରତୀୟମାନଙ୍କୁ ସୁନା କିଣା ପ୍ରତି ଅଧିକ ଆକୃଷ୍ଟ କରିବା ପାଇଁ କେନ୍ଦ୍ର ସରକାରଙ୍କ ଏହା ଏକ ପ୍ରଚ୍ଛନ୍ନ କୌଶଳ ବୋଲି ହେଉଥିବା ଆଲୋଚନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ।

## ୧୯୯୧ ଆଇନର ଗତିପଥ

**ମହମ୍ମଦ ହିଫ୍‌ଜୁର ରହେମାନ୍**

୧୯୪୭, ଅଗଷ୍ଟ ୧୫ ତାରିଖରେ ଦେଶରେ ଧାର୍ମିକ ପୀଠର ସ୍ଥିତି ଯାହା ଥିଲା, ତାହା ଅବିକଳ ବଜାୟ ରହିବ। ଏହାର ସ୍ୱରୂପ କିମ୍ବା ଚରିତ୍ରରେ କୌଣସି ପ୍ରକାର ପରିବର୍ତ୍ତନ କରାଯାଇପାରିବ ନାହିଁ। ୧୯୯୧ରେ ତତ୍କାଳୀନ କେନ୍ଦ୍ର ସରକାର ଏ ସମ୍ପର୍କରେ ଏକ ଆଇନ ପ୍ରଣୟନ କରିଥିଲେ। ଏହାର ନାମ ଥିଲା ଉପାସନା ପୀଠ (ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ- ୧୯୯୧। ଅଯୋଧ୍ୟା ବିବାଦ ଯୋଗୁଁ ସୃଷ୍ଟି ହୋଇଥିବା ଉତ୍ତେଜନା ଓ ଅଶାନ୍ତ ପରିବେଶ ପରିପ୍ରେକ୍ଷୀରେ ଏହି ଆଇନ ପ୍ରଣୟନ କରାଯାଇଥିଲା। ତେବେ ଏହି ଆଇନ ପରିସରରୁ ଅଯୋଧ୍ୟା ବିବାଦକୁ ବାଦ୍ ଦିଆଯାଇଥିଲା। ଏହି ଆଇନର ଉଦ୍ଦେଶ୍ୟ ଥିଲା ଶାନ୍ତି, ଏକତା ଓ ସଦଭାବନା ବଜାୟ ରଖିବା। ୨୦୧୯ରେ ଅଯୋଧ୍ୟା ମାମଲାର ରାୟ ଶୁଣାଇବା ସମୟରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ଆଇନ ସପକ୍ଷରେ ଦୃଢ଼ ଯୁକ୍ତି ଦର୍ଶାଇବା ସହିତ ଏହାକୁ ସମ୍ବିଧାନର ମୌଳିକ ଢାଞ୍ଚାର ଅଭିନ୍ନ ଅଙ୍ଗ ବୋଲି କହିଥିଲେ। ଏହାସତ୍ତ୍ୱେ ଏହି ଆଇନକୁ ଚାଲେଞ୍ଜ କରିବା ଏବଂ ଧର୍ମପୀଠକୁ ବିବାଦୀୟ ଦର୍ଶାଇ ଏହାର ସର୍ବେକ୍ଷଣ ପାଇଁ ଯେଉଁ ଅଭିଯାନ ଚାଲିଛି, ତା' ପଛରେ ଆବେଦନକାରୀମାନଙ୍କର କି ଉଦ୍ଦେଶ୍ୟ ସାଧିତ ହେବ, ତାହା ଉପରେ ତର୍ଜମା କରାଯିବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଉଛି।

୨୦୨୨ରେ ଉତ୍ତରପ୍ରଦେଶ ବାରାଣସୀର ଜ୍ଞାନବ୍ୟାପୀ ମସଜିଦରୁ ଆରମ୍ଭ ହୋଇଥିବା ଏହି ବିବାଦ ମଥୁରାରେ ଶାହୀ ଇଦ୍‌ଗା ମସଜିଦ ଓ ସମ୍ଭଲରେ ଶାହୀ ଜାମା ମସଜିଦ୍ ଦେଇ ରାଜସ୍ଥାନର ପ୍ରସିଦ୍ଧ ଆଜମୀର ଦରଘାରେ ଯାଇ ପହଞ୍ଚିଲାଣି। ସମ୍ଭଲରେ ମସଜିଦ ସର୍ବେକ୍ଷଣ ବେଳେ ହିଂସାକାଣ୍ଡ ଘଟି ୫ ଜଣ ବ୍ୟକ୍ତି ପ୍ରାଣ ହରାଇବା ପରେ ସମଗ୍ର ଘଟଣା ଏବେ ଜାତୀୟ ସ୍ତରରେ ବିତର୍କ ସୃଷ୍ଟି କରିଛି। ମନ୍ଦିର ଭାଙ୍ଗି ସେଠାର ଜ୍ଞାନବ୍ୟାପୀ ମସଜିଦ ନିର୍ମାଣ କରାଯାଇଥିଲା ବୋଲି ଅଭିଯୋଗ କରି ବାରାଣସୀ ଅଦାଲତରେ ଆବେଦନ ଦାଖଲ ହୋଇଥିଲା। ୧୯୯୧ ଆଇନ ଅନୁଯାୟୀ ଏହାର ଚରିତ୍ରରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। କିନ୍ତୁ ମସଜିଦ ତଳେ ମନ୍ଦିର ଥିଲା କି ନାହିଁ, ତାହା ଜାଣିବା ଲାଗି ସର୍ବେକ୍ଷଣ କରାଇବାକୁ ଆବେଦନରେ ଦାବି କରାଯାଇଥିଲା। ସର୍ବେକ୍ଷଣ ପାଇଁ ନିମ୍ନ ଅଦାଲତ ଅନୁମତି ଦେଲେ ଏବଂ ଏହାକୁ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟ ମଧ୍ୟ ସମର୍ଥନ କଲେ। ଏହାକୁ ଚାଲେଞ୍ଜ କରି ୨୦୨୩ରେ ଯେତେବେଳେ ମସଜିଦ ପରିଚାଳନା କମିଟି ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଲେ, ସେତେବେଳେ ମାମଲା ନୂଆ ମୋଡ଼ ନେଇଥିଲା। ଏହି ମାମଲାର ଶୁଣାଣି କରିଥିଲେ ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ। ୨୦୧୯ରେ ଅଯୋଧ୍ୟା ମାମଲାର ରାୟ ଶୁଣାଇ ଯେଉଁ ଖଣ୍ଡପୀଠ ଉପାସନା ପୀଠ ଆଇନ -୧୯୯୧ ସପକ୍ଷରେ ଦୃଢ଼ ଯୁକ୍ତି ଦର୍ଶାଇ ଏହାକୁ ସର୍ବୋପରି କହିଥିଲେ, ସେହି ଖଣ୍ଡପୀଠରେ ଜଷ୍ଟିସ ଚନ୍ଦ୍ରଚୂଡ୍ ମଧ୍ୟ ଥିଲେ। ଜ୍ଞାନବ୍ୟାପୀ ମସଜିଦ ସର୍ବେକ୍ଷଣ ୧୯୯୧ ଆଇନର ବିରୁଦ୍ଧାଚରଣ କରୁଛି ବୋଲି ଦର୍ଶାଇ ଚନ୍ଦ୍ରଚୂଡ୍ ସର୍ବେକ୍ଷଣ ବନ୍ଦ କରିଦେବେ ବୋଲି ମସଜିଦ କମିଟି ଆଶା କରିବା ସ୍ୱାଭାବିକ ଥିଲା। କିନ୍ତୁ ଚନ୍ଦ୍ରଚୂଡ୍ ରାୟ ଶୁଣାଇ କହିଥିଲେ ଯେ ଉପାସନା ପୀଠର ଧାର୍ମିକ ସ୍ୱରୂପ ଜାଣିବା ଲାଗି ସର୍ବେକ୍ଷଣ କରାଯାଇପାରିବ। ୧୯୯୧ ଉପାସନା ପୀଠ୍ ଆଇନ ଏହାକୁ ବାରଣ କରିନାହିଁ। ଏହି ଆଇନର ଧାରା ୪ ଅନୁଯାୟୀ ୧୫ ଅଗଷ୍ଟ ୧୯୪୭ରେ ଯେଉଁ ସ୍ଥିତିରେ ଧର୍ମପୀଠ ରହିଥିଲା, ତାହାର ଧାର୍ମିକ ସ୍ୱରୂପ ପରିବର୍ତ୍ତନ କରାଯାଇପାରିବ ନାହିଁ। କିନ୍ତୁ ସେଠାରେ ଅନ୍ୟ କିଛି ଢାଞ୍ଚା ଥିଲା କି ନାହିଁ ତାହା ଜାଣିବା ଲାଗି ତଥ୍ୟ ସଂଗ୍ରହ କରାଯାଇପାରିବ। ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ଏଭଳି ବ୍ୟାଖ୍ୟା ନୂଆ ବିବାଦ ପାଇଁ ବାଟ ଖୋଲିଦେଇଛି। ବିଭିନ୍ନ ଧର୍ମପୀଠର ସ୍ୱରୂପ ସମ୍ପର୍କରେ ସର୍ବେକ୍ଷଣ ପାଇଁ ବିଭିନ୍ନ ଅଦାଲତରେ ଆବେଦନ ପହଞ୍ଚିବା ଆରମ୍ଭ ହୋଇଗଲାଣି।

ଏଠାରେ ସମ୍ଭଲ ମସଜିଦ ସର୍ବେକ୍ଷଣ ଘଟଣା ଉଲ୍ଲେଖନୀୟ। ମୁଗଲ ଯୁଗରେ ଏକ ମନ୍ଦିରକୁ ଧ୍ୱଂସ କରି ସେଠାରେ ଜାମା ମସଜିଦ ନିର୍ମାଣ କରାଯାଇଥିଲା ବୋଲି ଅଭିଯୋଗ କରି ୨୦୨୪ ନଭେମ୍ବର ୧୯ ତାରିଖରେ ନିମ୍ନ ଅଦାଲତରେ ଆବେଦନ ଦାଖଲ କରାଯାଇଥିଲା। ଯେଉଁଦିନ ଏହି ପିଟିସନ ଦାଖଲ ହେଲା, ସେହିଦିନ ଅଦାଲତ ସର୍ବେକ୍ଷଣ ପାଇଁ ଆଦେଶ ଦେଇଥିଲେ। ଆଦେଶ ପାଇବା ମାତ୍ରେ ସେହିଦିନ ହିଁ ଏହାର ସର୍ବେକ୍ଷଣ କରାଯାଇଥିଲା। ଏହି ମାମଲା ଥଣ୍ଡା ପଡ଼ି ନ ଥିବା ବେଳେ ସାମ୍ପ୍ରଦାୟିକ ସଦଭାବନାର ପ୍ରତୀକ କୁହାଯାଉଥିବା ୮୦୦ ବର୍ଷ ପୁରୁଣା ପ୍ରସିଦ୍ଧ ଅଜମୀର ଦରଘା ନେଇ ବିବାଦ ଉଠିଲାଣି। ମନ୍ଦିର ଭାଙ୍ଗି ସେଠାର ସୁଫି ସନ୍ଥ ହଜରତ ଖ୍ୱାଜା ମୋଇନୁଦ୍ଦିନ ଚିସ୍ତିଙ୍କ ଦରଘା ନିର୍ମାଣ କରାଯାଇଛି ବୋଲି ଅଭିଯୋଗ କରି ଅଜମୀରର ଏକ ଅଦାଲତରେ ଆବେଦନ ଦାୟର କରାଯାଇଛି। ଏହାକୁ ବିଚାର ପାଇଁ ଗ୍ରହଣ କରି ଅଦାଲତ ନଭେମ୍ବର ୨୭ ତାରିଖରେ ନୋଟିସ୍ ଜାରି କରିଛନ୍ତି। ଏହାକୁ ନେଇ ବିଭିନ୍ନ ଧର୍ମ ଓ ବର୍ଗର ଲୋକମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ହେଉଛି ଏଭଳି ଏକ ଧର୍ମପୀଠ, ଯାହାକି ବିଭିନ୍ନ ଧର୍ମ, ଜାତି, ଭାଷା ଓ ବର୍ଗର ଲୋକଙ୍କୁ ଯୋଡ଼ି ରଖିଛି।

ଅଯୋଧ୍ୟା ଆନ୍ଦୋଳନ ଭଳି ପରିସ୍ଥିତିର ଯେପରି ପୁନରାବୃତ୍ତି ନହୁଏ ତାହା ସୁନିଶ୍ଚିତ କରିବା ଲାଗି ୧୯୯୧ରେ କେନ୍ଦ୍ର ସରକାର ପ୍ଲେସେସ୍ ଅଫ୍ ୱର୍ସିପ୍ ଆକ୍ଟ -୧୯୯୧ ବା ଉପାସନା ପୀଠ ଆଇନ ପ୍ରଣୟନ କରିଥିଲେ। ଏହି ଆଇନ ଅନୁସାରେ ୧୫ ଅଗଷ୍ଟ ୧୯୪୭ରେ ଧର୍ମାନୁଷ୍ଠାନ ବା ଧର୍ମପୀଠର ସ୍ଥିତି ଯାହା ଥିଲା, ତାହା ଅବିକଳ ବଜାୟ ରହିବ। ଏହାର ସ୍ୱରୂପରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ। ଧର୍ମପୀଠକୁ ନେଇ ଆଇନ ଅଦାଲତ କିମ୍ବା କୌଣସି କର୍ତ୍ତୃପକ୍ଷଙ୍କ ନିକଟରେ ମାମଲା ବିଚାରାଧୀନ ଥିଲେ ଏହି ଆଇନ ଲାଗୁ ହେବା ସହିତ ସେଗୁଡ଼ିକ ଆପେ ଆପେ ଖାରଜ ହୋଇଯିବ। ଭବିଷ୍ୟତରେ ମଧ୍ୟ ଏ ସମ୍ପର୍କିତ କୌଣସି ଆବେଦନ ଅଦାଲତରେ ଦାଖଲ ହୋଇପାରିବ ନାହିଁ କି ଅଦାଲତ ଏଭଳି ଆବେଦନକୁ ଗ୍ରହଣ କରିବେ ନାହିଁ। ଆଇନର ଉଲ୍ଲଂଘନ କଲେ ଜେଲଦଣ୍ଡ ସହିତ ଜରିମାନା ଦେବା ପାଇଁ ମଧ୍ୟ ଏହି ଆଇନରେ ବ୍ୟବସ୍ଥା ରହିଛି। ଅଯୋଧ୍ୟା ମାମଲାର ରାୟ ଶୁଣାଇବା ବେଳେ ସର୍ବୋଚ୍ଚ ଅଦାଲତଙ୍କ ଖଣ୍ଡପୀଠ ଏହି ଆଇନ ଉପରେ ଗୁରୁତ୍ୱ ଆରୋପ କରି କହିଥିଲେ ଯେ ସମ୍ବିଧାନର ମୌଳିକ ମୂଲ୍ୟବୋଧକୁ ଏହି ଆଇନ ସୁରକ୍ଷା ଦେଉଛି। ଅତୀତରେ କ'ଣ ଭୁଲ ହୋଇଥିଲା, ତାହାର ସଂଶୋଧନ ପାଇଁ ଲୋକେ ଆଇନକୁ ନିଜ ହାତକୁ ନେଇ ପାରିବେ ନାହିଁ।

ଏହି ପ୍ରସଙ୍ଗ ଅଧିକ ବିବାଦୀୟ ହେବା ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ଡିସେମ୍ବର ୧୨ ତାରିଖରେ ସମୟୋଚିତ ନିର୍ଦ୍ଦେଶ ଦେଇଛନ୍ତି। ଉପାସନା ପୀଠ ଆଇନ ୧୯୯୧କୁ ଚାଲେଞ୍ଜ କରି ଆଗତ ଆବେଦନଗୁଡ଼ିକୁ ବିଚାର ପାଇଁ ଗ୍ରହଣ କରି ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନ୍ନାଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ଆଦେଶ ଦେଇଛନ୍ତି ଯେ ସର୍ବୋଚ୍ଚ ଅଦାଲତଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ଦେଶର କୌଣସି ଅଦାଲତ ମସଜିଦ/ମନ୍ଦିର ସଂକ୍ରାନ୍ତରେ କୌଣସି ପ୍ରକାର ନୂଆ ଆବେଦନକୁ ଗ୍ରହଣ କରିବେ ନାହିଁ। ବିଚାରାଧୀନ ମାମଲା ଉପରେ ମଧ୍ୟ ଅନ୍ତରୀଣ କି ଚୂଡ଼ାନ୍ତ ଆଦେଶ ଦେଇପାରିବେ ନାହିଁ। ସମସ୍ତ ସର୍ବେକ୍ଷଣ କାମ ମଧ୍ୟ ବନ୍ଦ ରଖିବା ଲାଗି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସମଗ୍ର ମାମଲା ଏବେ ଏହି ଅଦାଲତଙ୍କ ବିଚାରାଧୀନ ଥିବାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏସଂକ୍ରାନ୍ତ ସମସ୍ତ ଅଦାଲତୀ କାର୍ଯ୍ୟ ବନ୍ଦ ରହିବ।

ସର୍ବୋଚ୍ଚ ଅଦାଲତଙ୍କ ଏହି ଆଦେଶ ସାମୟିକ ଭାବେ ଏବେ ବଡ଼ ଧରଣର ଆଶ୍ୱସ୍ତି ଆଣିଛି ସତ, କିନ୍ତୁ ଏଭଳି ଆବେଦନମାନ ଦାଖଲ ହେବା ପଛର ଉଦ୍ଦେଶ୍ୟ ବୁଝା ପଡୁନି। ସର୍ବୋଚ୍ଚ ଅଦାଲତର ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଦାଭେ ମଧ୍ୟ ଏଭଳି ଆବେଦନ ପଛର ଉଦ୍ଦେଶ୍ୟକୁ ପ୍ରଶ୍ନଘେରକୁ ଟାଣିଛନ୍ତି ଏବଂ ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ ଜ୍ଞାନବ୍ୟାପୀ ମସ୍‌ଜିଦ୍ ସର୍ବେକ୍ଷଣ ମାମଲାରେ ଦେଇଥିବା ମନ୍ତବ୍ୟକୁ ନାପସନ୍ଦ କରି ଏହାର ସୁଦୂରବ୍ୟାପୀ ପ୍ରଭାବ ପଡ଼ିବ ବୋଲି ଚେତାଇ ଦେଇଛନ୍ତି। ଏଠାରେ ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତଙ୍କ ଏକ ମନ୍ତବ୍ୟ ବିଶେଷ ଗୁରୁତ୍ୱ ବହନ କରୁଛି। ଜ୍ଞାନବ୍ୟାପୀ ମସଜିଦ ବିବାଦ ସୃଷ୍ଟି ହେବା ପରେ ସେ କହିଥିଲେ ଯେ ସବୁ ମସଜିଦରେ ଶିବଲିଙ୍ଗ ଖୋଜିବାକୁ ଉଦ୍ୟମ କରିବା ଠିକ୍ ନୁହେଁ। ପ୍ରତିଦିନ ଏଭଳି ନୂଆ ନୂଆ ମାମଲା ଆସୁଥିବାରୁ ଏହାକୁ ନାପସନ୍ଦ କରି ସେ କହିଥିଲେ ଯେ ତାଙ୍କ ସଂଗଠନ ମନ୍ଦିର ପାଇଁ ଆଉ ଆନ୍ଦୋଳନ କରିବ ନାହିଁ। ଆମେ କୌଣସି ପ୍ରାର୍ଥନା ପୂଜାକୁ ବିରୋଧ କରୁନୁ। ନୂଆ ନୂଆ ମାମଲା ଆଣି କାହିଁକି ଉତ୍ତେଜନା ବଢ଼ାଇବା?

ଭାରତ ହେଉଛି ଏପରି ଏକ ଦେଶ, ଯେଉଁଠି ବିଭିନ୍ନ ଧର୍ମ, ଭାଷା, ଜାତି ଓ ବର୍ଗର ଲୋକ ଶାନ୍ତିପୂର୍ଣ୍ଣ ଭାବେ ସହାବସ୍ଥାନ କରନ୍ତି। ଶାନ୍ତି, ସଦ୍‌ଭାବନା, ଭାଇଚାରା ଓ ସହିଷ୍ଣୁତା ହେଉଛି ମୂଳମନ୍ତ୍ର। ଏହା ହିଁ ଆମ ଭାରତକୁ ବିଶ୍ୱରେ ନିଆରା ପରିଚୟ ଦେଇଛି। ଏହାକୁ ଅକ୍ଷୁଣ୍ଣ ରଖିବାକୁ ପଡ଼ିବ। ତେଣୁ ବେଳ ହୁଁ ଅଦାଲତ ଓ ସରକାର ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାର ସମୟ ଆସିଛି।

ଭୁବନେଶ୍ୱର, ମୋ: ୯୪୩୯୩୪୦୨୪୫

## ପରୀକ୍ଷାର୍ଥୀ, ପରୀକ୍ଷା ଓ ପିତାମାତା

**ଅରୁଣ କୁମାର ଦାସ**

ଏବେ ପରୀକ୍ଷା ଋତୁ ଆରମ୍ଭ ହୋଇଯାଇଛି। ଜାତୀୟସ୍ତରରେ ସିବିଏସ୍‌ଇ, ଆଇସିଏସଇ ଏବଂ ବିଭିନ୍ନ ପରିଷଦ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ଦୀର୍ଘ ୧୦ବର୍ଷର ତପସ୍ୟାର ଫଳ ଭାବରେ ମାଟ୍ରିକ ପରୀକ୍ଷାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ଏଥିନିମନ୍ତେ ଛାତ୍ରଛାତ୍ରୀ, ସେମାନଙ୍କ ପିତାମାତା, ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷାବିଭାଗ, ସରକାର ବିଶେଷ ତତ୍ପରତା ପ୍ରକାଶ କରିବାର ଦେଖାଯାଏ। ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନଙ୍କ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସୁସ୍ଥତା ପ୍ରତି ସମସ୍ତଙ୍କର ଦାୟିତ୍ୱ ରହିବା ଆବଶ୍ୟକ। ଯେ କୌଣସି ମତେ ପରୀକ୍ଷାରେ ଭଲ ନମ୍ବର ରଖିବା ପାଇଁ ଚାପ ରହିଥାଏ। ତେଣୁ ଛାତ୍ରଛାତ୍ରୀ ଓ ସେମାନଙ୍କର ପିତାମାତା ଓ ଅଭିଭାବକ କେତେକ ବିଷୟ ପ୍ରତି ଦୃଷ୍ଟି ଦେଲେ ପରୀକ୍ଷା ଜନିତ ଚାପ ଲାଘବ ହେବ।

ପ୍ରଥମତଃ, ଆଜିକାଲି ପାଠ୍ୟକ୍ରମର ବିଷୟବସ୍ତୁ ଉପରେ ଛାତ୍ରଛାତ୍ରୀମାନଙ୍କର ଧ୍ୟାନ କେନ୍ଦ୍ରୀଭୂତ ହୋଇପାରୁନି। ପାଠ୍ୟକ୍ରମ ଅନୁଯାୟୀ ପ୍ରତ୍ୟେକ ଏକକଗୁଡ଼ିକର ଆମୂଳଚୂଳ ଅଧ୍ୟୟନର ଆବଶ୍ୟକତା ରହିଛି। ଧ୍ୟାନ କେନ୍ଦ୍ରୀଭୂତ ପାଇଁ ଯୋଗ, ପ୍ରାଣାୟମର ଆବଶ୍ୟକତା ରହିଛି। ସ୍ଥଳବିଶେଷରେ ଏହାର ସାହାଯ୍ୟ ନିଆ ଯାଇପାରେ। ଦ୍ୱିତୀୟତଃ, ମୁଖ୍ୟ ବିଷୟ ଯଥା ଗଣିତ, ଇଂରାଜୀ, ବିଜ୍ଞାନ ବିଷୟ ପ୍ରତି ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଗୁରୁତ୍ୱ ଦେଉଛନ୍ତି। ଅନ୍ୟ ବିଷୟଗୁଡ଼ିକ ଯଥା - ପ୍ରଥମ ଭାଷା, ତୃତୀୟ ଭାଷା, ସାମାଜିକ ବିଜ୍ଞାନ ବିଷୟକୁ ଅଣଦେଖା କରୁଛନ୍ତି। ଆମର ମନେ ରଖିବା ଉଚିତ ପ୍ରତି ବିଷୟର ପୂର୍ଣ୍ଣସଂଖ୍ୟା ୧୦୦। ତେଣୁ ସବୁ ବିଷୟ ପ୍ରତି ଛାତ୍ରଛାତ୍ରୀମାନଙ୍କର ଗୁରୁତ୍ୱ ରହିବା ଆବଶ୍ୟକ। ତୃତୀୟତଃ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ପାଠ୍ୟକ୍ରମ ସାରିବା ଉପରେ ଅଧିକ ଗୁରୁତ୍ୱ ଦେଇଥା'ନ୍ତି। କିନ୍ତୁ ପୁନଃସମୀକ୍ଷା ଉପରେ ସେତେ ଆଗ୍ରହ ପ୍ରକାଶ କରି ନ ଥା'ନ୍ତି। ପୁନଃସମୀକ୍ଷା ଓ ଅଭ୍ୟାସ ଆତ୍ମବିଶ୍ୱାସ ଆଣିବାରେ ସକ୍ଷମ ହୋଇ ପାରିବ। ଆତ୍ମବିଶ୍ୱାସ ଜଡ଼ିତ ଅଧ୍ୟୟନ ପରୀକ୍ଷା ପାଇଁ ମଲ୍ଟିଭିଟାମିନ ଭଳି କାମ କରେ। କିନ୍ତୁ ଅତ୍ୟଧିକ ଆତ୍ମବିଶ୍ୱାସ ବୁମେରାଂ ହୋଇଥାଏ।

ଅସ୍ଥିରତା ବିଫଳତାର ଅନ୍ୟତମ କାରଣ। ପାଠ ପଢ଼ା ଧାରାବାହିକ ଓ ନିରନ୍ତର ହେବା ଆବଶ୍ୟକ। ଦୈନିକ ପାଠ ପଢ଼ା, ସାପ୍ତାହିକ, ପାକ୍ଷିକ, ମାସିକ ପୁନଃସମୀକ୍ଷା ଓ ଅଭ୍ୟାସ କରିବା ଦ୍ୱାରା ପାଠ୍ୟକ୍ରମ ଉପରେ ଏକପ୍ରକାର ଆୟତ୍ତ ଆସିଥାଏ। ଦୈନିକ ଅଭ୍ୟାସର ଏକ ସକାରାତ୍ମକ ଦିଗ ରହିଛି। ଶ୍ରେଣୀକୋଠରି ପାଠପଢ଼ା ବିଦ୍ୟାର୍ଥୀଙ୍କ ପାଇଁ ଏକ ମହୌଷଧି ଭଳି କାମ କରେ। କିନ୍ତୁ ପରିତାପର ବିଷୟ, ଆଜିର ପିଲାମାନେ ଶ୍ରେଣୀକୋଠରି ମଧ୍ୟରେ ପାଠ ପଢ଼ା ଦୂରେ ଥାଉ, ଅନ୍ୟମନସ୍କ ରହିବା ସହିତ ଅନ୍ୟ ପିଲାଙ୍କୁ ମଧ୍ୟ ପାଠ ପଢ଼ାଇ ଦିଅନ୍ତି ନାହିଁ। ଶ୍ରେଣୀକୋଠରି ମଧ୍ୟରେ ଶିକ୍ଷକଙ୍କ କଥା ବା ପାଠ ପଢ଼ାକୁ ମନ ଧ୍ୟାନ ରଖି ପଢୁଥିବା ପିଲାଟି କେବେ ବିଫଳ ହୁଏନା।

ଅଧିକାଂଶ ପିଲା ମଧ୍ୟ ହୋମ୍‌ୱାର୍କ ବା ନ୍ୟସ୍ତ କାର୍ଯ୍ୟ ପକାଇ ରଖନ୍ତି। ଯାହା ଫଳରେ ପାଠ ପଢ଼ାରେ ପଛୁଆ ରହିଯା'ନ୍ତି। ଏହି ଧାରା ବଜାୟ ରହିଲେ ତାହା ଏକ ବୋଝ ସଦୃଶ ହୋଇଯାଏ। ଆଜିର କାମ ଆଜି ସାରି ଦେବା ବୁଦ୍ଧିମାନର କାମ। ଏହି ମନ୍ତ୍ରଟି ପ୍ରତି ପିତାମାତା, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ପିଲାମାନଙ୍କୁ ଶିଖାଇବାକୁ ପଡ଼ିବ। ପ୍ରାୟତଃ ଦେଖାଯାଉଛି ଯେ, ପରୀକ୍ଷାର୍ଥୀମାନେ ଅଭ୍ୟାସ କାର୍ଯ୍ୟ, ନମୁନା ଅଭ୍ୟାସ, ବିଗତ ବର୍ଷର ପ୍ରଶ୍ନଗୁଡ଼ିକ ଅଭ୍ୟାସ କରିବାରେ ଅବହେଳା ପ୍ରଦର୍ଶନ କରନ୍ତି। ଏହି ସବୁକୁ ନିୟମିତ ଅଭ୍ୟାସ କରୁଥିଲେ, ପରୀକ୍ଷାରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହେବା ସମ୍ଭାବନା ରହେ।

ସୁଷମ ଆହାର ଶରୀର ପାଇଁ ନିହାତି ପ୍ରୟୋଜନ। ସାଧାରଣତଃ କୈଶୋର ଅବସ୍ଥାରେ ଶରୀରର ଅଭିବୃଦ୍ଧିର ହାର ଅଧିକ ହୋଇଥାଏ। ତେଣୁ ପିଲାମାନଙ୍କର ପୁଷ୍ଟିକର ସନ୍ତୁଳିତ ଆହାର ପ୍ରତି ପିତାମାତା ସ୍ୱତନ୍ତ୍ର ଦୃଷ୍ଟି ଦେବା ବାଞ୍ଛନୀୟ। ଆହାର ସହିତ ନିଦ୍ରା ମଧ୍ୟ ଶରୀର ଓ ମନରେ ବିଶେଷ ପ୍ରଭାବ ପକାଇ ଥାଏ। ରାତ୍ରି ଉଜାଗର ରହି ପାଠପଢ଼ା ଉପରେ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଗୁରୁତ୍ୱ ଦିଅନ୍ତି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଉଜାଗର ରହି ପାଠପଢ଼ିବା ଅପେକ୍ଷା ଭୋରସମୟରେ ଉଠି ପାଠ ପଢ଼ିଲେ ବେଶୀ ମନ ରହିଥାଏ।

ପରୀକ୍ଷାରେ ପ୍ରଶ୍ନ-ଉତ୍ତର ପରିଚାଳନା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। କେଉଁ ପ୍ରଶ୍ନର ଉତ୍ତର ଲେଖିବା ପାଇଁ କେତେ ସମୟ ଲାଗିବ ଏବଂ କେଉଁ ପ୍ରଶ୍ନର ଉତ୍ତର ପ୍ରଥମେ ଲେଖିବା ଆବଶ୍ୟକ ତାହା ଜାଣିବା ଦରକାର। ବିଶେଷକରି ମାତୃଭାଷା ଓଡ଼ିଆରେ ଛାତ୍ରଛାତ୍ରୀମାନଙ୍କର ସମୟ ଅଭାବ ହୁଏ ବୋଲି ଅଭିଯୋଗ ଆସେ। ଦୀର୍ଘଉତ୍ତରମୂଳକ ପ୍ରଶ୍ନ ଓ ପ୍ରବନ୍ଧ ଲିଖନରେ ଅଧିକ ସମୟ ବିନିଯୋଗ ହୋଇଥାଏ। ସେଥିପ୍ରତି ସଚେତନ ହେବା ଜରୁରୀ। ସର୍ବୋପରି ଚାପ ମୁକ୍ତ ହୋଇ ପରୀକ୍ଷା ଦେବା ବାଞ୍ଛନୀୟ।

ଠାକୁରା(ଯାଜପୁର), ମୋ: ୯୯୩୮ ୭୩୩୦୭୫

## ଶ୍ରୀକ୍ଷେତ୍ରେ ଶ୍ରୀଲୋକନାଥ

**ସ୍ୱପ୍ନେଶ୍ୱର**

ଲୋକକଥାରେ ଲୋକଦେବତା



ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର ପତ୍ନୀ ସୀତା ଓ ଭାଇ ଲକ୍ଷ୍ମଣଙ୍କ ସହ ବନବାସ ସମୟରେ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିବା ପରଦିନ ସକାଳେ ମହୋଦଧିରେ ସ୍ନାନ କରି ଶିବ ପୂଜା କରିବା ପାଇଁ ଶିବ ଲିଙ୍ଗ ଖୋଜି ଖୋଜି ଏକ ଶବରପଲ୍ଲିରେ ପହଞ୍ଚିଲେ। ସେଠାରେ ଜଣଙ୍କ ବାଡ଼ିରେ ଏକ ଲାଉ ଫଳ ଦେଖିଲେ। ଶ୍ରୀରାମଚନ୍ଦ୍ର ଶିବଙ୍କ ଧ୍ୟାନଧାରଣାରେ ଏତେ ମଗ୍ନ ଥିଲେ ଯେ ଲାଉ ଫଳ ତାଙ୍କୁ ଶିବ ଲିଙ୍ଗ ପରି ଦୃଶ୍ୟମାନ ହେଲା। ତେଣୁ ସେ ଲାଉ ଫଳଟିକୁ ତୋଳି ଲିଙ୍ଗ ରୂପେ ସ୍ଥାପନା କରି ପୂଜାର୍ଚ୍ଚନା କଲେ।

ଶିବ ଲିଙ୍ଗରେ ପୁଷ୍ପ ଶୃଙ୍ଗାର କରୁଥିବା ବେଳେ ରାମଚନ୍ଦ୍ର ଚିନ୍ତା କଲେ ପ୍ରଭୁ ଶିବଙ୍କୁ କିଛି ସୁବର୍ଣ୍ଣ ଅଳଙ୍କାର ଲାଗିଲେ ସେ ଆହୁରି ସୁନ୍ଦର ଦିଶନ୍ତେ। ଏଣୁ ସେ ନିଜ ହାତରୁ ସୁବର୍ଣ୍ଣ ମୁଦ୍ରିକା ବାହାର କରି ଶିବ ଲିଙ୍ଗରେ ଲାଗି କରିଦେଲେ। କିନ୍ତୁ ପୂଜା ସରିବା ପରେ ସେ ସ୍ଥାନ ଛାଡ଼ି ଗଲା ବେଳେ ସୁନା ମୁଦିଟିକୁ ନେବା ପାଇଁ ଭୁଲିଗଲେ। କିଛି ଦୂର ଗଲା ପରେ ମୁଦି କଥା ମନେ ପଡ଼ିବାରୁ ସେ ଲକ୍ଷ୍ମଣଙ୍କୁ ମୁଦିଟି ଆଣିବା ପାଇଁ ପଠାଇଲେ। ଲକ୍ଷ୍ମଣ ଯେତେ ଚେଷ୍ଟା କଲେ ମଧ୍ୟ ମୁଦିଟିକୁ ଶିବ ଲିଙ୍ଗରୁ ଅଲଗା କରିପାରିଲେ ନାହିଁ। ତା' ପରେ ସେ ଶର ମୁନରେ ତାଡ଼ି ମୁଦିଟିକୁ ବାହାର କରିବା ପାଇଁ ଚେଷ୍ଟା କରି ମଧ୍ୟ ବିଫଳ ହେଲେ। ବରଂ ଶର ମୁନ ଲାଗି ଶିବ ଲିଙ୍ଗ କ୍ଷତାକ୍ତ ହେବାରୁ ସେଠାରୁ ଧାରଧାର ରକ୍ତ ବୋହିବାକୁ ଲାଗିଲା। ସେ ତତ୍‌କ୍ଷଣାତ୍ ଭାଇଙ୍କ ପାଖକୁ ଦୌଡ଼ି ଯାଇ ସମସ୍ତ ବୃତ୍ତାନ୍ତ ଜଣାଇଲେ। ରାମଚନ୍ଦ୍ର ଶିବ ଲିଙ୍ଗଙ୍କ ପାଖକୁ ଫେରି ଆସି ଶିବଙ୍କୁ ପ୍ରଣିପାତ କରି ଲକ୍ଷ୍ମଣଙ୍କ ଦୋଷ କ୍ଷମା କରିଦେବା ପାଇଁ ପ୍ରାର୍ଥନା କଲେ। ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଶିବ ପ୍ରକଟ ହୋଇ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଣାମ କଲେ ଓ କହିଲେ, 'ପ୍ରଭୁ! ଆପଣ ଓ ମୁଁ ଏକ ଓ ଅଭିନ୍ନ। ମୁଁ ଆପଣଙ୍କର ଭକ୍ତ ଓ ଆପଣ ମୋର ଭକ୍ତ। ଆପଣ ମୋତେ ଏଠାରେ ପ୍ରତିଷ୍ଠା ଓ ଅର୍ଚ୍ଚନା କରି ଆପଣ ମୋ ପ୍ରତି ଆନୁଗତ୍ୟ ପ୍ରତିପାଦନ କରିଛନ୍ତି। ଏ କଥା ଜଗତ ଜାଣିଲା। ବର୍ତ୍ତମାନ ଆପଣ ମୋତେ ଆପଣଙ୍କର କିଛି ସେବା କରିବାର ସୁଯୋଗ ଦିଅନ୍ତୁ। ସେ ସେବା କରି ମୁଁ ଆପଣଙ୍କ ପ୍ରତି ମୋର ଆନୁଗତ୍ୟ ପ୍ରତିପାଦନ କରିପାରିବି।' ଶ୍ରୀରାମଚନ୍ଦ୍ର କହିଲେ, 'ମହାଦେବ! କଳିଯୁଗରେ ମୁଁ ନୀଳାଚଳଧାମରେ ଜଗନ୍ନାଥ ରୂପେ ଆରାଧିତ ହେବି। ସେତେବେଳେ ଆପଣ ମୋର ସେବାର ଅବସର ପ୍ରାପ୍ତ ହେବେ।' ଅଯୋଧ୍ୟା ଅଞ୍ଚଳରେ ଲାଉକୁ ଲୌକି କୁହାଯାଉଥିବାରୁ ନିଜ କଥିତ ଭାଷାରେ ଶ୍ରୀରାମଚନ୍ଦ୍ର ସେ ଶିବ ଲିଙ୍ଗଙ୍କ ନାମ 'ଲୌକିନାଥ' ରଖିଥିଲେ। କାଳକ୍ରମେ ସେହି ଶିବ ଲିଙ୍ଗଙ୍କ ନାମ ଅପଭ୍ରଂଶ ହୋଇ ସେ 'ଲୋକନାଥ' ରୂପେ ବିଦିତ ହେଲେ।

ଲୋକନାଥ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବାରୁ ଶ୍ରୀକ୍ଷେତ୍ରରେ ତାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଏ। ସ୍ଥାନୀୟ ଭକ୍ତମାନେ ନିଜ କ୍ଷେତ ବା ବାଡ଼ିରେ ଉପୁଜାଇ ଥିବା ପ୍ରଥମ ଫଳ ଲୋକନାଥଙ୍କୁ ସମର୍ପଣ କରନ୍ତି। କୌଣସି ଲୋକର କୌଣସି ଅଙ୍ଗରେ ପୀଡ଼ା ହେଲେ ସେ ଧାତୁରେ ନିର୍ମିତ ସେହି ଅଙ୍ଗ ଲୋକନାଥଙ୍କୁ ସମର୍ପଣ କଲେ ତାହାର ପୀଡ଼ା ହରଣ ହୁଏ ବୋଲି ବିଶ୍ୱାସ କରାଯାଏ। ଗାଆଁରେ ନ୍ୟାୟ ନିଶାପ ସମୟରେ ଦୋଷୀ ନିଜର ଦୋଷ ସ୍ୱୀକାର ନ କଲେ ଲୋକନାଥଙ୍କ ପାଦୁକ ବା ଛଡ଼ାଫୁଲ ଧରି ନିୟମ କରିବାକୁ ପଞ୍ଚମାନେ ନିର୍ଦ୍ଦେଶ ଦିଅନ୍ତି। ତା' କରିବା ପୂର୍ବରୁ ଦୋଷୀ ଲୋକନାଥଙ୍କ ଭୟରେ ନିଜର ଦୋଷ ମାନିଯାଏ...(କ୍ରମଶଃ)

ମୋ: ୯୯୦୦୦୮୩୪୩୩

ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ରଥ କାଠ ଅନୁକୂଳ ପାଇଁ ବଡ଼ରାଉଳଙ୍କ ପୀଠରେ ପୂଜାର୍ଚ୍ଚନା

## ୩ ରଥ ପାଇଁ ଆବଶ୍ୟକ ୮୧୪ ଖଣ୍ଡ ରଥ କାଠ



ଗଣିଆ, ୧୭।୧୨ (ସମିସ): ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ୍ ଛାମୁଣ୍ଡିଆ ପଞ୍ଚାୟତର ବଡ଼ମୂଳ ଖଳଖଳା ସେତୁ ନିକଟସ୍ଥ ମା' ବଡ଼ରାଉଳ ଦେବୀଙ୍କ ପୀଠରେ ମଙ୍ଗଳବାର ପୂର୍ବାହ୍ନରେ ରଥ ସଂହିତା ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ରଥକାଠ ବରଣ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଶ୍ରୀମନ୍ଦିର ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ରଥକାଠ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ଓ ଶ୍ରୀମନ୍ଦିର ପ୍ରଶାସନ କର୍ମଚାରୀ ରାକେଶ ରାୟ ପ୍ରମୁଖ ମଙ୍ଗଳବାର ମଧ୍ୟାହ୍ନରେ ବଡରାଉଳ ପୀଠରେ ପହଞ୍ଚିଥିଲେ। ପ୍ରଥମେ ବେଠିଆସାହିସ୍ଥିତ ଶ୍ରୀଶ୍ରୀ ଦଧିବାମନ ଜୀଉଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ପରେ ଏହି ୪ ଜଣିଆ ଟିମ୍ ମହାପ୍ରଭୁଙ୍କ ଆଜ୍ଞାମାଳ, ଖଣ୍ଡୁଆ, ମହାପ୍ରସାଦ, ପାଟପତନୀ ଓ ମହାର୍ଦ୍ଦ ଧରି ନୟାଗଡ଼ ବନ ବିଭାଗ ଜରିଆରେ ପହଞ୍ଚିବା ପରେ ବିଶ୍ୱ ହିନ୍ଦୁ ପରିଷଦ, ଗଣିଆ ମଣ୍ଡଳର କର୍ମକର୍ତ୍ତା ତଥା ବୌଦ୍ଧ ଅଞ୍ଚଳରୁ ଆସିଥିବା ନାମ ସଂକୀର୍ତ୍ତନ କରି ସେମାନଙ୍କ ବଡ଼ରାଉଳ ପୀଠକୁ ପାଛୋଟି ନେଇଥିଲେ। ପରେ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ, ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଫାଲଗୁନୀ ସାରଥୀ ମଲ୍ଲିକ ଓ ଦଶପଲ୍ଲା ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା କାର୍ଯ୍ୟ ଆରମ୍ଭ ହୋଇଥିଲା। ପାରମ୍ପରିକ ଢୋଲ ଓ ତୁରୀ ବାଦ୍ୟ ସହ ରୀତିନୀତି ଅନୁଯାୟୀ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା ଓ ହୋମକାର୍ଯ୍ୟ ପରେ ଆଜ୍ଞାମାଳ ନିଆଯାଇ ରଥ ନିର୍ମାଣ ନିର୍ମିତ ଅସନ, ଧଉରା, ଫାଶି ଓ ଶିମିଳି କାଠ ବୁଧବାରଠାରୁ ଛେଦନ କାର୍ଯ୍ୟ ଆରମ୍ଭ ହେବ ବୋଲି ବନବିଭାଗ ତରଫରୁ ସୂଚନା ମିଳିଛି।

ଚଳିତବର୍ଷ ୩ ରଥ ନିର୍ମାଣ ପାଇଁ ସମୁଦାୟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥିବା ବେଳେ ୫୧ଖଣ୍ଡ ରଥ କାଠ ରଥଖଳାରେ ଗଚ୍ଛିତ ରହିଛି। ଅବଶିଷ୍ଟ ୮୧୪ଖଣ୍ଡ ରଥକାଠ ନୟାଗଡ଼, ବୌଦ୍ଧ ବନଖଣ୍ଡ ତରଫରୁ ଯୋଗାଇ ଦେବା ପାଇଁ ଚଳିତ ବର୍ଷ ବ୍ୟବସ୍ଥା ରହିଛି। ୮୧୪ଖଣ୍ଡ ରଥକାଠ ମଧ୍ୟରୁ ୩୧୯ଖଣ୍ଡ ଅସନ, ୪୨୦ଖଣ୍ଡ ଧଉରା, ୭୨ଖଣ୍ଡ ଫାଶି ଓ ୩ ଖଣ୍ଡ ଶିମିଳି କାଠ ଚିହ୍ନଟ ହୋଇଛି। ସେଥିମଧ୍ୟରୁ ୩୯୬ ଖଣ୍ଡ କାଠ ରଥଖଳାକୁ ଓ ୪୧୮ଖଣ୍ଡ କାଠ କଟକସ୍ଥିତ ଖପୁରିଆ କରତ କଳକୁ ଚିରଟ ପାଇଁ ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ତରଫରୁ ସୂଚନା ମିଳିଛି। ପରେ ଅପରାହ୍ନରେ ମା' ବଡରାଉଳଙ୍କ ଗୁପ୍ତପୂଜା ନୀତି ଅନୁଷ୍ଠିତ ହୋଇଥିଲା।

### ଟ୍ରେନ୍ ଧକ୍କାରେ ୨ ମୃତ

# ଦରଭଙ୍ଗା ଧକ୍କା ଦେଲା, ମାଲବାହୀ ମାଡ଼ିଗଲା

ରାଉରକେଲା,୧୭।୧୨(ସମିସ): ରାଉରକେଲା ଉପକଣ୍ଠ ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ କଲୁଙ୍ଗାସ୍ଥିତ ରେଳଫାଟକରେ ଆଜି ଏକ ବଡ଼ଧରଣର ଅଘଟଣ ଘଟିଛି। ଟ୍ରେନ୍ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶେଷ ଖବର ଲେଖା ହେବା ସୁଦ୍ଧା ମୃତାହତଙ୍କ ପରିଚୟ ମିଳିପାରିନାହିଁ। ଅପରପକ୍ଷେ, ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ରେଳବାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**କାଳ ହେଲା ବନ୍ଦ ଫାଟକ ତଳେ ଗଳି ପାର୍ ହେବା**

ସୂଚନାନୁଯାୟୀ, ରାଉରକେଲା ପଟୁ ଦରଭଙ୍ଗା ଏକ୍ସପ୍ରେସ୍ ରାଜଗାଙ୍ଗପୁର ଆଡ଼କୁ ଯାଉଥିବା ବେଳେ କଲୁଙ୍ଗା ଲେଭେଲ କ୍ରସିଂଠାରେ ବନ୍ଦ ଥିବା ରେଳ ଫାଟକରେ ଗଳି ଦୁଇଟି ବାଇକ୍‌ରେ ୬ଜଣ ଯୁବକ ପାର୍ ହେଉଥିଲେ। ଏହି ସମୟରେ ଟ୍ରେନ୍‌ଟି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ଛିଟିକି ପାଖ ରେଳଧାରଣା ଉପରେ ପଡ଼ିଥିଲେ। ସେତିକିବେଳେ ସେମାନେ ପଡ଼ିଥିବା ଲାଇନ୍‌ରେ ଅନ୍ୟ ଏକ ମାଲବାହୀ ଟ୍ରେନ୍ ଆସି ୨ଜଣ ଯୁବକଙ୍କ ଉପରେ ମାଡ଼ି ଯାଇଥିଲା। ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଥିଲେ। ମୃତାହତମାନେ ଆସାମ କିମ୍ବା ହିମାଚଳ ପ୍ରଦେଶର ଏବଂ ସେମାନେ ଏକ ଘରୋଇ କାରଖାନାରୁ ଡ୍ୟୁଟି ସାରି ଫେରୁଥିଲେ ବୋଲି କୁହାଯାଉଛି। ଖବର ପାଇ ରେଳବାଇ ଓ ବ୍ରାହ୍ମଣୀ ତରଙ୍ଗ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଆଚରଣରେ ଆସୁନି ସୁଧାର

# ବଦନାମ ହେଉଛି ବଡ଼ଦେଉଳ

ପୁରୀ,୧୭।୧୨(ସମିସ): ସେବାୟତମାନେ ଯେପରି ଶୃଙ୍ଖଳିତ ଭାବେ ଏବଂ ଉତ୍ସର୍ଗୀକୃତ ମନୋଭାବ ରଖି ମହାପ୍ରଭୁଙ୍କ ସେବା କରିବେ ସେଥିଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିମଧ୍ୟରେ ଅନୁଭବ ଯାତ୍ରା ଥିଲା ଅନ୍ୟତମ। ଏକାଧିକଥର ଅନୁଭବ ଯାତ୍ରାରେ ଯାଇଛନ୍ତି ଶ୍ରୀମନ୍ଦିର ସେବାୟତ। ଉଦ୍ଦେଶ୍ୟ ଥିଲା, ଭାରତର ବିଭିନ୍ନ ତୀର୍ଥସ୍ଥଳୀରେ ଯେଉଁଭଳି ଭାବେ ଆଧ୍ୟାତ୍ମିକ ପରିବେଶ ରହିଛି ତାହାର ବାସ୍ତବତାକୁ ଏମାନେ ଅତି ପାଖରୁ ପରଖିବେ। ପରବର୍ତ୍ତୀ ସମୟରେ ମହାପ୍ରଭୁଙ୍କ ନୀତିକାନ୍ତିରେ ଏହାକୁ ବିନିଯୋଗ କରିବା ସହିତ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତ ଓ ଦର୍ଶନାର୍ଥୀଙ୍କ ପ୍ରତି ମଧ୍ୟ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବେ। ହେଲେ ଅନୁଭବ ଯାତ୍ରାର ପ୍ରଭାବ ସେମିତି ଦେଖିବାକୁ ମିଳୁନାହିଁ। ବରଂ ମଝିରେ ମଝିରେ ବଡ଼ଦେଉଳରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। କାରଣ କିଛି ସେବାୟତଙ୍କ ଆଚରଣ ଏବଂ ଉଚ୍ଚାରଣରେ ସୁଧାର ଆସିନାହିଁ। ସୋମବାର ଶ୍ରୀମନ୍ଦିର ପରିସରରେ ଦୁଇଜଣ ସେବାୟତ ହାତାହାତି ହୋଇ ଲହୁଲୁହାଣ ହେବା ଏହାକୁ ଏକପ୍ରକାର ସ୍ପଷ୍ଟ କରୁଛି। ଏଭଳି ଅପ୍ରୀତିକର ପରିସ୍ଥିତି ଦ୍ୱାରା ବଦ୍‌ନାମ ହେଉଛି ବଡ଼ଦେଉଳ।

ଶ୍ରୀମନ୍ଦିର ସେବାୟତଙ୍କ ମଧ୍ୟରେ ଅଧ୍ୟାତ୍ମିକ ଚେତନାର ବିକାଶ ଓ ଶ୍ରୀମନ୍ଦିରରେ ପ୍ରଚଳିତ ପରମ୍ପରାର ସୁରକ୍ଷା ସହ ପରିବର୍ତ୍ତିତ ପରିସ୍ଥିତିରେ ଆବଶ୍ୟକ ସଂସ୍କାର ଆଣିବା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ୨୦୦୬ ମସିହାରେ ଅନୁଭବ ଯାତ୍ରା ଆରମ୍ଭ ହୋଇଥିଲା। ଏହି ଯାତ୍ରାରେ ସେବାୟତଙ୍କୁ ଭାରତର ବିଭିନ୍ନ ତୀର୍ଥକ୍ଷେତ୍ର ବୁଲିବାକୁ ନିଆଯାଉଥିଲା। ସେଠାରେ କିପରି ଠାକୁରଙ୍କ ସେବାପୂଜା ହେଉଛି, ଭକ୍ତଙ୍କୁ କେଉଁଭଳି ବ୍ୟବହାର କରାଯାଉଛି ଏ ସବୁ ଅତି ନିକଟରୁ ଦେଖି ତାହାକୁ ଶ୍ରୀମନ୍ଦିରରେ ମଧ୍ୟ ପ୍ରତିଫଳିତ କରିବା ଏହି ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ହେଲେ ଏହି ଉଦ୍ଦେଶ୍ୟ ଠିକଣା ଢଙ୍ଗରେ ସାଧିତ ହେଉ ନ ଥିବା ଦେଖିବାକୁ ମିଳୁଛି। ଏବେ ବି ବିଭିନ୍ନ ସମୟରେ ମନ୍ଦିର ଭିତରେ ଅପ୍ରୀତିକର ପରିସ୍ଥିତି ଉପୁଜୁଛି। କିଛି ଘଟଣାରେ ସେବାୟତଙ୍କ ସମ୍ପୃକ୍ତି ରହୁଥିବା ଦେଖିବାକୁ ମିଳିଛି।



ମନ୍ଦିର ଭିତରେ ଦୁଇଜଣ ସେବାୟତ ବାଡ଼ିଆପିଟା ହେବା ଏହାକୁ ସ୍ପଷ୍ଟ କରୁଛି।

ସୋମବାର ଅପରାହ୍ଣରେ ବେହରଣ ଦ୍ୱାର ନିକଟସ୍ଥ ମୁକ୍ତିମଣ୍ଡପ ପାଖରେ ସେବାୟତ ବିଶ୍ୱନାଥ ଖୁଣ୍ଟିଆ ଶ୍ରଦ୍ଧାଳୁଙ୍କୁ ପାଦୁକା ବାଣ୍ଟୁଥିଲେ। ଏହି ପାଦୁକା ବଣ୍ଟା ଏବଂ ପାଉଣାକୁ ନେଇ ଅନ୍ୟ ଜଣେ ସେବାୟତଙ୍କ ସହ ତାଙ୍କର କଥା କଟାକଟି ହୋଇଥିଲା। ପରେ ଉଭୟ ହାତାହାତି ହୋଇଥିଲେ। ପ୍ରତିପକ୍ଷ ସେବାୟତଙ୍କ ମୁଥ ମାଡ଼ରେ ବିଶ୍ୱନାଥ ଲହୁଲୁହାଣ ହୋଇଥିଲେ। ତାଙ୍କ ନାକ ଫାଟି ରକ୍ତସ୍ରାବ ହୋଇଥିଲା। ମନ୍ଦିର ପୁଲିସ୍ ତାଙ୍କୁ ଉଦ୍ଧାର କରି ମେଡିକାଲ୍‌ରେ ଭର୍ତ୍ତି କରିଥିଲା। ଶ୍ରୀମନ୍ଦିର ପରିସରରେ ଶହଶହ ଭକ୍ତଙ୍କ ଆଗରେ ଦୁଇ ସେବାୟତ ମାରପିଟ୍ ହୋଇଥିଲେ। ଏହାକୁ ଶ୍ରଦ୍ଧାଳୁମାନେ ନାପସନ୍ଦ କରିଥିଲେ। ଯଦି ମନ୍ଦିର ଭିତରେ ସେବାୟତ ଏଭଳି ଆଚରଣ ପ୍ରଦର୍ଶନ କରିବେ, ତେବେ ଭକ୍ତମାନେ କ'ଣ ଶିଖିବେ ବୋଲି ପରସ୍ପର ଭିତରେ ଆଲୋଚନା କରୁଥିଲେ ଶ୍ରଦ୍ଧାଳୁ।

କେବଳ ଏତିକିରେ କଥା ସୀମିତ ନ ଥିଲା। ଦୁଇ ସେବାୟତ ସିଂହଦ୍ୱାର ଥାନାରେ ପହଞ୍ଚିଥିଲେ। ପୁଲିସ୍ ଉଭୟଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିବା ବେଳେ ଥାନାରେ ବି ହାତାହାତି ହୋଇଥିଲେ ସେମାନେ। ଶ୍ରୀମନ୍ଦିର ସେବାୟତ ଏଭଳି ଆଚରଣ ପ୍ରଦର୍ଶନ କରିବାକୁ ସମସ୍ତେ ନାପସନ୍ଦ କରିଥିଲେ। ବିଭିନ୍ନ ସମୟରେ ଏମିତି କିଛି ଘଟଣା ପାଇଁ ଶ୍ରୀମନ୍ଦିର ବଦନାମ୍ ହେଉଥିବା କୁହାଯାଉଛି।

# ହସ୍ପିଟାଲ ପରିସରରୁ ରୋଗୀଙ୍କ ଝୁଲନ୍ତା ମୃତଦେହ ଜବତ

ବଲାଙ୍ଗିର,୧୭।୧୨(ସମିସ): ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପରିସରରୁ ମଙ୍ଗଳବାର ଜଣେ ଚିକିତ୍ସାଧୀନ ରୋଗୀଙ୍କ ଝୁଲନ୍ତା ଶବ ଉଦ୍ଧାର ହେବା ଘଟଣାକୁ ନେଇ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି। ମୃତକଜଣଙ୍କ ହେଲେ, ଟିଟିଲାଗଡ଼ ଥାନା ଅଧୀନ ଅର୍ନ୍ତଲା ଗ୍ରାମର ଅଗସ୍ତି ଜାନି। ଆଜି ସକାଳେ ହସ୍ପିଟାଲର ସିଟି-ସ୍କାନ୍

**ଆତ୍ମହତ୍ୟା ନା ହତ୍ୟା?**

ୱାର୍ଡ ବାହାରେ ଥିବା ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି କିଛି ସୁରକ୍ଷା କର୍ମୀ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତେବେ ଅଗସ୍ତ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଚେଷ୍ଟା କରାଯାଇଛି, ସେନେଇ ସନ୍ଦେହ ପ୍ରକାଶ ପାଇଛି।

ପ୍ରାଥମିକ ତଦନ୍ତରୁ ପୁଲିସ୍ ଜାଣିବାକୁ ପାଇଛି ଯେ ସୋମବାର ରାତିରେ ସେ ଲୋଇସିଂହା ଚିକିତ୍ସାଳୟରୁ ସ୍ଥାନାନ୍ତର ହୋଇ ଏଠାକୁ ଆସିଥିଲେ। ଆଶୁ ଚିକିତ୍ସା ବିଭାଗ (କାଜୁଆଲଟି)ରେ ତାଙ୍କର ଚିକିତ୍ସା କରାଯିବା ପରେ ତାଙ୍କୁ ୱାର୍ଡରେ ଭର୍ତ୍ତି କରିବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ସେ ୱାର୍ଡକୁ ନଯାଇ ବାହାରେ ବୁଲାବୁଲି କରୁଥିଲେ। ଲୋଇସିଂହାରୁ ତାଙ୍କୁ ଆଣିଥିବା ଆମ୍ବୁଲାନ୍ସ କର୍ମଚାରୀମାନେ ମେଡିକାଲକୁ ଯିବାକୁ କହିଥିଲେ ହେଁ ସେ ଅସ୍ୱାଭାବିକ ଆଚରଣ କରିଥିଲେ।

ଅପରପକ୍ଷେ, କିଛି ଦିନ ତଳେ ଅଗସ୍ତି ବରଗଡ଼ ଜିଲ୍ଲା ବରପାଲି ଅଞ୍ଚଳକୁ କାମ କରିବାକୁ ଯାଉଛି ବୋଲି କହି ଘରୁ ବାହାରିଥିଲେ। କିନ୍ତୁ ସୋମବାର ରାତିରେ ଆହତ ଅବସ୍ଥାରେ ଟ୍ରେନ୍‌ରୁ ଲୋଇସିଂହା ଷ୍ଟେସନ୍‌ରେ ଓହ୍ଲାଇଥିଲେ। ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଷ୍ଟେସନ୍‌ମାଷ୍ଟର୍ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଲୋଇସିଂହାରେ ତାଙ୍କର ଚିକିତ୍ସା କରାଯିବା ପରେ ବଲାଙ୍ଗିରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ବରପାଲି କିମ୍ବା ଅନ୍ୟ କୌଣସି ଅଞ୍ଚଳରେ କାହା ସହ ଅଗସ୍ତିଙ୍କର ହାତାହାତି ହୋଇଥାଇପାରେ ବୋଲି ଏସ୍‌ଡିପିଓ ପ୍ରଦୀପ ସାହୁ କହିଛନ୍ତି। ସେହିପରି ବଲାଙ୍ଗିର ମେଡିକାଲରେ ସେ କୁଆଡ଼େ ଭୟଭୀତ ଅବସ୍ଥାରେ ଅସ୍ୱାଭାବିକ ଆଚରଣ କରୁଥିଲେ। ଘଟଣାର ବିଭିନ୍ନ ଦିଗ ରହିଥିବାରୁ ଯୁବକଙ୍କ ମୃତ୍ୟୁକୁ ନେଇ ଅନେକ ସନ୍ଦେହ ପ୍ରକାଶ ପାଉଛି। ସେ କିନ୍ତୁ ଆତ୍ମହତ୍ୟା କରିଛନ୍ତି ବୋଲି ଏସଡିପିଓ କହିଥିବା ବେଳେ ପରିବାରଲୋକେ କିଛି ଜାଣିନୁ ବୋଲି କହିଛନ୍ତି।

# ଏମ୍‌ସରେ ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁ

## ୱାର୍ଡ ଭିତରେ ପଙ୍ଖାରେ ଝୁଲିପଡ଼ିଲେ

ଭୁବନେଶ୍ୱର, ୧୭।୧୨ (ସମିସ): ଏମ୍‌ସ ଅର୍ଥୋପେଡିକ୍ ୱାର୍ଡ ଭିତରେ ଜଣେ ରୋଗୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ବେଡ୍ ଉପରେ ଲାଗିଥିବା ଫ୍ୟାନ୍‌ରୁ ରୋଗୀଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ, ଯାଜପୁର ଜିଲ୍ଲା ଅଟଳପୁର ଗାଁର ଦିଲ୍ଲୀପ କୁମାର ସାହୁ(୭୦)। ଖବର ପାଇ ଖଣ୍ଡଗିରି ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ଏନେଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଦିଲ୍ଲୀପ ଗତ ୫ ତାରିଖରେ ଏମ୍ସ ଅର୍ଥୋପେଡିକ୍ ୱାର୍ଡରେ ଭର୍ତ୍ତି ହୋଇଥିଲେ। ସେ ୫ ନମ୍ବର ବେଡ୍‌ରେ ରହୁଥିଲେ। ମଙ୍ଗଳବାର ସକାଳେ ନିଜ ବେଡ୍ ଉପରେ ଲାଗିଥିବା ଫ୍ୟାନ୍‌ରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଦିଲ୍ଲୀପ ରହୁଥିବା ୱାର୍ଡରେ ୧୦ ଜଣ କର୍ମଚାରୀ ନିୟୋଜିତ ଥିଲେ। ଏଥିସହ ୱାର୍ଡରେ ଆଟେଣ୍ଡାଣ୍ଟ ଭାବେ ଦିଲ୍ଲୀପଙ୍କ ପାଖରେ ତାଙ୍କ ଝିଅ ରହୁଥିଲେ। ତେବେ ପ୍ରଶ୍ନ ଉଠୁଛି, ୱାର୍ଡରେ ଏତେ ଲୋକ ଥିବା ସତ୍ତ୍ୱେ କେମିତି ଏଭଳି ଘଟଣା ଘଟିଲା? ପୁଲିସ୍ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି ଓ ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏମ୍ସ କର୍ତ୍ତୃପକ୍ଷ କହିଛନ୍ତି। ଏତେ ସିକ୍ୟୁରିଟି ଏବଂ କର୍ମଚାରୀ ଥିଲେ ମଧ୍ୟ କିଭଳି ରୋଗୀ ଆତ୍ମହତ୍ୟା କଲେ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଡ୍ୟୁଟିରେ ଥିବା କର୍ମଚାରୀ ଓ ରୋଗୀଙ୍କ ସଂପର୍କୀୟଙ୍କୁ ପୁଲିସ୍ ପଚରାଉଚରା କରୁଛି।

# ହାଟରୁ ଦରପୋଡ଼ା ଶବ ଜବତ

ମହୁଲଡିହା/ଠାକୁରମୁଣ୍ଡା,୧୭।୧୨(ସମିସ): ଠାକୁରମୁଣ୍ଡା ଥାନା କେନ୍ଦୁଜିଆଣୀ ସାପ୍ତାହିକ ହାଟରୁ ଜଣେ ବ୍ୟକ୍ତିଙ୍କ ଦରପୋଡ଼ା ଶବ ଜବତ ହୋଇଛି। ମୃତକଜଣଙ୍କ ହେଲେ, କେନ୍ଦୁଜିଆଣୀ ନିକଟସ୍ଥ ଜଡବିଲ ଗ୍ରାମର ଭଦ୍ରୁ ମହାନ୍ତ। କେହି ଦୁର୍ବୃତ୍ତ ଭଦ୍ରୁଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ପୋଡ଼ି ଦେଇଥିବା ସନ୍ଦେହ କରାଯାଉଛି। ଠାକୁରମୁଣ୍ଡା ପୁଲିସ୍ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ସୂଚନାନୁସାରେ, ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା କେନ୍ଦୁଜିଆଣୀଠାରେ ସୋମବାର ସାପ୍ତାହିକ ହାଟ ବସିଥିଲା। ହାଟ ଶେଷ ହେବା ପରେ ଗୋଟିଏ ପାର୍ଶ୍ୱରେ ହାଣ୍ଡିଆ ହାଟ ମଧ୍ୟ ବସେ। ପରେ ସେଠାରେ ଗୋଟିଏ ଦରପୋଡ଼ା ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ଲୋକେ ରାତିରେ ଥାନାକୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚି ଘଟଣାସ୍ଥଳରେ ରାତିସାରା ଜଗି ରହିଥିଲେ। ତେବେ ମୃତକଜଣଙ୍କ ଭଦ୍ରୁ ବୋଲି ମଙ୍ଗଳବାର ଜଣାପଡ଼ିଥିଲା। ତାଙ୍କୁ କେହି ହତ୍ୟା କରିବା ପରେ ନଡାରେ ପୋଡି ଦେଇଥିବାରୁ ତାଙ୍କୁ ସ୍ଥାନୀୟ ଲୋକେ ଚିହ୍ନଟ କରିବା ସହଜ ହୋଇନଥିଲା। ଖବର ପାଇ ଅତିରିକ୍ତ ଏସ୍‌ପି ନାରାୟଣ ନାୟକ ପହଞ୍ଚି ଅନୁଧ୍ୟାନ କରିଥିବା ବେଳେ ଅଧିକ ତଦନ୍ତ ପାଇଁ ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି।

# ବସ୍ ଦୁର୍ଘଟଣାଗ୍ରସ୍ତ; ୧୧ ଆହତ

କିଶୋରନଗର, ୧୭ ।୧୨(ସମିସ): ୫୫ ନମ୍ବର ଜାତୀୟ ରାଜପଥର କିଶୋରନଗର ଥାନା ସୁସବଠାରେ ସୋମବାର ବିଳମ୍ବିତ ରାତିରେ ଏକ ନାଇଟ୍-କୋଚ୍ ବସ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଭୁବନେଶ୍ୱରରୁ ସମ୍ବଲପୁର ଯାଉଥିବା ଷଡ଼ଙ୍ଗୀ ନାମକ ଏହି ନାଇଟ୍ କୋଚ୍ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୧୧ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଦମକଳବାହିନୀ ଆହତମାନଙ୍କୁ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ବସ ଜବତ କରି ତଦନ୍ତ ଚଳାଇଛି।

# କିରାଣିଙ୍କୁ ତାଲା ପକାଇଦେଲେ ଓକିଲ

ଦାରିଙ୍ଗବାଡ଼ି, ୧୭।୧୨(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ଅନିୟମିତତା ନେଇ ମଙ୍ଗଳବାର ଦାରିଙ୍ଗବାଡ଼ି ଓକିଲ ସଙ୍ଘ ପକ୍ଷରୁ କାର୍ଯ୍ୟାଳୟରେ ପ୍ରତିବାଦ କରାଯାଇଥିଲା। ଏଥିପାଇଁ ସେଠାରେ କିଛି ସମୟ ନିମନ୍ତେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତି ଏଭଳି ହୋଇଥିଲା ଯେ କିରାଣିଙ୍କୁ ଓକିଲମାନେ ତାଲା ପକାଇ ଦେଇଥିଲେ।

ମିଳିଥିବା ସୂଚନାନୁଯାୟୀ, ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣୀଙ୍କ ମନମୁଖୀ କାର୍ଯ୍ୟ ସହ ଜନ୍ମ ପ୍ରମାଣପତ୍ର ପାଇଁ ଆବଶ୍ୟକ କାଗଜପତ୍ର ନିଜେ ପ୍ରସ୍ତୁତ କରି ଲୋକଙ୍କୁ ଅଧିକା ଟଙ୍କା ଦାବି କରିବା, ହାତ ଗୁଞ୍ଜା ଦେଲେ ପ୍ରମାଣପତ୍ର ଶୀଘ୍ର ଯୋଗାଇ ଦେବା, ଯିଏ ହାତଗୁଞ୍ଜା ଦେଉନି ତାଙ୍କର କାଗଜପତ୍ର ବାରମ୍ବାର ଅଗ୍ରାହ୍ୟ କରାଯିବା ଏବଂ ଦାରିଙ୍ଗବାଡ଼ିରେ କୋର୍ଟ

**ଧାର୍ଯ୍ୟଠାରୁ ଅଧିକ ଟଙ୍କା ଦାବି କରୁଛନ୍ତି କର୍ମଚାରୀ**

ରହିଥିଲେ ମଧ୍ୟ ବାହାରୁ ନୋଟାରୀ କାଗଜପତ୍ର ଆଣି ଏଠି ଶପଥ ପାଠ କରି ଅର୍ଥ ରୋଜଗାର କରିବା, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇଁ ଲୋକଙ୍କୁ ଖର୍ଚ୍ଚାନ୍ତ ନ କରାଇବା ଭଳି ଅଭିଯୋଗ କରିଥିଲେ। ସମ୍ପୃକ୍ତ କିରାଣିଙ୍କୁ ତୁରନ୍ତ ଏଠାରୁ ଅନ୍ୟତ୍ର ବଦଳି କରିବା ଦାବି କରିଥିଲେ। ସମ୍ପୃକ୍ତ କିରାଣୀଙ୍କୁ ବଦଳି କରା ନ ଗଲେ ଆଗାମୀ ଦିନରେ ଓକିଲ ସଙ୍ଘ ଆନ୍ଦୋଳନ ଆହୁରି ଜୋରଦାର କରିବ ବୋଲି ଓକିଲ ସୁବର୍ଣ୍ଣ ବାଗ ସିଂ ଓ ଅନ୍ୟ ଓକିଲମାନେ କହିଛନ୍ତି।

ଖବର ପାଇ ଘଟଣାସ୍ଥଳକୁ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜାକେଶ ସାମନ୍ତରାୟ ଆସି ଓକିଲଙ୍କ ସହ ଆଲୋଚନା କରିବା ସହ ଏହାର ଉଚିତ ତଦନ୍ତ କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଯଥାଶୀଘ୍ର ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ଓକିଲମାନେ ସେଠାରୁ ଫେରିଥିଲେ।

# ଆର୍‌ଆଇ ଏବଂ ପୂର୍ବତନ ଅମିନଙ୍କୁ ୩ବର୍ଷ ଲେଖାଏଁ ଜେଲ୍

ଭୁବନେଶ୍ୱର, ୧୭ ।୧୨(ସମିସ): ଗୋଟିଏ ଦିନରେ ଦୁଇ ଅଭିଯୁକ୍ତଙ୍କୁ ସଜା ହୋଇଛି। ଗୋଷାଣି ନୂଆଗାଁର ପୂର୍ବତନ ଆର୍‌ଆଇ ସୁଦର୍ଶନ ପଣ୍ଡାଙ୍କୁ ୩ବର୍ଷ ଜେଲ ଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା ହୋଇଛି। ବ୍ରହ୍ମପୁର ସ୍ପେସାଲ ଭିଜିଲାନ୍ସ କୋର୍ଟ ଆଜି ଏହି ରାୟ ଶୁଣାଇଛନ୍ତି। ଆର୍.ଆଇ ସୁଦର୍ଶନଙ୍କ ବିରୋଧରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ନେଇ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଏନେଇ ଯାଞ୍ଚ କରିବା ପରେ ଚଢ଼ଉ କରିଥିଲା। ସେହିପରି ଅନ୍ୟ ଏକ ଲାଞ୍ଚ ମାମଲାର ଶୁଣାଣି କରି ଢେଙ୍କାନାଳ ଭିଜିଲାନ୍ସ କୋର୍ଟ ଢେଙ୍କାନାଳ ସଦର ପୂର୍ବତନ ଅମିନଙ୍କୁ ଜେଲ ଦଣ୍ଡ ଶୁଣାଇଛନ୍ତି। କୋର୍ଟ ଏହି ମାମଲାର ଶୁଣାଣି ଶୁଭ୍ରଜିତ ସାହୁଙ୍କୁ ୩ବର୍ଷ ଜେଲ ଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ବର୍ତ୍ତମାନ ଗଁଦିଆ ଅମିନ ଥିବାରୁ ତାଙ୍କୁ ଚାକିରିରୁ ବିଦା କରିବା ପାଇଁ ଭିଜିଲାନ୍ସ କମିଟାଣ୍ଟ ଅଥରଟିଙ୍କୁ ଚିଠି ଲେଖିଛି। ଜମିର ଡିମାରକେସନ ରିପୋର୍ଟ ଦେବା ପାଇଁ ଲାଞ୍ଚ ନେଇ ଧରାପଡ଼ି ଗିରଫ ହୋଇଥିଲେ।

### ସିଂହନାଥ ପୀଠରେ ମକରମେଳା ପ୍ରସ୍ତୁତି ବୈଠକ

# ୩ ଦିନ ଟି-ସେତୁ ଉପରେ ଗାଡ଼ି ଚଳାଚଳ ବନ୍ଦ

ବଡ଼ମ୍ବା, ୧୭ ।୧୨(ସମିସ): ଚଳିତ ବର୍ଷ କଟକ ଜିଲ୍ଲାର ଅନ୍ୟତମ ଶୈବପୀଠ ସିଂହନାଥରେ ୩ ଦିନ ଧରି ପାଳନ ହେବ ମକରମେଳା। ଏହି ଯାତ୍ରା ସମୟରେ ୩ ଦିନ ଧରି ସେତୁରେ ସମସ୍ତ ପ୍ରକାର ଗାଡ଼ି ମୋଟର ଚଳାଚଳ ବନ୍ଦ ରହିବ। ଜନସାଧାରଣ ତଥା ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଜି




ସିଂହନାଥଙ୍କ ପବିତ୍ର ପୀଠରେ ଆୟୋଜିତ ମକରମେଳା ପ୍ରସ୍ତୁତି ବୈଠକରେ ଆଲୋଚନା ହୋଇଛି।

ସୂଚନା ମୁତାବକ, କଟକ ଜିଲ୍ଲାର ସର୍ବପୁରାତନ ଶୈବପୀଠ ରୂପେ ପରିଚିତ ବଡ଼ମ୍ବା ବ୍ଲକ୍ ଗୋପୀନାଥପୁର ମହାନଦୀର ମଧ୍ୟ ଭାଗରେ ଥିବା ପଥୁରିଆ ପାହାଡ଼ର ପାଦଦେଶରେ ବିରାଜମାନ କରିଥିବା ବାବା ସିଂହନାଥଙ୍କ ପବିତ୍ର ମକରମେଳାକୁ ଶାନ୍ତିଶୃଙ୍ଖଳିତ ଭାବେ ସମ୍ପାଦିତ କରିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ତହସିଲଦାର ତଥା ଦେବୋତ୍ତର ଅଧିକାରୀ ଶାଶ୍ୱତ ରଞ୍ଜନ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି

**୩ ଦିନ ଧରି ପାଳିତ ହେବ ଯାତ୍ରା**

ରୂପେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗ ଦେଇଥିବା ବେଳେ ବଡ଼ମ୍ବା ବିଡିଓ ରମେଶ ଜେନା, ଥାନା ଅଧିକାରୀ ସଞ୍ଜୟ କୁମାର ଜେନା, ବ୍ଲକ୍ ଅଧ୍ୟକ୍ଷ ରଘୁପତି ମହାନ୍ତି, ୩୦ନଂ ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଚଳିତ ବର୍ଷ ବାବା ସିଂହନାଥଙ୍କ ପବିତ୍ର ମକରମେଳା ଯାତ୍ରାକୁ ୩ ଦିନ ପାଇଁ ଆୟୋଜନ କରାଯିବାକୁ ପ୍ରସ୍ତାବ ଗୃହୀତ ହେବା ସହ ଯାତ୍ରା ସମୟରେ ଟି-ସେତୁ ଉପରେ ଯାତାୟାତ ତଥା ଯାନବାହାନ ଚଳାଚଳ ବନ୍ଦ, ସୁରକ୍ଷା ପାଇଁ ୧୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ, ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଦୁଇଟି ବଡ଼ ବେଡ୍ ସହ ସ୍ୱାସ୍ଥ୍ୟକର୍ମୀ, ଡାକ୍ତର ନିଯୁକ୍ତି, ଜରୁରୀକାଳୀନ ସେବା ପାଇଁ ଗୋଟିଏ ଆମ୍ବୁଲାନ୍ସର ଉପସ୍ଥିତି, ପାନୀୟ ଜଳଯୋଗାଣ ପାଇଁ ଦୁଇଟି ଅସ୍ଥାୟୀ ନଳକୂପ, ଟ୍ୟାଙ୍କର ଯୋଗେ ପାନୀୟ ଜଳଯୋଗାଣ, ଅସ୍ଥାୟୀ ମାଟି ରାସ୍ତାରେ ପାଣିଥିବାରୁ ସମ୍ପୃକ୍ତ ସ୍ଥାନରେ ଦମକଳ ଓ ଓଡ୍ରାଫ ଟିମ୍‌ର ଉପସ୍ଥିତି ଓ ସର୍ବାଧିକ ସନ୍ଧ୍ୟା ୭ଟା ମଧ୍ୟରେ ଯାତ୍ରା ଶେଷ ତଥା ଟି-ସେତୁର ଉଭୟ ପାର୍ଶ୍ୱରେ ଥିବା ଖାଲି ସ୍ଥାନରେ ପାର୍କିଂ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସିଂହନାଥ ଉନ୍ନୟନ କମିଟି ସଭାପତି ନିରଞ୍ଜନ ଶତପଥି, ବାଙ୍କି ଡେପୁଟି କଲେକ୍ଟର, ବଡ଼ମ୍ବା ଓ ବାଙ୍କି ବ୍ଲକର ଅଗ୍ନିଶମ, ବିଦ୍ୟୁତ୍, ପୂର୍ତ୍ତ, ଜଳସେଚନ ବିଭାଗର କର୍ମଚାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ଦଣ୍ଡ ମୁକ୍ତ ବିଦ୍ୟାଳୟରେ ଦଣ୍ଡ

# ଛାତ୍ରଙ୍କୁ କାଠ ଫାଳିଆରେ ପିଟିଲେ ଖେଳ ଶିକ୍ଷୟିତ୍ରୀ

ବନ୍ତ/ଆଗରପଡ଼ା,୧୭।୧୨(ସମିସ): ଦଣ୍ଡମୁକ୍ତ ବିଦ୍ୟାଳୟରେ ଦଣ୍ଡ। ଅଡାଳପଙ୍କସ୍ଥିତ କୃପାସିନ୍ଧୁ ଉଚ୍ଚ ବିଦ୍ୟାଳୟରେ ଏପରି ଏକ ଘଟଣା ଘଟିଛି। ସ୍କୁଲର ଖେଳ ଶିକ୍ଷୟିତ୍ରୀ କିଛି ଛାତ୍ରଙ୍କୁ କାଠ ଫାଳିଆରେ ପିଟି ଗୁରୁତର କରିଥିବା ନେଇ ଅଭିଯୋଗ ହୋଇଛି। ସ୍କୁଲର ୮ମ ଶ୍ରେଣୀ ଛାତ୍ର ପାର୍ଥସାରଥୀ ନାୟକ, ରାକେଶ କୁମାର ଯେନା, ସେକ୍ ଅଲ୍ଲୀ ହୋସେନ ଓ ୯ମ ଶ୍ରେଣୀ ଛାତ୍ର ବିଭୁଦତ୍ତ ଯେନାଙ୍କ ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ସେମାନଙ୍କ ପିଲାମାନେ ଗତ ଶନିବାର ବିଦ୍ୟାଳୟକୁ ଯାଇଥିଲେ। ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ନିମନ୍ତେ ଜାଳେଣି କାଠ ଆଣିବାକୁ କୁହାଯାଇଥିଲା। ଫଳରେ ସେମାନେ ଡ୍ରିଲ୍ କ୍ଲାସ୍‌ରେ ଅନୁପସ୍ଥିତ ଥିଲେ। କିନ୍ତୁ କିଛି ନବୁଝି ଖେଳ ଶିକ୍ଷୟିତ୍ରୀ ସୁଷମା ମଲ୍ଲିକ ସେମାନଙ୍କୁ କଣ୍ଟାଲଗା ଏକ କାଠଫାଳିଆରେ ଆଖିବୁଜା ପିଟିଥିଲେ। ଫଳରେ ପିଲାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଅସହ୍ୟ ଯନ୍ତ୍ରଣା ହେଉଛି। ଶିକ୍ଷୟିତ୍ରୀଜଣଙ୍କ



ଉକ୍ତ ବିଦ୍ୟାଳୟର ଶୁଭଙ୍କର ପରିଡ଼ା ଓ ଶୁଭଙ୍କର ପାତ୍ର ନାମକ ଦୁଇ ଛାତ୍ରଙ୍କୁ ଡକାଇ ଉକ୍ତ ପିଲାଙ୍କ ଦୁଇ ହାତକୁ ଦୁଇ ପଟୁ ଭିଡ଼ି ଧରିବାକୁ କହି କାଠଫାଳିଆରେ ନିସ୍ତୁକ ମାଡ଼ ମାରିଥିଲେ। ଅଭିଭାବକମାନେ ସେମାନଙ୍କ ପ୍ରାରମ୍ଭିକ ଚିକିତ୍ସା କରିବା ପରେ ସୋମବାର ବିଦ୍ୟାଳୟ ପ୍ରଧାନଶିକ୍ଷକ ପୀତବାସ ଜେନା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧୁସୂଦନ ଶଙ୍ଖୁଆଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ସମାଧାନ ନ ହେବାରୁ ନ୍ୟାୟ ପାଇଁ ସେମାନେ ବାଧ ହୋଇ ସେମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଣୟ ସାହୁ ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରିବା ପରେ ଏହାର ସତାସତ୍ୟ ଜାଣିବା ପାଇଁ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀ ଜେନାଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ ଘଟଣାକୁ ସ୍ୱୀକାର କରିଥିଲେ। ଉକ୍ତ ଘଟଣାକୁ ନେଇ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଣୟ ସାହୁଙ୍କୁ ଯୋଗାଯୋଗ କରିବାରୁ ସରକାରଙ୍କ ନିୟମାନୁସାରେ ଅଭିଯୁକ୍ତ ଶିକ୍ଷୟିତ୍ରୀଙ୍କ ଉପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## କୁରାଳ ପାକ୍ସରେ ୬ କୋଟି ହରିଲୁଟ୍ ଘଟଣା

# କାର୍ଯ୍ୟାନୁଷ୍ଠାନ ବଦଳରେ ପଦୋନ୍ନତି

ନୟାଗଡ଼, ୧୭।୧୨(ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ସମବାୟ ସମିତିରେ ୬ କୋଟି ଟଙ୍କା ହରିଲୁଟ ଘଟଣାରେ ଆଜି ପର୍ଯ୍ୟନ୍ତ ଜମାକାରୀମାନେ ଜଳକା ଭଳି ଟଙ୍କା ଫେରି ପାଇବାକୁ ଚାହିଁ ବସିଛନ୍ତି। ଜମାକାରୀଙ୍କୁ ନିର୍ବାଚନ ପୂର୍ବରୁ ଟଙ୍କା ଫେରସ୍ତ ପାଇଁ ସାଧାରଣ ନିର୍ବାଚନ ପୂର୍ବରୁ ବ୍ୟବସ୍ଥା ହୋଇଥିବା ବେଳେ ଏହା ଏକ ଛଳନା ପାଲଟିଛି। କିଛି ଜମାକାରୀଙ୍କୁ କିଛି ଅର୍ଥ ଫେରସ୍ତ କରାଯାଇଥିବା ବେଳେ ସମସ୍ତ ଅର୍ଥ କେବେ ଫେରସ୍ତ ମିଳିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ନିଲମ୍ବିତ ସମ୍ପାଦକ କାଳୁ ଚରଣ ରାଉତଙ୍କୁ ବହିଷ୍କାର କରାଯାଇଛି।ଏଭଳି ସ୍ଥିତିରେ ନୂତନ ସରକାରଙ୍କ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କୁ ବହିଷ୍କୃତ ସମ୍ପାଦକ କାଳୁ ଚରଣ ରାଉତ ଭେଟିବାର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କୁରାଳ ପାକ୍ସରେ ଜମାକାରୀଙ୍କ ୬ କୋଟି ୪୨ ଲକ୍ଷ ଟଙ୍କା ହରିଲୁଟ ହୋଇଥିଲା। ଏହି ଅନିୟମିତତାରେ ପୂର୍ବତନ ସମ୍ପାଦକ କାଳୁ ଚରଣ ରାଉତ, ତତ୍କାଳୀନ ସଭାପତି ପଞ୍ଚୁ ପ୍ରଧାନଙ୍କୁ ସମବାୟ ଦାୟୀ କରିଛି। ଏହା ସହିତ ସେହି ସମୟରେ କାର୍ଯ୍ୟରତ ସମବାୟ ନିରୀକ୍ଷକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଅଡିଟର ସୁଶାନ୍ତ କୁମାର ଦାଶ, ସମବାୟ ନିରୀକ୍ଷକ ପାଣିଚରଣ ସାହୁଙ୍କୁ ଦାୟୀ କରାଯାଇଛି। କାଳୁ ଚରଣ ରାଉତଙ୍କୁ ପ୍ରଥମେ ନିଲମ୍ବନ ଓ ପରେ ବହିଷ୍କାର କରାଯାଇଛି। ସେହିଭଳି ଅଡିଟର ସୁଶାନ୍ତ କୁମାର ଦାଶଙ୍କୁ ନିଲମ୍ବନ କରାଯାଇଛି। ଅନ୍ୟମାନେ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତୀ ଯାଇଛନ୍ତି। ସମବାୟ ବିଭାଗ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ସେମାନଙ୍କୁ ପଦୋନ୍ନତି ଦେଇ ପୁରସ୍କୃତ କରିଛି। ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସମବାୟ ବିଭାଗ ରେଜିଷ୍ଟ୍ରାର, ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ, କୁରାଳ ପାକ୍ସ ପରିଚାଳନା କର୍ତ୍ତୃପକ୍ଷ ଏବଂ ସମନ୍ବୟ ବୈଠକ ବସି ଜମାକାରୀଙ୍କୁ କେନ୍ଦ୍ର ସମବାୟ ବ୍ୟାଙ୍କ ଅର୍ଥ ଫେରାଇବା ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ଜମାକାରୀଙ୍କୁ ତିନୋଟି ପର୍ଯ୍ୟାୟରେ ମାତ୍ର ୧୨ ଲକ୍ଷ ଟଙ୍କା ଫେରସ୍ତ ହୋଇଥିଲା। ନିର୍ବାଚନ ପରଠାରୁ ଏହି ନିଷ୍ପତ୍ତି କେବଳ ଲୋକ ଦେଖାଣିଆ ଅବସ୍ଥାରେ ରହିଛି। ଜମାକାରୀଙ୍କୁ କେବେ ଅର୍ଥ ଫେରସ୍ତ ମିଳିବ ତାହା ଜଣାପଡୁ ନ ଥିବା ବେଳେ ବହିଷ୍କୃତ ସମ୍ପାଦକ ସମବାୟ ମନ୍ତ୍ରୀଙ୍କୁ ଭେଟିବା ସ୍ଥାନୀୟ ଅଞ୍ଚଳରେ ସମବାୟ ବିଭାଗ ପ୍ରତି ନକରାତ୍ମକ ଭାବନା ସୃଷ୍ଟି କରିଛି। ଜମାକାରୀଙ୍କୁ ନ୍ୟାୟ ପରିବର୍ତ୍ତେ ସମବାୟ ବିଭାଗ ଅନିୟମିତତା ତଥା ଦୁର୍ନିତୀଗ୍ରସ୍ତଙ୍କ ସୁରକ୍ଷା ଦେଉଥିବା ଆଲୋଚନା ହେଉଛି। ଅର୍ଥ ଫେରସ୍ତ ପ୍ରକ୍ରିୟାକୁ ଚାଲୁ ରଖାଯିବା ବଦଳରେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କାହିଁକି ନିର୍ବାଚନ ପରଠାରୁ ବନ୍ଦ କରିଛି, ତାକୁ ନେଇ ପ୍ରଶ୍ନ ଉଠିଛି।

**● ଜମାକାରୀଙ୍କୁ କେବେ ମିଳିବ ଟଙ୍କା**

## ଓଡ଼ଗାଁ ବନ ବିଭାଗର ଚଢ଼ଉ

# ୨୧ ଶାଗୁଆନ ଗଣ୍ଡି ସହିତ ସରଞ୍ଜାମ ଜବତ



ଓଡ଼ଗାଁ, ୧୭।୧୨(ସମିସ): ନୟାଗଡ଼ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶରେ ଓଡ଼ଗାଁ ବନାଞ୍ଚଳ ଅଧିକାରୀ ନିଖିଲେଶ ମଲ୍ଲିକଙ୍କ ନେତୃତ୍ୱରେ ବନପାଳ ସରିତା ବରାଳ ଏବଂ ବନ କର୍ମଚାରୀମାନେ ଓଡ଼ଗାଁ ବନାଞ୍ଚଳ ମଈଁଶୀ ଗୋଠପଲ୍ଲୀ ଗ୍ରାମ ନିକଟ ଧାଡ଼ିମୁଣ୍ଡିଆ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ସକାଳେ ପ୍ରାୟ ୯ ବେଳେ ଚଢ଼ଉ କରି୫ ଶାଗୁଆନ ଗଛ କାଟି ୨୦ ଗଣ୍ଡି କରି ନେବାପାଇଁ ଉଦ୍ୟମ କରୁଥିବା ବେଳେ ଓଡ଼ଗାଁ ବନାଞ୍ଚଳ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ସେଗୁଡ଼ିକ ଜବତ୍ କରିବା ସହିତ ଓଡି ୨୫ କ୍ୟୁ-୩୩୪୧, ଓଡି ୨୫ କ୍ୟୁ-୧୩୬୦, ଓଡି ୦୭ ଡି-୯୨୬୬, ଓଆର ୦୨ ଏୟୁ-୭୦୯୫, ଓଡି ୨୫ ବି -୧୬୪୯ ମୋଟ ୫ ବାଇକ୍ ସହିତ ଗୋଟିଏ ମେସିନ କରତ, ୩ ହାତ କରତ, ଦଉଡ଼ି ଏବଂ ଟାଙ୍ଗିଆ ଜବତ୍ କରି ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଛନ୍ତି।ଶରଣକୁଳ ଥାନା କଲ୍ୟାଣପୁରର ହରିବନ୍ଧୁ ପାତ୍ର(୬୨), ସଂସାରୀ ପ୍ରଧାନ(୮୦), ଚିରଞ୍ଜିବୀ ପ୍ରଧାନ(୪୫), ଜ୍ୟୋତିରଞ୍ଜନ ପାତ୍ର(୨୦), ସିଙ୍ଗାପୁର ଗ୍ରାମର କରୁଣା ନାହାକ(୪୫), ଶୋଲପଙ୍ଗାର ଗୌରାଙ୍ଗ ନାୟକ (୫୫), ନୟାଗଡ଼ ଥାନା ପିଆଶାଳିଆର ସୁରଥ ମାଝି(୬୦) ଏବଂ ରଇବାରିଆ ନାୟକ(୩୦)ଙ୍କୁ ଅଟକ ରଖି ୨୦୨୪/୨୫ରେ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛନ୍ତି। ବନରକ୍ଷୀ ସୌମ୍ୟ ରଞ୍ଜନ ଦଳେଇ, ଦିଲ୍ଲିପ କୁମାର ପ୍ରଧାନ, ଏନଫୋର୍ସମେଣ୍ଟ ଟିମ୍ ନୟାଗଡ଼, ସ୍କ୍ୱାର୍ଡ ଟିମ୍, ପଞ୍ଚିରିଡା ବନାଞ୍ଚଳ ବନପାଳ ବନପାଳ ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

## ଭାପୁର ମହୋତ୍ସବ ପ୍ରସ୍ତୁତି ବୈଠକ

ଭାପୁର, ୧୭।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ମହୋତ୍ସବ ପାଇଁ ମଙ୍ଗଳବାର ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି।ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାନ୍ତି ଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଅଧ୍ୟାପକ ଡ ପବିତ୍ର କୁମାର ସୁବୁଦ୍ଧି, ମୋ ମାଟି ଭାପୁର ର ସଭାପତି ବେଣୁଧର ପ୍ରଧାନ, ମହୋତ୍ସବ ସମ୍ପାଦକ ଭରତ କୁମାର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ଆଚାର୍ଯ୍ୟ, ବରିଷ୍ଠ ରାଜନେତା ମଧୁସୂଦନ ରଥ, ବସନ୍ତ କୁମାର ମାଝି, ସନ୍ତୋଷ କୁମାର ତ୍ରିପାଠୀ, କଣ୍ଠଶିଳ୍ପୀ ଯୁଧିଷ୍ଠିର ଖୁଣ୍ଟିଆ ଙ୍କ ସହ ଭାପୁର ଅଞ୍ଚଳର ଅନେକ ସରପଞ୍ଚ, ସମିତି ସଭ୍ୟ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।ମହୋତ୍ସବ କୁ ଅଧିକ ସରସ ସୁନ୍ଦର କରିବା ପାଇଁ ସମସ୍ତେ ଉପାଦେୟ ମତ ରଖିଥିଲେ।ବୁଧବାର ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଙ୍କ ନେତୃତ୍ୱରେ ବୈଠକ ଅନୁଷ୍ଠିତ ହେବା ପରେ ବିଭିନ୍ନ କମିଟି ଗଠନ କରାଯାଇ ପ୍ରସ୍ତୁତିକୁ ଅଧିକ ଗତିଶୀଳ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ଆଦର୍ଶ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

ଭାପୁର, ୧୭।୧୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ତେଗଡ଼ ଠାରେ ପ୍ରତିଷ୍ଠିତ ଆଦର୍ଶ ବିଦ୍ୟାଳୟର କ୍ରିଡା ଉତ୍ସବ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି।ବିଦ୍ୟାଳୟ ର ଶତାଧିକ ଛାତ୍ରଛାତ୍ରୀ ଲମ୍ବ ଡିଆ, ଉଚ୍ଚ ଡିଆ, ପଟାଟୋ ଦ୍ରୌଡ, ସଟପୁଟ, ଜାଭଲିନ ଥ୍ରୋ ଆଦି ଖେଳରେ ଭାଗ ନେଇଥିଲେ।ଖେଳକୁ ବିଦ୍ୟାଳୟର ଅଧକ୍ଷ ପଦ୍ମିନୀ ବାରିକ ଉଦ୍‌ଘାଟନ କରିଥିଲେ ଓ ଖେଳ ପରିଚାଳନା କରିଥିଲେ ଚକ୍ରଧରପ୍ରସାଦ ହାଇସ୍କୁଲର ଖେଳ ଶିକ୍ଷକ ବସନ୍ତ କୁମାର ବରାଡ। ବିଦ୍ୟାଳୟ ର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଶୁଭମ୍ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ନୟାଗଡ଼, ୧୭।୧୨(ସମିସ): ମା'ଦକ୍ଷିଣକାଳୀ ଭଲିବଲ କ୍ଲବ୍ ପୁରୁଣା ସହର ଆନୁକୂଲ୍ୟରେ ମା'ଦକ୍ଷିଣ କାଳୀଙ୍କ ବିଜେ ମଣ୍ଡା ବାଗନ ପଡ଼ିଆରେ ଶୁଭମ ମେମୋରିଆଲ ଭଲି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ପ୍ରମୋଦ ପଟ୍ଟନାୟକ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସନ୍ଧ୍ୟାରେ ଭଲି ଟୁର୍ଣ୍ଣାମେଣ୍ଟରେ କୋମଣ୍ଡ ଭଲି କ୍ଲବ୍ ବନାମ ଦୁର୍ଗା ପ୍ରସାଦ ଭଲି କ୍ଲବ ପରସ୍ପରକୁ ଭେଟି ଥିଲେ। ଏହା ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମା'ଦକ୍ଷିଣକାଳୀ ଭଲି କ୍ଲବ୍ ସଭାପତି ରାଜା ପଟ୍ଟନାୟକ, ଓ ସମ୍ପାଦକ ମାନସ ପ୍ରିତମ ଉପସ୍ଥିତ ଥିବା ବେଳେ କ୍ଲବ୍ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଖଣ୍ଡପଡ଼ା- ବନମାଳିପୁର ପ୍ରଧାନମନ୍ତ୍ରୀ ସଡ଼କ

# ରକ୍ଷଣାବେକ୍ଷଣ ଅଭାବରୁ ଜନ ଅସନ୍ତୋଷ



ଖଣ୍ଡପଡ଼ା, ୧୭।୧୨(ସମିସ): ଖଣ୍ଡପଡ଼ା-ଭାପୁର ପୂର୍ତ୍ତବିଭାଗ ରାସ୍ତାର କାଚରାସାହି ଛକ ରୁ ବନମାଳିପୁର ଗ୍ରାମ ଓ ନୂତନ କୁସୁମୀ ସେତୁ ଦେଇ ଖଣ୍ଡପଡ଼ାକୁ ସଂଯୋଗ କରୁଥିବା ରାସ୍ତାର ଶୋଚନୀୟ ଅବସ୍ଥା ପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ପ୍ରଶାସନ ନିକଟରେ ଅଞ୍ଚଳବାସୀ ଦାବି କରିଛନ୍ତି। ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି। ଅଣଓସାରିଆ ରାସ୍ତା ଦେଇ ଦୈନିକ ଶତାଧିକ ଯାନବାହନ ଗୁଡ଼ିକ ଚଳାଚଳ କରୁଛି। କୁସୁମୀ ନଦୀ ଉପରେ ନୂତନ ସେତୁ ନିର୍ମାଣ ହେବା ପରେ ଉକ୍ତ ରାସ୍ତା ଦେଇ ଖଣ୍ଡପଡ଼ା ସହର ଓ ଖଳିସାହି ଦେଇ ଦଶପଲ୍ଲା ଓ କଣ୍ଟିଲୋ ଅଞ୍ଚଳକୁ ସଡ଼କ ପଥରେ ଗମନାଗମନର ସୁଯୋଗ ସୃଷ୍ଟି ହୋଇଛି। ଦୂରତ୍ୱ କମ ଦୃଷ୍ଟିରୁ ଯାନବାହନ ଗୁଡ଼ିକ ବନମାଳିପୁର, ପଥୁରିଆ ଗ୍ରାମ ଦେଇ କୁସୁମୀ ସେତୁ ଉପରେ ଯାତାୟାତ କରୁଥିବା ବେଳେ ଅଣଓସାରିଆ ରାସ୍ତା ଯୋଗୁଁ ଭାରି ଯାନ ଗୁଡ଼ିକ ରାସ୍ତା ଦେଇ ଯିବା ଆସିବା ନିମନ୍ତେ ଉଚିତ ମଣୁନାହାନ୍ତି। ତେଣୁ ବନମାଳିପୁର ସେତୁକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତି କରଣ ସହ ପ୍ରଶସ୍ତିକରଣ ନିମନ୍ତେ ପ୍ରଶାସନ ଗ୍ରାମ୍ୟ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା-ବନମାଳିପୁର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨୬ ଅଗଷ୍ଟ ୨୦୧୯ ମସିହାରୁ କାର୍ଯ୍ୟ ଆରମ୍ଭ ହୋଇ ୨୫ ମଇ ୨୦୨୦ ମସିହାରେ ଶେଷ ହୋଇଛି। ପ୍ରଧାନମନ୍ତ୍ରୀ ସ?କ ଯୋଜନାରେ ଅନ୍ତର୍ଭୁକ୍ତ ରାସ୍ତା ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ଥିବା ବେଳେ ରାସ୍ତାର ରକ୍ଷଣାବେକ୍ଷଣ ନିମନ୍ତେ ୨୦୧୯ ରୁ ୨୦୨୪/୨୫ ପାଇଁ ମଧ୍ୟ ଲକ୍ଷାଧିକ ଟଙ୍କା ରଖାଯାଇଥିବା ସୂଚନା ରହିଛି। ମାତ୍ର ସେସବୁ ଅର୍ଥକୁ ସଠିକ ଭାବରେ ବିନିଯୋଗ ହୋଇନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ବାଳିକା ବିଦ୍ୟାଳୟ ବାର୍ଷିକ ଉତ୍ସବ

ଓଡ଼ଗାଁ, ୧୭।୧୨(ସମିସ): ଓଡ଼ଗାଁ ବ୍ଲକ କୁରାଳ ଆନନ୍ଦ ସାହୁ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୀତେନ୍ଦ୍ର କୁମାର ନାୟକ, ବିଶିଷ୍ଟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଗୀତାଞ୍ଜଳୀ ସାହୁ, ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ରାଜ୍ୟ ସଂଯୋଜକ ରବୀନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥିଭାବେ କୁରାଳ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ରାମ ପ୍ରସାଦ ସାହୁ, ଜିଲାପରିଷଦ ସଭ୍ୟା ଝିଲି ପ୍ରଧାନ, ସମିତିସଭ୍ୟା କନକ ପାତ୍ର, ସରପଞ୍ଚ ବିଜନ ପାଇକରାୟ, ବିଦ୍ୟାଳୟ ସଭାପତି ସିମାଞ୍ଚଳ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଭାଗର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ଏଥିସହିତ




ବିଦ୍ୟାଳୟରୁ ଅବସରଗ୍ରହଣ ଓ ବଦଳି ହୋଇଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ମାନ ସ୍ୱରୂପ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ହିମାଂଶୁ ବିଧାରଙ୍କ ନିର୍ଦ୍ଦେଶିତ ପରିବେଶ ଭିତ୍ତିକ ନାଟକ 'ସୁନ୍ଦର ସବୁଜ ଧରଣୀ ରାଣୀ-ଜୀବନ ଧରିବେ ସମସ୍ତ ପ୍ରାଣୀ'ଛାତ୍ରୀମାନଙ୍କ ଦ୍ୱାରା ପରିବେଶଣ ହୋଇଥିଲା। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ପୁଷ୍ପିତା ପାଣିଗ୍ରାହୀ, ବନିତା ମାଝୀ, ଲିପ୍ସାରାଣୀ ପ୍ରଧାନ, ରଶ୍ମିତା ପାଢ଼ୀ, ସସ୍ମିତା ପାଣିଗ୍ରାହୀ, କଳ୍ପନା ପାଣିଗ୍ରାହୀ, ରାଜଲକ୍ଷ୍ମୀ ମିଶ୍ର, ସୁଶାନ୍ତ କୁମାର ନାୟକ, ବୈକୁଣ୍ଠ ନାଥ ପ୍ରଧାନଙ୍କ ସମେତ ପୁରାତନ କର୍ମଚାରୀ ରାମେଶ୍ୱର ପଣ୍ଡା, ବିଦ୍ୟାଧର ସାହୁ, ନିତ୍ୟାନନ୍ଦ ସାହୁ ଏବଂ ଧ୍ରୁବ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ବଡରାଉଳ ପୀଠରେ ରଥକାଠ ଅନୁକୂଳ ପୂଜା

# ଗଣମାଧ୍ୟମ ପ୍ରତିନିଧିଙ୍କୁ ମିଳୁନି ସୂଚନା

ଗଣିଆ, ୧୭।୧୨(ସମିସ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ପାଇଁ ମଙ୍ଗଳବାର ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକ ବଡରାଉଳ ପୀଠରେ ରଥକାଠ ଅନୁକୂଳ ପୂଜା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଘୋଷଯାତ୍ରାର ଆଦ୍ୟ ପର୍ବ ପାଇଁ ନୟାଗଡ଼ ବନଖଣ୍ଡ ତରଫରୁ ପ୍ରତିବର୍ଷ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ପରମ୍ପରାକୁ ଲୋକଲୋଚନକୁ ଆଣିବା ପାଇଁ ସରକାର ପ୍ରଚାର ପ୍ରସାର କରିଆସୁଛନ୍ତି। ଏପରିସ୍ଥଳେ ଆୟୋଜନ କରୁଥିବା ବନବିଭାଗ ଅଧିକାରୀ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ସୂଚନା ପ୍ରଦାନ କରୁନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଗତ ବର୍ଷଗୁଡିକରେ ମହାପ୍ରଭୁଙ୍କ ଘୋଷଯାତ୍ରାର ଏହି ଆଦ୍ୟପର୍ବ ଦେଖିବା ଓ ପ୍ରଚାରପ୍ରସାର କରିବା ପାଇଁ ନୟାଗଡ଼ ବନଖଣ୍ଡ ତରଫରୁ ଗଣିଆ, ଦଶପଲ୍ଲା, ଖଣ୍ଡପଡ଼ା, ନୂଆଗାଁ ଓ ନୟାଗଡ଼ ବନାଞ୍ଚଳ ଅଧିକାରୀମାନଙ୍କ ଜରିଆରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରିଆସୁଥିଲେ। ପରିତାପର ବିଷୟ ଗତ ୨ବର୍ଷ ଧରି ଗଣିଆ ବନାଞ୍ଚଳ ଅଧିକାରୀଙ୍କ ତରଫରୁ ଗଣିଆ ବ୍ଲକର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ସୂଚନା ପ୍ରଦାନ କରାଯାଉନାହିଁ। ଏ ନେଇ ଗଣିଆ ସାମ୍ବାଦିକ ସଂଘ ଓ ଆଞ୍ଚଳିକ ସାମ୍ବାଦିକ ସଂଘ ତରଫରୁ ୧୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧିମାନେ ବଡରାଉଳ ପୀଠରେ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡଙ୍ଗୀଙ୍କ ନିକଟରେ ଘଟଣା ସମ୍ପର୍କରେ ଜଣାଇବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ଘଟଣା ସମ୍ପର୍କରେ ବନଖଣ୍ଡ ଅଧିକାରୀ ଶୁଣିବା ପରେ ଆଗାମୀ ଦିନରେ ଏଭଳି ସମସ୍ୟା ହେବନାହିଁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଭୁଶୁଡିବାକୁ ବସିଲାଣି ରାଜୀବ ମାର୍କେଟ୍

# ନୟାଗଡ଼ ପୌର ପରିଷଦ ନିରବଦ୍ରଷ୍ଟା

ନୟାଗଡ଼, ୧୭।୧୨(ସମିସ): ନୟାଗଡ଼ ପୌର ପରିଷଦ ଗଠନ ହୋଇଥିଲେ ମଧ ନୟାଗଡ଼ ସହରରେ ଏନ୍ଏସି ଅମଳରୁ ଚାଲିଥିବା ଜାଲିଆତିରେ ପୂର୍ଣ୍ଣଚ୍ଛେଦ ପଡ଼ିପାରୁନାହିଁ ପୌର ପରିଷଦ ଆୟ ବୃଦ୍ଧି ହୋଇପାରୁନଥିବା ବେଳେ କିଛି ପ୍ରଭାବଶାଳୀ ବ୍ୟକ୍ତି ମାଲେମାଲ ହେଉଛନ୍ତି। ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ସମୟରୁ ଦୋକାନ ଗୃହ ଆବଣ୍ଟନ ନାଁରେ ହୋଇଥିବା ଜାଲିଆତି ଦ୍ୱାରା କିଛି ବ୍ୟକ୍ତି ମାସକୁ ମାସ ବ୍ୟବସାୟୀଙ୍କୁ ଶୋଷଣ କରି ରୋଜଗାର କରୁଥିବା ବେଳେ ପୌର ପରିଷଦ ୫ ଶହ କିମ୍ବା ୭ ଶହ ଟଙ୍କା ଭଡା ପାଇ ଜଳକା ସାଜିଛି। ମାର୍କେଟ୍ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ସହ ଦୋକାନ ଗୃହ ହାତେଇଥିବା ବ୍ୟକ୍ତିଙ୍କ ଅସାଧୁ ମେଣ୍ଟ ଯୋଗୁଁ ଏଭଳି ହରିଲୁଟ୍ ଦୀର୍ଘବର୍ଷ ଧରି ଚାଲିଛି। ରାଜସ୍ୱ ଆଦାୟ କମରୁ ବିଭିନ୍ନ ମାର୍କେଟର ରକ୍ଷଣାବେକ୍ଷଣ ହୋଇପାରୁନାହିଁ। ପୌର ପରିଷଦ ଅଧିନସ୍ଥ ରାଜୀବ ମାର୍କେଟ ଭୁଶୁଡିବାକୁ ବସିଲାଣି। ଏହାର ବିମ୍, କାନ୍ଥରେ ଫାଟ ସୃଷ୍ଟି ହୋଇଥିବା ବେଳେ ଜୁବୁଲିମାର୍କେଟ ଓ ପ୍ରିୟଦର୍ଶିନୀ ମାର୍କେଟରେ ରଙ୍ଗ କାର୍ଯ୍ୟ ହୋଇପାରୁନାହିଁ।ଦୀର୍ଘବର୍ଷ ଧରି ଲିଜ ଆକାରରେ ଦୋକାନ ହାତେଇ କିଛି ବ୍ୟକ୍ତି ବ୍ୟବସାୟୀଙ୍କୁ ଶୋଷଣ କରୁଛନ୍ତି। ନୟାଗଡ଼ ପୌର ପରିଷଦ ଅଧିନରେ ୮ ଶହରୁ ଉର୍ଦ୍ଧ୍ୱ ଦୋକାନ ଗୃହ ରହିଛି। ପୌର ପରିଷଦ ଅଧିନରେ ପ୍ରିୟଦର୍ଶିନୀ ମାର୍କେଟ, ରାଜୀବ ମାର୍କେଟ, ଜୁବୁଲି ମାର୍କେଟ, ବିଜୁ ମାର୍କେଟ, ନୟାଗଡ଼ ନୂଆ ବସ୍‌ଷ୍ଟାଣ୍ଡ, କେସି ଗୋଦାମ ପ୍ରଭୃତି ରହିଛି। ଏହି ଦୋକାନ ଗୃହ ଗୁଡିକ ମାସକୁ ୫ ଶହ ଟଙ୍କାରୁ ଆରମ୍ଭ କରି ସର୍ବାଧିକ ୧୫ ଶହ ଟଙ୍କା ପର୍ଯ୍ୟନ୍ତ ପୌର ପରିଷଦ ଭଡା ପାଉଛି। କିନ୍ତୁ ଦୋକାନ ଗୃହ ହାତେଇଥିବା ବ୍ୟକ୍ତି ଏହାକୁ ଭଡାରେ ଲଗାଇ ମାସକୁ ୮ରୁ ୧୦ ହଜାର ପର୍ଯ୍ୟନ୍ତ ଭଡା ପାଉଛନ୍ତି। ପ୍ରକୃତ ବ୍ୟବସାୟୀଙ୍କୁ ଦୋକାନ ଗୃହ ମିଳୁନଥିବା ବେଳେ ବର୍ଷ ବର୍ଷ ଧରି କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ କବଜାରେ ନୟାଗଡ଼ ପୌର ପରିଷଦ ମାର୍କେଟ ଗୁଡିକ ରହିଛି। ନୟାଗଡ଼ ପୌର ପରିଷଦ ଅଧିନରେ ରହିଥିବା ଅନେକ ଦୋକାନ ଗୃହକୁ ସରକାରୀ କର୍ମଚାରୀ, ପୌର ପରିଷଦ କର୍ମଚାରୀ, ନିଜ ତଥା ନିଜ ସମ୍ପର୍କିୟଙ୍କ ନାଁରେ ଲିଜ ଆକାରରେ ରଖିଛନ୍ତି।ଏହି ତାଲିକାର ତନଖି ହେଉନଥିବା କିମ୍ବା ଭଡା ବୃଦ୍ଧି କରାଯାଉନଥିବାରୁ ଫାଇଦା ସେମାନେ ଉଠାଇ ଚାଲିଛନ୍ତି। ଯାହାର ବିଧିବଦ୍ଧ ତଦନ୍ତ କରାଯିବା ସହ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କୁ ଲିଜ ପ୍ରଦାନ କରିବା ବ୍ୟବସ୍ଥା କରିବାକୁ ଦାବି ହେଉଛି।ଏନେଇ ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇଙ୍କୁ ପଚାରିବାରୁ ଦୀର୍ଘ ବର୍ଷ ତଳୁ ଭଡା ବୃଦ୍ଧି କରାଯାଇନାହିଁ। ଫଳରେ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକରୁ ଯାହା ରାଜସ୍ୱ ଆଦାୟ ହେଉଛି, ସେହି ଅନୁସାରେ ରକ୍ଷଣାବେକ୍ଷଣ ହୋଇପାରୁନି। ପୌର ପରିଷଦ ବୈଠକରେ ଏନେଇ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

**● ହୋଇପାରୁନି ରକ୍ଷଣାବେକ୍ଷଣ**
**● ବୃଦ୍ଧି ପାଉନି ଦୋକାନ ଭଡ଼ା**

## ବାହାଡାଝୋଲା-ସୁନାମୁହିଁ ପୂର୍ତ୍ତ ରାସ୍ତା

# ୩ ମାସ ନପୂରୁଣୁ ରାସ୍ତାରୁ ଉଠିଲାଣି କଂକ୍ରିଟ

ଓଡ଼ଗାଁ, ୧୬।୧୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁଥାନା ନୂଆଗାଁ ବ୍ଲକ ବାହାହାଡାଝୋଲା-ସୁନା ମୁହିଁ ପୂର୍ତ୍ତ ବିଭାଗ ରାସ୍ତାରେ କଂକ୍ରିଟ ପଡ଼ିବାର ୩ ମାସ ନପୂରୁଣୁ ରାସ୍ତାରୁ କଂକ୍ରିଟ ଉଠିଯିବା ନେଇ ବେରୁହାଁବାରୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିର୍ଦ୍ଧାରିତ ଭାଗମାପରେ ସିମେଣ୍ଟ କଂକ୍ରିଟ କରାଯାଇନଥିବା ବେଳେ ଅଣ ସ୍ୱୀକୃତି ପ୍ରାପ୍ତ ସିମେଣ୍ଟରେ ରାସ୍ତା କାର୍ଯ୍ୟ କରିବା ଯୋଗୁଁ ଏପରି ଘଟିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ୨୦୨୩ ମସିହା ଡ଼ିସେମ୍ବର ମାସ ୫ ତାରିଖରେ ୧୫ କୋଟି ଟଙ୍କାରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା।ବର୍ତ୍ତମାନ ସୁଦ୍ଧା କାମ ଚାଲିଥିବା ବେଳେ କେଉଁ ସ୍ଥାନରେ ପିଚୁରାସ୍ତା ଦବି ଯାଇଥିବା ବେଳେ ଅନ୍ୟ କେଉଁ ସ୍ଥାନରେ ପାଣିର ଅଭାବରେ ଗାଡ଼



ୱାଲରେ ନିର୍ମାଣ ହୋଇଥିବା ପିଲାର ଗୁଡିକ ଭାଙ୍ଗି ରାସ୍ତା ତଳକୁ ଖସିପଡ଼ିଲାଣି। ଲଣ୍ଡାବାଦୁ ଛକ ଠାରେ ପେଭରବ୍ଲକ ଦବି ଯିବାରୁ ସ୍ଥାନୀୟ ଅଞ୍ଚଳରେ ମଧ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ରାସ୍ତା ଖରାପ ହେଲେ ଆମେ ସଜାଡିବୁ ବୋଲି ଠିକାଦାରର କହୁଥିବା ବେଳେ ରାସ୍ତା ସଠିକ୍ ଭାବେ ନିର୍ମାଣ କରିବା ପାଇଁ ସ୍ଥାନୀୟ ଲୋକେ କହିଛନ୍ତି। ବେରୁହାଁବାରୀ ଛକରୁ ୩୦ ରୁ ୪୦ ମିଟର ଲମ୍ବ ରାସ୍ତାରୁ କଂକ୍ରିଟ ଉଠିଥିବା ବେଳେ ସ୍ଥାନୀୟ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ନଦେଲେ ଜନଆନ୍ଦୋଳନ ସମ୍ଭାବନାକୁ ଏଡ଼ାଇ ଦିଆ ଯାଇ ନପାରେ।

## ନର୍ଲା ତହସିଲଦାରଙ୍କ ଭଉଣୀଙ୍କୁ ହତ୍ୟା ଘଟଣା

# ସନ୍ଦେହରେ ମହିଳା ଓ ଅଟୋ ଚାଳକ

ନୟାଗଡ଼/ଦଶପଲ୍ଲା, ୧୭।୧୨(ସମିସ):

ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା କୁଜାମେଣ୍ଡି ପଞ୍ଚାୟତ ଗଙ୍ଗାଡିହ ଗାଁ ପାର୍ଶ୍ୱ ଜଙ୍ଗଲୀ ରାସ୍ତାରେ ହତ୍ୟା ହୋଇଥିବା ମହିଳାଙ୍କ କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ତଟାଗୁଡ଼ା ଗାଁର ଅବସରପ୍ରାପ୍ତ ସ୍ୱର୍ଗତ ଶିକ୍ଷକ ଅଭିମନ୍ୟୁ ବେହେରାଙ୍କ ଅବିବାହିତ ଝିଅ ସୁକାନ୍ତି ବେହେରା। ସେ ନର୍ଲା ତହସିଲଦାର ବଳଦେବ ବେହେରାଙ୍କ ଭଉଣୀ। ତାଙ୍କ ଗଳା କାଟି ହତ୍ୟା କରାଯାଇଥିବା ବେଳେ ପେଟ ଓ ବିଭିନ୍ନ ସ୍ଥାନରେ ଛୁରାଘାତ ହୋଇଥିଲା। ହତ୍ୟାକାଣ୍ଡ ସ୍ଥଳରେ ପାଣି ବୋତଲ, ଛୁରୀକୁ ପୁଲିସ ଜବତ କରିଛି।ହତ୍ୟାକାଣ୍ଡ ସ୍ଥଳରେ କିଛି ଭଙ୍ଗା ଚୁଡ଼ି ପଡ଼ିଥିଲା। ସେହିପରି ଅନତି ଦୂରରେ ଏକ ସୁନାଗହଣା ଦୋକାନ ରସିଦ ମଧ୍ୟ ଚିରା ଅବସ୍ଥାରେ ପଡ଼ିଥିଲା। ସୁକାନ୍ତି ଅବିବାହିତ ରହି ଦୀର୍ଘଦିନ ଧରି ବାପାଙ୍କ ସେବା ଶୁଶ୍ରୁଷା କରି ଆସୁଥିଲେ। କିଛିଦିନ ତଳେ ବାପାଙ୍କ ମୃତ୍ୟୁ ଘଟିଥିଲା। ସୁକାନ୍ତି ସୁଧ ବ୍ୟବସାୟ କରୁଥିବା ଏବଂ ଆର୍ଥିକ ସ୍ୱଚ୍ଛଳ ରହିଥିବା ତାଙ୍କ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି। ଗତ ବୁଧବାର ମଧ୍ୟାହ୍ନରେ ସେ ଚକାପାଦ ହାଟକୁ ଆସିଥିଲେ। ବାଟରେ ଆସିବା ପରେ ଭଞ୍ଜନଗରରେ ରହୁଥିବା ଶିକ୍ଷୟତ୍ରୀଙ୍କୁ ଭଉଣୀଙ୍କୁ ଫୋନ କରିଥିଲେ। ମୁଁ ଯାଉଛି ବୋଲି ତାଙ୍କୁ ସୂଚନା ଦେଇଥିଲେ। କିଛି ସମୟ ପରେ ଭଉଣୀ ତାଙ୍କୁ ଯୋଗାଯୋଗ କରିବାରେ ସୁକାନ୍ତିଙ୍କ ଫୋନ୍ ସୁଇଚ୍ ଅଫ୍ ରହିଥିଲା। ଗୁରୁବାର ସକାଳୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ତଟାଗୁଡା ଗାଁରୁ ହତ୍ୟାକାଣ୍ଡସ୍ଥଳ ୧୦ରୁ ୧୨ କିଲୋମିଟର ଦୂର। କନ୍ଧମାଳ ଜିଲ୍ଲା ଚପାପାଦ ଏବଂ ନୟାଗଡ଼ ଜିଲ୍ଲା ବାଣିଗୋଛା ଅଞ୍ଚଳ ସୀମାନ୍ତ ଏବଂ ଉପାନ୍ତ ଅଞ୍ଚଳ ହୋଇଥିବାରୁ ହତ୍ୟାକାଣ୍ଡ ନେଇ ଅନେକ ସନ୍ଦେହ ସୃଷ୍ଟି ହୋଇଛି। ହତ୍ୟାକାରୀ ଅତ୍ୟନ୍ତ ଚତୁରତାର ସହିତ କାଣ୍ଡ ଘଟାଇଛି। ଥାନା ଏବଂ ଜିଲ୍ଲାର ଭୌଗୋଳିକ ସୀମା ଡେଇଁ ହତ୍ୟାକାଣ୍ଡ କରାଯିବା ଦ୍ୱାରା ପୁଲିସ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି। ଏହି ଘଟଣା ଏବେ ପୁଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଥିବା ବେଳେ ପୁଲିସ ବିଭିନ୍ନ ଦିଗକୁ ନଜରରେ ରଖି ଛାନଭିନ୍ ଚଳାଇଛି। ଏହି ଘଟଣାରେ ଜଣେ ମହିଳା ଓ ଜଣେ ଅଟୋ ଚାଳକ ପ୍ରଥମେ ସନ୍ଦେହ ଘେରକୁ ଆସିଥିବା ସୂଚନା ମିଳିଛି। ପୁଲିସ ସେମାନଙ୍କୁ ଥାନାକୁ ଡକାଇ ପଚରାଉଚରା କରୁଛି। ଏହି ହତ୍ୟାକାଣ୍ଡରେ ସେମାନଙ୍କ ସମ୍ପୃକ୍ତି ରହିଛି ନାଁ ନାହିଁ ବୋଲି ତଦନ୍ତ ଚାଲିଛି। ଘଟଣାର ଅଡୁଆ ସୂତାକୁ ଖୋଲିବାକୁ ପୁଲିସ ପ୍ରୟାସ ଚଳାଇଛି। ପୁଲିସ ମୃତକଙ୍କ ମୋବାଇଲ କଲ ରେକର୍ଡ ଆଧାରରେ ଖୋଳତାଡ ଚଳାଇଛି।

**● ରହସ୍ୟ ଖୋଲିବ କଲ୍ ରେକର୍ଡ**

## ଦେଶୀମଦ ଜବତ; ଦମ୍ପତିଙ୍କ ସମେତ ୩ ଗିରଫ



**ବେଗୁନିଆ,୧୭।୧୨(ସମିସ):** ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଜିଲ୍ଲା ସଦର ରେଞ୍ଜ ଅବକାରୀ ବିଭାଗ ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ବେଗୁନିଆ ଅବକାରୀ କର୍ମଚାରୀମାନେ ଚଢ଼ଉ କରି ଏକ ବନ୍ଧୁକ, ୬୬୦ ଲିଟର ଦେଶୀମଦ ଓ ନଗଦ ୫୩ ହଜାର ୧୫୦ ଟଙ୍କା ଜବତ କରିଛନ୍ତି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

ସୂଚନା ଅନୁଯାୟୀ, ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ ଓ ପତ୍ନୀ ମିନତୀ ପାଇକରାୟ ଦୀର୍ଘ ବର୍ଷ ଧରି ଦେଶୀମଦ ପ୍ରସ୍ତୁତ କରି ବିଭିନ୍ନ ଅଞ୍ଚଳକୁ ପଠାଇ ବ୍ୟବସାୟ ଜାରି ରଖିଥିଲେ। ଏଥିରେ ପୁଲିସ ଓ ଅବକାରୀ ବିଭାଗ ବିଭିନ୍ନ ସମୟରେ ଚଢ଼ଉ ଜାରି ରଖିଥିବା ବେଳେ ସେମାନଙ୍କ ଆଖିରେ ଧୂଳି ଦେଇ ଏହି ଦମ୍ପତି ଖସି ଯାଉଥିବା ନଜିର ରହିଛି। ତେବେ ଦେଶୀମଦ ମାଫିଆଙ୍କୁ ଧରିବା ପାଇଁ ଜାଲ ବିଛାଇବା ସହ ଅତର୍କିତ ଭାବେ ଅବକାରୀ ବିଭାଗ ଚଢ଼ଉ କରି ରଜନୀ ଓ ପତ୍ନୀ ମିନତୀଙ୍କୁ ଗିରଫ କରିବା ସହ ଏକ ବନ୍ଧୁକ ଓ ଦେଶୀମଦ ଜବତ କରିଛି। ଜବତ ବନ୍ଧୁକକୁ ବେଗୁନିଆ ଥାନାରେ ଜିମା ଦେଇଥିବା ପୁଲିସ ନିକଟରୁ ସୂଚନା ମିଳିଛି। ଅପରପକ୍ଷରେ ସାନପଦର ଗ୍ରାମର ସଞ୍ଜୟ କୁମାର ଭଞ୍ଜଙ୍କୁ ମଧ୍ୟ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କ୍ରୀଡ଼ା ଉତ୍ସବ

**ଖୋର୍ଦ୍ଧା,୧୭।୧୨(ସମିସ):** ଖୋର୍ଦ୍ଧା କାଇପଦରସ୍ଥିତ ସତ୍ୟପୀର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ସୁନିଲ୍ ଛୋଟରାୟ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚିନ୍ମୟୀ ପରିଡ଼ା ଶିଶୁଙ୍କୁ କ୍ରୀଡା ଶପଥ ପାଠ କରାଇଥିଲେ। ହରପ୍ରିୟା ଚମ୍ପତିରାୟ, କଳ୍ପନା ରାଉତ, ରେଜିଆ ସୁଲତାନ, ପୁଷ୍ପାଞ୍ଜଳି ସାମନ୍ତରାୟ, ସଂଘମିତ୍ରା ମହାପାତ୍ର, ସସ୍ମିତା ପରିଡ଼ା, ଲିଜା ସାମନ୍ତରାୟ, ସୁଚିତ୍ରା ରାଉତରାୟ, ଲକ୍ଷ୍ମୀପ୍ରିୟା ସାହୁ ଓ ଦେବସ୍ମିତା ଶ୍ରୀଚନ୍ଦନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାତିତମାମ ଚାଲୁଛି ଖଣି

# ବଢୁଛି ମାଙ୍କଡ଼ା ଓ ମୋରମ ଚୋରା ଚାଲାଣ

ଖୋର୍ଦ୍ଧା,୧୭।୧୨(ସମିସ)

ଖୋର୍ଦ୍ଧାରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବଢ଼ି ଚାଲିଛି। ମାଫିଆମାନେ ରାତିତମାମ ଶହ ଶହ ଟ୍ରକ୍‌ରେ ମାଙ୍କଡ଼ା ପଥର ଓ ମୋରମ ବେଧଡ଼କ ଭାବେ ଚାଲାଣ କରୁଛନ୍ତି। ବେଆଇନ ଭାବେ ମୋରମ ଓ ପଥର ଖନନ ଚାଲିଛି। ଏହାକୁ ଖୋର୍ଦ୍ଧା, ଜଟଣୀ ଓ ଭୁବନେଶ୍ୱର ତହସିଲର ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ମାଫିଆମାନେ ଏକର ଏକର ଜମିରୁ ମାଙ୍କଡ଼ା କାଟି ନେଉଛନ୍ତି। ସରକାରୀ ଏବଂ ଗୋଚର ଜମି ଉପରେ ମାଫିଆଙ୍କ ନଜର ପଡ଼ିଛି। ଏପରିକି କାଜୁ ଜଙ୍ଗଲରୁ ବ୍ୟାପକ ଭାବେ ମୋରମ, ମାଙ୍କଡ଼ା ଚାଲାଣ ହେଉଛି।

ସୂଚନା ଅନୁସାରେ, ଖୋର୍ଦ୍ଧା ତହସିଲ ଅନ୍ତର୍ଗତ କୁମାରବସ୍ତ ମୌଜାରେ ଥିବା ଗୋଚର ଓ ଜଙ୍ଗଲ କିସମ ଜମିରେ କିଛିଦିନ ହେବ ବେଆଇନ ଭାବେ ରାତିରେ ଚାଲୁଛି ପଥର ଖଣି। ଏପରିକି ମଝିରେ ମଝିରେ ପ୍ରଶାସନ ଚଢ଼ଉ କରି ଗାଡ଼ି ଜବତ କରିବାରେ କିଛିଦିନ ଖଣି ବନ୍ଦ ରହୁଛି। ମାତ୍ର ପୁଣି ବେଧଡ଼କ ଭାବେ ଚାଲୁଛି। ଏଠାରେ ଆଖିବୁଜା ଖଣି ଲୁଟପାଟ କରୁଛନ୍ତି ମାଫିଆ। କିଛିଦିନ ତଳେ କୁମାରବସ୍ତ ଗାଁ ସଭାପତି ଉକ୍ତ ଅଞ୍ଚଳରେ ଖଣି ନ କରିବାକୁ ତାଗିଦ କରିଥିବାବେଳେ ଏହାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ହୋଇଥିଲା। ତେବେ ଉକ୍ତ ଅଞ୍ଚଳରେ ବେଆଇନ ଖଣି ବନ୍ଦ କରିବାକୁ କେତେକ ଗ୍ରାମବାସୀ ପ୍ରଶାସନ ନିକଟରେ ଏନେଇ ଅଭିଯୋଗ କରିଥିଲେ। ମାତ୍ର ଅଭିଯୋଗ ସତ୍ତ୍ୱେ ବି ପୁଲିସ କି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି।



- ମାଫିଆ ମାଲାମାଲ; ରାଜସ୍ୱ ହରାଉଛନ୍ତି ସରକାର
- ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ
- ଖଣିରେ ପଡ଼ି ମରୁଛନ୍ତି ଗାଈଗୋରୁ

ଅଭିଯୋଗକାରୀଙ୍କ କହିବା ଅନୁସାରେ, କୁମାରବସ୍ତ ମୌଜାରେ ଥିବା ଭୂଆସୁଣୀଙ୍କ ମନ୍ଦିରଠାରୁ ପ୍ରାୟ ଶହ, ଶହ ଏକର ଗୋଚର ଏବଂ ଜଙ୍ଗଲ କିସମ ଜମି ଥିବାବେଳେ ସେହି ଗ୍ରାମର କିଛି ଅସାମାଜିକ ବ୍ୟକ୍ତି ବେଆଇନ ଭାବେ ଦୀର୍ଘ ଦିନ ଧରି ସେହି ସ୍ଥାନରୁ ମାଙ୍କଡ଼ା ପଥର ଖନନ କରିବା ସହିତ ମୋରମ ଅନ୍ୟତ୍ର ଚୋରା ଚାଲାଣ କରୁଛନ୍ତି। ରାତିତମାମ ଖଣି ଖନନ ସହିତ ଶହ ଶହ ଟ୍ରକ ଓ ଟ୍ରାକ୍ଟର ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଛି। ଫଳରେ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବାବେଳେ ଉକ୍ତ ଖଣିକୁ ଲାଗି ରହିଥିବା ଏକର, ଏକର ଚାଷ ଜମିକୁ ପାଣି ନଯିବା ଯୋଗୁଁ ଏହା ପଡିଆ ପଡୁଥିବା ଅଭିଯୋଗ ହୋଇଛି। ତେବେ ଏହିବାଟ ଦେଇ ପଡୋଶୀ ଗ୍ରାମ ମଧୁପୁର ଓ ମହୁଲକୁ ଲୋକମାନେ ଯାତାୟାତ କରୁଥିବାବେଳେ ଏତେ ସଂଖ୍ୟାରେ ଭାରୀଯାନ ଚଳାଚଳ ହେଉଛି ଯେ ଉକ୍ତ ରାସ୍ତାଦେଇ ରାତିରେ ଲୋକଙ୍କ ଯାତାୟାତ ବିପଦପୂର୍ଣ୍ଣ ହେଉଛି। ଏପରିକି ଦିନବେଳେ ମଧ ଛାତ୍ରଛାତ୍ରୀମାନେ ଉକ୍ତ ରାସ୍ତା ଦେଇ ସ୍କୁଲ କି କଲେଜ ଯିବା ସମ୍ଭବ ହେଉନି। ମାଙ୍କଡା ବୋଝେଇ ଅଧିକାଂଶ ଗାଡି ପୁଲିସ ଚଢ଼ଉ ଆଶଙ୍କାରେ ସିଧା ରାସ୍ତାରେ ନଯାଇ, ଖଣିରୁ ବାହାରି ସଟକର୍ଟ ରାସ୍ତାଦେଇ ପଳାଉଥିବା ନଜିର ରହିଛି। ଏମିତିକି ଉକ୍ତ ଗଭୀର ଖଣିରେ ପଡି ଗାଈଗୋରୁ ମରୁଥିବା ଅଭିଯୋଗ ହେଉଛି। ଏନେଇ ସ୍ଥାନୀୟ ଲୋକ ଖଣି ଅଧିକାରୀଙ୍କଠାରୁ ଆରମ୍ଭ କରି ପ୍ରଶାସନ ଓ ପୁଲିସ ନିକଟରେ ଅଭିଯୋଗ କଲେ ବି କିଛି ଫଳ ମିଳୁନଥିବା କହିଛନ୍ତି। ଏପରିକି କୁମାରବସ୍ତ ମୌଜାକୁ ଲାଗି ରହିଥିବା ରତନପୁର ଏବଂ ମଧୁପୁର ସଂରକ୍ଷିତ ଜଙ୍ଗଲରେ ଥିବା ମୂଲ୍ୟବାନ ଗଛଗୁଡିକୁ ଦୁର୍ବୃତ୍ତମାନେ କାଟିବା ସହିତ ଜେସିବ ଯୋଗେ ଜଙ୍ଗଲ ଜମିକୁ ସଫା କରି ମାଙ୍କଡା ପଥର ଖନନ କରିବା ସହିତ ମୋରମ ଉତ୍ତୋଳନ କରୁଛନ୍ତି। ଏ ସମ୍ପର୍କରେ କୁମାରବସ୍ତ ଗ୍ରାମରେ ଏକ ସଭା ଡକାଯାଇ ଉକ୍ତ କାର୍ଯ୍ୟରୁ ନିବୃତ ରହିବା ପାଇଁ ଗ୍ରାମର ସଭାପତିଙ୍କ ସହିତ ଅନ୍ୟ ସଦସ୍ୟମାନେ କହିଥିଲେ ମଧ ପଥର ଓ ମୋରମ ଚାଲାଣକାରୀ ଏହାକୁ ଭ୍ରୂକ୍ଷେପ କରୁନଥିବା ଅଭିଯୋଗ ହେଉଛି। ଏହି ବେଆଇନ ଖଣି ପଛରେ କିଏ ତାକୁ ନେଇ ଉଠିଲାଣି ପ୍ରଶ୍ନ। ଏହି କାରବାର ପଛର ମୁଖ୍ୟ କାପ୍ତରଦାରଙ୍କୁ ଧରିବାକୁ ପ୍ରଶାସନର ଜୁ ପାଉନି।

ଖଣି ଚୋରା ଚାଲାଣ ପଛରେ କିଛି ଅସାଧୁ କର୍ମଚାରୀ, ରାଜନୈତିକ ବ୍ୟକ୍ତିଙ୍କ ହାତ ରହିଥିବା ଆଲୋଚନା ହେଉଥିବାବେଳେ ପ୍ରଶାସନ ସବୁ ଜାଣି ଚୁପ୍ ବସିଛି। ମାଫିଆମାନେ ଖୋଲା ଆକାଶ ତଳେ ରାତିତମାମ ଏଠାରୁ ଲୁଟୁଛନ୍ତି। ତେଣୁ ଖଣି ମାଫିଆଙ୍କ ଉପରେ ପ୍ରଶାସନ ରୋକ ଲଗାଇବାକୁ ଦାବି ହେଉଛି। ଏ ସମ୍ପର୍କରେ ଉପଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀଙ୍କ କହିବା କଥା ପୂର୍ବରୁ ଖଣି ଚଢ଼ଉ ରାଜସ୍ୱ ବିଭାଗ ପାଖରେ ନଥିଲା। ମାତ୍ର ଏବେ କିଛିଦିନ ହେବ ବେଆଇନ ଖଣିରେ ଚଢ଼ଉ ପାଇଁ ରାଜସ୍ୱ ବିଭାଗକୁ ଅନୁମତି ମିଳିଛି। ଖୁବ୍‌ଶୀଘ୍ର ସମସ୍ତ ବେଆଇନ ଖଣି ଅଞ୍ଚଳରେ ଚଢ଼ଉ କରାଯିବ।

### ଖୋର୍ଦ୍ଧା ମହୋତ୍ସବ ତୃତୀୟ ସନ୍ଧ୍ୟା

## ମନମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ



**ଖୋର୍ଦ୍ଧା,୧୭।୧୨(ସମିସ):** ସ୍ଥାନୀୟ ହାବେଳୀ ପଡ଼ିଆଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିୟୁ ଥିଙ୍କିଙ୍ଗ୍ ଫୋରମ୍ ଆନୁକୂଲ୍ୟରେ ଚାଲିଥିବା ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ଉତ୍ସବର ଆଜିଥିଲା ତୃତୀୟ ସନ୍ଧ୍ୟା। ଶୀତ ଯେତିକି ଯେତିକି ବଢ଼ିଥିଲା, ପଡ଼ିଆରେ ଦର୍ଶକଙ୍କ ଭିଡ଼ ସେତିକି ଜମିଥିଲା। ଆଜିର ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ଦେଖିବାକୁ ମିଳିଥିଲା ଭୁବନେଶ୍ୱରରୁ ଆସିଥିବା କଳାକାରଙ୍କ ଦ୍ୱାରା ପରିବେଶିତ ନୃତ୍ୟ। ଯାହାକି ମଞ୍ଚ ତଳେ ଥିବା ଦର୍ଶକଙ୍କୁ ବେଶ ଆନନ୍ଦ ଦେଇଥିଲା। ସେହିପରି ସମ୍ବଲପୁରୀ, ମୟୂରଭଞ୍ଜର ଛଉ, ଓଡ଼ିଶୀ, ଚୁଟ୍‌କି ଚୁଟା ନୃତ୍ୟ ବେଶ ଚିତ୍ତାକର୍ଷକ ଥିଲା।



ଆଜିର ସଭାକାର୍ଯ୍ୟ କମିଟିର ସଭାପତି ଡ. ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଯୋଗଦେଇ ଖୋର୍ଦ୍ଧାର ଇତିହାସ ଓ ପାଇକମାନଙ୍କ ବଳିଦାନ ସମ୍ପର୍କରେ ରୋମନ୍ଥନ କରିବା ସହ ମହୋତ୍ସବର ଦୀର୍ଘାୟୁ କାମନା କରିଥିଲେ। ସାଧାରଣ ସମ୍ପାଦକ ନରେନ୍ଦ୍ର ପୃଷ୍ଟି, ଗୌରୀଶଙ୍କର ତ୍ରିପାଠୀ, ସଞ୍ଜୟ ପଟ୍ଟନାୟକ ମଞ୍ଚାସୀନ ଥିଲେ। ଆଜିର ସଂସ୍କୃତିକ କାର୍ଯ୍ୟକ୍ରମକୁ ପ୍ରଫୁଲ ସାମନ୍ତରାୟ, ବିମଳ ସାମନ୍ତରାୟ, ରଞ୍ଜନ ସେଠୀ, ପବିତ୍ର ନାୟକ, ପ୍ଲାବନ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ପ୍ରବଳ ଜନସମାଗମ ହୋଇଥିଲା। ଏପରିକି ଫାଷ୍ଟଫୁଡ୍ ଓ ଗୁପ୍‌ଚୁପ୍, ଚାଟ ଆଦି ଦୋକାନରେ ବେଶ ଭିଡ଼ ଜମିଥିବା ଦେଖାଯାଇଛି। ସେହିପରି ମହୋତ୍ସବ ପଡ଼ିଆରେ ରାମଦୋଳି, ବ୍ରେକ୍ ଡ୍ୟାନ୍ସ ଦେଳୀ, ଡଙ୍ଗା ଦୋଳି ଓ ମୌତକା କୂଆଁ ନିକଟରେ ଲମ୍ବା ଲାଇନ ଲାଗିଥିଲା।

## ମୀନାବଜାର ଉପରେ ଲାଗିପାରେ ରୋକ!

**ଖୋର୍ଦ୍ଧା,୧୭।୧୨(ସମିସ):** ସ୍ଥାନୀୟ ହାବେଳୀ ପଡ଼ିଆ ରାସ୍ତା ପାଶ୍ୱର୍ରେ ଥିବା ଏକ ଜଳାଶୟକୁ ପୋତି ସେଥିରେ ମହୋତ୍ସବ ଆୟୋଜକ କମିଟି ମୀନାବଜାର ପକେଇଥିବା ଦେଖିବାକୁ ମିଳିଛି। ତେବେ ପୌରପରିଷଦ ପକ୍ଷରୁ ମହୋତ୍ସବ କମିଟିକୁ ଜଜାରସିଂହ ମୌଜାର ୨୩୯୭, ୨୩୯୮ ଏବଂ ୨୬୮୯ ପ୍ଲଟ ଉପରେ କାର୍ଯ୍ୟକ୍ରମ କରିବାକୁ ଅନୁମତି ଦିଆଯାଇଥିବା ବେଳେ କମିଟି ଆୟୋଜକ ପାଖରେ ଥିବା ୨୬୮୬ ପ୍ଲଟ, ଯାହାକି ପୋଖରୀ ବୋଲି ସ୍ପଷ୍ଟ ଉଲ୍ଲେଖ ରହିଛି। ଉକ୍ତ ପ୍ଲଟକୁ ମୋରମ ପକାଇ ପୋତିବା ସହିତ ସେଠାରେ ରାମଦୋଳି, ମୌତ୍ କା କୁଆଁ ସମେତ ଅନେକ ଖେଳ ଆୟୋଜନ କରିଛନ୍ତି। ଏ ନେଇ ସ୍ଥାନୀୟ ବାସିନ୍ଦା ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ଆଣିବା ସହିତ ତୁରନ୍ତ ୧୫୨ ବିଏନଏସଏସ ଲାଗୁ କରିବାକୁ ପିଟିସନ ଦାଖଲ କରିଥିଲେ। ଏ ସମ୍ବନ୍ଧରେ ଆଜି ଉପ-ଜିଲ୍ଲାପାଳ ଦୀପ୍ତିରଞ୍ଜନ ସେଠୀ ଚିଠି ସଂଖ୍ୟା ୮୫୬୧ରେ ଖୋର୍ଦ୍ଧା ତହସିଲଦାରଙ୍କୁ ବିବାଦୀୟ ଜମିର ସ୍ୱତଃ ଯାଞ୍ଚ ସହିତ ମହୋତ୍ସବ କମିଟି ନାମରେ ଆସିଥିବା ଅଭିଯୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ହାବେଳୀ ପଡ଼ିଆରେ ମହୋତ୍ସବ ପାଇଁ ଅନୁମତି ଦିଆଯାଇଛି। ଜଳାଶୟ ପୋତି ମୀନାବଜାର ପକାଇବାକୁ କାହାକୁ ଅନୁମତି ଦିଆଯାଇନି ବୋଲି ଉପଜିଲ୍ଲାପାଳ ଶ୍ରୀ ସେଠୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ଗାଁମୁହାଁ ୧୫ଟିକିଆ ହାତୀପଲ



**ଟାଙ୍ଗୀ,୧୭।୧୨(ସମିସ):** ଦିନକୁ ଦିନ ଟାଙ୍ଗୀ ବନାଞ୍ଚଳର ବିଭିନ୍ନ ସ୍ଥାନରେ ଏବେ ଗାଁମୁହାଁ ହୋଇଛନ୍ତି ହାତୀପଲ। ସ୍ଥାନେ ସ୍ଥାନେ ବ୍ୟାପକ ଧାନଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ପନିପରିବା ଫସଲ ନଷ୍ଟ କରିବାରେ ଲାଗିଛନ୍ତି। ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ସରପାରୀ, କମାଗୁରୁ, ଛଣଗିରି, ଓଳସିଂହ, ଟାଙ୍କୋଳ ଅଞ୍ଚଳରେ ଡେରା ପକାଇଛନ୍ତି ୧୫ରୁ ଊର୍ଦ୍ଧ୍ୱ ହାତୀପଲ। ଆଜି ସକାଳୁ ସକାଳୁ ଜଙ୍ଗଲରୁ ବାହାରି ସରପାରୀ ଗାଁ ନିକଟ ରାସ୍ତା ଉପରେ ହାତୀପଲ ଚଲାବୁଲା କରୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଅଧିକାଂଶ ସମୟ ରାସ୍ତାରେ ଗାଡ଼ି ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେଉଛି। ବନବିଭାଗ ତୁରନ୍ତ ହାତୀପଲଙ୍କୁ ଏହି ଅଞ୍ଚଳରୁ ଅନ୍ୟତ୍ର ଜଙ୍ଗଲ ଆଡ଼କୁ ନେଇଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଆଗାମୀ ଦିନରେ ଏହି ଅଞ୍ଚଳରେ ଯଦି କିଛି ଧନ ଜୀବନ ନଷ୍ଟ ହୁଏ ତେବେ ବନ ବିଭାଗ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ସ୍ଥାନୀୟ ଜନସାଧାରଣ ଚେତାବନୀ ଦେଇଛନ୍ତି।

## ୫ ରେଳ କର୍ମଚାରୀ ପୁରସ୍କୃତ

**ଜଟଣୀ,୧୭।୧୨(ସମିସ):** କର୍ମକ୍ଷେତ୍ରରେ ସଜାଗ, ସତର୍କତା ପାଇଁ ଏବଂ ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଉପରେ ପ୍ରଗାଢ଼ ଜ୍ଞାନ ପାଇଁ ପାଞ୍ଚ ଜଣ ରେଳ କର୍ମଚାରୀଙ୍କୁ ଖୋର୍ଦ୍ଧା ରୋଡ୍ ମଣ୍ଡଳ ରେଳ ପ୍ରବନ୍ଧକ, ଏଚ୍.ଏସ୍. ବାଜୱା ପୁରସ୍କୃତ କରିଛନ୍ତି। ନମୋନାରାୟଣ ମୀନା, ଖୋର୍ଦ୍ଧାରୋଡ୍‌ର ବରିଷ୍ଠ ମଣ୍ଡଳ ସୁରକ୍ଷା ଅଧିକାରୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଥିଲେ। ପୁରସ୍କୃତ ହୋଇଥିବା ରେଳ କର୍ମଚାରୀ ହେଲେ, ସୁଧାଂଶୁ ଶେଖର ପ୍ରଧାନ, ଗେଟ୍ ମ୍ୟାନ୍, କଟକ, ସନାତନ ବେହେରା, ଜୁନିଅର୍ ଇଞ୍ଜିନିୟର, ବିଦ୍ୟୁତ୍ ବିଭାଗ/କଟକ, ମଧୁସୂଦନ ଧୀବର, ଟ୍ରାକ୍ ମେଣ୍ଟେନର/ହରିଚନ୍ଦନପୁର, ସ୍ମୃତି ରଞ୍ଜନ ଦାସ, ୱେଲ୍ଡର, ଭଦ୍ରକ ଏବଂ ବୀରେନ୍ଦ୍ର ସିଂ ଟେକ୍ନିସିଆନ୍, ଭଦ୍ରକ।



## ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



**ବାଣପୁର,୧୭ ।୧୨(ସମିସ):** ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋମବାର ଆରମ୍ଭ ହୋଇ ଦୁଇ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ମଧ୍ୟରେ ଲଙ୍ଗଜମ୍ପ, ୧୦୦, ୨୦୦ ଓ ୪୦୦ ମିଟର ଦୌଡ, ଡିସକସ୍ ଥ୍ରୋ, ଜାଭେଲିନ୍, ହାଇଜମ୍ପ ଓ ମ୍ୟୁଜିକ୍ ଚେୟାର ଆଦି କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଅତିଥି ବାଣପୁର ଏନ୍‌ଏସି ନଗରପାଳ ମିଟୁ ନାୟକ ଓ ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ଭଲିବଲ ଖେଳାଳି ଶିବାନୀ ପ୍ରିୟଦର୍ଶିନୀ ଯୋଗଦେଇ ଦୈନନ୍ଦିନ ଜୀବନରେ ଶିକ୍ଷା ସହ କ୍ରୀଡ଼ାର ଆବଶ୍ୟକତା ସଂପର୍କରେ ମତ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଉପସଭାପତି ଅଧ୍ୟାପିକା କଲ୍ୟାଣୀ ବୈରୀଗଞ୍ଜନ ଓ କ୍ରୀଡା ଶିକ୍ଷକ ବିଭୁଦେନ୍ଦୁ ମାନସିଂହଙ୍କ ତତ୍ତ୍ୱାବଧାନରେ ସମସ୍ତ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ବିଦ୍ୟାଳୟରୁ ଆସୁଥିବା କ୍ରୀଡା ଶିକ୍ଷକ ଖେଳ ପରିଚାଳନା କରିଥିଲେ।

ଉତ୍ସବରେ ଅଧ୍ୟାପକ ପ୍ରଶାନ୍ତ କୁମାର ଦାଶ, ମନୋଜ କୁମାର ମହାପାତ୍ର, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, ସୁଚିତ୍ରା ଦାଶ, ରୋଜାଲିନ୍ ଦାଶ, ସାଗରିକା ଦାଶ, କସ୍ତୁରୀ ପଟ୍ଟନାୟକ ଓ ରବୀନ୍ଦ୍ର ମାର୍ଥା, ଅକ୍ରୁର ପ୍ରଧାନ, ସୁନିଲ୍ ପଣ୍ଡାଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଟାଙ୍ଗୀ ସର୍ବଭାରତୀୟ ମହିଳା ଫୁଟ୍‌ବଲ

# କୋଲକାତା ଏକାଦଶ ଚାମ୍ପିଅନ

ଟାଙ୍ଗୀ,୧୭।୧୨(ସମିସ)

ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଦେବୀଦୁର୍ଗା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କ୍ୟାପିଟାଲ ଏକାଡେମୀ ଭୁବନେଶ୍ୱରକୁ ୪-୦ ଗୋଲରେ ପରାସ୍ତ କରି କୋଲକାତା ଏକାଦଶ ଚାମ୍ପିଅନ ହୋଇଛି। ପ୍ରଥମାର୍ଦ୍ଧ ଖେଳର ୭ ମିନିଟ ସମୟରେ କୋଲକାତା ଦଳର ସିଙ୍ଗୁ ମୁର୍ମୁ ଚମତ୍କାର ହେଡ୍ ବଲ୍‌ରେ ପ୍ରଥମ ଗୋଲ୍, ୧୮ ମିନିଟ ସମୟରେ ତୁଳସି ହେମ୍ବ୍ରମ କର୍ଣ୍ଣର ବଲ୍‌ରେ ଦ୍ୱିତୀୟ ଗୋଲ୍ ଓ ଦ୍ୱିତୀୟାର୍ଦ୍ଧ ଖେଳର ୨୫ ମିନିଟ ସମୟରେ ତୃତୀୟ ଗୋଲଟି ଏକ ହାଣ୍ଡବଲ୍ ପେନାଲ କିକ୍ ବଲରେ ମମତା ସିଂହ ଓ ୩୬ ମିନିଟ ସମୟରେ ଏକ ସିଧା ସର୍ଟ ବଲ୍‌କୁ ସ୍କୋର କରି ମମତା ହାସଦା ଚତୁର୍ଥ ଗୋଲ୍‌ଟି ଦେଇ ନିଜ ଦଳକୁ ୪-୦ରେ ବିଜୟୀ କରାଇଥିଲେ। ଏହି ଅବସରରେ କ୍ରୀଡ଼ା ଉପଦେଷ୍ଟା ତଥା ପୂର୍ବତନ ଖୋର୍ଦ୍ଧା ଜିଲ୍ଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିମ୍ପା ମାନଧାତା, ଟାଙ୍ଗୀ ବିଡିଓ ରୁମାନା ଜାଫ୍ରୀ, ପୂର୍ବତନ ଆଥଲେଟ୍‌ସ ସ୍ୱପ୍ନାଳି ସାହୁ, ଆଡ୍‌ଭୋକେଟ ରମେଶ ବେହେରା, ଜଗନ୍ନାଥ ରାଇସ୍ ମିଲ୍ ପାର୍ଟନର ବି ଅଶ୍ୱିନୀ ପାତ୍ର, ବଳରାମଦେବ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱଜିତ ପଲାଇ, ସମାଜସେବୀ ବସନ୍ତ ସାହୁ, ବାଦଲ ଚମ୍ପତିରାୟ, ଅଖିଳ ହରିଚନ୍ଦନ, ମନୋଜ ପାତ୍ର, କ୍ରୀଡ଼ା ସଭାପତି ଆଡ୍‌ଭୋକେଟ ତପନ ମହାନ୍ତି, ସଂପାଦକ ନିରଞ୍ଜନ ନାୟକ, କ୍ରୀଡ଼ା ଟ୍ରଷ୍ଟ ପ୍ରଦୀପ କୁମାର ମହାପାତ୍ର, କ୍ରୀଡ଼ା ସଂପାଦକ ବିଶ୍ୱଜିତ ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳ ପରିଚାଳନା କରିଥିଲେ ରେଫରୀ ରୀନା ତିର୍କୀ, ଆସିଷ୍ଟାଣ୍ଟ ରେଫରୀ ବୀଣାପାଣି ବିରୁଆ, ବାଲାମତି ଓରାମ, ଚତୁର୍ଥ ରେଫରୀ ଆରତୀ ମହାନ୍ତି, ମ୍ୟାଚ୍ କମିଶନର ଦୁର୍ଗାମାଧବ ନାୟକ। କାହ୍ନୁଚରଣ ଦଳେଇ, ବ୍ରଜବନ୍ଧୁ ଦାସ, ମଧୁସୂଦନ ଦାସ, ବିଭୂତି ଭୂଷଣ ବଳିୟାରସିଂ, ନୃସିଂହ ଚରଣ ମହାନ୍ତି, ଦିନବନ୍ଧୁ ପୃଷ୍ଟି, ବେଣୁଧର ବେହେରା, ବେଣୁଧର ପାଇକରାୟ, ଦିଲ୍ଲୀପ ସୁବୁଦ୍ଧି, ଶରତ ପାତ୍ର, ପୂର୍ଣ୍ଣଚନ୍ଦ୍ର ବାରିକ, ବାଦଲ ମହାନ୍ତି, ମୂରଲୀଧର ମହାନ୍ତି, ଯୁଧିଷ୍ଠିର ବେହେରା, ବାଟି ପରାଡା, କାହ୍ନା ପାତ୍ର, କୃଷ୍ଣଚନ୍ଦ୍ର ସାହୁ, ରବି ପଲାଇ ପ୍ରମୁଖ ସହାୟତା କରିଥିଲେ। ଭୁବନେଶ୍ୱର ଦଳର ସିନ୍ଧୁ ମୁର୍ମୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଚାମ୍ପିଅନ ଦଳକୁ ଚାମ୍ପିଅନ ଟ୍ରଫି ସହ ୨୫ ହଜାର ଓ ରନର୍ସ ଅପ୍ ଦଳକୁ ରନର୍ସ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଗୋଲ୍‌କୁ ସମାଜସେବୀ ବସନ୍ତ ସାହୁ ଏକ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରିବା ସହ ଏହି ମହିଳା ଟୁର୍ଣ୍ଣାମେଣ୍ଟକୁ ଲୋକାଭିମୁଖୀ କରିବା ପାଇଁ ବିଭିନ୍ନ ପୁରସ୍କାର ପ୍ରଦାନ କରିଥିଲେ।



## ବ୍ରହ୍ମ ଚେତନା ପରିଷଦ ପକ୍ଷରୁ ଚାରାରୋପଣ




**ନିରାକାରପୁର,୧୭।୧୨(ସମିସ):** ସ୍ୱେଚ୍ଛାସେବୀ ସଂଗଠନ ବ୍ରହ୍ମ ଚେତନା ପରିଷଦ ତରଫରୁ ଖୋର୍ଦ୍ଧା ଜିଲ୍ଲା ଗୋଳବାଇ ବେଲେଶ୍ୱର ଦେବଙ୍କ ପୀଠରେ ଧରିତ୍ରୀ ମାତା ପାଇଁ ରବିବାର କାର୍ଯ୍ୟକ୍ରମ ଜରିଆରେ ମନ୍ଦିର ବେଢ଼ା ମଧ୍ୟରେ ବିଭିନ୍ନ ମୂଲ୍ୟବାନ ବୃକ୍ଷରୋପଣ କରାଯାଇଛି। ଏଥିରେ ସମ୍ପାଦକ କବି ସୁକାନ୍ତ ଚନ୍ଦ୍ର ନନ୍ଦ ଅଂଶଗ୍ରହଣ କରି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ସଭାପତି ପ୍ରଦୀପ କୁମାର ମିଶ୍ର ଧରିତ୍ରୀ ମାତା ପାଇଁ ରବିବାର କାର୍ଯ୍ୟକ୍ରମରେ ଆଜି ସୁଦ୍ଧା ସମୁଦାୟ ୧୭ ହଜାର ଚାରାରୋପଣ କରାଯାଇଥିବାବେଳେ ୧୪ ହଜାର ୮୫୦ ବୃକ୍ଷକୁ ବଞ୍ଚାଇ ରଖାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫ ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବାବେଳେ ୫୦ ଜଣ ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଉପସଭାପତି କୈଳାସ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ହୃଷୀକେଶ ନନ୍ଦ, ସଭ୍ୟ ବିଶ୍ୱନାଥ ପ୍ରଧାନ, ଲଳିତ ମୋହନ ଗୁମାନ ସିଂହ ଓ ଅଭିମନ୍ୟୁ ମାର୍ଥା ପ୍ରମୁଖ ପରିଚାଳନା କରିଥିଲେ।

## ୧୯ରୁ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ

**ଟାଙ୍ଗୀ,୧୭।୧୨(ସମିସ):** କୁହୁଡ଼ି ମହାବୀର ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଜନତା ଷ୍ଟାଡିୟମରେ ଆସନ୍ତା ୧୯ ତାରିଖରୁ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏନେଇ ଆଥଲେଟିକ୍ ଆସୋସିଏସନ୍‌ର ସଂପାଦକ ଆଡ୍‌ଭୋକେଟ ମନୋଜ କୁମାର ମାନସିଂହ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଦକ୍ଷିଣପୂର୍ବ ରେଲୱେ ଚକ୍ରଧରପୁରକୁ ଭୁବନେଶ୍ୱର ଗଣ୍ଡରପୁରର ୟୁଥ ଡେଭଲପ୍‌ମେଣ୍ଟ କ୍ଲବ ଭେଟିବ। ୨୦ରେ ପଶ୍ଚିମବଙ୍ଗ ୨୪ ପ୍ରଗଣା ବେଲଘରିଆ ଆଥଲେଟିକ୍ ଆସୋସିଏସନ୍‌କୁ ଭେଟିବ ଭଦ୍ରକର ବାଦଲ ଫୁଟ୍‌ବଲ ଏକାଡେମୀ। ୨୧ରେ ୧୯ର ବିଜେତା ସହ ଛତିଶଗଡ ନାରାୟଣପୁରର ଆର୍‌କେଏମ ଫୁଟବଲ ଏକାଡେମୀ ମ୍ୟାଚ୍ ଖେଳିବ। ୨୨ରେ ୨୦ ତାରିଖର ବିଜେତା ସହ ମଣିପୁର ଇମ୍ଫାଲର ୱାଡିସି, ୨୩ରେ ପଶ୍ଚିମବଙ୍ଗର ପଶ୍ଚିମବଙ୍ଗ ପୁଲିସ ଓ କଟକ ମଙ୍ଗଳା କ୍ଲବ ମଧ୍ୟରେ ମ୍ୟାଚ୍ ହେବ, ୨୪ ତାରିଖରେ ଆନ୍ଧ୍ରପ୍ରଦେଶ ଶିମାଞ୍ଚଳମ ବୁଟସ ଏଫସି ସହ ରାଉରକେଲା ଆରଏସଏ ମ୍ୟାଚ୍ ଖେଳିବ। ୨୫ରେ ୨୩ର ବିଜେତା ସହ ସୋନପୁର ବିଏସଏଫସି, ୨୬ ତାରିଖରେ ୨୪ ତାରିଖର ବିଜେତା ସହ ବୋକାରାଓ ଷ୍ଟିଲ ପ୍ଲାଣ୍ଟ, ୨୭ ତାରିଖରେ ୧୯ ଓ ୨୧ର ବିଜେତା ସହ ୨୦ ଓ ୨୨ ତାରିଖର ବିଜେତା, ୨୮ରେ ୨୩ ଓ ୨୫ ତାରିଖର ବିଜେତା ସହ ୨୪ ଓ ୨୬ ତାରିଖର ବିଜେତା ଖେଳିବେ। ୨୯ରେ ଫାଇନାଲ ମ୍ୟାଚ୍ ହେବ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୪.୭୫ ● ପାଉଣ୍ଡ ୧୦୭.୩୨
- ୟୁରୋ ୮୯.୯୪ ● ୟେନ୍ ୦.୫୫

**ସୁନା, ରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା: ୭୧,୫୦୦ (ଭୁବନେଶ୍ୱର)
- ରୁପା : ୯୩,୫୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୬୮୪.୦୦
- ନିଫ୍ଟି ୨୪,୩୩୬.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

# ବ୍ୟାଙ୍କରେ ବଢୁଛି ନଗଦ ସଙ୍କଟ

## କ୍ଷତି ୧୭.୭ ବିଲିୟନ୍ ଡଲାର ଛୁଇଁଲା

## ଲିକ୍ୟୁଡିଟି ସ୍ଥିତି ୬ ମାସର ରେକର୍ଡ ଭାଙ୍ଗିଲା

ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି)

ସମ୍ପ୍ରତି ଦେଶର ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଏକ ଲିକ୍ୟୁଡିଟି ଜନିତ ସଙ୍କଟର ସମ୍ମୁଖୀନ ହୋଇଛି। ଏଭଳି ସ୍ଥିତି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ମୁଦ୍ରା ସ୍ଥିରତା ବଜାୟ ରଖିବା ଏବଂ କମ୍ପାନୀଗୁଡିକ ଦ୍ୱାରା ଟିକସ ଦେୟ ପ୍ରଦାନକୁ ଆହୁରି ବଢ଼ାଇଦେଇଛି। ଏହାର ଦେଶର ବ୍ୟାଙ୍କଗୁଡିକରେ ନଗଦ ସଙ୍କଟକୁ ବଢ଼ାଇ ଦେଇଛି। ସୋମବାର ସୁଦ୍ଧା ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ନଗଦ ନିଅଣ୍ଟ ୧.୫ ଟ୍ରିଲିୟନ ଟଙ୍କା (୧୭.୭ ବିଲିୟନ ଡ଼ଲାର) ରେ ପହଞ୍ଚିଛି। ବ୍ୟାଙ୍କଗୁଡିକରେ ଲିକ୍ୟୁଡିଟି ବା ନଗଦ ଅର୍ଥର ଅଭାବ ଜନିତ ସ୍ଥିତି ଗତ ୬ ମାସର ରେକର୍ଡ ଭାଙ୍ଗିଛି, ଯାହା ଚଳିତବର୍ଷ ଜୁନ୍ ପରଠାରୁ ସର୍ବୋଚ୍ଚ ସ୍ତରରେ ରହିଛି।

ବିଶେଷଜ୍ଞଙ୍କ ଅନୁଯାୟୀ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକ ଯୋଗୁ ଏହି ସ୍ଥିତି ଉପୁଜିଛି। ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ ଏହାର ରିପୋର୍ଟରେ ଦର୍ଶାଯାଇଛି ଯେ ଆରବିଆଇ ଚଳିତବର୍ଷ ଅକ୍ଟୋବରଠାରୁ ଡଲାରର ନେଟ୍ ବିକ୍ରି ଆରମ୍ଭ କରିଥିଲା, ଯାହା ନଗଦ ଯୋଗାଣ ଉପରେ ଚାପ ବଢ଼ାଇଦେଇଛି। ମଙ୍ଗଳବାର ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କା ବିନିମୟ ମୂଲ୍ୟ ରେକର୍ଡ ସର୍ବନିମ୍ନ ୮୪.୩୭ ଟଙ୍କାକୁ ଖସି ଆସିଛି। ଉତ୍ସବ ଋତୁରେ ଚାହିଦାରେ ବୃଦ୍ଧି ହେତୁ ବ୍ୟାଙ୍କଗୁଡିକରୁ ନଗଦ ଅର୍ଥ ପ୍ରତ୍ୟାହାରରେ ସାମାନ୍ୟ ବୃଦ୍ଧି ଏହି ଲିକ୍ୟୁଡିଟି ସଙ୍କଟକୁ ଆହୁରି ଗଭୀର କରିଦେଇଛି। ନଗଦ ସଙ୍କଟ ହ୍ରାସ କରିବାକୁ ଆରବିଆଇ ଅନେକ ପଦକ୍ଷେପ ନେଇଛି। ଏଥିରେ ନଗଦ ଜମା ଅନୁପାତ (ସିଆର୍‌ଆର୍)ରେ ହ୍ରାସ ଏବଂ ପରିବର୍ତ୍ତନଶୀଳ ରେପୋ ମାଧ୍ୟମରେ ଅତିରିକ୍ତ ପାଣ୍ଠି ଯୋଗାଣ ଅନ୍ତର୍ଭୁକ୍ତ ଭଳି ପଦକ୍ଷେପ ରହିଛି। ଏହା ସତ୍ତ୍ୱେ, ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କର ଅର୍ଥନୀତିଜ୍ ଅନୁଭୂତି ସାହେ କହିଛନ୍ତି ଯେ, ସିଆର୍‌ଆର୍‌ରେ ହ୍ରାସ ସତ୍ତ୍ୱେ ଲିକ୍‌ଡିଟି ସ୍ଥିତି ସାମାନ୍ୟ ନକାରାତ୍ମକ ରହିବ। ଆର୍‌ବିଆଇକୁ ଲିକ୍ୟୁଡିଟିରେ ବୃଦ୍ଧି ଖୋଲା ବଜାର-ବଣ୍ଡ କ୍ରୟ, ଲମ୍ବା ଅବଧିରେ ରେପୋ ପରିଚାଳନା, ଏଫ୍‌ଏକ୍ସ ସ୍ୱାପ୍ କିମ୍ବା ଅନ୍ୟ ସିଆର୍‌ଆର୍‌ରେ ହ୍ରାସ ଭଳି ପଦକ୍ଷେପ ନେବାକୁ ପଡିବ।




ବାଣିଜ୍ୟ ନିଅଣ୍ଟ ଏବଂ ଶକ୍ତିଶାଳୀ ଆମେରିକୀୟ ଡଲାରର ବିନିମୟ ମୂଲ୍ୟରେ ବୃଦ୍ଧି ହେତୁ ଟଙ୍କା ଉପରେ ଚାପ ବଢ଼ିବାରେ ଲାଗିଛି। ଟଙ୍କା ମୂଲ୍ୟ ସ୍ଥିର କରିବା ପାଇଁ ଆରବିଆଇ ମୁଦ୍ରା ବଜାରରେ ହସ୍ତକ୍ଷେପ କରିଥିଲା, କିନ୍ତୁ ଏହା ଲିକ୍ୟୁଡିଟି ସଙ୍କଟକୁ ଆହୁରି ଗଭୀର କରିଦେଇଛି। ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ ବର୍ତ୍ତମାନର ନଗଦ ସଙ୍କଟକୁ ଦୂର କରିବା ପାଇଁ ଆରବିଆଇକୁ ଅତିରିକ୍ତ ପଦକ୍ଷେପ ନେବାକୁ ପଡ଼ିବ। ଦୀର୍ଘକାଳୀନ ଅବଧିରେ ନଗଦ ସମସ୍ୟାର ସମାଧାନ ଏବଂ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଲିକ୍ୟୁଡିଟି ବଢ଼ାଇବା ପାଇଁ ଏଥିରେ ଗଠନମୂଳକ ପଦକ୍ଷେପଗୁଡିକୁ ଅନ୍ତର୍ଭୂକ୍ତ କରିପାରେ। ଭାରତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ବର୍ତ୍ତମାନ ଏକ ନଗଦ ସଙ୍କଟଦେଇ ଗତି କରୁଛି। ଟଙ୍କାର ସ୍ଥିରତା ଏବଂ କମ୍ପାନୀଗୁଡିକ ଦ୍ୱାରା ଅଗ୍ରୀମ ଟିକସ ଦେୟ ଯୋଗୁଁ ଏହି ସଙ୍କଟ ବୃଦ୍ଧି ପାଇଛି। ଆରବିଆଇ ଆଡୁ ଅତିରିକ୍ତ ପଦକ୍ଷେପ ଆଶା କରାଯାଏ ଯାହା ଦ୍ୱାରା ଲିକ୍ୟୁଡିଟି ସଙ୍କଟ ଦୂର ହୋଇପାରିବ ଏବଂ ବ୍ୟାଙ୍କିଙ୍ଗ୍ କାର୍ଯ୍ୟକୁ ସରଳ କରାଯାଇପାରିବ।

## ନୂଆବର୍ଷରୁ ବିଜ୍ଞାପନ ବିନା ୟୁଟ୍ୟୁବ୍‌ରେ ଭିଡିଓ ଦେଖା ମହଙ୍ଗା

ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି): ନୂଆ ବର୍ଷରେ ଗୁଗୁଲ ଏହାର କୋଟି କୋଟି ୟୁଟ୍ୟୁବ ବ୍ୟବହାରକାରୀଙ୍କୁ ବଡ଼ ଝଟ୍‌କା ଦେବାକୁ ଯାଉଛି। ଏଥିରେ ବିଜ୍ଞାପନ ବିନା ୟୁଟ୍ୟୁବ୍‌ରେ ଭିଡିଓ ଦେଖିବା ଅଧିକ ମହଙ୍ଗା ହେବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ଜାନୁଆରୀରୁ କମ୍ପାନୀ ୟୁଟ୍ୟୁବ୍ ପ୍ରିମିୟମ୍ ସବସ୍କ୍ରିପସନ୍ ଯୋଜନା ମହଙ୍ଗା କରିବାକୁ ଯାଉଛି। କମ୍ପାନୀ ନିକଟରେ ୟୁଟ୍ୟୁବ୍ର ସବସ୍କ୍ରିପସନ୍ ଯୋଜନାକୁ ସର୍ବଭାରତୀୟ ସ୍ତରରେ ବୃଦ୍ଧି କରିଥିଲା ୟୁଟ୍ୟୁବ୍ର ନୂତନ ପ୍ରିମିୟମ୍ ସବସ୍କ୍ରିପସନ୍ ଯୋଜନା ଜାନୁୟାରୀ ୧୩ରୁ କାର୍ଯ୍ୟକାରୀ ହେବ। ଏପରି ପରିସ୍ଥିତିରେ ଉପଭୋକ୍ତାମାନେ ଜାନୁଆରୀ ୧୨ ପର୍ଯ୍ୟନ୍ତ ପୁରୁଣା ରେଟରେ ସବସ୍କ୍ରିପସନ୍ ପ୍ଲାନ୍ କିଣିପାରିବେ। ରିପୋର୍ଟ ଅନୁଯାୟୀ, ଆସନ୍ତା ବର୍ଷ ୧୩ ଜାନୁୟାରୀ ୨୦୨୫ରୁ ୟୁଟ୍ୟୁବ୍ ପ୍ରିମିୟମ୍ ସବସ୍କ୍ରିପସନ୍ ଯୋଜନା ମହଙ୍ଗା ହେବ। କମ୍ପାନୀ ପୂର୍ବ ଅପେକ୍ଷା ୧୦ ଡଲାର ଅଧିକ ଚାର୍ଜ କରିବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ୟୁଟ୍ୟୁବ୍ ପ୍ରିମିୟମର ମୌଳିକ ଯୋଜନା ମୂଲ୍ୟ ପାଇଁ ୭୨.୯୯ ଡଲାର ଖର୍ଚ୍ଚ କରିବାକୁ ପଡୁଥିଲା। ଯୋଜନା ହାର ସଂଶୋଧିତ ହେବା ପରେ ଉପଭୋକ୍ତାଙ୍କୁ ୮୨.୯୯ ଡଲାର ଖର୍ଚ୍ଚ କରିବାକୁ ପଡ଼ିବ। ଏହିପରି ଉପଭୋକ୍ତାଙ୍କୁ ୟୁଟ୍ୟୁବ୍ ପ୍ରିମିୟମ୍ ପାଇଁ ୧୦ ଡଲାର୍ ଅଧିକ ଖର୍ଚ୍ଚ କରିବାକୁ ପଡିବ। ବର୍ତ୍ତମାନ ଭାରତରେ ୟୁଟ୍ୟୁବ୍ ପ୍ରିମିୟମ୍ ମୂଲ୍ୟରେ କୌଣସି ବୃଦ୍ଧି ଘୋଷଣା କରାଯାଇ ନାହିଁ। କମ୍ପାନୀ କିଛି ମାସ ପୂର୍ବରୁ ଭାରତରେ ୟୁଟ୍ୟୁବ୍ ପ୍ରିମିୟମ୍ ଯୋଜନା ବ୍ୟୟବହୁଳ କରିଛି। ଅବଶ୍ୟ, ଯେତେବେଳେ ବି ବିଶ୍ୱ ବଜାରରେ ୟୁଟ୍ୟୁବ୍ ପ୍ରିମିୟମ୍ ପ୍ଲାନର ହାର ବୃଦ୍ଧି କରାଯାଇଥାଏ, ଏହାର ପ୍ରଭାବ ଶୀଘ୍ର ଭାରତରେ ମଧ୍ୟ ଦେଖାଯାଏ। କମ୍ପାନୀ କହିଛି ଯେ ପ୍ଲାଟଫର୍ମର ସେବାରେ ଉନ୍ନତି ଆଣିବା ପାଇଁ ଯୋଜନାଗୁଡିକର ହାର ବୃଦ୍ଧି କରାଯିବ ଯାହା ଦ୍ୱାରା ଉପଭୋକ୍ତାମାନେ ଉନ୍ନତ ମାନ ପାଇପାରିବେ। ଜାନୁଆରୀ ୧୩ ରୁ ନୂତନ ହାର ଲାଗୁ ହେବା ପରେ ଉପଭୋକ୍ତାମାନଙ୍କୁ ପ୍ରଥମ ବିଲ୍ ସାଇକେଲରେ ଅଧିକ ଖର୍ଚ୍ଚ କରିବାକୁ ପଡିବ।




## ଅମ୍ବାନୀ, ଆଦାନୀଙ୍କ ସମ୍ପତ୍ତିର ଦେଢ଼ଗୁଣା ବର୍ଷକରେ ରୋଜଗାର କରିଛନ୍ତି ମସ୍କ



### ଚଳିତବର୍ଷ ସମ୍ପତ୍ତିରେ ୧୦୭.୧ ପ୍ରତିଶତ ବୃଦ୍ଧି

### ଟ୍ରମ୍ପଙ୍କ ବିଜୟ ପରେ ୨୧୪ ବିଲିୟନ ଡଲାର ବଢ଼ିଛି

ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି)

ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କଙ୍କ ସମ୍ପତ୍ତିରେ ବର୍ତ୍ତମାନ ନୂଆ ଡେଣା ଲାଗିଯାଇଛି। ଯଦିଓ ଆମେ ଭାରତର ଦୁଇ ଧନୀ ବ୍ୟକ୍ତି ଅର୍ଥାତ୍ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀ ଏବଂ ଆଦାନୀ ଗ୍ରୁପ୍ ପ୍ରତିଷ୍ଠାତା ଗୌତମ ଆଦାନୀଙ୍କ ସମ୍ପତ୍ତିକୁ ଯୋଡୁ ତେବେ ସେମାନେ ମସ୍କଙ୍କର ସମ୍ପତ୍ତିର ପାଖ ମଧ ପଶିବେ ନାହିଁ। ଟେସଲା ଏବଂ ସ୍ପେସ୍ ଏକ୍ସ ପରି କମ୍ପାନୀର ମୁଖ୍ୟ ଏଲନ୍ ମସ୍କଙ୍କର ସମ୍ପତ୍ତି କ୍ରମାଗତ ଭାବରେ ବୃଦ୍ଧି ପାଉଛି, ଯାହା ଦିନ ଦ୍ୱିଗୁଣିତ ହେବା ସହ ରାତାରାତି ଚାରିଗୁଣା ହୋଇଯାଇଛି। ଇତିମଧ୍ୟରେ ମସ୍କଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୪୦୦ ବିଲିୟନ ଡଲାର ଅତିକ୍ରମ କରି ଏକ ରେକର୍ଡ ସୃଷ୍ଟି କରିଛି। ବର୍ତ୍ତମାନ ତାଙ୍କର ନେଟ୍ ମୂସମ୍ପତ୍ତି ଖୁବ୍ ଶୀଘ୍ର ୫୦୦ ବିଲିୟନ ଡଲାର୍ ଅତିକ୍ରମ କରିବାକୁ ଯାଉଥିବା ଜଣାପଡିଛି। ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ ତାଙ୍କର ମୋଟ ସମ୍ପତ୍ତି ୪୭୪ ବିଲିୟନ ଡ଼ଲାରରେ ପହଞ୍ଚିଛି। ଯଦି ସାମ୍ପ୍ରତିକ ଗତି ଜାରି ରୁହେ, ମସ୍କର ନିଟ୍ ସମ୍ପତ୍ତି ମୂଲ୍ୟ ଅତି ଶୀଘ୍ର ୫୦୦ ବିଲିୟନ ଡଲାର ଅତିକ୍ରମ କରିଯିବ।

ବର୍ଷ ୨୦୨୪ରେ ମସ୍କଙ୍କ ସମ୍ପତ୍ତିରେ ବର୍ତ୍ତମାନ ପର୍ଯ୍ୟନ୍ତ ୨୪୫ ବିଲିୟନ ଡ଼ଲାର ବୃଦ୍ଧି ଘଟିଛି। ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ ଯେ ମସ୍କ କେବଳ ଚଳିତ ବର୍ଷ ଅର୍ଜନ କରିଥିବା ସମ୍ପତ୍ତି ପରିମାଣ ଭାରତର ଦୁଇ ପ୍ରମୁଖ ଧନୀ ମୁକେଶ ଅମ୍ବାନୀ ଏବଂ ଗୌତମ ଆଦାନୀଙ୍କ ମିଳିତ ସମ୍ପତ୍ତିର ଦେଢ଼ ଗୁଣ ହେବ। ଗତ କିଛି ମାସ ମଧ୍ୟରେ ଅମ୍ବାନୀ ଏବଂ ଆଦାନୀଙ୍କ ସମ୍ପତ୍ତିରେ ବହୁତ ପରିମାଣରେ ହ୍ରାସ ଘଟିଛି, ଉଭୟଙ୍କ ନେଟ୍ ସମ୍ପତ୍ତି ମୂଲ୍ୟ ୧୦୦ ବିଲିୟନ ଡଲାର ତଳକୁ ଖସିଆସିଛି।

ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ଅନୁଯାୟୀ ବିଶ୍ୱର କୋଟିପତିମାନଙ୍କର ତାଲିକାରେ ମୁକେଶ ଅମ୍ବାନୀ ୯୬.୩ ବିଲିୟନ ଡଲାର ସମ୍ପତ୍ତି ସହ ୧୭ ସ୍ଥାନରେ ରହିଛି। ଅନ୍ୟପକ୍ଷରେ, ଗୌତମ ଆଦାନୀ ୮୦.୮ ବିଲିୟନ ଡଲାର ସମ୍ପତ୍ତି ସହିତ ୧୯ତମ ସ୍ଥାନରେ ଅଛନ୍ତି। ଚଳିତ ବର୍ଷ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତିରେ ୫.୫ ନିୟୁତ ମିଡ଼ଲାର ହ୍ରାସ ପାଇଛି। ଅନ୍ୟପକ୍ଷରେ, ଗୌତମ ଆଦାନୀଙ୍କ ସମ୍ପତ୍ତି ଚଳିତ ବର୍ଷ ୩.୫୨ ବିଲିୟନ ଡ଼ଲାର ହ୍ରାସ ପାଇଛି। ୨୦୨୪ ରେ ମସ୍କଙ୍କ ରୋଜଗାର ବିଷୟରେ କହିବାକୁ ଗଲେ, ତାଙ୍କ ସମ୍ପତ୍ତି ଚଳିତ ବର୍ଷ ୨୪୫ ବିଲିୟନ ଡ଼ଲାରରେ ବୃଦ୍ଧି ପାଇଛି। ଯାହାକି ଅମ୍ବାନୀ ଏବଂ ଆଦାନୀଙ୍କ ମିଳିତ ସମ୍ପତ୍ତି ପ୍ରାୟ ୧୭୭.୧ ବିଲିୟନ ଡଲାର। ନିକଟ ଅତୀତରେ ଦୁନିଆର ସବୁଠାରୁ ଧନୀ ବ୍ୟବସାୟୀ ମସ୍କଙ୍କ ସମ୍ପତ୍ତିରେ ଏକ ବଡ଼ ବୃଦ୍ଧି ଘଟିଛି। ଆମେରିକା ନିର୍ବାଚନରେ ରିପବ୍ଲିକାନ୍ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ସପକ୍ଷରେ ମସ୍କ ଖୋଲାଖୋଲି ପ୍ରଚାର କରିଥିଲେ। ଟ୍ରମ୍ପଙ୍କ ବିଜୟ ପରେ ମସ୍କଙ୍କର କମ୍ପାନୀଗୁଡିକର ସେୟାର ମୂଲ୍ୟରେ ଏକ ବଡ଼ ବୃଦ୍ଧି ଘଟିଛି। ଏଠାରେ ସୂଚନାଯୋଗ୍ୟ ଯେ, ଚଳିତବର୍ଷ ନଭେମ୍ବର ୫ରେ ରେ, ମସ୍କଙ୍କ ମୋଟ ସମ୍ପତ୍ତି ପ୍ରାୟ ୨୬୦ ବିଲିୟନ ଡ଼ଲାର୍ ରହିଥିଲା, ଯାହା ଟ୍ରମ୍ପଙ୍କ ବିଜୟର ଦେଢ଼ ମାସ ପରେ ୨୧୪ ବିଲିୟନ ଡ଼ଲାରରେ ବୃଦ୍ଧି ହୋଇ ୪୭୪ ବିଲିୟନ ଡ଼ଲାରରେ ପହଞ୍ଚିଛି। ଚଳିତବର୍ଷ ମସ୍କଙ୍କ ସମ୍ପତ୍ତିରେ ୧୦୭.୧ ପ୍ରତିଶତ ବୃଦ୍ଧି ହୋଇଛି।

### ସେୟାର ବଜାରରେ ହା ହା କାର

## ୧୦୦୦ ପଏଣ୍ଟରୁ ଅଧିକ ଖସିଲା ସେନ୍‌ସେକ୍ସ



- ନିବେଶକ ହରାଇଲେ ୫ ଲକ୍ଷ କୋଟି
- ଆମେରିକା, ଚୀନ୍ ପ୍ରଭାବରେ ଘରୋଇ ବଜାର ବୁଡିଲା

ମୁମ୍ବଇ,୧୭।୧୨(ଏଜେନ୍ସି)

ପୁଣି ଥରେ ଭାରତୀୟ ପୁଞ୍ଜି ବଜାର ଉପରକୁ ବିପଦ ମାଡ଼ିଆସିଛି। ଘରୋଇ ସେୟାର ବଜାରରେ ମଙ୍ଗଳବାର ଅନିଶ୍ଚିତତା ଦେଖିବାକୁ ମିଳିଛି। ଏଥିଯୋଗୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନସେକ୍ସରେ ପ୍ରାୟ ୧୦୬୪ ପଏଣ୍ଟ ହ୍ରାସ ଘଟିଛି। ଅନ୍ୟପକ୍ଷରେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ନିଫ୍ଟି) ୨୪,୩୫୦ ପଏଣ୍ଟ ସ୍ତର ତଳକୁ ଖସିଆସିଛି। ଆଜିର ଏହି ହ୍ରାସ ଯୋଗୁଁ ସେୟାର ବଜାରରେ ନିବେଶକମାନଙ୍କୁ ପ୍ରାୟ ୫ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ବୈଶ୍ୱିକ ସ୍ତରରେ ଦୁର୍ବଳ ସଂକେତ ଏବଂ ଆମେରିକୀୟ ଫେଡେରାଲ୍ ରିଜର୍ଭ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବରୁ ନିବେଶକ ଅଧିକ ସତର୍କତା ଅବଲମ୍ବନ କରୁଛନ୍ତି, ଯାହାର ପ୍ରଭାବ ସ୍ୱରୂପ ଆଜି ପୁଞ୍ଜି ବଜାରରେ ଅଧିକ ପ୍ରଫିଟ୍ ବୁକିଂ ଦେଖିବାକୁ ମିଳିଛି। ଆମେରିକା ଏବଂ ଚୀନ୍ ପ୍ରଭାବରେ ଘରୋଇ ବଜାର ଆଜି ବୁଡିଯାଇଛି।

ଅନ୍ୟପଟେ ଖ୍ରୀଷ୍ଟମାସ ଏବଂ ଇଂରାଜୀ ନବ ବର୍ଷ ଛୁଟି ଯୋଗୁଁ ବିଦେଶୀ ନିବେଶକ ଘରୋଇ ପୁଞ୍ଜି ବଜାରରେ ଟ୍ରେଡିଂ କରିବା କମ୍ କରିଛନ୍ତି। ଯେଉଁଥିପାଇଁ ଭାରତୀୟ ପୁଞ୍ଜି ବଜାର ଚାପରେ ରହିଛି। ବିଏସଇର ମିଡ୍‌କ୍ୟାପ୍ ଏବଂ ସ୍ମଲ୍‌କ୍ୟାପ୍ ସୂଚକାଙ୍କ ଆଜି ଅଧା ପ୍ରତିଶତ ଖସିଯାଇଛି। ଏପରିକି ବିଏସଇର ସମସ୍ତ କ୍ଷେତ୍ରର ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି। ଆଜିର କାରବାରରେ ସବୁଠୁ ଅଧିକ ହ୍ରାସ ଆର୍ଥିକ, ଆଇଟି, ତୈଳ ଏବଂ ଗ୍ୟାସ୍ ଆଜି କ୍ଷେତ୍ରରେ ଦେଖିବାକୁ ମିଳିଛି। କାରବାର ଶେଷ ବେଳକୁ ବିଏସଇର ୩୦ ସେୟାର ବିଶିଷ୍ଟ ସୂଚକାଙ୍କ ସେନ୍‌ସେକ୍ସରେ ୧୦୬୪.୧୨ ପଏଣ୍ଟ ବା ୧.୩୦ ପ୍ରତିଶତ ହ୍ରାସ ଘଟି ଏହା ୮୦,୬୮୪.୪୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପକ୍ଷରେ ୫୦ ସେୟାର ବିଶିଷ୍ଟ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ନିଫ୍ଟି) ସୂଚକାଙ୍କରେ ୩୩୨.୨୫ ପଏଣ୍ଟ ବା ୧.୩୫ ପ୍ରତିଶତ ହ୍ରାସ ଦେଖାଦେଇ ୨୪,୩୩୬.୦୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ହ୍ରାସ ପାଇ ୪୫୫.୦୮ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିବସର ଶେଷରେ ଏହା ୪୬୦.୦୬ ଲକ୍ଷ କୋଟି ଟଙ୍କା ରହିଥିଲା। ଏହିପରି ବିଏସଇରେ ସୂଚୀବଦ୍ଧ କମ୍ପାନୀଗୁଡ଼ିକର ବଜାର ପୁଞ୍ଜିରେ ଆଜି ପ୍ରାୟ ୪.୯୮ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ଆଜିର କାରବାରରେ ସେନ୍‌ସେକ୍ସର ସମସ୍ତ ୩୦ ସେୟାର ଲାଲ୍ ସଙ୍କେତରେ ବନ୍ଦ ହୋଇଛି। ସେୟାର ବଜାରରେ ଆଜିର ହ୍ରାସ କେତେ ବଡ଼ ଥିଲା, ତାହା ଏଥିରୁ ଅନୁମାନ କରାଯାଇପାରିବ।

## ସପ୍ତାହକରେ ସୁନା ମୂଲ୍ୟ ୧୯୦୦ ଟଙ୍କା କମିଲା

ନୂଆଦିଲ୍ଲୀ, ୧୭।୧୨ (ଏଜେନ୍ସି): ଆମେରିକାର ନ୍ୟୁୟର୍କଠାରୁ ଆରମ୍ଭ କରି ଭାରତ ପର୍ଯ୍ୟନ୍ତ ସୁନା ମୂଲ୍ୟରେ ହ୍ରାସ ଘଟିଛି। ତେବେ ଭାରତରେ ଚଳିତ ସପ୍ତାହରେ ସୁନା ମୂଲ୍ୟରେ ୧୯୦୦ ଟଙ୍କାରୁ ଅଧିକ ହ୍ରାସ ହୋଇଛି। ଅନ୍ୟପକ୍ଷରେ ରୂପା ମୂଲ୍ୟ ୫ ପ୍ରତିଶତରୁ ଅଧିକ ହ୍ରାସ ଦେଖିବାକୁ ମିଳିଛି। ଏହାର ମୁଖ୍ୟ କାରଣ ହେଉଛି ଡଲାର ସୂଚକାଙ୍କରେ ବୃଦ୍ଧି ଏବଂ ଫେଡେରାଲ ରିଜର୍ଭ ନୀତି ବୈଠକରେ ସୁଧ ହାରରେ ସମ୍ଭାବ୍ୟ ହ୍ରାସ। ବିଶେଷଜ୍ଞଙ୍କ ଅନୁଯାୟୀ ଆଗାମୀ ଦିନରେ ସୁନା ଓ ରୂପା ମୂଲ୍ୟରେ ହ୍ରାସ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ବର୍ତ୍ତମାନ ଦେଶର ଫ୍ୟୁଚର ବଜାର ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ସୁନା ମୂଲ୍ୟରେ ସାମାନ୍ୟ ବୃଦ୍ଧି ଘଟିଛି। ଆଜି ରାଜଧାନୀ ଭୁବନେଶ୍ୱରରେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୭୧,୫୦୦ ଟଙ୍କା ରହିଥିବାବେଳେ ରୁପା କିଲୋପିଛା ୯୩,୫୦୦ ଟଙ୍କା ରହିଥିଲା। ଏଥିରେ ବିଶେଷ କଥା ହେଉଛି ଡିସେମ୍ବର ୧୧ ଠାରୁ ନୂଆଦିଲ୍ଲୀରେ ସୁନା ମୂଲ୍ୟରେ ୨.୪୨ ପ୍ରତିଶତ ଅର୍ଥାତ୍ ୧,୯୧୪ ଟଙ୍କା ହ୍ରାସ ଘଟିଛି। ଡିସେମ୍ବର ୧୧ରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପ୍ରତି ୭୯,୦୦୨ ଟଙ୍କା ରହିଥିଲା।

## ପୁରୀରେ ବିଚ୍ ଫ୍ରଣ୍ଟ୍ ରିଟ୍ରିଟ୍ ଉଦ୍‌ଘାଟିତ




ଭୁବନେଶ୍ୱର, ୧୭।୧୨(ସମିସ): ଆଇଟିସି ହୋଟେଲ ଗ୍ରୁପ ପକ୍ଷରୁ ଓଡ଼ିଶାରେ ଏହାର ଦ୍ୱିତୀୟ ହୋଟେଲ୍ ଫର୍ଚ୍ଚୁନ୍ ବିଚ୍ ଫ୍ରଣ୍ଟ ପୁରୀ ଉଦ୍ଘାଟିତ ହୋଇଯାଇଛି। ଶ୍ରୀ ଜଗନ୍ନାଥ ମନ୍ଦିରଠାରୁ ମାତ୍ର କିଛି କିଲୋମିଟର ଦୂରରେ ଅବସ୍ଥିତ ଫର୍ଚ୍ଚୁନ୍ ବିଚ୍ ଫ୍ରଣ୍ଟ୍ ପୁରୀର ସାଂସ୍କୃତିକ ଅନୁସନ୍ଧାନ ଏବଂ ସମୁଦ୍ର କୂଳର ଆନନ୍ଦର ଏକ ଅନନ୍ୟ ମିଶ୍ରଣକୁ ବିସ୍ତାର କରିବା ପାଇଁ ଭିଉନ୍ନ ପ୍ରକାରରେ କରାଯାଇଛି, ଯାହା ସୁନ୍ଦର ବଙ୍ଗୋପସାଗର ଉପକୂଳର ସୌନ୍ଦର୍ଯ୍ୟରେ ଭିଜିବାକୁ ଚାହୁଁଥିବା ଯାତ୍ରୀଙ୍କ ପାଇଁ ଏକ ଉଷ୍ମ ଆଶ୍ରୟସ୍ଥଳୀରେ ପରିଣତ ହୋଇଛି। ଏହି ଅବସରରେ ଫର୍ଚ୍ଚୁନ୍ ହୋଟେଲର ପରିଚାଳନା ନିର୍ଦ୍ଦେଶକ ସମୀର ଏମ୍ ସି କହିଛନ୍ତି, ଫର୍ଚ୍ଚୁନ୍ ବିଚ୍ ଫ୍ରଣ୍ଟ ପୁରୀ ଅତିଥିଙ୍କ ପାଇଁ ଅସାଧାରଣ ଅନୁଭୂତି ସୃଷ୍ଟି କରିବା ସହିତ ଆମ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ପରି ଭବିଷ୍ୟତରେ କାମ କରିବ। ଫର୍ଚ୍ଚୁନ୍ ବିଚ୍ ଫ୍ରଣ୍ଟ ପୁରୀରେ ଏକ ପ୍ରମୁଖ ସମୁଦ୍ର କୂଳରେ ଥିବା ହୋଟେଲ ଯେଉଁଠାରେ ଅଧିକାଂଶ କୋଠରୀରୁ ସମୁଦ୍ର ଦୃଶ୍ୟ ଉପଲବ୍ଧ ହେଉଛି। ଆଉଟଡୋର ସୁଇମିଂ ପୁଲ, ଆରାମଦାୟକ ସ୍ପା ଏବଂ ସୁସଜ୍ଜିତ ଜିମ୍ ସମେତ ସୁଚିନ୍ତିତ ସୁବିଧା ସହିତ ଏହି ହୋଟେଲ ଉଭୟ ଆଧ୍ୟାତ୍ମିକ ଭ୍ରମଣ ଏବଂ ଆରାମଦାୟକ ଯାତ୍ରା ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ। ଏହାର ପରିସରରେ ଅନେକ ଡାଇନିଂ ବିକଳ୍ପ ଉପଲବ୍ଧ ଅଛି। ଏହି ଦିନବ୍ୟାପୀ ମଲ୍ଟି-କୁଜିନ୍ ରେଷ୍ଟୁରାଣ୍ଟରେ ଖାଦ୍ୟ ପ୍ରେମୀମାନେ ସେମାନଙ୍କ ଥାଳିରେ ବିଶ୍ୱସ୍ତରୀୟ ଓ ଆଞ୍ଚଳିକ ଖାଦ୍ୟର ଭରପୁର ମଜା ନେଇପାରିବେ।

### ଆର୍‌ବିଆଇ ଡେପୁଟି ଗଭର୍ଣ୍ଣରଙ୍କ ବଡ଼ ବୟାନ

## କ୍ରେଡିଟ୍ କାର୍ଡ ଓ 'ବାଏ ନାଓ, ପେ ଲ୍ୟାଟର' ସ୍କିମ୍ ଯୁବବର୍ଗଙ୍କ ସଞ୍ଚୟ କମାଉଛି

ନୂଆଦିଲ୍ଲୀ,୧୭।୧୨(ଏଜେନ୍ସି)

'ବାଏ ନାଉଁ ପେ ଲ୍ୟାଟର 'ଏବଂ କ୍ରେଡିଟ୍ କାର୍ଡ ମାଧ୍ୟମରେ ଖର୍ଚ୍ଚ ତୁରନ୍ତ ବର୍ତ୍ତମାନର ଯୁବ ପିଢ଼ିଙ୍କର ଉପଯୋଗିତାକୁ ପ୍ରୋତ୍ସାହିତ କରୁଛି। ହେଲେ ଏହା ସେମାନଙ୍କର ସଞ୍ଚୟ ଧାରାରେ ହ୍ରାସେ ଘଟାଉଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇର) ଡେପୁଟି ଗଭର୍ଣ୍ଣର ମାଇକେଲ ଦେବବ୍ରତ ପାତ୍ର କହିଛନ୍ତି। ସେ କହିଛନ୍ତି ବ୍ୟବହାରକୁ ତୁରନ୍ତ ବଢ଼ାଉଥିବା ଏହି ଧାରା କେବଳ ସଞ୍ଚୟରେ ହ୍ରାସ ଘଟାଉନାହିଁ ବରଂ ମୁଦ୍ରା ଏବଂ ନିୟାମକ ନୀତି ପ୍ରସ୍ତୁତ ଆଗରେ ଏକ ନୂତନ ଆହ୍ୱାନ।

ମାଳଦ୍ୱୀପଠାରେ ଅନୁଷ୍ଠିତ ମାଳଦ୍ୱୀପ ମୁଦ୍ରା ପ୍ରାଧିକରଣ (ଏମ୍‌ଏମ୍‌ଏ)) ଅନୁସନ୍ଧାନ ସମ୍ମିଳନୀରେ ଯୋଗ ଦେଇ ଶ୍ରୀ ପାତ୍ର ଏହି ନୂତନ ଆର୍ଥିକ ପ୍ରଯୁକ୍ତିବିଦ୍ୟା କିପରି ଗ୍ରାହକଙ୍କ ଆଚରଣକୁ ପୁନଃ ରୂପ ଦେଉଛି ଏବଂ ପାରମ୍ପରିକ ଅର୍ଥନୈତିକ ନୀତିର କାର୍ଯ୍ୟକାରିତାକୁ ବ୍ୟାହତ କରୁଛି ତାହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ଏଠାରେ ପ୍ରମାଣିତ ହେଉଛି ଯେ, 'ବାଏ ନାଉଁ ପେ ଲ୍ୟାଟର 'ଏବଂ କ୍ରେଡିଟ୍ କାର୍ଡ ଆଧାରିତ ଖର୍ଚ୍ଚ ତୁରନ୍ତ ବ୍ୟବହାରକୁ ପ୍ରୋତ୍ସାହନ ଦେଇପାରେ। ହେଲେ ଏହାର ନକାରାତ୍ମକ ଦିଗ ରହିଛି। ଡିଜିଟାଲ ଆର୍ଥିକ ସମାଧାନର ଶୀଘ୍ର ଗ୍ରହଣୀୟତାରୁ ଉତ୍ପନ୍ନ ଅନେକ ପ୍ରମୁଖ ଆହ୍ୱାନକୁ ସେ ଚିହ୍ନଟ କରିଥିଲେ। ତାଙ୍କ କହିବାନୁସାରେ, ପ୍ରଥମତଃ ପାରମ୍ପରିକ ସଞ୍ଚୟ ବିଧି ବ୍ୟବସ୍ଥାଠାରୁ ଦୂରେଇ ରହିବା ଦ୍ୱାରା ମୁଦ୍ରା ନୀତି ଆବେଗର ବାସ୍ତବିକ ଅର୍ଥନୀତିରେ ପରଚାଳନାକୁ ଦୁର୍ବଳ କରିପାରେ। ଏହାର ପ୍ରଭାବରେ କେନ୍ଦ୍ରୀୟ ବ୍ୟାଙ୍କଗୁଡିକ ପାଇଁ ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରଭାବଶାଳୀ ଢ଼ଙ୍ଗରେ ନିୟନ୍ତ୍ରଣ ଏବଂ ସ୍ଥିର କରିବା କଷ୍ଟକର ହୋଇପଡିଥାଏ।



ଏଥିରେ ଦ୍ୱିତୀୟ ଆହ୍ୱାନକୁ ବ୍ୟାଖ୍ୟା କରି ଶ୍ରୀ ପାତ୍ର କହିଛନ୍ତି ଯେ, 'ବାଏ ନାଉଁ ପେ ଲ୍ୟାଟର 'ଏବଂ କ୍ରେଡିଟ୍ କାର୍ଡ ମାଧ୍ୟମରେ ଖର୍ଚ୍ଚର ପ୍ରଭାବ ଯୋଗୁ ଭବିଷ୍ୟତରେ ଏହା ଘରୋଇ ସ୍ତରରେ ଋଣ ଅଭିବୃଦ୍ଧି କ୍ଷେତ୍ରରେ ଏକ ବଡ଼ ବିପଦ ଆଣିଦେବ। ଏହାକୁ ନେଇ ସେ ଚେତାଇ ଦେଇଛନ୍ତି। ସେ କହିଛନ୍ତି ଯେ ଋଣ ସହଜରେ ପାଇବା ଜଣେ ବ୍ୟକ୍ତିଙ୍କ ପାଇଁ ଆର୍ଥିକ ଚାପ ମଧ୍ୟ ସୃଷ୍ଟି କରିପାରେ।

ଲେଶକଙ୍କ ମଧ୍ୟରେ ଡିଜିଟାଲ ଆର୍ଥିକ ସାକ୍ଷରତାର ଅଭାବ ହେତୁ ଏସବୁ ଯୋଗୁ ଆର୍ଥିକ ଅବ୍ୟବସ୍ଥା ସୃଷ୍ଟି ହେବାର ସମ୍ଭାବନାକୁ ନେଇ ସେ ଚିନ୍ତା ପ୍ରକଟ କରିଥିଲେ। ଏହାଦ୍ୱାରା ପରିବାରକୁ ବିତ୍ତୀୟ ସାମଗ୍ରୀର ଭୁଲ ବାଟରେ ବିକ୍ରି ହୋଇପାରେ ବୋଲି ସେ କହିଛନ୍ତି। ଏହି ଆହ୍ୱାନଗୁଡିକର ସମାଧାନ ପାଇଁ ଶ୍ରୀ ପାତ୍ର ପରାମର୍ଶ ଦେଇଛନ୍ତି ଯେ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ନୀତି ନିର୍ଣ୍ଣୟକାରୀମାନେ ସେମାନଙ୍କ ଆଭିମୁଖ୍ୟର ବିକାଶ ଘଟାନ୍ତୁ।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନରୁ ଆଶା ପୂରଣ ହେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ବ୍ୟବସାୟୀ କୌଣସି ଶୁଭ ଖବର ପାଇପାରନ୍ତି।

**ବୃଷ:** କୌଣସି କାର୍ଯ୍ୟ ବିଗିଡ଼ିପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ସ୍ୱଭାବରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ ହେବ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିପାରନ୍ତି। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ। ଉଧାର ଦେଇଥିବା

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହେବ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। କାମରୁ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ପଡୋଶୀଙ୍କ ସହ ମତାନ୍ତର ହୋଇପାରେ।

**ଧନୁ:** କାମ କରିବାରେ ସକ୍ଷମ ହେବେ ନାହିଁ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ। ପ୍ରେମ ବ୍ୟାପାରରେ ବିଫଳ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ବିଚଳିତ ହେବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସକାରାତ୍ମକ ଦୃଷ୍ଟିରୁ ଦିନଟି ଭଲ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

## ଆଜିର ଦିନରେ

- ୧୭୭୭-ଆମେରିକାରେ ପ୍ରଥମ ଥର 'ଥ୍ୟାଙ୍କସ୍ ଗିଭିଂ ଡେ' ପାଳନ କରାଗଲା।
- ୧୯୫୬: ମିଳିତ ଜାତିସଂଘର ସଦସ୍ୟ ହେଲା ଜାପାନ।
- ୧୯୬୦: ଦିଲ୍ଲୀରେ ରାଷ୍ଟ୍ରୀୟ ସଂଗ୍ରହାଳୟର ଉଦ୍‌ଘାଟନ।
- ୨୦୦୫: କାନାଡାରେ ଗୃହଯୁଦ୍ଧ ଆରମ୍ଭ।
- ୨୦୧୪- ରକେଟ୍ ଜିଏସ୍‌ଏଲ୍‌ଭି ମାର୍କ-୩ ରକେଟ୍‌କୁ ମହାକାଶକୁ ପ୍ରକ୍ଷେପଣ କରାଗଲା।

## ଆଜି ଯାହାଙ୍କ ଜନ୍ମଦିନ

# କଥାକାର ଅଖିଳମୋହନ ପଟ୍ଟନାୟକ

ଓଡ଼ିଆ କଥାସାହିତ୍ୟ ଜଗତରେ ଅଖିଳମୋହନ ପଟ୍ଟନାୟକ ଜଣେ ସଫଳ ସ୍ରଷ୍ଟା। ଗଳ୍ପ, ଲଳିତ ନିବନ୍ଧ, ଭ୍ରମଣ ବୃତ୍ତାନ୍ତ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରିଥିଲେ। ପେସାରେ ଅଖିଳ ମୋହନ ଥିଲେ ଆଇନଜୀବୀ। ଆଉ ଗଳ୍ପ ଲେଖିବା ଥିଲା ତାଙ୍କର ନିଶା। ତାଙ୍କର ଅଧିକାଂଶ ଗପ ଅନୁଭୂତିସିଦ୍ଧ। ତାଙ୍କର ସମସାମୟିକ ଲେଖକମାନେ ଗ୍ରାମ୍ୟ ପୃଷ୍ଠଭୂମି ଉପରେ ଲେଖୁଥିବାବେଳେ ଅଖିଳମୋହନଙ୍କ ସାହିତ୍ୟ ସର୍ଜନା ସହରୀ ଜୀବନ ଉପରେ ପର୍ଯ୍ୟବସିତ ଥିଲା। ଧନାଢ଼୍ୟ ପରିବେଶରେ ଲୁଚିଥିବା ଅବ୍ୟକ୍ତ ଯନ୍ତ୍ରଣା ଓ କ୍ଷତକୁ ସେ କଲମମୁନରେ ପରିସ୍ଫୁଟ କରିପାରିଥିଲେ। ଅଖିଳମୋହନ ୧୯୨୭ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ବାଙ୍କବିହାରୀ ପଟ୍ଟନାୟକ ଥିଲେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ। ସେ ୧୯୪୪ ମସିହାରେ



ଖୋର୍ଦ୍ଧା ହାଇସ୍କୁଲରୁ ମାଟ୍ରିକ୍ ଓ ୧୯୪୮ ମସିହାରେ ପୁରୀର ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ବିଏ ପାସ୍ କରିଥିଲେ। ୧୯୫୨ ମସିହାରେ ସେ କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ଡିଗ୍ରୀ ହାସଲ କରିଥିଲେ। ଛାତ୍ରଜୀବନରୁ ସେ ବାମପନ୍ଥୀ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇଥିଲେ। ଏଥିପାଇଁ ସେ କଲେଜରୁ ବରଖାସ୍ତ ହେବା ସହ କାରାବରଣ କରିଥିଲେ। ଜେଲ୍‌ରେ ଥିବା ସମୟରେ ସେ ଗଳ୍ପ ଲେଖିବା ଆରମ୍ଭ କରିଥିଲେ। ତାଙ୍କର କିଛି ଗପ 'ସହକାର' ପତ୍ରିକାରେ ପ୍ରକାଶ ପାଇଥିଲା। କୁହାଯାଏ, ଏକ ପତ୍ରିକାରେ ତାଙ୍କ ଲେଖା ବାହାରିବା ଜିଦ୍‌ରେ ସେ ଗପ ଲେଖିବା ଆରମ୍ଭ କରିଥିଲେ। ତାପରେ ସେ ଆଉ ପଛକୁ ଫେରି ନ ଥିଲେ। ୧୯୪୮ ମସିହାରେ ତାଙ୍କର ପ୍ରଥମ ଗଳ୍ପ 'ସପନ' ଶଙ୍ଖ ପତ୍ରିକାରେ ପ୍ରକାଶ ପାଇଥିଲା। ଅଖିଳ ତାଙ୍କ ୩୪ ବର୍ଷର ସାହିତ୍ୟିକ ଜୀବନରେ ପଚାଶରୁ ଷାଠିଏଟି ଗଳ୍ପ ଲେଖିଥିଲେ। ଗଳ୍ପ ସଂକଳନ 'ନଦୀର ନାମ ଗଣତନ୍ତ୍ର', 'ପ୍ରଥମ ଓ ଶେଷ', ଭ୍ରମଣ ବୃତ୍ତାନ୍ତ 'ଅନ୍ୟ ଦେଶ', ଜୀବନୀ ସଂକଳନ 'ବାଘରାଣୀ ଖଇରୀ' ପ୍ରମୁଖ ତାଙ୍କ ଅଭୂତପୂର୍ବ ସୃଜନଶୀଳତାକୁ ଦର୍ଶାଏ। ୧୯୮୧ରେ ତାଙ୍କୁ 'ଓ ଅନ୍ଧଗଳି' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା। ତାଙ୍କ ଲିଖିତ ପୁସ୍ତକଗୁଡ଼ିକ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଅନୁବାଦିତ ହୋଇସାରିଛି। ୧୯୮୨ ନଭେମ୍ବର ୨୯ ତାରିଖରେ ତାଙ୍କର ଆକସ୍ମିକ ବିୟୋଗ ଘଟିଥିଲା।

# ମାରାଥନ୍ ବିଜେତାଙ୍କୁ ଗାଈ, କୁକୁଡ଼ା, ବତକ

ବିଶେଷ ଦିନମାନଙ୍କରେ ମାରାଥନ୍ ଦୌଡ଼ର ଆୟୋଜନ କରାଯାଇଥାଏ। ଏଥିରେ ଅଂଶଗ୍ରହଣ କରୁଥିବା ଲୋକଙ୍କୁ ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ ଦୌଡ଼ିବାକୁ ହୋଇଥାଏ। ସାଧାରଣତଃ ମାରାଥନ୍ ବିଜେତାଙ୍କୁ ପୁରସ୍କାରରେ ମେଡାଲ, ସାର୍ଟିଫିକେଟ୍, ଟ୍ରଫି ଆଦି ମିଳିଥାଏ। କିନ୍ତୁ ଚୀନ୍‌ରେ ଆୟୋଜିତ ହେବାକୁ ଥିବା ଏକ ମାରାଥନ୍‌ର ବିଜେତାଙ୍କୁ ପଶୁପକ୍ଷୀ ରଖିବାକୁ ଅଫର୍ ଦିଆଯାଇଛି। ଏଇ ଡିସେମ୍ବର ୨୯ ରେ ଏଠାରେ 'ତାଇପିଙ୍ଗଚି ଆଇସ୍ ଆଣ୍ଡ ସ୍ନୋ ହାଫ୍ ମାରାଥନ'ର ଆୟୋଜନ କରାଯିବ। ଏଥିରେ ଉଭୟ ପୁରୁଷ ଓ ମହିଳା ବର୍ଗର ଚାମ୍ପିଅନ୍‌ଙ୍କୁ ଗୋଟିଏ ଲେଖାଏଁ ଗାଈ ଦିଆଯିବ। ତେବେ ଗାଈ ନେବାକୁ ଚାହୁଁ ନ ଥିବା ବିଜେତା ପୁରସ୍କାରରେ ୭୦ ହଜାର ଟଙ୍କା ନେଇ ପାରିବେ। ସେହିଭଳି ଦ୍ୱିତୀୟ ସ୍ଥାନରେ ରହିଥିବା ପ୍ରତିଯୋଗୀଙ୍କୁ ତାଇପିଂ ପୋଖରୀରେ ମିଳୁଥିବା ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ଓ ଅନ୍ୟ ପ୍ରତିଯୋଗୀମାନଙ୍କୁ ହଂସ, ବତକ, କୁକୁଡ଼ା ଆଦି ପୁରସ୍କାର ସ୍ୱରୂପ ଦିଆଯିବା ପାଇଁ ଘୋଷଣା କରାଯାଇଛି। ସେହିଭଳି ଆଉ କିଛି ବିଜେତାଙ୍କୁ ଦଶ କେଜି ଚାଉଳ ଓ ଗହମ ପ୍ରଦାନ କରାଯିବ। ଚୀନ୍ ଆଥ୍‌ଲେଟିକ୍ସ ଆସୋସିଏସନ୍ ଅନୁସାରେ, ବିଗତ କିଛି ବର୍ଷ ମଧ୍ୟରେ ଚୀନ୍‌ରେ ମାରାଥନ ଦୌଡ଼ ବେଶ୍ ବୃଦ୍ଧି ପାଇଛି। ୨୦୨୩ରେ ଏଠାରେ ୬୨୨ଟି ହାଫ୍ ମାରାଥନ୍‌ର ଆୟୋଜନ କରାଯାଇଥିଲା। ତେବେ କୃଷି ଓ ପଶୁପାଳନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏଭଳି ପୁରସ୍କାର, ବିଜେତାମାନଙ୍କୁ ପ୍ରଦାନ କରାଯିବା ପାଇଁ ସ୍ଥିର କରାଯାଇଛି ବୋଲି ଏହାର ଆୟୋଜକ କହିଛନ୍ତି। ସବୁଠୁ ବଡ଼ କଥା ହେଉଛି, ଏଭଳି ପୁରସ୍କାର ପାଇଁ ଚଳିତବର୍ଷ ପଞ୍ଜୀକରଣ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି।



# ବାପାଙ୍କ ମାର୍ଗରେ ପୁଅ

ଶାହାରୁଖ୍ ଖାନ୍‌ଙ୍କ ପୁଅ ଆର୍ୟନ୍ ଖାନ୍ 'ଷ୍ଟାର୍‌ଡମ୍' ୱେବ୍‌ସିରିଜ୍‌ରୁ ବଲିଉଡ୍‌ରେ ତାଙ୍କ ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରିବେ। ଏହାର କାହାଣୀ ବଲିଉଡ୍ ଇଣ୍ଡଷ୍ଟ୍ରୀ ଉପରେ ଆଧାରିତ ହେବ। ଏହି ୱେବ୍ ସିରିଜ୍‌ର ଏକ ସିନ୍‌ରେ ୧୮ ଜଣ ବଲିଉଡ୍ ସେଲିବ୍ରିଟି ଏକାଠି ଦେଖାଯିବେ। କାରଣ ଏଥିରେ ପୁରସ୍କାର ସମାରୋହର ଏକ ସିନ୍ ରହିଛି। ବାନ୍ଦ୍ରାସ୍ଥିତ ମେହବୁବ ଷ୍ଟୁଡିଓରେ ଏହାର ସୁଟିଂ ଚାଲିଛି। ଏହି ସିନ୍‌ର ସୁଟିଂ କିଛି ସେଲିବ୍ରିଟି ସାରି ଦେଇଛନ୍ତି। ରାଜକୁମାର ରାଓ, ଅର୍ଜୁନ୍ କପୁର, ସିଦ୍ଧାନ୍ତ ଚତୁର୍ବେଦୀ ଓ ସନାୟା କପୁର ଆଦି କଳାକାରମାନେ ଏହି ସିନ୍‌ର ସୁଟିଂ ସାରିଛନ୍ତି। ସେହିଭଳି ଶାହାରୁଖ୍ ଖାନ୍, ସାରା ଅଲ୍ଲୀ ଖାନ୍, ଓରି ଆଦି କଳାକାରଙ୍କର ସୁଟିଂ ବାକି ଅଛି। ନୀଲମ, କରିସ୍ମା କପୁର, ଭାବନା ପାଣ୍ଡେ, ମହୀପ କପୁର, ସୀମା ଖାନ୍‌ଙ୍କୁ ମଧ୍ୟ ଏହି ସିନ୍‌ରେ ଦେଖିବାକୁ ମିଳିବ। ତେବେ ଆର୍ୟନ୍ ଖାନ୍‌ଙ୍କ ଏହି ସିନ୍ 'ଓମ୍ ଶାନ୍ତି ଓମ୍'ର ଏକ ଗୀତକୁ ମନେ ପକାଇ ଦେବ। ଏହି ଗୀତରେ ୩୦ ଜଣ ବଲିଉଡ୍ ସେଲିବ୍ରିଟିଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଏହି ୱେବ୍ ସିରିଜ୍‌ରେ ୬ଟି ଏପିସୋଡ୍ ରହିବ। ୨୦୨୫ରେ ନେଟ୍‌ଫ୍ଲିକ୍ସରେ ଏହା ପ୍ରସାରିତ ହେବ। ଏହାର ପ୍ରଯୋଜନା ଦାୟିତ୍ୱରେ ରେଡ୍ ଚିଲି ଏଣ୍ଟରଟେନ୍‌ମେଣ୍ଟ ରହିଛି।





# ଯୁକ୍ତ ଦୁଇ ପରୀକ୍ଷା ପ୍ରସ୍ତୁତି

**ଫେବୃଆରୀରୁ ଆରମ୍ଭ ହେବ ଯୁକ୍ତ ଦୁଇ ପରୀକ୍ଷା। ବିଦ୍ୟାର୍ଥୀମାନେ ପରୀକ୍ଷା ପ୍ରସ୍ତୁତି ଆରମ୍ଭ କଲେଣି। ତେବେ ଏହି ପରୀକ୍ଷା ପ୍ରସ୍ତୁତି କିଭଳି ହେବା ଦରକାର, ସେ ସମ୍ପର୍କରେ ଜାଣି ରଖିବା ଉଚିତ ହେବ।**

- ପଢ଼ା ସମୟରେ ନିଜ ପାଠକୁ ବୁଝି, ସେହି ଅନୁସାରେ ନିଜର ଏକ ନୋଟ୍ ପ୍ରସ୍ତୁତ କରନ୍ତୁ। ଏହାଦ୍ୱାରା ବିଷୟକୁ ମନେ ରଖିବା ଓ ରିଭିଜନ୍ କରିବା ସହଜ ହୁଏ।
- ପାଠ୍ୟ ଯୋଜନା ପ୍ରସ୍ତୁତ କରିବା ବେଳେ ଯେଭଳି ଗୋଟିଏ ବିଷୟ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ ନ ହେବ, ସେଭଳି ଯୋଜନା ପ୍ରସ୍ତୁତ କରିବା ଭଲ। କାରଣ ଗୋଟିଏ ବିଷୟ ଉପରେ ଅଧିକ ସମୟ ଦେବା ଆଦୌ ଠିକ୍ ନୁହେଁ।
- ପରୀକ୍ଷା ପାଇଁ କେତେ ଦିନ ବାକି ଅଛି, ତାହାକୁ ଦୃଷ୍ଟିରେ ରଖି ପଢ଼ା ଯୋଜନା ପ୍ରସ୍ତୁତ କରିବା ଦରକାର।
- ପରୀକ୍ଷା ପୂର୍ବରୁ ପୂର୍ବ ବର୍ଷ ପରୀକ୍ଷା ପ୍ରଶ୍ନ ସହ ପରିଚିତ ହେବା ଜରୁରି। ଏହାଦ୍ୱାରା ପଢ଼ା ଯୋଜନା ଏବଂ ବିଷୟ ଉପରେ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ ମିଳେ।
- ରାତ୍ରି ପଢ଼ା ବେଳେ ମଝିରେ ମଝିରେ ପାଣି, ଚା' କିମ୍ବା କଫି ପିଅନ୍ତୁ। ଏହା ଦ୍ୱାରା ନିଦ କିମ୍ବା ଅଳସ ଲାଗିବ ନାହିଁ।

# ବହିପଢ଼ାର କୌଶଳ



**ଅନେକ ପିଲାଙ୍କୁ ବହିପଢ଼ାର ଠିକ୍ ଶୈଳୀ ଜଣା ନ ଥାଏ। ତେବେ ବହି ପଢ଼ାର ମଧ୍ୟ କିଛି ତରିକା ରହିଛି। ଯାହାକୁ ପଢ଼ିବା ବେଳେ ଅନୁସରଣ କରିବା ଦ୍ୱାରା ପାଠ ସହଜରେ ମନେ ରହିଥାଏ।**

- ବହି ପଢ଼ାର ଦୁଇଟି କୌଶଳ ଅଛି। ଅନେକ ଜଣ ଲଗାତାର ବସି ବହି ପଢ଼ନ୍ତି, କିନ୍ତୁ ତାଙ୍କର କିଛି ମନେ ରହେ ନାହିଁ।
- ଅନ୍ୟପଟେ କୌଣସି ବିଷୟକୁ ସେତେ ପର୍ଯ୍ୟନ୍ତ ପଢ଼ିବା, ଯେପର୍ଯ୍ୟନ୍ତ ସେହି ବିଷୟ ମନ ମଧ୍ୟରେ ରହି ନାହିଁ।
- ଅନ୍ୟ କଥା ଭାବି ପଢ଼ିବା ଦ୍ୱାରା କୌଣସି ସୁଫଳ ମିଳି ନ ଥାଏ।
- କୌଣସି ବହି ପଢୁଥିଲେ, ଯେଉଁ ପଏଣ୍ଟ ବୁଝାପଡୁ ନାହିଁ, ତାହାକୁ ଅଣ୍ଡରଲାଇନ୍ କରନ୍ତୁ। ଏଭଳି କରିବା ଦ୍ୱାରା, ତାହାକୁ ବିସ୍ତୃତ ଭାବେ ଜାଣିବାରେ ନିଜ ଭିତରେ ଆଗ୍ରହ ସୃଷ୍ଟି ହୁଏ। ଏହାସହ ବହି ଯେତେ ବେଳେ ଖୋଲିବେ, ସେହି ଅଣ୍ଡରଲାଇନ୍‌କୁ ଦେଖିବା ଦ୍ୱାରା ସେହି ବିଷୟକୁ ବୁଝିବାକୁ ଚେଷ୍ଟା କରିବେ।

# ସମ୍ଭାବନା



# ଭଲ ରୋଜଗାର ଦିଏ ଏହି ମେଡିକାଲ କୋର୍ସ

**ସବୁବେଳେ ମେଡିକାଲ କୋର୍ସର ଚାହିଦା ଅଧିକ ରହି ଆସିଛି। ଅନେକ ଡାକ୍ତର ହେବାର ସ୍ୱପ୍ନ ଦେଖିଥାନ୍ତି। ଏଥିପାଇଁ ଏମ୍‌ବିବିଏସ୍ ପଢ଼ିବାକୁ ହୋଇଥାଏ। ଅବଶ୍ୟ ଏଥିଲାଗି କଠିନ ପ୍ରବେଶିକା ପରୀକ୍ଷାର ସାମ୍ନା କରିବାକୁ ପଡ଼େ। ଏହାବାଦ୍ ଡାକ୍ତରୀ ପଢ଼ା ଅତ୍ୟନ୍ତ ବ୍ୟୟବହୁଳ। ତେବେ କେବଳ ଏମ୍‌ବିବିଏସ୍ ନୁହେଁ, ଚିକିତ୍ସା କ୍ଷେତ୍ରରେ କିଛି କୋର୍ସ ଏଭଳି ଅଛି, ଯାହାକୁ ଆପଣାଇ ଭଲ ରୋଜଗାର କରିବା ସମ୍ଭବ।**





**ଡାଏଟିସିଆନ୍:** ସମ୍ପ୍ରତି ସ୍ୱାସ୍ଥ୍ୟକୁ ନେଇ ସମସ୍ତେ ସଚେତନ। ତେଣୁ ନ୍ୟୁଟ୍ରସିନ୍‌ରେ କ୍ୟାରିୟର କରିବାକୁ ଯୁବପିଢ଼ିମାନେ ବେଶି ପସନ୍ଦ କରୁଛନ୍ତି। ଏ ଦୃଷ୍ଟିରୁ ନ୍ୟୁଟ୍ରିସନିଷ୍ଟଙ୍କ ଚାହିଦା ବେଶି। ଯୁକ୍ତ ଦୁଇ ପରେ ଏହି କ୍ଷେତ୍ରରେ କ୍ୟାରିୟର କରିହେବ। ଡାଏଟିସିଆନ୍‌ରେ ଫୁଡ୍ ସର୍ଭିସ୍ ସିଷ୍ଟମ ମ୍ୟାନେଜମେଣ୍ଟ ପଢ଼ାଯାଏ। ଏଥିରେ ପୋଷଣ, ମନୋବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଜୀବ ବିଜ୍ଞାନ ପାଠ୍ୟକ୍ରମ ସାମିଲ ଅଛି।

**ଅପ୍ଟୋମେଟ୍ରି:** ଏହା ମଧ୍ୟ ସ୍ୱାସ୍ଥ୍ୟ କ୍ଷେତ୍ର ସହ ଜଡ଼ିତ। ଏହା ଦୃଷ୍ଟିଶକ୍ତି ସହ ସମ୍ବନ୍ଧିତ। ଏହି କୋର୍ସ କରିବା ପାଇଁ ଯୁକ୍ତ ଦୁଇ ପାସ୍ କରିବା ଦରକାର। ଏହି କୋର୍ସ ପୂରା କରିବା ପାଇଁ ଚାରିବର୍ଷ ଲାଗିଥାଏ। ଏହି କୋର୍ସରେ ଚକ୍ଷୁ ସମ୍ବନ୍ଧିତ ପାଠ୍ୟକ୍ରମ ବିସ୍ତୃତ ଭାବେ ପଢ଼ାଯାଏ। ବିଏସ୍‌ସି ଅପ୍ଟୋମେଟ୍ରି ବ୍ୟତୀତ ଡିପ୍ଲୋମା କୋର୍ସ ବି ଅଛି। ଅଧିକାଂଶ ବିଶ୍ୱବିଦ୍ୟାଳୟ ଏ ନେଇ ପ୍ରବେଶିକା ପରୀକ୍ଷା ଆୟୋଜନ କରିଥାନ୍ତି। ଏ କ୍ଷେତ୍ରରେ ମଧ୍ୟ ଭଲ ରୋଜଗାର ହୋଇଥାଏ।

**ମାଷ୍ଟର ଇନ୍ ହସ୍‌ପିଟାଲ ମ୍ୟାନେଜମେଣ୍ଟ:** ଏହି କୋର୍ସରେ ହସ୍‌ପିଟାଲ ଯୋଜନା ପ୍ରସ୍ତୁତି କରିବା ପାଇଁ ଜରୁରି ପ୍ରବନ୍ଧନ ଏବଂ ବ୍ୟବସାୟ କୌଶଳ ଶିକ୍ଷା ପ୍ରଦାନ କରାଯାଏ। ଏହି କୋର୍ସ କରିବା ଦ୍ୱାରା ହସ୍‌ପିଟାଲ, କ୍ଲିନିକ୍ ଏବଂ ନର୍ସିଂ ହୋମ୍‌ରେ ଚାକିରି ମିଳିଥାଏ।

**ଏମ୍‌ଏସ୍‌ସି ଇନ୍ କ୍ଲିନିକାଲ୍ ରିସର୍ଚ୍ଚ:** ଏହି କୋର୍ସରେ ଛାତ୍ରଙ୍କୁ କ୍ଲିନିକାଲ ପରୀକ୍ଷଣ, ଚିକିତ୍ସା ଲିଖନ, କ୍ଲିନିକାଲ ଡାଟା ପ୍ରବନ୍ଧନ ଏବଂ ପରିଯୋଜନା ପ୍ରବନ୍ଧନ ଭଳି ବିଷୟ ବାବଦରେ ପଢ଼ାଯାଏ। ଏହି କୋର୍ସ କରି ମଧ୍ୟ ଜଣେ ଭଲ ଆୟ କରିବାକୁ ସକ୍ଷମ ହୋଇଥାନ୍ତି।

**ଏମ୍‌ବିଏ ଇନ୍ ହେଲ୍‌ଥ୍ କେୟାର୍ ମ୍ୟାନେଜମେଣ୍ଟ:** ଏହି କୋର୍ସ ମାଧ୍ୟମରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନେତୃତ୍ୱ ନେବାର ଭୂମିକା ପାଇଁ ବିଦ୍ୟାର୍ଥୀଙ୍କୁ ପ୍ରସ୍ତୁତ କରାଯାଏ। ଦୁଇ ବର୍ଷର ଏହି କୋର୍ସରେ ହେଲ୍‌ଥ କେୟାର୍ ଇକନୋମିକ୍ସ, ହେଲ୍‌ଥ କେୟାର୍ ଫାଇନାନ୍ସ, ହେଲ୍‌ଥ କେୟାର୍ ସଂଚାଳନ ଏବଂ ପ୍ରବନ୍ଧନ ଆଦି ବିଷୟ ପଢ଼ାଯାଏ।

# ରାଇଡ୍‌ସେୟାରିଂ ଆପ୍

ଭାରତରେ ପ୍ରଥମଥର ପାଇଁ ପିଲାଙ୍କ ନିମନ୍ତେ ରାଇଡ୍‌ସେୟାରିଂ ଆପ୍‌କୁ ପରିଚିତ କରାଯାଇଛି। ବେଙ୍ଗାଲୁରୁର ଏକ ଷ୍ଟାର୍ଟଅପ୍ ମେଟ୍ରୋରାଇଡ୍ କିଡ୍ ନାମକ ଏକ ନିଆରା ଆପ୍‌କୁ ପରିଚିତ କରାଇଛି। ଏହା ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଯାତାୟାତ ଆଧାରିତ ଆପ୍। ବିଶେଷକରି ୫-୧୬ ବର୍ଷ ପିଲାଙ୍କ ପାଇଁ ଏହାକୁ ଡିଜାଇନ କରାଯାଇଛି। ଏହି ଆପ୍ ଯୋଗୁଁ ବାପା, ମାଆମାନେ ପିଲାଙ୍କୁ ସ୍କୁଲ, କୋଚିଂ ସେଣ୍ଟର ଏବଂ ଗୀତ ନାଚ ଆଦି କ୍ଲାସ୍‌ରେ ଛାଡ଼ିବା ପାଇଁ ରାଇଡ୍ ବୁକ୍ କରିପାରିବେ। ଏହି ସେବା ପାଇଁ ଯେଉଁ ଗାଡ଼ିକୁ ବ୍ୟବହାର କରାଯିବ, ତାହା ଜିପିଏସ୍, ସିସିଟିଭି କ୍ୟାମେରା ସହ ସଂଶ୍ଳିଷ୍ଟ ଥିବ। ଏହା ଯୋଗୁଁ ପିଲାଙ୍କ ସୁରକ୍ଷା ଅଧିକ ସୁନିଶ୍ଚିତ ହୋଇଥାଏ। ସେହିପରି ପ୍ରଦୂଷଣ ଭଳି ସମସ୍ୟା ଯେଭଳି ବୃଦ୍ଧି ନ ପାଇବ, କମ୍ପାନି ଇଲେକ୍‌ଟ୍ରିକ୍ ଗାଡ଼ିକୁ ବ୍ୟବହାର କରିବ। ଅନ୍ୟପଟେ କ୍ୟାବ୍ ସେବା ବୁକ୍ କରିବା ପାଇଁ ପିଲାଙ୍କୁ ଆର୍‌ଏଫ୍‌ଆଇଡି କାର୍ଡ ପ୍ରଦାନ କରାଯିବ। ଏହାଦ୍ୱାରା ପିଲା ଭୁଲ୍ ଗାଡ଼ିରେ ଯାତାୟାତ କରିବେ ନାହିଁ। କେବଳ ସେତିକି ନୁହେଁ, ସେମାନଙ୍କ ବାସ୍ତବିକ ସମୟର ତଥ୍ୟ ମଧ୍ୟ ପିଲାଙ୍କ ଅଭିଭାବକଙ୍କ ପାଖରେ ପହଞ୍ଚି ଥାଏ।



■ ହକି ଇଣ୍ଡିଆ ଲିଗ୍

## ଦର୍ଶକଙ୍କ ପାଇଁ ଟିକଟ ମାଗଣା

ଭୁବନେଶ୍ୱର,୧୭ ।୧୨(ସମିସ): ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଅଗାମୀ ଷଷ୍ଠ ସଂସ୍କରଣ ଆରମ୍ଭ ହେବା ପୂର୍ବରୁ ପ୍ରଶଂସକ ତଥା ଦର୍ଶକଙ୍କ ପାଇଁ ଏକ ବଡ଼ ଖୁସି ଖବର ମିଳିଛି । ରାଉରକେଲା ଓ ରାଞ୍ଚିରେ ଆୟୋଜନ ହେବାକୁ ଯାଉଥିବା ଏହି ଲିଗ୍‌ର ଉଭୟ ପୁରୁଷ ଓ ମହିଳା ବର୍ଗ ପ୍ରତିଯୋଗିତାର ମ୍ୟାଚ୍ ଦେଖିବା ପାଇଁ ଦର୍ଶକଙ୍କ ପାଇଁ ଷ୍ଟାଡିୟମରେ ଫ୍ରି ଏଣ୍ଟ୍ରିର ବ୍ୟବସ୍ଥା କରାଯାଇଛି । ଅର୍ଥାତ ମାଗଣା ଟିକଟ୍‌ରେ ଦର୍ଶକ ମ୍ୟାଚ ଦେଖିପାରିବେ ବୋଲି ହକି ଇଣ୍ଡିଆ ତରଫରୁ ଘୋଷଣା କରାଯାଇଛି । ପୁରୁଷ ଲିଗ୍ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଡିସେମ୍ବର ୨୮ରୁ ଆରମ୍ଭ ହୋଇ ଆସନ୍ତାବର୍ଷ ଫେବୃଆରୀ ୧ରେ ଶେଷ ହେବ । ମହିଳା ଲିଗ୍ ରାଞ୍ଚିର ମାରାଙ୍ଗ ଗୋମକେ ଜୟପାଲ ସିଂ ମୁଣ୍ଡା ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମରେ ଆସନ୍ତା ଜାନୁଆରୀ ୧୨ରୁ ଆରମ୍ଭ ହୋଇ ୨୬ ତାରିଖରେ ଶେଷ ହେବ ।

## ହାମିଲଟନ ଟେଷ୍ଟରେ ନ୍ୟୁଜିଲାଣ୍ଡର ବୃହତ୍ ବିଜୟ

ହାମିଲଟନ,୧୭ ।୧୨(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ନ୍ୟୁଜିଲାଣ୍ଡ ବୃହତ୍ ୪୨୩ ରନ୍‌ରେ ବିଜୟ ହାସଲ କରିଛି । ପରାଜୟ ସତ୍ତ୍ୱେ ଇଂଲଣ୍ଡ ୨-୧ରେ ସିରିଜ ବିଜୟ ହାସଲ କରିଛି । ପୂର୍ବରୁ ପ୍ରଥମ ଟେଷ୍ଟରେ ଇଂଲଣ୍ଡ ୮ ୱିକେଟରେ ଓ ଦ୍ୱିତୀୟରେ ୩୨୩ ରନରେ ବିଜୟ ହାସଲ କରିଥିଲା । ପ୍ରଥମ ପାଳିରେ ନ୍ୟୁଜିଲାଣ୍ଡ ୨୦୪ ରନ୍‌ର ଅଗ୍ରଣୀ ହାସଲ କରିବା ପରେ ଦ୍ୱିତୀୟ ପାଳିରେ ୪୫୩ ରନକରି ଅଲ୍ ଆଉଟ ହୋଇଥିଲା । ଫଳରେ ଇଂଲଣ୍ଡ ସମ୍ମୁଖରେ ୬୫୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଜବାବରେ ଇଂଲଣ୍ଡ ଦ୍ୱିତୀୟ ଇନିଂସ ଆରମ୍ଭ କରି ମଙ୍ଗଳବାର ଚତୁର୍ଥ ଦିବସରେ ୪୭.୨ ଓଭରରେ ୨୩୪ ରନକରି ଅଲଆଉଟ ହୋଇ ଆତ୍ମସମର୍ପଣ କରିଥିଲା ।

## ଭାରତରେ ହେବ ବିଶ୍ୱ ବକ୍ସିଂ କପ୍ ଫାଇନାଲ

ନୂଆଦିଲ୍ଲୀ,୧୭ ।୧୨(ଏଜେନ୍ସି): ଭାରତରେ ବିଶ୍ୱ ବକ୍ସିଂ କପ୍ ଫାଇନାଲ ଆସନ୍ତାବର୍ଷ ନଭେମ୍ବରରେ ଆୟୋଜନ ହେବ । ଏ ନେଇ ମଙ୍ଗଳବାର ବକ୍ସିଂ ଫେଡେରେସନ ଅଫ୍ ଇଣ୍ଡିଆ (ବିଏଫ୍ଆଇ) ଘୋଷଣା କରିଛି । ଏହି ର୍‍ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟରେ ବିଶ୍ୱର ଶ୍ରେଷ୍ଠ ବକ୍ସରମାନେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ । ଏଥିରେ ଭଲ ପ୍ରଦର୍ଶନ କରି ପ୍ରତିଯୋଗୀମାନେ ସେମାନଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି ଆଣିବାର ସୁଯୋଗ ପାଇବେ ।

■ ଦ୍ୱିତୀୟ ମହିଳା ଟି-୨୦

## ୱେଷ୍ଟଇଣ୍ଡିଜର ସହଜ ବିଜୟ

ମୁମ୍ବାଇ,୧୭ ।୧୨(ଏଜେନ୍ସି): ଭାରତ ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମହିଳା ଦଳ ୨୬ ବଲ ବାକିଥାଇ ୯ ୱିକେଟରେ ବିଜୟୀ ହୋଇଛି । ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୧ ବରାବର ସ୍ଥିତିକୁ ଆସିଛି । ଏଠାରେ ପ୍ରଥମେ ବ୍ୟାଟିଂ କରି ଭାରତ ୯ ୱିକେଟରେ ୧୫୯ ରନ କରିଥିଲା । ଜବାବରେ ୱେଷ୍ଟଇଣ୍ଡିଜ ୧୫.୪ ଓଭରରେ ଗୋଟିଏ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା । ଦଳ ତରଫରୁ ଅଧିନାୟିକା ହେଲି ମାଥ୍ୟୁସ ୮୫ ଓ ଶେମାଇନ କ୍ୟାମ୍ପବେଲ୍ ୨୯ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ମଣିପୁର ୨୩୫/୬

କଟକ,୧୭।୧୨(ସମିସ): ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ ଗ୍ୱାଲିୟରରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଓଡ଼ିଶା ବିପକ୍ଷ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବ ମଣିପୁର ପ୍ରଥମ ଦିନରେ ୬ ୱିକେଟ ହରାଇ ୨୩୫ରନ କରିଛି । ଦଳର ଲାଚେନବା ୬୧, ଅଧିନାୟକ ୱାଇ ଆରୁବା ୪୧ରନ ଏବଂ ଗାମବେରଲ ଶୂନରେ ଅପରାଜିତ ଅଛନ୍ତି । ଓଡ଼ିଶା ପକ୍ଷରୁ ମହେଶ କୁମାର ସାହୁ ଏବଂ ଚନ୍ଦିପ ସିଂହ ରିଆର ୨ଟି ଲେଖାଏ ୱିକେଟ ଦଖଲ କରିଛନ୍ତି ।

୧୦ମ ୱିକେଟରେ ବୁମ୍ରା-ଆକାଶଦୀପ୍‌ଙ୍କ ଦମ୍‌ଦାର ବ୍ୟାଟିଂ

# ବ୍ରିସ୍‌ବେନ୍‌ରେ ଫଲୋଅନ୍ ଏଡ଼ାଇଲା ଭାରତ

ବ୍ରିସ୍‌ବେନ୍, ୧୭।୧୨(ଏଜେନ୍ସି):

ଓପନର ଲୋକେଶ ରାହୁଲ, ଅଲରାଉଣ୍ଡର ରବିନ୍ଦ୍ର ଜାଡେଜାଙ୍କ ଅର୍ଦ୍ଧଶତକ ପରେ ୧୦ମ ୱିକେଟରେ ଯଶପ୍ରୀତ୍ ବୁମ୍ରା ଓ ଆକାଶ ଦୀପ୍‌ଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ତୃତୀୟ ଟେଷ୍ଟର ଚତୁର୍ଥ ଦିନରେ ଭାରତ ଫଲୋଅନ୍ ଏଡ଼ାଇବାକୁ ସମର୍ଥ ହୋଇଛି । ଫଲୋଅନ୍ ଏଡ଼ାଇବା ଅର୍ଥ ଭାରତ ପ୍ରଥମ ପର୍ଯ୍ୟାୟରେ ବିପଦମୁକ୍ତ ହୋଇଛି । ଅଷ୍ଟ୍ରେଲିଆ ଏବେ ଦ୍ୱିତୀୟ ଇନିଂସ ବ୍ୟାଟିଂ କରିବ ଓ ଆବଶ୍ୟକ ହେଲେ ମ୍ୟାଚ ଜିତିବା ଲାଗି ଭାରତ ଆଗରେ ୫ମ ତଥା ଶେଷ ଦିନରେ ଏକ ଟାର୍ଗେଟ ଫିକ୍ସ କରିବ । ଏହି ଟେଷ୍ଟର ଆଉ ଗୋଟିଏ ଦିନ ବା ୯୮ ଓଭର ଖେଳ ବାକିରହିଛି । ଏଠାରେ ୫ମ ଦିନରେ ପ୍ରବଳ ବର୍ଷା ହେବା ନେଇ ଆଶଙ୍କା ରହିଛି । ଏଭଳି ହେଲେ ମ୍ୟାଚ୍‌ର ଫଳାଫଳ ବାହାରିବା କଷ୍ଟକର । ଏଠାରେ ନୈରାଶ୍ୟଜନକ ବ୍ୟାଟିଂ କରି ପରାଜୟକୁ ଆମନ୍ତ୍ରଣ କରିଥିବା ଭାରତ ଫଲୋଅନ ଏଡ଼ାଇବା ଫଳରେ ଇନିଂସ ପରାଜୟ ଆଶଙ୍କାଙ୍କୁ ଏକପ୍ରକାର ଏଡ଼ାଇଯାଇଛି ।

ଏହି ଟେଷ୍ଟ ବର୍ଷା ଯୋଗୁଁ ବାରମ୍ବାର ବାଧାପ୍ରାପ୍ତ ହୋଇଛି । ଏଥିରେ ବର୍ଷା ବାଧା ଯୋଗୁଁ ପ୍ରଥମେ ବ୍ୟାଟିଂ କରି ପ୍ରଥମ ୩ ଦିନରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୪୫ ରନ୍ କରିଥିଲା । ତୃତୀୟ ଦିନ ଭାରତ ବ୍ୟାଟିଂ କରିବାକୁ ସୁଯୋଗ ପାଇ ୧୭ ଓଭର ଖେଳରେ ୪ ୱିକେଟ ହରାଇ ୫୧ କରିଥିଲା । ଭାରତୀୟ ବ୍ୟାଟର ଯେପରି ଖେଳୁଥିଲେ ସେଥିରେ ଚତୁର୍ଥ ଦିନ ଅଲଆଉଟ ହେବାର ଯଥେଷ୍ଟ ସମ୍ଭାବନା ରହିଥିଲା । କିନ୍ତୁ ପ୍ରଥମେ ବର୍ଷା, ଦ୍ୱିତୀୟରେ ଲୋକେଶ ରାହୁଲ ଓ ରବିନ୍ଦ୍ର ଜାଡେଜାଙ୍କ ନିଖୁଣ ବ୍ୟାଟିଂ କରି ଅର୍ଦ୍ଧଶତକ ହାସଲ କରିବା ପରେ ଭାରତ ଫଲୋଅନ୍ ଏଡ଼ାଇଯିବ ବୋଲି ସମ୍ଭାବନା ସୃଷ୍ଟି ହୋଇଥିଲା । ଦଳୀୟ ସ୍କୋର ୨୧୩ ରନ୍‌ରେ ବା ଫଲୋଅନ୍ ଏଡାଇବାକୁ ଆଉ ୩୩ ରନ୍ ଦରକାରଥିବା ବେଳେ ଜାଡେଜା ଆଉଟ ହୋଇଯାଇଥିଲେ । ଯାହା ଫଳରେ ଭାରତ ଫଲୋଅନ ହେବା (ଅଷ୍ଟ୍ରେଲିଆ ପ୍ରଥମ ଇନିଂସଠାରୁ ୨୦୦ ରନ୍ କମ୍‌ରେ ଆଉଟ ହେଲେ) ଏକପ୍ରକାର ନିଶ୍ଚିତ ହୋଇଯାଇଥିଲା । ୧୦ମ ୱିକେଟ ଯୋଡ଼ିରେ ଉପଅଧିନାୟକ ତଥା ନଂ-୧୦ ବ୍ୟାଟର ଯଶପ୍ରୀତ୍ ବୁମରା ଓ ନଂ-୧୧ ବ୍ୟାଟର ଆକାଶଦୀପ ଖେଳୁଥିଲେ । ଏମାନେ ଅଷ୍ଟ୍ରେଲିଆର ଅଭିଜ୍ଞ ବୋଲରଙ୍କୁ ମୁକାବିଲା କରିବା କଷ୍ଟକର ଥିଲା । ବୁମ୍ରା ଓ ଆକାଶ ଦୀପ କିନ୍ତୁ ଅନ୍ୟଚିନ୍ତା ନେଇ ବ୍ୟାଟିଂ କରିଥିଲେ । ଯେଉଁଭଳି ବ୍ୟାଟିଂ ଭାରତର ଟପ୍ ଅଡର୍‌ର ବା ମିଡଲ ଅର୍ଡରେ ଖେଳୁଥିବା ବ୍ୟାଟର କରିବା କଥା ତାହା ଏହି ଦୁଇ ଖେଳାଳି କରି ଦେଖାଇଥିଲେ । ଏମାନେ ଅବିଭକ୍ତ ୧୦ମ ବା ଶେଷ ୱିକେଟ ଯୋଡ଼ିରେ ୫୪ ବଲ୍ ଖେଳି ୩୯ ରନ୍ କରିବା ସହ ଫଲୋଅନ୍ ଏଡ଼ାଇବାରେ ସମର୍ଥ ହୋଇଥିଲେ । ଏହି ପାର୍ଟନରସିପ୍‌ରେ ଉଭୟ ବ୍ୟାଟର ଆଉଟ ହେବାର ସୁଯୋଗ ଦେଇ ନ ଥିଲେ । ଏପରିକି ଚତୁର୍ଥ ଦିନ ଖେଳର ଶେଷ ବା ୭୫ତମ ଓଭରର ଦ୍ୱିତୀୟ ବଲ୍‌ରେ ଗଲି ଅଞ୍ଚଳକୁ ଆକାଶ ଦୀପ୍ ବଲ ଏଜ୍ କରି ବାଉଣ୍ଡରୀ ହାସଲ କରିବା ସହ ଫଲୋଅନ୍ ଏଡ଼ାଇବା ମାର୍କକୁ ଅତିକ୍ରମ କରିଯାଇଥିଲେ । ଉଭୟ ଖେଳାଳି ଓ ଭାରତୀୟ ଦଳ ଫଲୋନ୍ ଚାପରୁ ମୁକୁଳିବା ପରେ ଆକାଶ ଚତୁର୍ଥ ବଲ୍‌ରେ ଛକା ମାରି ଭାରତୀୟ ଶିବିରରେ ଆନନ୍ଦ ଖେଳାଇଦେଇଥିଲେ । ଏହାର ପର ବଲ୍‌କୁ ଜଣେ ଅଭିଜ୍ଞ ପରି ଖେଳିଥିଲେ ଆକାଶଦୀପ୍ । ଆତ୍ମବିଶ୍ୱାସ ପାଇଆସୁଥିବା ବେଳେ ଆଲୋକର ଅଭାବ ହୋଇଥିଲା । ଏହି ସମୟରେ ଅମ୍ପାୟାର ଲାଇଟ୍ ମିଟର ପରୀକ୍ଷା କରିବା ପରେ ମ୍ୟାଚ୍‌କୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ । ଏହି ସମୟରେ ଭାରତ ୭୪.୫ ଓଭର ଖେଳି ୯ ୱିକେଟ ବିନିମୟରେ ୨୫୨ ରନ୍ ସଂଗ୍ରହ କରିନେଇଛି । ଖେଳ ବନ୍ଦ ବେଳକୁ ବୁମ୍ରା ୨୭ବଲ୍ ଖେଳି ୧୦ ଓ ଆକାଶ ଦୀପ୍ ୩୧ ବଲ୍ ଖେଳି ୨ ଚୌକା ଓ ୧ ଛକା ସହ ୨୭ ରନ୍‌ରେ ଅପରାଜିତ ଅଛନ୍ତି । ଭାରତ ପକ୍ଷରୁ




ଲୋକେଶ ରାହୁଲ ଚମତ୍କାର ଧୈର୍ଯ୍ୟର ପରିଚୟ ଦେଇ ସର୍ବାଧିକ ୮୪ ରନ୍ କରିଛନ୍ତି । ଏଥିଲାଗି ସେ ୧୩୯ ବଲ୍‌ର ସମ୍ମୁଖୀନ ହୋଇ ୮ଟି ଚୌକା ମାରିଛନ୍ତି । ଚଳିତ ସିରିଜ୍‌ରେ ପ୍ରଥମ ମ୍ୟାଚ୍ ଖେଳିଥିବା ବାମହାତୀ ସ୍ପିନ୍ ଅଲ୍‌ରାଉଣ୍ଡର ଜାଡେଜା ବୋଲିଂରେ ବିଫଳ ହୋଇଥିଲେ ମଧ୍ୟ ବ୍ୟାଟିଂରେ ଦମ୍ ଦେଖାଇଥିଲେ । ସେ ୧୨୩ ବଲ୍ ଖେଳି ୭ ଚୌକା ଓ ୧ଛକା ସହ ୭୭ ରନ୍ କରିଥିଲେ । ଗତକାଲିର ଅପରାଜିତ ବ୍ୟାଟର ରୋହିତ ଶର୍ମା ୧୦, ଯୁବ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ୧୬ ରନ୍ କରି ବ୍ୟାଟିଂରେ ଫେଲ୍ ମାରିଥିଲେ । ଟପ୍ ବ୍ୟାଟର ଜୟସ୍ୱାଲ ୪, ଗିଲ୍ ୧, କୋହଲି ୩ ଓ ପନ୍ତ ୯ ରନ୍ କରିବା ଫଳରେ ଭାରତ ଦୟନୀୟ ସ୍ଥିତିର ସମ୍ମୁଖୀନ ହୋଇଥିଲା ।

ଅଷ୍ଟ୍ରେଲିଆ ପକ୍ଷରୁ ଅଧିନାୟକ ପ୍ୟାଟ କମିନ୍ସ ସର୍ବାଧିକ ୪ଟି, ମିଚେଲ ଷ୍ଟାର୍କ ୩ଟି ୱିକେଟ ପାଇଥିଲେ । ଜୋଶ ହାଜ୍‌ଲେଉଡ୍ ଓ ନାଥାନ ଲାୟନ ଜଣେ ଲେଖାଏଁ ଖେଳାଳିଙ୍କୁ ପାଭିଲିୟନ ଫେରାଇଦେଇଥିଲେ । ହାଜ୍‌ଲେଉଡ୍ ଆହତ ହୋଇ ପଡ଼ିଆ ଛାଡ଼ିବା ଘଟଣା ମଧ୍ୟ ଭାରତକୁ ଆଶ୍ୱସ୍ତ କରିଥିଲା । ୫ ମ୍ୟାଚ୍ ବିଶିଷ୍ଟ ବର୍ଡର ଗାଭାସ୍କର ଟ୍ରଫିରେ ଉଭୟ ଦଳ ଗୋଟିଏ ଲେଖାଏଁ ଟେଷ୍ଟରେ ବିଜୟ ହାସଲ କରି ୧-୧ରେ ବରାବର ସ୍ଥିତିରେ ରହିଛନ୍ତି । ସିରିଜ୍‌ର ଚତୁର୍ଥ ମୁକାବିଲା ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡରେ ଡିସେମ୍ବର ୨୬ରୁ ୩୦ ତାରିଖଯାଏ ଖେଳାଯିବ ।

ଦୃଷ୍ଟିହୀନ ନଗେଶ ଟ୍ରଫି କ୍ରିକେଟ

## ମଧ୍ୟପ୍ରଦେଶକୁ ହରାଇ ଗ୍ରୁପ୍ ସି' ଶୀର୍ଷରେ ଓଡ଼ିଶା



ଭୁବନେଶ୍ୱର,୧୭ ।୧୨(ସମିସ): ଚଳିତ ଜାତୀୟ ପୁରୁଷ ଦୃଷ୍ଟିହୀନ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୭ମ ସଂସ୍କରଣରେ ମଙ୍ଗଳବାର ଗ୍ରୁପ୍ ସି'ରେ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୮ ୱିକେଟରେ ମଧ୍ୟପ୍ରଦେଶକୁ ହରାଇଥିବା ବେଳେ ଉତ୍ତରପ୍ରଦେଶ ୭୬ ରନରେ ପରାସ୍ତ କରିଛି । ସ୍ଥାନୀୟ କେଟି ଗ୍ଲୋବାଲ ସ୍କୁଲ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ମଧ୍ୟପ୍ରଦେଶ ପ୍ରଥମେ ବ୍ୟାଟିଂ କରି ୧୭ ଓଭରରେ ୯୬ ରନକରି ଅଲଆଉଟ ହୋଇଥିଲା । ଜବାବରେ ଓଡ଼ିଶା ୧୨.୧ ଓଭରରେ ଦୁଇ ୱିକେଟ ହରାଇ ୯୭ ରନକରି ବିଜୟୀ ହୋଇଛି । ଓଡ଼ିଶାର ମହମ୍ମଦ ଜାଫର ଇକ୍‌ବାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଗ୍ରୁପ୍ ସି'ରେ ଓଡ଼ିଶା ସମେତ ୫ଟି ଦଳ ଅଂଶଗ୍ରହଣ କରିଛନ୍ତି ।

## ୪ର୍ଥ ରାଉଣ୍ଡ ସୁଦ୍ଧା ଶୀର୍ଷରେ ୪ ଖେଳାଳି

ଭୁବନେଶ୍ୱର, ୧୭।୧୨(ସମିସ): ଓଡ଼ିଶା ଓପନ ଗ୍ରାଣ୍ଡମାଷ୍ଟର ଚେସ୍ ଟୁର୍ଣ୍ଣାମେଣ୍ଟ କାଟାଗୋରୀ-ଏ'ରେ ମଙ୍ଗଳବାର ତୃତୀୟ ଦିନରେ ୨ ରାଉଣ୍ଡ ଖେଳ ହୋଇଛି । ଏହା ଫଳରେ ୩ ଦିନରେ ୪ ରାଉଣ୍ଡ ଖେଳ ଶେଷ ହୋଇଛି । ୪ର୍ଥ ରାଉଣ୍ଡ ଶେଷରେ ୪ଜଣ ଖେଳାଳି ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି । ସେମାନେ ହେଲେ ଯଥାକ୍ରମେ ଭିଏତ୍‌ନାମ୍‌ର ଫିଡେ ମାଷ୍ଟର ଏନ୍‌ଗୁଏନ୍ କ୍ୱକ୍ ହାଏ, ଭାରତ ତଥା ତେଲଙ୍ଗାନାର




ଆଇଏମ୍ କୁଶାଗ୍ର ମୋହନ, ତେଲଙ୍ଗାନାର ବିଘ୍ନେଶ ଅଦ୍ୱୈତ ଭେମୁଲା ଓ ବେଲାରୁଷର ଜିଏମ୍ ଆଲେକ୍ସେଇ ଫେଡେରୋଭ୍ । ଏମାନେ ସମସ୍ତ ୪ଟି ଯାକ ରାଉଣ୍ଡ ଖେଳରେ ବିଜୟୀ ହୋଇଛନ୍ତି । ଏମାନଙ୍କ ପଛକୁ ୮ଜଣ ଖେଳାଳି ମିଳିତଭାବେ ୩.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଏହି ୮ଜଣଙ୍କ ମଧ୍ୟରେ ଓଡ଼ିଶାର କିମ୍ବା କୌଣସି ଓଡ଼ିଆ ଖେଳାଳି ନାହାନ୍ତି । ଓଡ଼ିଶାର ରାଜେଶ ନାୟକ, ସମ୍ବିତ ପଣ୍ଡା ଓ ଶ୍ରୀଅଂଶ ଦାସ ୪ ରାଉଣ୍ଡ ଶେଷରେ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ୧୪ତମ, ୧୬ତମ ଓ ୩୩ତମ ସ୍ଥାନରେ ରହିଛନ୍ତି ।

■ ସନ୍ତୋଷ ଟ୍ରଫି ଫାଇନାଲ ରାଉଣ୍ଡ

## ଗୋଆକୁ ହରାଇଲା ଓଡ଼ିଶା

କଟକ,୧୭।୧୨(ସମିସ): ୭୮ତମ ବରିଷ୍ଠ ପୁରୁଷ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ହାଇଦ୍ରାବାଦ୍‌ରେ ଜାରି ରହିଛି ।





ଡେକାନ ଏରେନାରେ ମଙ୍ଗଳବାର ଖେଳାଯାଇଥିବା ଦ୍ୱିତୀୟ ଲିଗ୍‌ରେ ଓଡ଼ିଶା ୨-୦ ଗୋଲ୍‌ରେ ଗୋଆକୁ ପରାସ୍ତ କରିଛି । ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ୫ ମିନିଟ ବ୍ୟବଧାନରେ ଓଡ଼ିଶା ୨ଟି ଗୋଲ ସ୍କୋର କରି ମ୍ୟାଚ୍‌କୁ କବଜା କରିଥିଲା । ୬୦ତମ ମିନିଟରେ ରାହୁଲ ମୁଖୀ ଏବଂ ୬୫ତମ ମିନିଟରେ କାର୍ତ୍ତିକ ହାନ୍ତାଳ ଗୋଟିଏ ଲେଖାଏ ଗୋଲ ଦେଇଥିଲେ । ପ୍ରଥମ ଲିଗ୍‌ରେ ଦିଲ୍ଲୀ ଠାରୁ ହାରିବା ପରେ ଗୋଆକୁ ହରାଇ ପ୍ରତିଯୋଗିତାକୁ ପ୍ରତ୍ୟାବର୍ତ୍ତନ କରିଛି ଅରବିନ ଲାକ୍ରାଙ୍କ ନେତୃତ୍ୱାଧୀନ ଓଡ଼ିଶା । ୧୯ରେ କେରଳ ବିପକ୍ଷରେ ଓଡ଼ିଶା ୩ୟ ମ୍ୟାଚ୍ ଖେଳିବ ।

## ବୋନମତି, ଭିନିସିଅସ ଫିଫାର ଶ୍ରେଷ୍ଠ ଖେଳାଳି





ଦୋହା,୧୭।୧୨(ଏଜେନ୍ସି): ବିଶ୍ୱ ଫୁଟବଲର ସର୍ବୋଚ୍ଚ ସଂସ୍ଥା ଫିଫା ପକ୍ଷରୁ ଚଳିତବର୍ଷ ଶ୍ରେଷ୍ଠ ମହିଳା ଓ ପୁରୁଷ ଫୁଟ୍‌ବଲ ଖେଳାଳି ଓ ପ୍ରଶିକ୍ଷକଙ୍କୁ ପୁରସ୍କୃତ କରାଯାଇଛି । ଏହି କ୍ରମରେ ସ୍ପେନ୍ ତଥା ବାର୍ସିଲୋନାର ଆଇତାନା ବୋନମତିଙ୍କୁ ଶ୍ରେଷ୍ଠ ମହିଳା ଖେଳାଳି, ଆମେରିକାର ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଏମା ହାୟେସଙ୍କୁ ଶ୍ରେଷ୍ଠ ମହିଳା ପ୍ରଶିକ୍ଷିକା, ଆମେରିକା ତଥା ସିକାଗୋ ରେଡ୍ ଷ୍ଟାରର ଆଲିସା ନାହେରଙ୍କୁ ଶ୍ରେଷ୍ଠ ମହିଳା ଗୋଲରକ୍ଷକ ଭାବେ ପୁରସ୍କୃତ କରାଯାଇଛି । ବୋନମତି ଚଳିତବର୍ଷ ମଧ୍ୟ ବାଲାନ ଡି'ଓର ପୁରସ୍କାର ପାଇଛନ୍ତି । ଏହା ମଧ୍ୟ ତାଙ୍କର କ୍ରମାଗତ ଦ୍ୱିତୀୟ ଫିଫା ଶ୍ରେଷ୍ଠ ଖେଳାଳି ସମ୍ମାନ । ପୁରୁଷ ବିଭାଗରେ ରିଅଲ ମାଡ୍ରିଡ୍‌ର ଭିନିସିୟସ ଜୁନିଅରଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି । ଏହି କ୍ଲବ୍‌ର କାର୍ଲୋ ଆନ୍‌ସେଲୋଟିଙ୍କୁ ଶ୍ରେଷ୍ଠ ପ୍ରଶିକ୍ଷକ, ଆର୍ଜେଣ୍ଟିନାର ଏମିଲିଆନୋ ମାର୍ଟିନେଜ୍‌ଙ୍କୁ ଶ୍ରେଷ୍ଠ ଗୋଲକିପରି ଭାବେ ମଧ୍ୟ ପୁରସ୍କୃତ କରାଯାଇଛି । ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ସମସ୍ତ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ।

## ବ୍ରହ୍ମପୁରରେ ଆନ୍ତଃରାଜ୍ୟ ଟି-୨୦ ଦିବାରାତ୍ର କ୍ରିକେଟ

ଡିସେମ୍ବର ୧୯ରୁ ୨୫ ଯାଏ ହେବ ଟୁର୍ଣ୍ଣାମେଣ୍ଟ

ଚାମ୍ପିଅନ ଦଳକୁ ୧ ଲକ୍ଷ ପୁରସ୍କାର

ବ୍ରହ୍ମପୁର,୧୭ ।୧୨(ସମିସ): ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଲିଡ୍ସ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ଆନ୍ତଃରାଜ୍ୟ ଟି-୨୦ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁଯାଉଛି । ଏହି ଟୁର୍ଣ୍ଣାମେଣ୍ଟ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ଗୁରୁବାର ବା ଡିସେମ୍ବର ୧୯ ତାରିଖରୁ ଆରମ୍ଭ ହେବ । ଏହି ପ୍ରତିଯୋଗିତାର ନାମ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଖାଯାଇଛି ଓ ତାଙ୍କ ଜନ୍ମତିଥି ଡିସେମ୍ବର ୨୫ରେ ଫାଇନାଲ ମ୍ୟାଚ ଖେଳାଯିବ । ପ୍ରତିଯୋଗିତାରେ ରାଜ୍ୟ ତଥା ରାଜ୍ୟ ବାହାରୁ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ । ଛତିଶଗଡ଼ର




ସେରସା ସିକେପି, ଆନ୍ଧ୍ର ପ୍ରଦେଶର ଭାସୁପଲ୍ଲୀ ଏନସିଏ (ବିଶାଖପାଟଣା), ପୂର୍ବତଟ ରେଳବାଇ ଦଳ ସମେତ ଓଡିଶାରୁ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ କ୍ଲବ, ସମ୍ବଲପୁର କ୍ରିକେଟ ଦଳ, ଭଦ୍ରକର ଜଗନ୍ନାଥ କ୍ରିକେଟ କ୍ଲବ, କଟକର ରାଇଜିଂ ଷ୍ଟୁଡେଣ୍ଟସ, ରାଉରକୋଲାର ଆର.ଏସ.ଏ ସମେତ ଗଞ୍ଜାମରୁ ଦୁଇଟି ଦଳ ଯଥା ଗଞ୍ଜାମ ରେଡ ଓ ଗଞ୍ଜାମ ବ୍ଲୁ ଆଦି ଦଳ ଅଂଶଗ୍ରହଣ କରିବେ ବୋଲି ଆୟୋଜନ କମିଟି ପକ୍ଷରୁ ସାଙ୍ଗଠନିକ ସମ୍ପାଦକ ଇଂ. ମନୋଜ ଦଣ୍ଡପାଟ ସୂଚନା ଦେଇଛନ୍ତି । ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ପୂର୍ବତଟ ରେଳବାଇ ବନାମ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ । ଫ୍ଲଡ ଲାଇଟରେ ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଏକ ଲକ୍ଷ ଟଙ୍କାର ଆର୍ଥିକ ପୁରସ୍କାର ସହିତ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୫୦ହଜାର ଟଙ୍କାର ଆର୍ଥିକ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରାଯିବ ବୋଲି ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟିର ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

■ ଷ୍ଟେଟ-ଏ ଟ୍ରଫି

## ଜମ୍ମୁ-କଶ୍ମୀରଠୁ ହାରିଲା ଓଡ଼ିଶା

କଟକ,୧୭।୧୨(ସମିସ): ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫିରେ ଆଜି ରାୟପୁର ଆରଡିସିଏ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶାକୁ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଛି । ଦ୍ୱିତୀୟ ଲିଗ୍‌ରେ ଦଳର ଏହା ପ୍ରଥମ ପରାଜୟ । ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଥିବା ଓଡ଼ିଶା ୧୬୩ରନରେ ଜମ୍ମୁ ଓ କଶ୍ମୀର ଠାରୁ ହାରିଛି । ଓଡ଼ିଶା ଅଧିନାୟକ ସାୱନ ପହରିୟା ଟସ୍ ଜିତି ଜମ୍ମୁ ଓ କଶ୍ମୀରକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ । ୱାଇ ହାସନ୍‌ଙ୍କ ୧୧୨ରନ, ଜୁନେଦ ମାସୁଦଙ୍କ ୭୦ରନ ଏବଂ ଅର୍ଣ୍ଣବ ଗୁପ୍ତାଙ୍କ ଦ୍ରୁତ ୪୯ରନ ସହାୟତାରେ ଜମ୍ମୁ ଓ କଶ୍ମୀର ୭ ୱିକେଟ ହରାଇ ୩୨୨ରନ କରିଥିଲା । ଓଡ଼ିଶା ତରଫରୁ ବିମଳ କୁମାର ୩ଟି, ବାଦଲ ବିଶ୍ୱାଳ ୨ଟି ୱିକେଟ ଅକ୍ତିଆର କରିଥିଲେ । ଜବାବରେ ଓଡ଼ିଶା ମାତ୍ର ୧୫୯ରନରେ ଅଲଆଉଟ ହୋଇଥିଲା । ୫୩ରନରେ ଦଳ ପ୍ରଥମ ୫ଟି ୱିକେଟ ହରାଇଥିଲା । ୱିକେଟ କିପର ଅଧିନାୟକ ସାୱନ ୪୧ରନ ଏବଂ ବାଦଲ ୩୫ରନ କରିଥିଲେ । ଜମ୍ମୁ ଓ କଶ୍ମୀରର ଅର୍ଚ୍ଚିତ ମହାଜନ ଏବଂ ବିଶାଳ କୁମାର ୩ଟି ଲେଖାଏ ୱିକେଟ ହାସଲ କରିଥିଲେ ।

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ।

| ପଦବୀ | ଅଭିଜ୍ଞତା |
|---|---|
| ୧) ଭିଡିଓ ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |
| ୪) ଆସିଷ୍ଟାଣ୍ଟ ମ୍ୟାନେଜର (ସେଲ୍ସ) | ଏମ୍.ବି.ଏ. ଡିଗ୍ରୀ ସହିତ ୩ ରୁ ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୨୨ ଡିସେମ୍ବର ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS